NITIDIN

# ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 8 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

WEDNESDAY
15 APRIL 2026
ବୁଧବାର
୧୫ ଏପ୍ରିଲ୍ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 327 BHUBANESWAR | BERHAMPUR | SAMBALPUR | BALASORE | JAJPUR ବର୍ଷ ୧୧ • ସଂଖ୍ୟା ୩୨୭ ଭୁବନେଶ୍ୱର | ବ୍ରହ୍ମପୁର | ସମ୍ବଲପୁର | ବାଲେଶ୍ୱର | ଯାଜପୁର


## ପାଓ୍ୱାର ପ୍ଲାଣ୍ଟ୍‌ରେ ବିସ୍ଫୋରଣ, ୧୨ ମୃତ

**ନୂଆଦିଲ୍ଲୀ, ୧୪।୪/ଏଜେନ୍ସି:**

ଛତିଶଗଡ଼ର ଶକ୍ତି ଜିଲ୍ଲାରେ ଥିବା ଏକ କମ୍ପାନୀର ପାଓ୍ୱାର ପ୍ଲାଣ୍ଟରେ ବିସ୍ଫୋରଣ ଯୋଗୁଁ ୧୨ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ୨୮ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ଅଧିକାଂଶ ଶ୍ରମିକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଆଗକୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ରହିଛି। ଅପରାହ୍ଣ ପାଖାପାଖି ୨.୩୦ରେ ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣ ପରେ ପୂରା ଅଞ୍ଚଳରେ ଆତଙ୍କ ଖେଳି ଯାଇଥିଲା।

ଅଧିକାରୀଙ୍କ କହିବା କଥା ଯେ ବିସ୍ଫୋରଣରେ ଆହତ ହୋଇଥିବା ଶ୍ରମିକଙ୍କ ମଧ୍ୟରୁ ୨୧ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ସେମାନଙ୍କୁ ସବୁ ପ୍ରକାରର ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି। ପ୍ରଥମେ ଘଟଣା ସ୍ଥଳରେ ୪ ଜଣ ଶ୍ରମିକଙ୍କ ଜୀବନ ଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଆଉ ୮ ଜଣଙ୍କ ମୃତ୍ୟୁ ହୋଇଛି। ପ୍ରାଥମିକ ଯାଞ୍ଚରୁ ▶▶ ୬

ବାଇକ୍‌କୁ ପିଟିଲା ପିକ୍ ଅପ୍

## ମାଆ-ବାପା-ପୁଅ ମୃତ

**ବଲାଙ୍ଗୀର, ୧୪।୪/ଏନ୍‌ଏନ୍‌ଏସ୍:**

ପିକ୍ ଅପ୍ ଧକ୍କାରେ ମାଆ-ବାପା-ପୁଅ ମୃତ। ଏପରି ଏକ ଦୁଃଖଦ ଘଟଣା ଘଟିଛି ବଲାଙ୍ଗୀର-ସୋନପୁର ଏନ୍.ଏଚ୍ ୫୭ର ଟୋଲ୍‌ଗେଟ୍ ନିକଟରେ। ସୂଚନା ମୁତାବକ ଡୁମ୍ରେବାହାଲ ଗାଁର ରମାକାନ୍ତ ନାଏକ ନିଜ ସ୍ତ୍ରୀ ଓ ଦେଢ଼ ବର୍ଷର ପୁଅ ସହିତ ବାଇକରେ ବଲାଙ୍ଗୀର ପଟକୁ ଆସୁଥିଲେ। ଏହି ସମୟରେ ଏକ ପିକ୍‌ଅପ୍ ଭ୍ୟାନ୍ ଦ୍ରୁତ ଗତିରେ ଆସି ସେମାନଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ବାପା ରମାକାନ୍ତ ଏବଂ ଦେଢ଼ ବର୍ଷର ପୁଅ ଆକାଶଙ୍କ ଜୀବନ ଚାଲିଯାଇଥିଲା। ଗୁରୁତର ଅବସ୍ଥାରେ ରମାକାନ୍ତଙ୍କ ସ୍ତ୍ରୀ ବୀଣାପାଣିଙ୍କୁ ବଲାଙ୍ଗୀର ଓ ପରେ ବୁର୍ଲା ମେଡିକାଲ୍‌କୁ ସ୍ଥାନାନ୍ତର ▶▶ ୬

ଆସୁଛି ୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍, ୧୬ରେ ଆଗତ ହେବ

# ୮୫୦କୁ ବୃଦ୍ଧି ପାଇବ ଲୋକସଭା ଆସନ

**ନୂଆଦିଲ୍ଲୀ, ୧୪।୪/ଏଜେନ୍ସି:**

୨୦୨୯ ନିର୍ବାଚନରେ ବଦଳିଯିବ ଦେଶର ରାଜନୈତିକ ଦୃଶ୍ୟପଟ୍ଟ। ଆଉ ୫୪୩ ନୁହେଁ ୮୫୦ ଲୋକସଭା ଆସନରେ ହୋଇପାରେ ଭୋଟ୍। ଲୋକସଭା ଆସନରେ ବଡ଼ଧରଣର ବୃଦ୍ଧି କରିବାକୁ କେନ୍ଦ୍ର ସରକାର ଯୋଜନା କରୁଛନ୍ତି। ଯେଉଁଥିରେ ମହିଳାଙ୍କ ପାଇଁ ସଂରକ୍ଷିତ ରହିବ ୩୩ ପ୍ରତିଶତ ଆସନ।

ଭାରତୀୟ ସଂସଦୀୟ ଇତିହାସରେ ଏକ ବଡ଼ ପରିବର୍ତ୍ତନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ଅଣ୍ଟା ଭିଡ଼ିଛନ୍ତି। ଦେଶର ବଢ଼ୁଥିବା ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଲୋକସଭା ଆସନ ସଂଖ୍ୟାକୁ ବର୍ତ୍ତମାନର ୫୪୩ରୁ ୮୫୦କୁ (ଏଥିମଧ୍ୟରୁ ୮୧୫ଟି ଆସନ ରାଜ୍ୟଗୁଡ଼ିକ ପାଇଁ ଏବଂ ବାକି ୩୫ଟି ଆସନ କେନ୍ଦ୍ରଶାସିତ ଅଞ୍ଚଳ



ପାଇଁ ପ୍ରସ୍ତାବିତ) ବୃଦ୍ଧି କରିବା ପାଇଁ ସରକାର ଏକ ଚିଠା ବିଲ୍ ପ୍ରସ୍ତୁତ କରିଛନ୍ତି। ଏହି ପ୍ରସ୍ତାବିତ ବିଲ୍‌କୁ 'ସମ୍ବିଧାନର (୧୩୧ତମ ସଂଶୋଧନ) ବିଲ୍-୨୦୨୬' ଭାବେ ବିବେଚନା କରାଯାଉଛି। ତେବେ ବିଲ୍‌କୁ ଆସନ୍ତା ଏପ୍ରିଲ୍ ୧୬ରୁ ୧୮ତାରିଖ ପର୍ଯ୍ୟନ୍ତ

**କାର୍ଯ୍ୟକାରୀ ହେବ ୩୩% ମହିଳା ସଂରକ୍ଷଣ ବ୍ୟବସ୍ଥା**

**୨୦୨୯ ଲୋକସଭା ନିର୍ବାଚନ ସମୟରେ ଲାଗୁ କରିବାକୁ ଲକ୍ଷ୍ୟ**

**ଆସନ ବଢ଼ାଇବା ପ୍ରସ୍ତାବକୁ ଦକ୍ଷିଣ ରାଜ୍ୟଙ୍କ ବିରୋଧ**

ଅନୁଷ୍ଠିତ ହେବାକୁ ଥିବା ସଂସଦର ସ୍ୱତନ୍ତ୍ର ଅଧିବେଶନରେ ଆଗତ କରାଯିବ। ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଏହି ବିଲ୍‌କୁ ଲୋକସଭାରେ ଆଗତ କରିବେ।

କେନ୍ଦ୍ର ପକ୍ଷରୁ ଦର୍ଶାଯାଉଛି ଯେ, ବର୍ତ୍ତମାନ, ଦେଶର ଜନସଂଖ୍ୟାଗତ ଗଠନରେ ବ୍ୟାପକ ପରିବର୍ତ୍ତନ, ରାଜ୍ୟଗୁଡ଼ିକମଧ୍ୟରେ ଜନସଂଖ୍ୟା ବୃଦ୍ଧି ହାରରେ ଅସମାନତା,ଆଭ୍ୟନ୍ତରୀଣ ସ୍ଥାନାନ୍ତର ଏବଂ ଦ୍ରୁତ ସହରୀକରଣ ଯୋଗୁଁ, ଅନେକ ନିର୍ବାଚନମଣ୍ଡଳୀରେ ପ୍ରତିନିଧିତ୍ୱର ସନ୍ତୁଳନ ବିଗିଡିବାରେ ଲାଗିଛି। ଏସବୁକୁ ଧ୍ୟାନରେ ରଖି ଏହି ବିଲ୍ ଆଗତ କରାଯାଇଛି। ଏହି ବିଲ୍‌ର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ୩୩% ମହିଳା ସଂରକ୍ଷଣ (ନାରୀଶକ୍ତି ବନ୍ଦନ ଅଧିନିୟମ)ର କାର୍ଯ୍ୟକାରିତା। ୩୩% ସଂରକ୍ଷଣ ଅର୍ଥାତ୍ ଲୋକସଭାରେ ମହିଳା ସାଂସଦଙ୍କ ସଂଖ୍ୟା ୨୭୩କୁ ବୃଦ୍ଧି ପାଇବ। ସିଧାସଳଖ କହିଲେ ବର୍ତ୍ତମାନର ସାଂସଦମାନଙ୍କୁ ନହଟାଇ ପ୍ରାୟ ଏକ-ତୃତୀୟାଂଶ ନୂଆ ଆସନ ମହିଳାମାନଙ୍କ ପାଇଁ ସଂରକ୍ଷିତ ରଖିବା ଉଦ୍ଦେଶ୍ୟରେ ଆସନ ସଂଖ୍ୟାକୁ ବୃଦ୍ଧି କରିବାକୁ ସରକାର ଚିନ୍ତା କରିଛନ୍ତି। ଏହି ବ୍ୟବସ୍ଥାକୁ ୨୦୨୯ ଲୋକସଭା ନିର୍ବାଚନ ଠାରୁ ଲାଗୁ କରିବାକୁ ▶▶ ୬

ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

## ରାଜଧାନୀରେ ଆମ୍ବେଦକର ଭବନ ଖୁବ୍‌ଶୀଘ୍ର

**ଭୁବନେଶ୍ୱର, ୧୪।୪/ଏନ୍‌ଏନ୍‌ଏସ୍:**

ଭୁବନେଶ୍ୱର ଖାରବେଳ ନଗର ଠାରେ ଆମ୍ବେଦକର ଭବନ ଖୁବ୍‌ଶୀଘ୍ର ନିର୍ମାଣ ହେବ। ମଙ୍ଗଳବାର ସ୍ଥାନୀୟ ଜୟଦେବ ଭବନରେ ଆୟୋଜିତ ଭାରତରତ୍ନ ବାବା ସାହେବ ଡଃ ଭୀମରାଓ ରାମଜୀ ଆମ୍ବେଦକରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘୋଷଣା କରିଛନ୍ତି। ଏନେଇ ସାଧାରଣ ପ୍ରଶାସନ ବିଭାଗକୁ ଏହାର ଡିପିଆର୍ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କାରଣ, ଆମ୍ବେଦକର କେବଳ ଏକ ନାମ ନୁହେଁ, ଏହା



ଏକ ବିଚାରଧାରା, ଯାହା ସମାନତାର ପଥ ପ୍ରଦର୍ଶନ କରେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଶ୍ରୀ ମାଝୀ କହିଛନ୍ତି ଯେ, ସମତା ଓ ନ୍ୟାୟ ଭିତ୍ତିକ ସମାଜ ଗଠନ ହିଁ ବାବା ସାହେବଙ୍କ ପ୍ରତି ସର୍ବଶ୍ରେଷ୍ଠ

**ଆମ୍ବେଦକର କେବଳ ଏକ ନାମ ନୁହେଁ, ଏକ ବିଚାରଧାରା**

ଶ୍ରଦ୍ଧାଞ୍ଜଳି। ବାବା ସାହେବ ସମାଜରେ ସମାନତା ଆଣିବା ପାଇଁ ଜୀବନଭରି ଲଢ଼େଇ କରିଥିଲେ। ଭାରତୀୟ ସମ୍ବିଧାନ ଦେଶର ପ୍ରତ୍ୟେକ ▶▶ ୬

ଇସ୍ତଫା ଦେଲେ ନୀତୀଶ

## ବିହାରର ନୂଆ ମୁଖ୍ୟମନ୍ତ୍ରୀ ସମ୍ରାଟ୍

**ପାଟନା, ୧୪।୪/ଏଜେନ୍ସି:**

ବିହାରରେ ପ୍ରଥମ ଥର ପାଇଁ କୌଣସି ବିଜେପି ନେତା ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ରିପୋର୍ଟ ସମ୍ରାଟ ଚୌଧୁରୀ (୫୬ ବର୍ଷ) ବିହାରର ନୂଆ ମୁଖ୍ୟମନ୍ତ୍ରୀ ହେବେ। ତାଙ୍କୁ ପ୍ରଥମେ ବିଜେପି ଏବଂ ପରେ ଏନ୍‌ଡିଏ ବିଧାୟକ ଦଳର ନେତା ଭାବେ ଚୟନ କରାଯାଇଛି। ସମ୍ରାଟ ରାଜଭବନରେ ପହଞ୍ଚି ରାଜ୍ୟପାଳଙ୍କୁ ଭେଟି ସରକାର ଗଠନ ପାଇଁ ଦାବି ଉପସ୍ଥାପନ କରିଛନ୍ତି। ଆସନ୍ତାକାଲି ଅର୍ଥାତ୍ ୧୫ ଏପ୍ରିଲ୍ (ବୁଧବାର)ରେ ଲୋକଭବନରେ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ



ହେବ। ଏହି ଅବସରରେ ବିହାରର ନୂଆ ମୁଖ୍ୟମନ୍ତ୍ରୀ ଭାବେ ସମ୍ରାଟ ଚୌଧୁରୀ ଶପଥ ଗ୍ରହଣ କରିବେ।

ମଙ୍ଗଳବାର ବିଧାନସଭାର ସେଣ୍ଟ୍ରାଲ୍ ହଲରେ ଅନୁଷ୍ଠିତ ଏନ୍‌ଡିଏ, ବୈଠକରେ ବିଦାୟୀ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ସମ୍ରାଟଙ୍କ ନାମ ମୁଖ୍ୟମନ୍ତ୍ରୀ ଭାବେ

**ବିହାରକୁ ମିଳିଲା ପ୍ରଥମ ବିଜେପି ସିଏମ୍, ଆଜି ଶପଥ ସମାରୋହ**

ପ୍ରସ୍ତାବ ରଖିଥିଲେ। ଏହାକୁ ଉଭୟ ଦଳ ପକ୍ଷରୁ ସମର୍ଥନ କରାଯାଇଥିଲା। ପରେ ନୀତୀଶ ତାଙ୍କୁ ଫୁଲମାଳ ପିନ୍ଧାଇଥିଲେ ଏବଂ ଉପସ୍ଥିତ ବିଜେପି ଏବଂ ଜେଡିୟୁ ତଥା ସହଯୋଗୀ ଦଳଙ୍କ ▶▶ ୬




## ପବିତ୍ର ମହାବିଷୁବ ସଂକ୍ରାନ୍ତିରେ ମହାପ୍ରଭୁଙ୍କ ନୂଆ ରତ୍ନପଲଙ୍କ



**ପୁରୀ,୧୪।୪/ଏନ୍ଏନ୍ଏସ୍:** ପବିତ୍ର ମହାବିଷୁବ ପଣା ସଂକ୍ରାନ୍ତି ଓ ଓଡିଆ ନବବର୍ଷରେ ମହାପ୍ରଭୁଙ୍କ ନୂଆ ରତ୍ନ ପଲଙ୍କ ବ୍ୟବହାର ହୋଇଛି। ନୂଆ ରତ୍ନ ପଲଙ୍କ ସଂସ୍କାର କରାଯିବା ପରେ ଏହା ବ୍ୟବହାର କରାଯାଇଥିଲା। ୩ଟି ରତ୍ନ ପଲଙ୍କ ନିର୍ମାଣ ହୋଇଛି। ପଲଙ୍କ ଗୁଡିକୁ ରୂପା ଆଚ୍ଛାଦିତ କରାଯାଇଛି। ଆଜି ସକାଳ ଧୂପ ନୀତି ପରେ ନୂତନ ରତ୍ନ ପଲଙ୍କର ସଂସ୍କାର କରାଯାଇଥିବା ବେଳେ ମହାପ୍ରଭୁଙ୍କ କାର୍ଯ୍ୟରେ ଆଜିଠାରୁ ଏହା ବ୍ୟବହାର କରାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ତେବେ ପୁରୁଣା ରତ୍ନ ପଲଙ୍କ ଶ୍ରୀମନ୍ଦିର ନିଳାଦ୍ରୀ ମ୍ୟୁଜିୟମରେ ରଖାଯିବ। ବୁଧବାର ଠାରୁ ପୁଣି ଆରମ୍ଭ ହେବ ରତ୍ନଭଣ୍ଡାର ଗଣତିମଣତି।

## ଶ୍ରୀବିଗ୍ରହଙ୍କ ବନକଲାଗି ନୀତି, ଆଜି ୪ଘଣ୍ଟା ଦର୍ଶନ ବନ୍ଦ

**ପୁରୀ,୧୪।୪/ଏନ୍ଏନ୍ଏସ୍:** ଆସନ୍ତାକାଲି ଅନୁଷ୍ଠିତ ହେବ ମହାପ୍ରଭୁଙ୍କର ବନକଲାଗି ବା ଶ୍ରୀମୁଖ ଶୃଙ୍ଗାର ନୀତି। ବୁଧବାର ଅର୍ଥାତ କାଲି ୪ଘଣ୍ଟା ବନ୍ଦ ରହିବ ଜଗା ଦର୍ଶନ। ଆସନ୍ତାକାଲି ବୈଶାଖ: କୃଷ୍ଣ ତ୍ରୟୋଦଶୀ ତିଥିରେ ଶ୍ରୀବିଗ୍ରହମାନଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ। ୨ୟ ଭୋଗମଣ୍ଡପ ଭୋଗ ଶେଷ ପରେ ଆରମ୍ଭ ହେବ ନୀତି। ସନ୍ଧ୍ୟା ୬ଘଟିକା ଠାରୁ ରାତ୍ର ୧୦ଘଟିକା ପର୍ଯ୍ୟନ୍ତ ବନ୍ଦ ରହିବ ସାଧାରଣ ଦର୍ଶନ। ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ମହାପ୍ରଭୁଙ୍କ ବନକଲାଗି ପାଇଁ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହେବ। ଅପରାହ୍ନରେ ଦ୍ୱିତୀୟ ଭୋଗ ମଣ୍ଡପ ନୀତି ପରେ ମହାପ୍ରଭୁଙ୍କ ବନକଲାଗି ନୀତି ଆରମ୍ଭ ହେବ। ଦତ୍ତ ମହାପାତ୍ର ସେବକମାନେ ଠାକୁରଙ୍କ ଶ୍ରୀମୁଖ ସିଂହାର କରିବା ଲାଗି ଗର୍ଭଗୃହକୁ ପ୍ରବେଶ କରିବେ।

## ଶ୍ରୀକ୍ଷେତ୍ରରେ ଗୋଲାପୀ ହୋଇଗଲା ଆକାଶର ରଙ୍ଗ



**ପୁରୀ,୧୪।୪/ଏନ୍ଏନ୍ଏସ୍:** ଶ୍ରୀକ୍ଷେତ୍ର ଆକାଶରେ ଆଜି ଦେଖିବାକୁ ମିଳିଛି ଅଲୌକିକ ଦୃଶ୍ୟ। ଗୋଲାପୀ ହୋଇଗଲା ଆକାଶର ରଙ୍ଗ। ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଗୋଲାପୀ ଆକାଶ ସୃଷ୍ଟି କରିଥିଲା ଭିନ୍ନ ଏକ ପରିବେଶ। ପୂର୍ବରୁ ମଧ ଆକାଶର ଏଭଳି ରଙ୍ଗ ପରିବର୍ତ୍ତନ ଅନେକ ବାର ଦେଖାଦେଇଛି। କିନ୍ତୁ ହଠାତ ଆକାଶର ରଙ୍ଗ ଗୋଲାପୀ ହୋଇଯିବା ସମସ୍ତଙ୍କୁ ଅଭିଭୂତ କରିଥିଲା। ସାଧାରଣତଃ ମଧ୍ୟାହ୍ନରେ ତେଜିଆନ ସୂର୍ଯ୍ୟଙ୍କୁ ସନ୍ଧ୍ୟା ହେବା ମାତ୍ରେ ଶାନ୍ତ ହୋଇ ନାଲି ରଙ୍ଗରେ ପରିବର୍ତ୍ତିତ ହେଉଥିବା ଅନେକଥର ଦେଖାଯାଇଛି। ସୂର୍ଯ୍ୟ ଉଦୟ ଓ ଅସ୍ତ ହେବା ବେଳେ ଦିନକୁ ଦୁଇଥର ସୂର୍ଯ୍ୟର ଏପରି ନାଲି ରଙ୍ଗ ଦେଖିବାକୁ ମିଳେ। କେହି କେହି ଏହାକୁ ଭଗବାନଙ୍କ ଲୀଳା ବୋଲି କହୁଥିବା ବେଳେ କେହି ଏହାକୁ ବିଜ୍ଞାନ କାରଣ ସହ ଯୋଡ଼ିଛନ୍ତି।

## ମା'ବ୍ରାହ୍ମଣୀ ପୀଠରେ ମହାବିଷୁବ ଯାତ୍ରା



**ଓଡ଼ଗାଁ,୧୪।୪/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୁରାଳ ଗୋଡ଼ିପଲ୍ଲି ରାସ୍ତାର କୁସୁମୀନଦୀ ପୀଠରେ ବିରାଜିତ ମା' ବ୍ରାହ୍ମଣୀଦେବୀଙ୍କ ପୀଠରେ ମଙ୍ଗଳବାର ମହାବିଷୁବ ପଣାଯାତ୍ରା ମହା ସମାରୋହରେ ପାଳିତ ହୋଇଯାଇଛି। ମଙ୍ଗଳବାର ସକାଳେ ବେଦଜ୍ଞ ବ୍ରାହ୍ମଣ ଶକ୍ତିପ୍ରସାଦ ମହାପାତ୍ରଙ୍କ ଦ୍ୱାରା ନିକଟସ୍ଥ କୁସୁମୀ ନଦୀରୁ ଗ୍ରାମର ମହିଳା ଓ ପୁରୁଷ ମିଶି କଳସଜଳ ଶୋଭାଯାତ୍ରାରେ ଆଣି ମା'ଙ୍କ ପୀଠରେ ପହଞ୍ଚିଥିଲେ। ପରେ ପୂଜାର୍ଚ୍ଚନା କରାଯାଇ ଯଜ୍ଞକୁଣ୍ଡରେ ଅଗ୍ନି ସ୍ଥାପନ ପୂର୍ବକ ସମସ୍ତ ଦେବାଦେବୀଙ୍କୁ ଘୃତାହୁତି ପ୍ରଦାନ କରାଯାଇ ଅପରାହ୍ନରେ ପୂର୍ଣ୍ଣାହୁତି କାର୍ଯ୍ୟ ସମାପନ ହୋଇଥିଲା। କର୍ତ୍ତାଭାବେ ସୁକାନ୍ତ କୁମାର ସ୍ୱାଇଁ ଏବଂ ତାଙ୍କ ଧର୍ମପତ୍ନୀ ରୁବିନା ସ୍ୱାଇଁ କର୍ତ୍ତାଭାବେ ଦାୟିତ୍ୱ ସମ୍ପାଦନ କରିଥିଲେ। ଏହିଯାତ୍ରା ପ୍ରତିବର୍ଷ ପାଳିତ ହେଇ ଆସୁଥିବାବେଳେ ମହିଳା ସଂକୀର୍ତ୍ତନ ଏବଂ ଅପରାହ୍ନରେ ମା' ବ୍ରାହ୍ମଣୀଦେବୀ ନାଟ୍ୟସଂସଦ ଦ୍ୱାରା ସ୍ୱର୍ଗଦ୍ୱାର ମୋର ଶେଷଠିକଣା ପରିବେଷଣ ହୋଇଥିଲା। ହଜାର ହଜାର ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନପ୍ରସାଦ ସହିତ ପଣା ବଣ୍ଟନର ବ୍ୟବସ୍ଥା ହୋଇଥିଲା। ସରପଞ୍ଚ ବିଜନ ପାଇକରାୟ, ସାମ୍ବାଦିକ ଗଣେଶ୍ୱର ସାହୁ, ଅର୍ଜୁନ ସାହୁ, କୈଳାଶ ଖଟେଇ, କାହ୍ନୁ ଖଟେଇ, ବଦ୍ରିନାଥ ପାତ୍ର, ଯଶୋବନ୍ତ ବଳିୟାରସିଂ, ଶରତ ଖଟେଇ ଓ ରମେଶ ପଲେଇଙ୍କ ସମେତ କୁରାଳର ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

### ପବିତ୍ର ମହାବିଷୁବ ସଂକ୍ରାନ୍ତିରେ ଉତ୍ସବ ମୁଖର ଶ୍ରୀକ୍ଷେତ୍ର

# ପ୍ରଚଳନ ହେଲା ନୂତନ ପଞ୍ଜିକା

**ପୁରୀ,୧୪।୪/ଏନ୍ଏନ୍ଏସ୍:** ପବିତ୍ର ମହାବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀର ବିଶେଷ ମହତ୍ୱ ପୁରୀରେ ରହିଛି। ସହରରେ ପାରମ୍ପରିକ ଜାଗା ଆଖଡ଼ା ଗୁଡିକରେ ହନୁମାନ ଇଷ୍ଟ ଦେବ ରୂପେ ପୂଜା ପାଉଥିବାରୁ ଏଠାରେ ହନୁମାନ ଜୟନ୍ତୀକୁ ବେଶ୍ ଆଗ୍ରହ ଉତ୍ସାହର ସହ ପାଳନ କରାଯାଇଛି। ଜାଗା ଆଖଡ଼ାରେ ମଲ୍ଲଯୋଦ୍ଧା ଓ କସରତ କରୁଥିବା ଯୁବକମାନେ ଆଜିଠାରୁ କୁସ୍ତି ଓ ବ୍ୟାୟାମ ପ୍ରଶିକ୍ଷଣର ଶୁଭାରମ୍ଭ କରିଛନ୍ତି। ଏହାସହିତ ସହର ସାରା ଛତୁଆ ଓ ପଣାଭୋଗ କରାଯାଇ ମହାବିଷୁବ ସଂକ୍ରାନ୍ତି ମଧ ପାଳନ କରାଯାଇଛି। ସେହିପରି ଓଡିଆ ନବବର୍ଷ ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରି ଭକ୍ତମାନେ ଆତ୍ମସନ୍ତୋଷ ଲାଭ କରିଛନ୍ତି। ଆଜିଠାରୁ ନୂତନ ପଞ୍ଜିକାର ମଧ ପ୍ରଚଳନ କରାଯାଇଛି। ଆଜିର ଏହି ପବିତ୍ର ଦିନରେ ଯୁବକ ମାନେ ଜାଗା ଆଖଡ଼ାକୁ କୁସ୍ତି କସରତ କରିବା ଉଦ୍ଦେଶ୍ୟରେ ମୁହାଁଇ ଥାନ୍ତି ଏବଂ କୁସ୍ତି ସାରି ଭୋଗ ପଣା ପାଇଥାନ୍ତି। ତେଣୁ ଆଜିର ଦିନରେ ଶ୍ରୀକ୍ଷେତ୍ରରେ ସ୍ୱତନ୍ତ୍ର ପଣା ଓ ଛତୁଆ ଭୋଗର ପରମ୍ପରା



ରହିଛି। କ୍ଷୀର, ଖୁଆ, ରାବିଡ଼ି ଓ ସର ମିଶ୍ରିତ ପଣା ସହ ଛତୁଆକୁ ଭୋଗ କରାଯାଇ ଜାଗା ଆଖଡ଼ା ଗୁଡ଼ିକରେ ସମସ୍ତଙ୍କୁ ବଣ୍ଟନ କରାଯାଏ। ସେହିପରି ନୂତନ ପଞ୍ଜିକାରେ ଶ୍ରୀମନ୍ଦିର ନୀତି କାନ୍ତି, ଯାନି ଯାତ୍ରା, ବିବାହ, ବ୍ରତଘର ସବୁକିଛି ଏହି ପାଞ୍ଜି ଅନୁସାରେ କରାଯିବ। ତେବେ ପ୍ରବଳ ଗ୍ରୀଷ୍ମପ୍ରବାହ ସତ୍ତ୍ୱେ ଆଜି ଓଡ଼ିଆ ନବବର୍ଷ ଅବସରରେ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ପ୍ରବଳ ଖରା ଦାଉରୁ ରକ୍ଷା ପାଇବା ପାଇଁ ଅଗ୍ନିଶମ ବିଭାଗ ପକ୍ଷରୁ ଜଳ ସିଞ୍ଚନ, ପାନୀୟ ଜଳ ସହିତ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଥିଲା। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ବଡ଼ଦାଣ୍ଡ ସହିତ ସହରର ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲାଯାଇଥିବା ବେଳେ ଓଡ଼ିଆ ନବବର୍ଷ ହୋଇଥିବାରୁ ଏହାକୁ ନେଇ ଶ୍ରୀକ୍ଷେତ୍ରରେ ବେଶ୍ ଆଗ୍ରହ ଉତ୍ସାହ ପ୍ରକାଶ ପାଇଥିବା ଦେଖିବାକୁ ମିଳିଥିଲା।

## 'ଆମ ରୁଚି ଆମ ଖାଦ୍ୟ' ପ୍ରତିଯୋଗିତା

**ପୁରୀ,୧୪।୪/ଏନ୍ଏନ୍ଏସ୍:** ଓଡ଼ିଆ ପକ୍ଷ ପାଳନର ତ୍ରୟୋଦଶ ଦିବସରେ ପୁରୀ ଜିଲ୍ଲାପରିଷଦ କାର୍ଯ୍ୟାଳୟ ଠାରେ ଆମ ରୁଚି ଆମ ଖାଦ୍ୟ ସମ୍ପର୍କରେ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଉନ୍ନୟନ ଅଧିକାରୀ ରାଜୀବ କୁମାର ବେହେରା, ଉପଜିଲ୍ଲାପାଳ ରାଜକିଶୋର ଜେନା ଯୋଗଦେଇ ଆମ ପାରମ୍ପରିକ ଖାଦ୍ୟ ମେଳା ପରିଦର୍ଶନ କରିଥିଲେ। ଏହି ଖାଦ୍ୟ ଷ୍ଟଲରେ ଓଡ଼ିଆ ଘରର ବିଭିନ୍ନ ପ୍ରକାର ପିଠା ପ୍ରଦର୍ଶିତ ହୋଇଥିଲା। ପରେ ଖାଦ୍ୟ ପ୍ରସ୍ତୁତ କରିଥିବା ସ୍ୱୟଂ ସହାୟକ ଗୋଷ୍ଠୀ ମା'ମାନଙ୍କ ମଧ୍ୟରୁ ପ୍ରଥମ ହୋଇଥିବା ମା' ସନ୍ତୋଷୀ ସ୍ୱୟଂ ସହାୟକ ଗୋଷ୍ଠୀ, ଦ୍ୱିତୀୟ ଶ୍ରୀକ୍ଷେତ୍ର ମଲ୍ଟି ଆକ୍ଟିଭିଟି ଉତ୍ପାଦକ ଗୋଷ୍ଠୀ, ସତ୍ୟବାଦୀ ଓ ଯୁଗ୍ମ ତୃତୀୟ ହୋଇଥିବା ପୁରୀ ସଦରର ଭୁବନେଶ୍ୱରୀ ଉତ୍ପାଦକ ଗୋଷ୍ଠୀ ଏବଂ କୁଞ୍ଜେଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଏପିଡି ବାଣୀଭୂଷଣ ଦାଶ, ତୃପ୍ତି ବଡ଼ଜେନା, ଓରମାସ୍‌ର ଡେପୁଟି ସିଇଓ ନିଗମ ଚରଣ ଦାଶ, ପ୍ରୋଗ୍ରାମ ଅଫିସର ସୁହାଗୀ ହେମ୍ବ୍ରମ, ଚନ୍ଦ୍ରପ୍ରଭା ଦେଇ, ବାଲ୍ୟବତୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଗରା, ବାଲ୍‌ଟି ଧରି ରାସ୍ତାରେ ମହିଳା ଓ ପୁରୁଷ

**ଓଡ଼ଗାଁ,୧୪।୪/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ୍‌ର ବିଭିନ୍ନ ସ୍ଥାନରେ ଜଳକଷ୍ଟ ଏବେ ଉଗ୍ରରୂପ ଧାରଣ କରିଛି। କେଉଁଠି ଟାଙ୍କି ଅଛି ପାଣି ଆସୁନି ତ ଆଉ କେଉଁଠି ନର୍ଦ୍ଦମା ପାଣି ସହିତ ପିଇବା ମିଶି ଲୋକଙ୍କୁ ଦିଆଯାଉଛି। ଆଉ ଏବେ ଶରଣକୁଳ ସୁଆରସାହିରେ ମଧ ଅଟକାଇ ଗୁହାରି କରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀବଶରଣକୁଳ ସୁଆରସାହି, ଗୁଡ଼ିଆସାହିକୁ କୁସୁମୀ ନଦୀରୁ ପିଇବାପାଣି ଯୋଗାଣ କରାଯାଉଛି। ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ପାନୀୟଜଳ ପ୍ରକଳ୍ପରୁ ପାଣି ଯୋଗାଣ ହେଉଥିଲେ ମଧ ପିଇବାପାଣି

### ଜିଲ୍ଲାପାଳ ଓ ବାଚସ୍ପତିଙ୍କୁ କଲେ ଗୁହାରି



ସମାନ ଅବସ୍ଥା ଦେଖିବାକୁ ମିଳିଛି। ପାଇପ୍ ଫାଟି ଯିବାରୁ ଡ୍ରେନପାଣି ସହିତ ପିଇବାପାଣି ମିଶି ଲୋକଙ୍କୁ ଦିଆଯାଉଥିବାରୁ ସୁଆରସାହିର ମହିଳା ଓ ପୁରୁଷ ଗରା, ବାଲଟି ଧରି ରାସ୍ତାକୁ ଓହ୍ଲାଇଛନ୍ତି। ଜିଲ୍ଲାପାଳ ଓ ବାଚସ୍ପତି ଶରଣକୁଳ ଯାଉଥିବା ସମୟରେ ସେମାନଙ୍କୁ ନିଅଣ୍ଟିଆ ହେଉଥିବା ଓ ପାଇପ୍ ଫାଟି ପିଇବାପାଣିରେ ମିଶି ଲୋକଙ୍କୁ ଦିଆଯାଉଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଗୋଟିଏ ପଟେ ସରକାର ସମସ୍ତଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଣ କରିବାକୁ ମାଳମାଳ ଯୋଜନା କାର୍ଯ୍ୟକାରୀ କରୁଥିବା ବେଳେ ବିଭାଗର ଦାୟିତ୍ୱହୀନତା ପାଇଁ ସବୁ ଯୋଜନା ଭୁଶୁଡ଼ିବାକୁ ଲାଗିଛି। ଗତକାଲି ଶରଣକୁଳ ଦଧିବାମନ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲ୍ଲାପାଳ ଓ ବାଚସ୍ପତି ଯୋଗଦେବାକୁ ଯାଉଥିବା ରାସ୍ତାରେ ମହିଳାମାନେ ଉଭୟଙ୍କୁ ଅଟକାଇ ସମସ୍ୟା ସଂପର୍କରେ ଅବଗତ କରିଛନ୍ତି। ଖୁବ୍‌ଶୀଘ୍ର ପାଣି ସମସ୍ୟାରେ ସୁଧାର ଆସିବ ବୋଲି ଜିଲ୍ଲାପାଳ ମଧୁମିତା ରଥ ଏବଂ ବାଚସ୍ପତି ତଥା ରଣପୁର ବିଧାୟିକା ସୁରମା ପାଢ଼ି ଲୋକଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଏହାପରେ ମହିଳା ଓ ପୁରୁଷମାନେ ରାସ୍ତାରୁ ଉଠିଥିବା ଜଣାପଡ଼ିଛି।

## ଶ୍ରୀମନ୍ଦିର ବାହାରେ ଖୋଲା ଆକାଶ ତଳେ ଦଶାବତାର ମୂର୍ତ୍ତି



**ପୁରୀ,୧୪।୪/ଏନ୍ଏନ୍ଏସ୍:** ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ଅତି ଦୟନୀୟ ଭାବରେ ପଡ଼ି ରହିଛି ମହାପ୍ରଭୁଙ୍କ ଦଶାବତାର ମୂର୍ତ୍ତି। ଖୋଲା ଆକାଶ ତଳେ ଅଶୋଭନୀୟ ଢଙ୍ଗରେ ଦଶାବତାର ମୂର୍ତ୍ତି ପଡ଼ି ରହିଥିବାରୁ ଏହାକୁ ନେଇ ଜଗନ୍ନାଥ ପ୍ରେମୀ ଓ ସେବାୟତଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଯଥାଶୀଘ୍ର ଏହି ସବୁ ମୂର୍ତ୍ତିକୁ ସିଂହଦ୍ୱାର ଗୁମୁଟରେ ଲଗାଇବାକୁ ଦାବି ହୋଇଛି। ଏହି ଦାବିକୁ ମଧ ସମର୍ଥନ କରିଛନ୍ତି ଛତିଶା ନିଯୋଗ ମହାନାୟକ ଓ ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ। ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମଧୁସୁଦନ ସିଂହାରୀ ନିଜ ପ୍ରତିକ୍ରିୟାରେ କହିଥିଲେ, 'ଆସନ୍ତା ରଥଯାତ୍ରା ପୂର୍ବରୁ ମହାପ୍ରଭୁଙ୍କ ଦଶାବତାର ମୂର୍ତ୍ତିକୁ ପୂର୍ବ ସ୍ଥାନରେ ତଥା ସିଂହଦ୍ୱାର ଗୁମୁଟରେ ଲଗାଇବାକୁ ପୁରୀ ଜିଲ୍ଲାପାଳଙ୍କୁ ଅନୁରୋଧ କରାଯାଇଛି। ଯାହା କିଛି ବିବାଦ ରହିଛି ତା'ର ତୁରନ୍ତ ସମାଧାନ କରାଯାଇ ଏବଂ ଜଗତଗୁରୁ ଶଙ୍କରାଚାର୍ଯ୍ୟଙ୍କ ମତାମତ ନିଆଯାଇ, ଦଶାବତାର ମୂର୍ତ୍ତିକୁ ସିଂହଦ୍ୱାର ଗୁମୁଟରେ ଲଗାଯିବାର ବ୍ୟବସ୍ଥା କରୁ ଶ୍ରୀମନ୍ଦିର ପ୍ରଶାସନ। ତେବେ ଦଶାବତାର ମୂର୍ତ୍ତି ଦୀର୍ଘ ୧୪ ବର୍ଷ ହେବ ସିଂହଦ୍ୱାର ଗୁମୁଟରେ ଲାଗି ପାରୁନଥିବା ବେଳେ ଯଥାଶୀଘ୍ର ଶ୍ରୀମନ୍ଦିର ପ୍ରଶାସନ ଏନେଇ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି କହିଥିଲେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମଧୁସୁଦନ ସିଂହାରୀ। ଆସନ୍ତା ରଥଯାତ୍ରା ପୂର୍ବରୁ ଏହି ଦଶାବତାର ମୂର୍ତ୍ତିକୁ ଲଗାଯାଉ ବୋଲି ସେବାୟତମାନେ ପୁରୀ ଜିଲ୍ଲାପାଳଙ୍କୁ ଦାବି ଜଣାଇଛନ୍ତି। ଏ ନେଇ ପଦକ୍ଷେପ ନେବେ ବୋଲି ପୁରୀ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ଏହି ପ୍ରସଙ୍ଗରେ ଶ୍ରୀମନ୍ଦିର ପରିଚାଳନା କମିଟିରେ ଆଲୋଚନା କରାଯାଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି କୁହାଯାଇଛି।

## କ୍ଷୀର ଗାଡ଼ି ଓ ବାଇକ୍ ମୁହାଁମୁହିଁ ଧକ୍କା: ୧ ମୃତ, ଜଣେ ଗୁରୁତର

**ନିମାପଡ଼ା,୧୪।୪/ଏନ୍ଏନ୍ଏସ୍:** ପଣା ସଂକ୍ରାନ୍ତି ଭଳି ପବିତ୍ର ଦିନରେ ନିମାପଡ଼ା ବଜାର କୁଶଭଦ୍ରା ବ୍ରିଜ୍ ନିକଟ ଗୋଲେଇ ଛକ ଠାରେ କ୍ଷୀର ଗାଡ଼ି ଆଉ ବାଇକ୍ ମୁହାଁମୁହିଁ ଧକ୍କା ଯୋଗୁଁ ସ୍ଥାନୀୟ ଥାନା ଅଧୀନ ସର୍ବାପଡ଼ା ଗ୍ରାମର କାଳନ୍ଦୀ ପ୍ରଧାନ(୫୬) ଓ ନିମାପଡ଼ା ବଡ଼ ବଜାରର କୃଷ୍ଣଚନ୍ଦ୍ର ବେହେରା(୫୧) ଗୁରୁତର ଆହତ ହୋଇଥିବା ବେଳେ କାଳନ୍ଦୀଙ୍କର ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। କାଳନ୍ଦୀ ସ୍ଥାନୀୟ ଦୋଳବେଦୀ ଛକ ଡ଼େଲି ମାର୍କେଟ୍‌ରେ ଦୀର୍ଘ ବର୍ଷ ହେବ ପରିବା ଦୋକାନ କରିଥିଲେ। ଗୁରୁତର ଆହତ କୃଷ୍ଣଙ୍କୁ ପ୍ରଥମେ ନିମାପଡ଼ା ଓ ପରେ ଭୁବନେଶ୍ୱର ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ନିମାପଡ଼ା ପୋଲିସ କ୍ଷୀର ଗାଡ଼ି ଜବତ କରିବା ସହ ଚାଳକକୁ ଗିରଫ କରିଛି ଓ ମାମଲା ରୁଜୁ କରିଛି।

## ଶ୍ରୀନୀଳକଣ୍ଠେଶ୍ୱର ମନ୍ଦିରରେ ଦଣ୍ଡୁଆଙ୍କ ମୃତ୍ୟୁ

**ଖଣ୍ଡପଡ଼ା,୧୪।୪/ଏନ୍ଏନ୍ଏସ୍:** ଖଣ୍ଡପଡ଼ା ସହରର ଆରାଧ୍ୟ ପ୍ରଭୁ ଶ୍ରୀ ନୀଳକଣ୍ଠେଶ୍ୱର ଦେବଙ୍କ ମନ୍ଦିର ବେଢାରେ ସୋମବାର ରାତି ୩ଟାରେ ଦଣ୍ଡୁଆ ରାମଚନ୍ଦ୍ର ମହାନ୍ତି(୬୨)ଙ୍କ ହୃଦ୍‌ଘାତରେ ପରଲୋକ ହୋଇଥିବା ଜଣାଯାଇଛି। ମା' ବେଢାକାଳୀ ମନ୍ଦିର ବେଢ଼ା ପରିକ୍ରମା କରିବା ବେଳେ ରାମଚନ୍ଦ୍ର ଛାତିରେ ଯନ୍ତ୍ରଣା ଅନୁଭବ କରିବା ସହ ହଠାତ ଚେତାଶୂନ୍ୟ ହୋଇ ତଳେ ଖସି ପଡ଼ିଥିଲେ। ସେହିଠାରେ ହିଁ ତାଙ୍କର ମୃତ୍ୟୁ ହୋଇଥିବା ପ୍ରତ୍ୟକ୍ଷଦର୍ଶୀଙ୍କ ଠାରୁ ପ୍ରକାଶ। ସଙ୍ଗେ ସଙ୍ଗେ ତାଙ୍କୁ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ମାତ୍ର ତାଙ୍କର ମୃତ୍ୟୁ ହୋଇଥିବା ନେଇ ଡାକ୍ତର ଘୋଷଣା କରିଥିଲେ। ମୃତ ରାମଚନ୍ଦ୍ରଙ୍କ ଘର ଖଣ୍ଡପଡା ସହରର ୧୩ ନଂ ୱାର୍ଡ ଅଧୀନ ଉମାଦେବୀ ସାହିରେ ବୋଲି ଜଣାପଡିଛି। ଏହି ଘଟଣାକୁ ନେଇ ଅଞ୍ଚଳରେ ଶୋକପ୍ରକାଶ ପାଇଥିବା ବେଳେ ସମସ୍ତ ଦଣ୍ଡୁଆମାନେ ଦୁଃଖ ପ୍ରକାଶ କରିଛନ୍ତି। ଏହି ଘଟଣା ପରେ ପ୍ରଭୁ ଶ୍ରୀ ନୀଳକଣ୍ଠେଶ୍ୱର ଦେବଙ୍କ ମନ୍ଦିର ପରିସରକୁ ସୌଧ କରାଯାଇ ବହୁ ବିଳମ୍ବରେ ବିଗ୍ରହଙ୍କ ନୀତିକାନ୍ତି ଆରମ୍ଭ ହୋଇଥିଲା।

## 'ଓଡ଼ିଆ ଅସ୍ମିତା: ଏକ ବିଶ୍ଳେଷଣ' ଆଲୋଚନାଚକ୍ର

**ଖୋର୍ଦ୍ଧା,୧୪।୪/ଏନ୍ଏନ୍ଏସ୍:** ଓଡ଼ିଆ ପକ୍ଷ ପାଳନ ଅବସରରେ ଆମରି ସତ୍ୟ ବିକାଶ ପରିଷଦ, ଜଟଣୀ ତରଫରୁ ପଣ୍ଡିତ ପଦ୍ମନାଭ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ବନମାଳି କଲୋନୀ ଜଟଣୀଠାରେ ଏକ ଆଲୋଚନାଚକ୍ର 'ଓଡ଼ିଆ ଅସ୍ମିତା: ଏକ ବିଶ୍ଳେଷଣ' ଅନୁଷ୍ଠିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମକୁ ସାହିତ୍ୟିକ ଡ. ବିଷ୍ଣୁ ଚରଣ ସାହୁ ଉଦ୍ଘାଟନ କରିବା ସହ 'ଓଡିଆ ରୁଚି ଆମ ଖାଦ୍ୟ'ରେ ଓଡ଼ିଆ ପଖାଳର ଆଦର କରିବା ଉପରେ ଗୁରୁତ୍ୱ ଦେବା ଉଚିତ ବୋଲି କହିଥିଲେ। ଆମରିସତ୍ୟ ପତ୍ରିକାର ପ୍ରତିଷ୍ଠାତା ଡ. ପ୍ରମୋଦ ଚନ୍ଦ୍ର ଦାଶ ସ୍ୱାଗତ ଭାଷଣ



ଦେଇଥିଲେ। ଶିକ୍ଷାବିତ୍ ବ୍ରଜବନ୍ଧୁ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ପ୍ରଫେସର ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର ପ୍ରଥମେ ଅସ୍ମିତାକୁ ଜାଣିବା, ମାତୃଭାଷା, ମାତୃଭୂମିକୁ ସମ୍ମାନ ଦେବା, ଶ୍ରଦ୍ଧା ବିଶ୍ୱାସରେ ନିଜଭିତରେ ପରମାତ୍ମାଙ୍କୁ ଦର୍ଶନ କରିବା ବୋଲି କହିଥିଲେ। ମୁଖ୍ୟବକ୍ତା ସମ୍ପାଦକ 'ମାର୍ଗଦର୍ଶୀ' ଉମାଶଙ୍କର ପ୍ରସାଦ, ସମ୍ମାନିତ ଅତିଥି ଜବାହରଲାଲ ସୁବୁଦ୍ଧି ପ୍ରମୁଖ ଯୋଗଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ରଶ୍ମିତା ନାୟକ ଓ ପଦ୍ମଲୋଚନ ସାହୁଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ତ୍ରିଲୋଚନ ମହାପାତ୍ର, କିଶୋରପାଇକରାୟ, ରମାକାନ୍ତ ଦାସ, ସୁରେଶ କୁମାର ସ୍ୱାଇଁ, ବିଜୟାନନ୍ଦ ପଟ୍ଟନାୟକ, ପ୍ରତାପ ବାରିକ, ବିଷ୍ଣୁ ଚରଣ ସ୍ୱାଇଁ, ଗଗନ ବିହାରୀ ପଟ୍ଟନାୟକ କାର୍ଯକ୍ରମ ପରିଚଳନା କରିଥିଲେ। ଶିଶୁ କଳାକାର ଓମ୍‌ପ୍ରକାଶ ପାଣିଗ୍ରାହୀଙ୍କ ତବଲା ବାଦନ ସମସ୍ତଙ୍କୁ ଆକର୍ଷିତ କରିଥିଲା। ରୋଟାରିୟାନ୍ ଆଦିନାରାୟଣ ଖଣ୍ଡୁଆଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଆ ନବବର୍ଷରେ ସମୀରଙ୍କ ଶକ୍ତି ପ୍ରଦର୍ଶନ

**ଚାରିଛକ,୧୪।୪/ଏନ୍ଏନ୍ଏସ୍:** ଆଜି ଓଡ଼ିଆ ନବବର୍ଷ ମହା ବିଷୁବ ପଣା ସଂକ୍ରାନ୍ତି ଉପଲକ୍ଷେ ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ବିଜେପି ମୁଖପାତ୍ର ସମୀର ରଞ୍ଜନ ଦାସଙ୍କ ନେତୃତ୍ୱରେ ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ନିମାପଡ଼ା ଗୋପ ନିର୍ବାଚନ ମଣ୍ଡଳୀର ହଜାର ହଜାର କର୍ମୀ ନିମାପଡ଼ା ନୂଆ ବସ୍ ଷ୍ଟାଣ୍ଡ ଠାରୁ ଏକ ବିଶାଳ ବାଇକ୍ ଶୋଭାଯାତ୍ରା ଆସି ଚାରିଛକ ବିଶିମାତ୍ରି ଛକ ମହାବୀରଙ୍କ ମନ୍ଦିର ନିକଟରେ ପହଞ୍ଚିଥିଲେ। ଚାରିଛକ ଜୋନ ୭ଟି ପଞ୍ଚାୟତର ହଜାର ହଜାର କର୍ମୀ ତାଙ୍କ ସହିତ ସାମିଲ ହେବା ପରେ ସେଠାରୁ ଏକ ପଦଯାତ୍ରାରେ ବାହାରି ଚାରିଛକ ବଜାରରେ ଥିବା ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ଏକ ପଥପ୍ରାନ୍ତ




ଶୋଭାର ଆୟୋଜନ କରାଯାଇଥିଲା। ଓଡ଼ିଶା ବାସୀ ଓ ନିମାପଡ଼ା-ଗୋପ ବାସୀଙ୍କୁ ନବବର୍ଷର ଅଭିନନ୍ଦନ ଜଣାଇବା ପରେ ଆମେ ୨୦୨୪ ସାଧାରଣ ନିର୍ବାଚନ ପରେ ଯେଉଁ ସଂକଳ୍ପ ନିଆଯାଇଥିଲା ଆସନ୍ତା ୨୦୨୭ ପଞ୍ଚାୟତ ନିର୍ବାଚନରେ ଏହି ସଂକଳ୍ପର କିପରି ପୁନରାବୃତ୍ତି ହବ ସେନେଇ ଆଜି ତାଙ୍କର କର୍ମୀମାନଙ୍କୁ ଉଦବୋଧନ ଦେଇଥିଲେ। ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ନିମାପଡ଼ା ନିର୍ବାଚନ ମଣ୍ଡଳୀରେ ହୋଇଥିବା ବିଭିନ୍ନ କାର୍ଯ୍ୟକଳାପରେ ଜନସାଧାରଣ ଅସନ୍ତୁଷ୍ଟ ପ୍ରକାଶ କରିଥିଲେ। ଆସନ୍ତା ପଞ୍ଚାୟତ ନିର୍ବାଚନରେ ସମୀର ଦାସଙ୍କ ନେତୃତ୍ୱରେ ବିଜେପି କିପରି ନିମାପଡ଼ା ଗୋପ ପଞ୍ଚାୟତ ସମିତି ଦଖଲ କରିବା ସହିତ ପ୍ରତ୍ୟେକ ପଞ୍ଚାୟତରେ ବିଜେପି ପ୍ରାର୍ଥୀ ଜିତିବେ ସମସ୍ତେ ଚେଷ୍ଟା ଜାରି ରଖିବାକୁ କର୍ମୀ ମାନଙ୍କୁ ଆହ୍ୱାନ ଦେଇଥିଲେ। ଆଜିର ଏହି ଶୋଭାଯାତ୍ରାରେ ନିମାପଡ଼ା ବ୍ଲକ ଅଧକ୍ଷ ଶଙ୍କର ଭୋଇ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ କୁମାର ଖଟୋଇ, ବରିଷ୍ଠ ନେତୃତ୍ୱ ଜୀବନାନନ୍ଦ ମହାପାତ୍ର, ଅଶୋକ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ଅଭିମନ୍ୟୁ ପଣ୍ଡା, ପ୍ରଶାନ୍ତ ବେହେରା,ମହେନ୍ଦ୍ର ମହାପାତ୍ର, ସସ୍ମିତା ପାତ୍ର, ସୂର୍ଯ୍ୟ ନାରାୟଣ ପରିଡାଙ୍କ ସମେତ ପାଞ୍ଚ ହଜାରରୁ ଉର୍ଦ୍ଧ କର୍ମୀ ଯୋଗ ଦେଇଥିଲେ।

## ମା' ତାରେଣୀଙ୍କ ୨୮ତମ ବାର୍ଷିକ ଉତ୍ସବ



**ନୟାହାଟ,୧୪।୪/ଏନ୍ଏନ୍ଏସ୍:** ନୟାହାଟ ଫାଣ୍ଡି ଅନ୍ତର୍ଗତ ଯୋଗେଶ୍ୱରପୁରଠାରେ ଥିବା ମା' ତାରେଣୀଙ୍କ ପୀଠରେ ୨୮ତମ ବିଶ୍ୱଶାନ୍ତି ମହାଯଜ୍ଞ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ମା' ତାରେଣୀଙ୍କ ପୀଠରେ ପହଞ୍ଚି ଆଶ୍ରିବାଦ ଭିକ୍ଷା କରିଥିଲେ। ତାଙ୍କ ସହିତ ପୁରୀ ଜିଲ୍ଲାପରିଷଦ ଉପାଧକ୍ଷ ସ୍ୱାଧୀନ ନାୟକ ଧୂମାଳ ସରପଞ୍ଚଙ୍କ ପ୍ରତିନିଧି ଅଭିମନ୍ୟୁ ସିଂହ ବରିଷ୍ଠ ବିଜେଡି କାର୍ମି ମହମ୍ମଦ ସମ୍ ସୁଲ ଆର୍ଫିନ ୧୪ ନମ୍ବର ଜୁନ୍‌ର ଜିଲ୍ଲାପରିଷଦ ସଭ୍ୟାଙ୍କ ପ୍ରତିନିଧି ଜ୍ୟୋତିରଂଜନ ନାୟକ ଧୂମାଳ ପଞ୍ଚାୟତର ବିଜେଡି ସଭାପତି ଦିଲ୍ଲୀପ ରାୟ ସମାଜସେବୀ ସହଦେବ ମାଣିକ ନାୟବ ସରପଞ୍ଚ ଅଶୋକ ସାହୁ, ସମାଜସେବୀ ଏସ୍‌କେ ଶିକନ୍, ସମାଜସେବୀ କୃଷ୍ଣ ଚନ୍ଦ୍ର ସ୍ୱାଇଁ ପ୍ରମୁଖଙ୍କୁ ମା' ତାରେଣୀଙ୍କ ପୀଠରେ ଅନୁଷ୍ଠାନର ବରିଷ୍ଠ କର୍ତ୍ତା ବା ଶିକ୍ଷାବିତ୍ ହରି ମଲ୍ଲିକ ସମସ୍ତଙ୍କୁ ଓଢରି ଦେଇ ସମ୍ମାନିତ କରିଥିଲେ। ବିଶ୍ୱଶାନ୍ତି ମହାଯଜ୍ଞରେ କର୍ତ୍ତା ଭାବେ ରବୀନ୍ଦ୍ର ବେହେରା ଓ କର୍ତ୍ତ୍ରି ଉର୍ମିଳା ବେହେରା ପୂଜା କର୍ମରେ ବସିଥିବା ବେଳେ ପଣ୍ଡିତ ସୌମ୍ୟରଞ୍ଜନ ମିଶ୍ର ମନ୍ଦିର ପୂଜକ, ଅନିଲ ପଣ୍ଡା ପୂଜାରେ ସହଯୋଗ କରିଥିଲେ। ପାଞ୍ଚଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ବୋଲି ସଂଗ୍ରାମ ମଲ୍ଲିକ ପ୍ରକାଶ କରିଛନ୍ତି।

ନିତିଦିନ NITIDIN



ଆଜି 'ଓଡ଼ିଶା ଜନତା କଂଗ୍ରେସ' ଦଳର ଲୋକାର୍ପଣ

# ପ୍ରଦର୍ଶନୀ ପଡ଼ିଆରେ ଶକ୍ତି ପ୍ରଦର୍ଶନ କରିବେ ମୋକିମ୍

**ଭୁବନେଶ୍ୱର,୧୪।୪/ଏନ୍ଏନ୍ଏସ୍:** ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ଶକ୍ତି ପ୍ରଦର୍ଶନ କରିବେ ମହମ୍ମଦ ମୋକିମ। ଆସନ୍ତାକାଲି ନିଜର ନୂଆ ଦଳ 'ଓଡିଶା ଜନତା କଂଗ୍ରେସ'ର ବିଶାଳ ସମାବେଶ ଆୟୋଜନ କରାଯାଇଛି। ରାଜ୍ୟର ବିଭିନ୍ନ ଜିଲ୍ଲାର ନେତାମାନଙ୍କୁ ନେଇ ଏହି ସମାବେଶ କରାଯିବ। ବିଶେଷ କରି ଯୁବକମାନଙ୍କୁ ନେଇ ଏହି ଦଳ ଆଗକୁ ବଢିବ ବୋଲି ଦଳର ମୁଖ୍ୟ ଇଂ ମହମ୍ମଦ ମୋକିମ ସ୍ପଷ୍ଟ କରିଛନ୍ତି। ଯେଉଁ ଯୁବକମାନେ ରାଜନୀତି ପ୍ରତି ଆଗ୍ରହୀ ଅଛନ୍ତି, ସେମାନଙ୍କୁ ଏହି ଦଳରେ ପ୍ରାଥମିକତା ଦିଆଯିବ ବୋଲି ସେ କହିଛନ୍ତି। ଯୁବକମାନେ ଆଗକୁ ଦଳର ଦାୟିତ୍ୱ ନେବା ସହ ସରକାର ଚଳାଇବାର ଦାୟିତ୍ୱ ନେବେ। ଏହି କ୍ରମରେ ଯୁବକମାନଙ୍କୁ ନେଇ ଆସନ୍ତାକାଲି ବିଶାଳ ଶକ୍ତି ପ୍ରଦର୍ଶନ କରିବେ ମୋକିମ । କୋରାପୁଟ, କନ୍ଧମାଳଠାରୁ ଆରମ୍ଭ କରି ଉପକୂଳବର୍ତ୍ତୀ ଅଞ୍ଚଳରୁ ଅନେକ ଯୁବକ ଏହି ସମାବେଶରେ ସାମିଲ ହେବେ ବୋଲି ଦଳର ମୁଖିଆ ଆଶା ପ୍ରକଟ କରିଛନ୍ତି। ଓଡିଶା ଜନତା କଂଗ୍ରେସର ଅଧ୍ୟକ୍ଷ ତଥା ଇଂ ମହମ୍ମଦ ମୋକିମ କହିଛନ୍ତି ଯେ ନୂଆଦଳ ତା'ର କାର୍ଯ୍ୟକ୍ରମ ଆରମ୍ଭ କରିଛି। ଆସନ୍ତାକାଲି ଲୋକାର୍ପିତ କରାଯିବ। ସାରା ଓଡ଼ିଶାରୁ ଆମର ଶୁଭେଚ୍ଛୁ, ଆମ ସହ ଯେଉଁମାନେ ଯୋଡ଼ି ହେଇଛନ୍ତି ସେମାନେ ଆସିବେ। ଓଡ଼ିଶାର ଯୁବକମାନଙ୍କୁ ନେତୃତ୍ୱ ଦେବା, ଏକ ଯୁବ ଓଡିଶା ଗଠନ କରିବା ଏହି ଦଳର ଲକ୍ଷ୍ୟ ରହିବ। ବିଶେଷ କରି ଯେଉଁମାନେ ରାଜନୀତିରେ ରୁଚି ରଖିଛନ୍ତି କିନ୍ତୁ ସୁଯୋଗ ପାଉ ନାହାନ୍ତି ସେମାନଙ୍କୁ ଦଳ ଗୁରୁତ୍ୱ ଦେବ। ଏକ ଜେନ୍-ଜି ଦଳ ଗଠନ କରିବା ଲକ୍ଷ୍ୟ ନେଇ ଦଳ ଗଠନ କରାଯିବ। ଦଳ ଆଗାମୀ ଦିନରେ ପ୍ରତ୍ୟକଟି ଓଡ଼ିଆଙ୍କ ସ୍ୱର ହେବ। ନୂଆ ଧାରାରେ ଗଠନ ହେବ ଓଡ଼ିଶା। ପ୍ରତ୍ୟେକ ସମସ୍ୟାକୁ ନେଇ ଏହି ଦଳ କାମ କରିବ। ଯେମିତିକି ଓଡ଼ିଶାବାସୀଙ୍କର ପ୍ରିୟ ଦଳ ଭାବରେ ରାଜ୍ୟରେ ଉଭା ହେବ ସେନେଇ କାର୍ଯ୍ୟକ୍ରମ କରାଯିବ। ଯଦିଓ ଏହି ଦଳ ଅନେକ କାର୍ଯ୍ୟକ୍ରମ ପୂର୍ବରୁ କରି ସାରିଛି ତଥାପି ଆସନ୍ତାକାଲି ଭୁବନେଶ୍ୱରରେ ଏହି ସମାବେଶ, ଅନ୍ୟ ରାଜନୈତିକ ଦଳମାନଙ୍କ ଉପରେ ପ୍ରଭାବ ପକାଇ ପାରେ ।



ରାଜ୍ୟ କାର୍ଯ୍ୟାଳୟରେ ଆମ୍ବେଦକର ଜୟନ୍ତୀ

# 'ବାବାସାହେବଙ୍କ ଆଦର୍ଶକୁ ବାସ୍ତବରେ କାର୍ଯ୍ୟକାରୀ କରିଛି ବିଜେପି ସରକାର'

**ଭୁବନେଶ୍ୱର,୧୪।୪/ଏନ୍ଏନ୍ଏସ୍:** 'ଓଡ଼ିଶାରେ କରାଯାଇଥିବା ବଜେଟ ଗରିବ, ଦଳିତ ଓ ଆଦିବାସୀମାନଙ୍କ ବିକାଶର ବଜେଟ୍। ବିଜେପି କେବଳ ଘୋଷଣା କରେ ନାହିଁ ତାହାକୁ ବାସ୍ତବରେ କାର୍ଯ୍ୟକାରୀ ମଧ୍ୟ କରେ। ୨୦୨୬-୨୭ ବଜେଟ୍‌ରେ ଅନୁସୂଚିତ ଜାତି ଓ ଜନଜାତିର ଉନ୍ନୟନମୂଳକ କାର୍ଯ୍ୟ ପାଇଁ ୬୬୦୦କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଘୋଷଣା କରାଯାଇଛି। ସମାଜର ଶେଷ ଧାଡ଼ିରେ ଥିବା ବ୍ୟକ୍ତି ପାଖରେ ଯେପରି ବିକାଶ ପହଞ୍ଚିପାରିବ ସେନେଇ ବିଜେପି ସରକାର ଗୁରୁତ୍ୱ ଦେଉଛି। ବିଗତ ସରକାର କେବଳ ସଂରକ୍ଷଣ କଥା କହୁଥିଲେ। କିନ୍ତୁ ସମାନୁପାତିକ ସଂରକ୍ଷଣ ଦେବାକୁ ପଛଘୁଞ୍ଚା ଦେଉଥିଲେ। କିନ୍ତୁ ବିଜେପି ସରକାର ଏହି ବ୍ୟବସ୍ଥାକୁ ଲାଗୁ କରି ବାବାସାହେବଙ୍କ ଆଦର୍ଶକୁ ବାସ୍ତବତାରେ କାର୍ଯ୍ୟକାରୀ କରେ ବୋଲି ଦର୍ଶାଇଦେଇଛି।'

ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଭାରତୀୟ ସମ୍ବିଧାନର ପ୍ରଣେତା ଭାରତରତ୍ନ ବାବାସାହେବ ଡା. ଭୀମରାଓ ଆମ୍ବେଦକରଙ୍କ ୧୩୬ ତମ ଜୟନ୍ତୀ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି।



ଏହାଛଡ଼ା ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମ୍ବେଦକର କେବଳ ଜଣେ ବ୍ୟକ୍ତି ନ ଥିଲେ, ସେ ଥିଲେ ରାଷ୍ଟ୍ରର ବିଚାରଧାରା। ତାଙ୍କର ବିଚାର ହିଁ ଆମ ସମସ୍ତଙ୍କର ଆଧାର। ସେହି ଦୂରଦୃଷ୍ଟିକୁ ସଫଳ କରିବା ପାଇଁ 'ସବ୍‌କା ସାଥ ସବ୍‌କା ବିକାଶ' ମନ୍ତ୍ରରେ ବିଜେପି ସରକାର ଆଗକୁ ବଢ଼ିଚାଲିଛି। ତାଙ୍କ ସ୍ମୃତି ଆମକୁ ସର୍ବଦା ସାମାଜିକ ନ୍ୟାୟ ପଥରେ ଚାଲିବା ପାଇଁ ପ୍ରେରଣା ଦିଏ। କଂଗ୍ରେସ ସରକାର ସମୟରେ ବାବାସାହେବଙ୍କ ପ୍ରତି ଅନେକ ଅବହେଳା କରାଯାଇଥିଲା। ତାଙ୍କୁ ଭାରତରତ୍ନ ଦେବାରୁ ବଞ୍ଚିତ କରାଯାଇଥିଲା। ୧୯୯୦ ମସିହାରେ ଯେତେବେଳେ ଭାରତୀୟ ଜନତପାର୍ଟିର ସମର୍ଥନରେ କେନ୍ଦ୍ରରେ ସରକାର ଥିଲା, ସେତେବେଳେ ବିଜେପିର ପ୍ରସ୍ତାବ କ୍ରମେ ବାବାସାହେବଙ୍କୁ ଭାରତରତ୍ନ ପ୍ରଦାନ କରାଯାଇଥିଲା ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ଏହି ଅବସରରେ ରାଜ୍ୟ ସଭାପତି ତଥା ସାଂସଦ ମନମୋହନ ସାମଲ କହିଛନ୍ତି ଯେ, ବାବାସାହେବ ହେଲେ ସମସ୍ତଙ୍କ ପ୍ରେରଣାର କେନ୍ଦ୍ରବିନ୍ଦୁ। ସେ ଦଳିତ, ଶୋଷିତ, ଅବହେଳିତ, ଅତ୍ୟାଚାରିତ ଓ ଲାଞ୍ଛିତ ଲୋକମାନଙ୍କୁ ଆଗଧାଡ଼ିକୁ ଆଣିବା ପାଇଁ ଅହରଣ ଉଦ୍ୟମ କରିଥିଲେ। ମାତ୍ର ତାଙ୍କୁ ବିଭିନ୍ନ ପରିସ୍ଥିତିରେ କଂଗ୍ରେସ ଦଳ ଏବଂ କଂଗ୍ରେସ ନେତୃବୃନ୍ଦ ଯେଉଁଭଳି ଭାବେ ବାରମ୍ବାର ଅପମାନିତ କରିଛନ୍ତି, ତାହା ଅକ୍ଷମଣୀୟ । କଂଗ୍ରେସ ସମ୍ବିଧାନର ଦୁରୁପଯୋଗ ଏବଂ ଅସମ୍ମାନ କରିଥିବାବେଳେ ବିଜେପି ସମ୍ବିଧାନର ମର୍ଯ୍ୟାଦାକୁ ଅତୁଟ ରଖିଛି। କାରଣ ବ୍ୟକ୍ତି ବଡ଼ ନୁହେଁ, ଦେଶ ବଡ଼, ସମ୍ବିଧାନ ବଡ଼। ଏହାକୁ ବିଜେପି ପ୍ରମାଣିତ ମଧ୍ୟ କରିଛି। ଆମ ଗଣତନ୍ତ୍ର ଓ ସମ୍ବିଧାନ ଆଗାମୀ ଦିନରେ ଅଧିକ ଶକ୍ତିଶାଳୀ କିପରି ହେବ ସେନେଇ ଆମ ସମସଙ୍କୁ ଉଦ୍ୟମ କରିବାକୁ ହେବ ବୋଲି ଶ୍ରୀ ସାମଲ କହିଥିଲେ।

ସଭାରେ ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ବାଇଧର ମଲ୍ଲିକ ସଭା ସଂଚାଳନ କରିଥିବାବେଳେ ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ବିମ୍ବାଧର କୁଅଁର, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, ବରିଷ୍ଠ ନେତା ଜଗନ୍ନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଓଡ଼ିଶାର ମହାପୁରଷ ଏବଂ ବାବାସାହେବଙ୍କ ଫଟୋ ଚିତ୍ର ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସଭାପତି ଉଦ୍‌ଘାଟନ କରିଥିଲେ।

# ୩୭୫ କୋଟିର ୭୮ ପ୍ରକଳ୍ପ ଭେଟିଦେଲେ ଧର୍ମେନ୍ଦ୍ର

**ସମ୍ବଲପୁର,୧୪।୪/ଏନ୍ଏନ୍ଏସ୍:** ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଏବଂ ସମ୍ବିଧାନ ପ୍ରଣେତା ବାବାସାହେବ ଡଃ. ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁର ଜିଲ୍ଲା କୁଚିଣ୍ଡା, ବାମରା ଏବଂ ଜମନକିରା ଅଞ୍ଚଳ ପାଇଁ ଏକ ବଡ଼ ବିକାଶର ଭେଟି ଦେଇଛନ୍ତି । ଶ୍ରୀ ପ୍ରଧାନ ଏହି ଅଞ୍ଚଳ ଗସ୍ତ ସମୟରେ ପ୍ରାୟ ୩୭୫ କୋଟି ୩୬ ଲକ୍ଷ ଟଙ୍କା ମୂଲ୍ୟର ୭୮ଟି ବିକାଶମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିବା ସହ ଲାଭାର୍ଥୀଙ୍କୁ ସରକାରୀ ଯୋଜନା ହସ୍ତାନ୍ତର କରିଛନ୍ତି। କୁଚିଣ୍ଡା ଓ ବାମରା ଠାରେ ଆୟୋଜିତ ପୃଥକ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ପ୍ରଧାନ ୧୦୮ କୋଟି ୩୩ ଲକ୍ଷ ଟଙ୍କାର ୩୯ଟି ପ୍ରକଳ୍ପର ଉଦ୍‌ଘାଟନ କରିଥିବା ବେଳେ ୨୬୭ କୋଟି ୩ ଲକ୍ଷ ଟଙ୍କାର ୩୯ଟି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। କୁଚିଣ୍ଡା ଠାରେ ଏକ ନୂତନ ଉପଖଣ୍ଡ ଚିକିତ୍ସାଳୟ ଭବନର ଭୂମିପୂଜନ କରି ଶ୍ରୀ ପ୍ରଧାନ କହିଥିଲେ, ପ୍ରାୟ ୫୩ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି ଅତ୍ୟାଧୁନିକ ୧୦୦ ଶଯ୍ୟା ବିଶିଷ୍ଟ ଚିକିତ୍ସାଳୟ ଏବଂ ସ୍ୱତନ୍ତ୍ର ଟ୍ରମା କେୟାର ସେଣ୍ଟର ସ୍ଥାନୀୟ ଅଞ୍ଚଳର ଜରୁରୀକାଳୀନ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବ। ଏଥିସହ ୫ କୋଟି ୧୪ ଲକ୍ଷ ଟଙ୍କା ବ୍ୟୟରେ କୁଚିଣ୍ଡା ଯାତ୍ରା ପଡ଼ିଆ ଓ କୁଣ୍ଡାପୋଷି ଠାରେ ଦୁଇଟି ବହୁମୁଖୀ କଲ୍ୟାଣ ମଣ୍ଡପର ଉଦଘାଟନ ଏବଂ ୬ କୋଟି ଟଙ୍କା ବ୍ୟୟରେ କୁଚିଣ୍ଡା ବିଜ୍ଞାପିତ ଅଞ୍ଚଳ ପରିଷଦର ନୂତନ କାର୍ଯ୍ୟାଳୟ ପାଇଁ ଶିଳାନ୍ୟାସ କରାଯାଇଛି।

ଶ୍ରୀ ପ୍ରଧାନ କହିଛନ୍ତି ଯେ କୁଚିଣ୍ଡା ଉପଖଣ୍ଡର ସର୍ବାଙ୍ଗୀନ ବିକାଶ, ସବୁଜାୟନ ଏବଂ ଉନ୍ନତ ନାଗରିକ ସେବା ଯୋଗାଇଦେବା ପାଇଁ ଡବଲ ଇଞ୍ଜିନ ସରକାର ପ୍ରତିବଦ୍ଧ। ଆଜି ଲୋକାର୍ପିତ ଓ ଶିଳାନ୍ୟାସ ହୋଇଥିବା ପ୍ରକଳ୍ପଗୁଡ଼ିକ କୁଚିଣ୍ଡା ଉପଖଣ୍ଡର ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଗ୍ରାମୀଣ ଅର୍ଥନୀତିକୁ ମଜଭୁତ୍ କରିବ। ବିଶେଷ କରି ବାମରା ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ନୂତନ ସଫେଇ ଗାଡ଼ିର ଶୁଭାରମ୍ଭ ସହରୀ ଜୀବନକୁ ଆହୁରି ସୁବିଧାଜନକ କରିବ। ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଗମନାଗମନ ସହ ଅନ୍ୟାନ୍ୟ ସାମାଜିକ ଭିତ୍ତିଭୂମିଗୁଡ଼ିକ ସ୍ଥାନୀୟ ଜନସାଧାରଣଙ୍କ ଜୀବନଶୈଳୀରେ ଏକ ସକାରାତ୍ମକ ପରିବର୍ତ୍ତନ ଆଣିବ। କୁଚିଣ୍ଡାର ପ୍ରତ୍ୟେକ ନାଗରିକଙ୍କ ସହଯୋଗରେ ଏକ ସୁନ୍ଦର ଓ ସୁସ୍ଥ କୁଚିଣ୍ଡା ଗଠନ କରିବା ଆମର ଲକ୍ଷ୍ୟ ବୋଲି ସେ କହିଛନ୍ତି । ଏହି ଗସ୍ତ କ୍ରମରେ ଶ୍ରୀ ପ୍ରଧାନ କୁଚିଣ୍ଡା ରାମଜୀପଡ଼ା ସ୍ଥିତ ଆମ୍ବେଦକର ଛକ ଠାରେ ବାବାସାହେବଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ବାମରା ଗୋବିନ୍ଦପୁର ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର, ହନୁମାନ ମନ୍ଦିର ଏବଂ କବରୀବାହାଲ ସ୍ଥିତ ମା' ବନଦୁର୍ଗା ମନ୍ଦିରରେ ଦର୍ଶନ ଓ ପୂଜାର୍ଚ୍ଚନା କରି ସମସ୍ତଙ୍କ ସୁଖ ଓ ସମୃଦ୍ଧି କାମନା କରିଛନ୍ତି। ସେ ଗୋବିନ୍ଦପୁର ଠାରେ ଆୟୋଜିତ ନାମଯଜ୍ଞରେ ମଧ୍ୟ ସାମିଲ ହୋଇଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ ଓଡ଼ିଶାର ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାଏକ ଉପସ୍ଥିତ ଥିଲେ ।




ଉପକୃତ ହେବ ସମ୍ବଲପୁର ଜିଲ୍ଲାର କୁଚିଣ୍ଡା, ବାମରା ଓ ଜମନକିରା

୧୦୮ କୋଟି ୩୩ ଲକ୍ଷ ଟଙ୍କାର ୩୯ଟି ପ୍ରକଳ୍ପ ଉଦଘାଟିତ

୨୬୭ କୋଟି ୩ ଲକ୍ଷ ଟଙ୍କାର ୩୯ଟି ପ୍ରକଳ୍ପର ଶିଳାନ୍ୟାସ

# ଡାତି କରୁଛି ଆକ୍ତାମାକ୍ତା

**ଭୁବନେଶ୍ୱର,୧୪।୪/ଏନ୍ଏନ୍ଏସ୍:** ଉପକୂଳରୁ ଉପାନ୍ତ ସବୁଠି ତାତି ଆକ୍ତାମାକ୍ତା କରୁଛି। ବୈଶାଖ ଆରମ୍ଭରୁ ଟାଇଁ ଟାଇଁ ଖରା ସହ ଆକାଶରୁ ନିଆଁ ବର୍ଷୁଛି। ଅସହ୍ୟ ଖରା ସାଙ୍ଗକୁ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରୁଥିବା ବେଳେ ଆଗକୁ ତାତିରୁ ତ୍ରାହି ନାହିଁ। କାରଣ ଆସନ୍ତା କିଛି ପର୍ଯ୍ୟନ୍ତ ଜଳିବ ଓଡ଼ିଶା। ଆସନ୍ତା ୧୬ରୁ ୨୦ତାରିଖ ପର୍ଯ୍ୟନ୍ତ ଗ୍ରୀଷ୍ମ ଲହରୀ ପ୍ରଭାବ ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ଏପରିକି ରାଜ୍ୟର ତାପମାତ୍ରା ୪୫ ଡିଗ୍ରୀ ଛୁଇଁପାରେ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ଆକଳନ କରି ହିଟ୍‌ୱେଭ୍ ୱାର୍ଣ୍ଣିଂ ଜାରି କରିଛି। ଆସନ୍ତା ୨୪ ଘଣ୍ଟା ପାଇଁ ଉପକୂଳ ଓଡ଼ିଶାର ୧୧ ଜିଲ୍ଲା ଗଞ୍ଜାମ, ଗଜପତି, ନୟାଗଡ଼, ଖୋର୍ଦ୍ଧା, ଜଗତସିଂହପୁର, କେନ୍ଦ୍ରାପଡ଼ା, ପୁରୀ, କଟକ, ଯାଜପୁର, ଭଦ୍ରକ ଓ ବାଲେଶ୍ୱରରେ ଅସହ୍ୟ ଗରମ ସହ ଗୁଳୁଗୁଳିର ହେବାର ସମ୍ଭାବନା ରହିଛି। ସେହିପରି ବୁଧବାର ଏହି ସବୁ ଜିଲ୍ଲାକୁ ଉଷ୍ମ ଓ ଆଦ୍ର ସ୍ଥିତି ପାଇଁ ଚେତାବନୀ ରହିଛି। ୧୬ ତାରିଖରୁ ଆହୁରି ବଢ଼ିବ ଗ୍ରୀଷ୍ମ ପ୍ରବାହ। ବିଶେଷ କରି ପଶ୍ଚିମ ଓଡ଼ିଶାର ୪ ଜିଲ୍ଲା ବଲାଙ୍ଗୀର, ସୋନପୁର, ଝାରସୁଗୁଡ଼ା ଓ ସମ୍ବଲପୁରକୁ ଗ୍ରୀଷ୍ମ ପ୍ରବାହ ବା ହିଟୱେଭ ସହ ଉପକୂଳ ଓଡ଼ିଶାର ୧୧ ଜିଲ୍ଲାରେ ଉଷ୍ମ ଓ ଆଦ୍ର ସ୍ଥିତିକୁ ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

# ଶିଶୁର ସର୍ବାଙ୍ଗୀନ ବିକାଶ ଦିଗରେ ଏକ ସାମୂହିକ ପ୍ରୟାସ

'ଆରୋହଣ' କାର୍ଯ୍ୟକ୍ରମ ଉଦ୍‌ଘାଟିତ

**ଭୁବନେଶ୍ୱର,୧୪।୪ ଏନ୍ଏନ୍ଏସ୍:** ଭୁବନେଶ୍ୱରସ୍ଥିତ ଆଇସିଡବ୍ଲ୍ୟୁଏସ୍ ପରିସରରେ ଅଭିନବ କାର୍ଯ୍ୟକ୍ରମ 'ଆରୋହଣ' ଉଦଘାଟିତ ହୋଇଯାଇଛି। ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମକୁ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଉପ-ମୁଖ୍ୟମନ୍ତ୍ରୀ କୁନି କୁନି ପିଲାମାନଙ୍କୁ ତିଳକ ଲଗାଇ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆଶୀର୍ବାଦ ପ୍ରଦାନ କରିବା ସହ ଏହି ନୂତନ ଯାତ୍ରା ପାଇଁ ଶୁଭେଚ୍ଛା ଜଣାଇଥିଲେ। "ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପାଦେ ଆଗକୁ" ସ୍ଲୋଗାନ ସହ ଆରମ୍ଭ ହୋଇଥିବା ଏହି ଅଭିଯାନ ପ୍ରତ୍ୟେକ ଶିଶୁର ସର୍ବାଙ୍ଗୀନ ବିକାଶ ଦିଗରେ ଏକ ସାମୂହିକ ପ୍ରୟାସ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ଉପସ୍ଥିତ ପିଲା ଓ ଅଭିଭାବକମାନଙ୍କୁ ସମ୍ବୋଧିତ କରି ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଶିଶୁର ଜନ୍ମଠାରୁ ପ୍ରଥମ ଛଅ ବର୍ଷ ତା'ର ମସ୍ତିଷ୍କର ବିକାଶ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟ। ସେଥିପାଇଁ 'ପୋଷଣ ପକ୍ଷ-୨୦୨୬' ଅବସରରେ ସରକାର ପ୍ରାକ୍-ପ୍ରାଥମିକ ବିକାଶକୁ ସର୍ବାଧିକ ପ୍ରାଧାନ୍ୟ ଦେଉଛନ୍ତି। ଏହି କାର୍ଯ୍ୟକ୍ରମ କେବଳ ସରକାରଙ୍କର ଦାୟିତ୍ୱ ନୁହେଁ, ବରଂ ଶିଶୁର ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ପରିବାର ଓ ସମାଜ ତଥା ଅଭିଭାବକମାନଙ୍କର ସକ୍ରିୟ ଅଂଶଗ୍ରହଣ ଏବଂ ସହଯୋଗ ଅତ୍ୟନ୍ତ ଜରୁରୀ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଡଃ.ମୃଣାଳିନୀ ଦାର୍ସ୍ୱାଲ, ମହିଳା ଓ ଶିଶୁ ବିକାଶ ବିଭାଗର ଅତିରିକ୍ତ ଶାସନ ସଚିବ ତଥା ଭାରପ୍ରାପ୍ତ ନିର୍ଦ୍ଦେଶିକା ସ୍ୱୟଂ ପ୍ରଭା ମହାନ୍ତି, ଅତିରିକ୍ତ ଶାସନ ସଚିବ ଇତିଶ୍ରୀ ଦାସ ଏବଂ ଏନ୍. ସି. ଜ୍ୟୋତି ରଞ୍ଜନଙ୍କ ସମେତ ବିଭାଗୀୟ ବରିଷ୍ଠ ପଦାଧିକାରୀ ଓ ସହଯୋଗୀ ସଂଗଠନର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# 'ଓଡ଼ିଆ ନବବର୍ଷ ରାଜ୍ୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରଦର୍ଶିତ କରେ'



**ଭୁବନେଶ୍ୱର,୧୪।୪ /ଏନ୍ଏନ୍ଏସ୍:** ଓଡ଼ିଆ ନବବର୍ଷ ରାଜ୍ୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରଦର୍ଶିତ କରେ ବୋଲି ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି କହିଛନ୍ତି। ମଙ୍ଗଳବାର ଲୋକ ଭବନରେ ହିମାଚଳ ପ୍ରଦେଶ ଗଠନ ଦିବସ ଏବଂ ଓଡ଼ିଆ ନବବର୍ଷ (ପଣା ସଂକ୍ରାନ୍ତି) ସହିତ ବିହୁ (ଆସାମ), ବିଶୁ (କେରଳ), ପୁଥଣ୍ଡୁ (ତାମିଲନାଡୁ), ପୋଇଲା ବୈଶାଖ (ପଶ୍ଚିମବଙ୍ଗ) ଏବଂ ବୈଶାଖୀ (ପଞ୍ଜାବ) ପାଳନ ଅବସରରେ ରାଜ୍ୟପାଳ ଏହା କହିଛନ୍ତି। ଏହି ସମାରୋହରେ ରାଜ୍ୟର ପ୍ରଥମ ମହିଳା ଜୟଶ୍ରୀ କମ୍ଭମପାଟି ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ରାଜ୍ୟପାଳ ଉଦବୋଧନ ଦେଇ କହିଥିଲେ ଯେ, ଯେତେବେଳେ ଆମେ ଅନ୍ୟ ରାଜ୍ୟର ପର୍ବ ପାଳନ କରୁ, ସେତେବେଳେ ଆମେ ଏକ ଜାତି ଭାବରେ ଆମକୁ ଏକତ୍ରିତ କରୁଥିବା ବନ୍ଧନକୁ ମଜବୁତ କରୁ। ଏହି ସହଭାଗିତାର ଭାବନା ଭାରତର ସାରାଂଶକୁ ପ୍ରତିଫଳିତ କରେ, ଯେଉଁଠାରେ ବିବିଧତା ଆମର ସାମୂହିକ ପରିଚୟକୁ ଶକ୍ତିଶାଳୀ କରିବା ସହ ଆମକୁ ଏକତ୍ର ହୋଇ ଆଗକୁ ବଢ଼ିବାକୁ ପ୍ରେରଣା ଦେଇଥାଏ। ପଣା ସଂକ୍ରାନ୍ତିର ଗୁରୁତ୍ୱ ଉପରେ ଆଲୋକପାତ କରି ରାଜ୍ୟପାଳ କହିଥିଲେ ଯେ, ଏହା ପାରମ୍ପରିକ ଓଡ଼ିଆ ନବବର୍ଷର ଆରମ୍ଭ ଓ ଏହି ପର୍ବ ରାଜ୍ୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରଦର୍ଶିତ କରେ। ପଣା ପ୍ରସ୍ତୁତ କରି ବଣ୍ଟନ କରିବାର ପରମ୍ପରା କରୁଣା, ଉଦାରତା ଏବଂ ଏକତାର ପ୍ରତୀକ ଯାହା ଆଚାର-ବିଚାର, ଦାନଧର୍ମ, ସେବା ଏବଂ ସହାନୁଭୂତିର ମୂଲ୍ୟବୋଧକୁ ପ୍ରତିଫଳିତ କରେ। ବିହୁ, ବିଶୁ, ପୁଥାଣ୍ଡୁ, ପୋଇଲା ବୈଶାଖ ଏବଂ ବୈଶାଖୀ ଭଳି ପର୍ବଗୁଡ଼ିକ ବିଭିନ୍ନ ଅଞ୍ଚଳରେ ପାଳିତ ହେଉଥିଲେ ମଧ୍ୟ ସେଥିରେ ଆଶା, କୃତଜ୍ଞତା ଏବଂ ନବୀକରଣର ଏକ ସାଧାରଣ ବାର୍ତ୍ତା ରହିଛି ଯାହା ଜାତୀୟ ଏକତାର ଭାବନାକୁ ଦୃଢ଼ କରେ ବୋଲି ରାଜ୍ୟପାଳ କହିଥିଲେ। ଅବସରପ୍ରାପ୍ତ ପ୍ରଶାସକ ତଥା ପ୍ରସିଦ୍ଧ ସାହିତ୍ୟିକ ଓ ଗୀତିକାର ଦେବଦାସ ଛୋଟରାୟ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ। ରାଜ୍ୟପାଳଙ୍କ ସଚିବ ଡ଼. ରୂପା ରୋଶନ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ ରାଜ୍ୟପାଳ ଓ ରାଜ୍ୟର ପ୍ରଥମ ମହିଳା ସମ୍ବିଧାନ ପ୍ରଣେତା ଭାରତରତ୍ନ ଡ଼. ବି ଆର ଆମ୍ବେଦକରଙ୍କ ୧୩୬ତମ ଜୟନ୍ତୀ ଅବସରରେ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଡ଼. ଆମ୍ବେଦକରଙ୍କୁ ସମ୍ବିଧାନ ପ୍ରଣୟନର ମୁଖ୍ୟ ସ୍ଥପତି ଭାବରେ ବର୍ଣ୍ଣନା କରି ରାଜ୍ୟପାଳ କହିଥିଲେ ଯେ ଡ଼. ଆମ୍ବେଦକର ଥିଲେ ଜଣେ ଦୂର ଦ୍ରଷ୍ଟା ଯିଏ ନ୍ୟାୟ, ସମାନତା ଏବଂ ମାନବୀୟ ମର୍ଯ୍ୟାଦାର ଆଦର୍ଶ ପାଇଁ ଜୀବନ ଉତ୍ସର୍ଗ କରିଥିଲେ। ଡ଼. ଆମ୍ବେଦକରଙ୍କ ଆଦର୍ଶ ଏକ ସମାବେଶୀ ଏବଂ ନ୍ୟାୟପୂର୍ଣ୍ଣ ସମାଜ ଗଠନ ଦିଗରେ ଦେଶକୁ ପଥ ପ୍ରଦର୍ଶନ କରୁଛି ବୋଲି ରାଜ୍ୟପାଳ କହିଥିଲେ।

'ଓଡ଼ିଆ ପକ୍ଷ'ର ଉଦ୍‌ଯାପନୀରେ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

# ଓଡ଼ିଆ ଅସ୍ମିତାକୁ ବର୍ଷବ୍ୟାପି ଜୀବନଶୈଳୀର ଅଂଶ କରନ୍ତୁ

**ଭୁବନେଶ୍ୱର,୧୪।୪/ଏନ୍ଏନ୍ଏସ୍:** ମହାବିଷୁବ ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷର ପବିତ୍ର ଅବସରରେ ଓୟୁଏଟି କୃଷି ଶିକ୍ଷା ସଦନଠାରେ ଆୟୋଜିତ "ଓଡ଼ିଆ ପକ୍ଷ ଉଦ୍‌ଯାପନୀ–୨୦୨୬" ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ କେବଳ ଚଉଦ ଦିନରେ ସୀମିତ ରଖିବା ନୁହେଁ, ବରଂ ବର୍ଷବ୍ୟାପି ଜୀବନ ଶୈଳୀର ଅବିଚ୍ଛିନ୍ନ ଅଂଶ କରିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି । ସେ କହିଥିଲେ ଯେ, 'ଓଡ଼ିଆ ପକ୍ଷ'ର ଏହି ସଫଳ ଆୟୋଜନ କେବଳ ଏକ ଉତ୍ସବ ନୁହେଁ, ଏହା ଆମ ଅସ୍ମିତାର ଉଦ୍ ?ଘୋଷଣା ଓ ଏକ ନୂତନ ସାଂସ୍କୃତିକ ଜାଗରଣର ଆରମ୍ଭ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସାଂସ୍କୃତିକ ଆଧାର ବିନା ଆର୍ଥିକ ସମୃଦ୍ଧିର କୌଣସି ଅର୍ଥ ନାହିଁ। ଓଡ଼ିଆ ଭାଷା ଓ ସଂସ୍କୃତିର ସୁରକ୍ଷା ପାଇଁ ହୋଇଥିବା ଐତିହାସିକ ସଂଘର୍ଷକୁ ସ୍ମରଣ କରି ସେ କହିଥିଲେ ଯେ, ଏହି ଆନ୍ଦୋଳନ ଆମର ଜାତୀୟ ପରିଚୟକୁ ସୁଦୃଢ଼ କରିଛି। ଗଙ୍ଗାଧର ମେହେର, ରାଧାନାଥ ରାୟ, ମଧୁସୂଦନ ରାଓ ଓ ଫକୀରମୋହନ ସେନାପତିଙ୍କ ପରି ବରେଣ୍ୟ ସାହିତ୍ୟିକମାନଙ୍କ ଅବଦାନ ଓଡ଼ିଆ ସାହିତ୍ୟକୁ ଏକ ନୂତନ ଦିଗ ଦେଇଥିବାର ସେ କହିଥିଲେ। ସେ ଆହୁରି କହିଥିଲେ ଯେ, ଚଳିତ ବର୍ଷ ଉତ୍କଳ ଦିବସରୁ ଆରମ୍ଭ ହୋଇଥିବା 'ଓଡ଼ିଆ ପକ୍ଷ' ପାଳନ ମାଧ୍ୟମରେ ଓଡ଼ିଆ ଅସ୍ମିତାକୁ ସମାଜର ପ୍ରତ୍ୟେକ ସ୍ତରରେ ଜାଗ୍ରତ କରିବାର ଚେଷ୍ଟା କରାଯାଇଛି। 'ଆମ ପୋଷାକ ଆମ ପରିଚୟ' ଅଭିଯାନ ମାଧ୍ୟମରେ ପାରମ୍ପରିକ ହସ୍ତତନ୍ତ ବସ୍ତ୍ରର ପ୍ରଚାର, 'ପ୍ରବେଶ ଉତ୍ସବ' ମାଧ୍ୟମରେ ଶିଶୁମାନଙ୍କୁ ଶିକ୍ଷାରେ ସାମିଲ କରିବା ଓ ବ୍ୟବସାୟିକ ପ୍ରତିଷ୍ଠାନରେ ଓଡ଼ିଆ ନାମଫଳକ ବ୍ୟବହାରକୁ ଜନଆନ୍ଦୋଳନର ରୂପ ଦେବା ଭଳି ପଦକ୍ଷେପ ଗ୍ରହଣ କରାଯାଇଛି।ସେହିପରି ଏହି ପକ୍ଷରେ ୧୮ ହଜାରରୁ ଅଧିକ 'ବର୍ଣ୍ଣବୋଧ' ଓ 'ଶିଶୁଲେଖା' ପୁସ୍ତକ ବିତରଣ, ଏକ ଦିନରେ ରେକର୍ଡ଼ ସଂଖ୍ୟକ ୟୁନିଟ୍ ରକ୍ତ ସଂଗ୍ରହ ଏବଂ ପିପିଲିରେ ଆୟୋଜିତ ଲୋକକଳା ରୋଡ୍ ଶୋ' ମାଧ୍ୟମରେ ଓଡ଼ିଶାର ସାଂସ୍କୃତିକ ବୈଭବକୁ ଜାଗୃତ କରାଯାଇଥିବା ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ପଖାଳ ପରମ୍ପରାର ବିଶ୍ୱସ୍ତରୀୟ ସ୍ୱୀକୃତି ଓ ଲୋକକଳାର ପ୍ରସାର ଓଡ଼ିଆ ସଂସ୍କୃତିର ଗୌରବକୁ ବଢ଼ାଇଛି ବୋଲି ସେ କହିଥିଲେ।



ଓଡ଼ିଆ ରୋଷେଇର ବିଶ୍ୱସ୍ତରୀୟ ପ୍ରଚାର ପାଇଁ ଶେଫ୍ ରଣବୀର ବ୍ରାର୍ ହେଲେ ବ୍ରାଣ୍ଡ ଆମ୍ବାସାଡର

ଏହି ଅବସରରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଥିଲେ ଯେ ରାଜ୍ୟ ସଂସ୍କୃତି ବିଭାଗର ଏହି ପ୍ରୟାସ ଆମ ଓଡ଼ିଆ ଚଳଣି , ପରମ୍ପରା, ସଂସ୍କୃତି ଓ ଖାଦ୍ୟ ପ୍ରଣାଳୀ କୁ ପୁଣି ଥରେ ଘରେ ଘରେ ପହଞ୍ଚାଇଛି। ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ନିଜ ନିଜ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଗତ ୧୪ ଦିନ ମଧ୍ୟରେ ନିଆଯାଇଥିବା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ।

ସୂଚନାଯୋଗ୍ୟ ଯେ ଓଡ଼ିଆ ରୋଷେଇର ବିଶ୍ୱସ୍ତରୀୟ ପ୍ରଚାର ପାଇଁ ସେଲିବ୍ରିଟି ଶେଫ୍ ରଣବୀର ବ୍ରାର୍ ବ୍ରାଣ୍ଡ ଆମ୍ବାସାଡର ଏବଂ ଶେଫ୍ ଅବିନାଶଙ୍କୁ 'ଓଡ଼ିଆ କ୍ୟୁଲିନାରୀ ଚାମ୍ପିଅନ୍' ଭାବେ ମନୋନୀତ କରାଯାଇଛି। ଏଥି ସହ ଶେଫ୍ ଅଞ୍ଜୁ ଓ ମଞ୍ଜୁଙ୍କ ସହଯୋଗରେ ଏହି ଅଭିଯାନ ଓଡ଼ିଶାର ପାରମ୍ପରିକ ରୋଷେଇର କାହାଣୀ ଓ ବିଜ୍ଞାନକୁ ସଂରକ୍ଷିତ କରିବା ସହ ଏହାକୁ ତୃଣମୂଳ ସ୍ତରରୁ ଆନ୍ତର୍ଜାତୀୟ ସ୍ତର ପର୍ଯ୍ୟନ୍ତ ପହଞ୍ଚାଇବ ବୋଲି ଆଶା ରଖାଯାଇଛି।କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଆୟୁକ୍ତ ତଥା ଶାସନ ସଚିବ ରଶ୍ମିତା ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ ଏବଂ ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ଦେବ ପ୍ରସାଦ ଦାଶ ଧନ୍ୟବାଦ ଦେଇଥିଲେ।

# କିଟ୍‌ରେ ଫେମିନା ମିସ୍ ଇଣ୍ଡିଆ ପ୍ରତିଯୋଗୀ ପାଳନ କଲେ ଓଡ଼ିଆ ନବବର୍ଷ

**ଭୁବନେଶ୍ୱର,୧୪।୪ /ଏନ୍ଏନ୍ଏସ୍:** କିଟ୍ ପରିସରରେ ଓଡ଼ିଆ ନୂଆବର୍ଷ ଆଜି ମହା ସମାରୋହରେ ପାଳିତ ହୋଇଯାଇଛି। ଏଥିରେ ଯୋଗଦେଇଥିଲେ ୬୧ତମ ଫେମିନା ମିସ୍ ଇଣ୍ଡିଆ ପ୍ରତିଯୋଗିତାର ୩୦ ଜଣ ରାଜ୍ୟ ପ୍ରତିଯୋଗୀ। ବିଭିନ୍ନ ରାଜ୍ୟରୁ ଆସିଥିବା ଏହି ପ୍ରତିଯୋଗୀମାନେ ଖୁବ୍ ଧୁମ୍‌ଧାମ୍ ରେ ଉତ୍ସାହର ସହ ଓଡ଼ିଆ ନୂଆବର୍ଷ ପାଳନ କରିଥିଲେ। ଓଡ଼ିଶାର ପ୍ରସିଦ୍ଧ ପାଟ ଶାଢ଼ି ପିନ୍ଧି ଓଡ଼ିଆ ଖାଦ୍ୟ ସାଙ୍ଗକୁ ଓଡ଼ିଶାର ପାରମ୍ପରିକ ମିଠା ଛେନାପୋଡ଼ର ମଜା ନେଇଥିଲେ। ସମ୍ପୂର୍ଣ୍ଣ ଓଡ଼ିଆ ଢ଼ାଞ୍ଚାରେ ପ୍ରସ୍ତୁତ ଓଡ଼ିଆ ଖାଦ୍ୟ ଖାଇ ସେମାନେ ଓଡ଼ିଶାର ସଂସ୍କୃତି ଓ ପରମ୍ପରାର ଉଚ୍ଚ ପ୍ରଶଂସା କରିଥିଲେ। ଓଡ଼ିଶାର ଉଚ୍ଚକୋଟୀର ସଂସ୍କୃତି ଓ ପରମ୍ପରାକୁ ସମଗ୍ର ଦେଶରେ ପହଞ୍ଚାଇବା ପାଇଁ ସେମାନେ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ଏପ୍ରିଲ ୧୮ତାରିଖରେ କିଟ୍‌ରେ ଅନୁଷ୍ଠିତ ହେବାକୁ ଥିବା ୬୧ତମ ଫେମିନା ମିସ୍ ଇଣ୍ଡିଆ ଇଭେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ୩୦ ଜଣ ରାଜ୍ୟ ବିଜେତା କିଟ୍ କ୍ୟାମ୍ପସରେ ରହୁଛନ୍ତି। ସେମାନଙ୍କ ସହ ସାମିଲ ହୋଇଥିଲେ ଫେମିନା ମିସ୍ ଇଣ୍ଡିଆ ୨୦୨୪ ନିକିତା ପରୱାଲ୍। ଓଡ଼ିଶା ପର୍ଯ୍ୟଟନ ବିଭାଗ ସହମତି କ୍ରମେ ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟର ପ୍ରଚାର ପ୍ରସାର ପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ଆୟୋଜନ କରିଛନ୍ତି।



## ଭାରତରତ୍ନ ଡଃ. ଆମ୍ବେଦକରଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର,୧୪।୪ /ଏନ୍‌ଏନ୍‌ଏସ୍:** ସମ୍ବିଧାନ ରଚୟିତା, ମହାନ ଚିନ୍ତକ ଓ ସମାଜ ସଂସ୍କାରକ ଭାରତ ରତ୍ନ ଡଃ ଭୀମରାଓ ରାମଜୀ ଆମ୍ବେଦକରଙ୍କ ଜୟନ୍ତୀ ଅବସରରେ ଆଜି ତାଙ୍କୁ ଗଭୀର ଶ୍ରଦ୍ଧା ସହ ସ୍ମରଣ କରାଯାଇଛି। ସମାନତା, ନ୍ୟାୟ ଓ ମାନବିକ ଅଧିକାର ପାଇଁ ତାଙ୍କ ଅବଦାନ ଅସାଧାରଣ ଏବଂ ତାଙ୍କ ଆଦର୍ଶ ଆଜିର ସମାଜ ପାଇଁ ସଦା ପଥପ୍ରଦର୍ଶକ ହୋଇ ରହିବ ବୋଲି ଏହି ଅବସରରେ ମତ ପ୍ରକାଶ ପାଇଥିଲା। ଏହି ଅବସରରେ ଆଜି ସକାଳ ୮ଟା ୩୦ରେ ଭୁବନେଶ୍ୱରସ୍ଥିତ ଏଜି ଛକରେ ଭାରତ ରତ୍ନ ଡଃ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ କରି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଏହି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ଗୁରବୀର ସିଂହ, ଉପ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ଅଶ୍ୱିନୀ କୁମାର ଭୋଇ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜିତେନ୍ଦ୍ରିୟ ଜେନା, ସହକାରୀ ନିର୍ଦ୍ଦେଶକ ଦୀପକ କୁମାର ସାହୁ ପ୍ରମୁଖ ଯୋଗଦେଇ ମାଲ୍ୟାର୍ପଣ କରିଥିଲେ। ଏହାସହିତ ବିଭିନ୍ନ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା, ବିଭିନ୍ନ ରାଜନୈତିକ ଦଳର ସଦସ୍ୟମାନେ, ବିଧାୟକ ଓ ବିଧାୟିକାମାନେ, ସୂଚନା ଓ ଲୋକସମ୍ପର୍କ ବିଭାଗର ଅନ୍ୟାନ୍ୟ ଅଧିକାରୀମାନେ, ଛାତ୍ରଛାତ୍ରୀ ଏବଂ ସାଧାରଣ ଲୋକମାନେ ଯୋଗଦେଇ ଡଃ ଆମ୍ବେଦକରଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳର ସ୍ୱତନ୍ତ୍ର ଅଧିବେଶନ

## ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷା ସୁରକ୍ଷା ଉପରେ ଗୁରୁତ୍ୱ

**ଭୁବନେଶ୍ୱର,୧୪।୪/ଏନ୍‌ଏନ୍‌ଏସ୍:** ରାଜଧାନୀସ୍ଥିତ ଗୋପବନ୍ଧୁ ସଭାକକ୍ଷଠାରେ ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳର ସ୍ୱତନ୍ତ୍ର ଅଧିବେଶନ ଓ ଓଡ଼ିଆ ନବବର୍ଷ ପାଳନ ଉତ୍ସବ ସୀତା ବଲ୍ଲଭ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ନିରନ୍ତର ପ୍ରୟାସ ଜାରି ରଖିବାକୁ ମତ ପ୍ରକାଶ ପାଇଛି। ସଭାରେ ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ଅଶୋକ କୁମାର ମହାପାତ୍ର ଏବଂ ମୁଖ୍ୟବକ୍ତା ଭାବେ ବରିଷ୍ଠ ସ୍ତମ୍ଭକାର ଜାନକୀଶ ବଡ଼ପଣ୍ଡା ଯୋଗ ଦେଇଥିଲେ। ବିନା ସରକାରୀ ଅନୁଦାନରେ ଦୀର୍ଘ ୨୮ ବର୍ଷ ଧରି ନ୍ୟାସୀ ମଣ୍ଡଳ ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷାର ସୁରକ୍ଷା ପାଇଁ କରୁଥିବା କାର୍ଯ୍ୟାବଳୀକୁ ଅତିଥିମାନେ ଭୂୟସୀ ପ୍ରଶଂସା କରିଥିଲେ। ସମ୍ପାଦକ ରାମ ନାରାୟଣ ମିଶ୍ର ଛତିଶଗଡ଼ର ରାୟଗଡ଼, ଝାଡ଼ଖଣ୍ଡର ଷଢ଼େଇକଳା, ଖରସୁଆଁ, ମୂଷାବଣୀ ଏବଂ ଓଡ଼ିଆ ଭାଷାଭାଷୀଙ୍କ ସମସ୍ୟା ସମ୍ପର୍କିତ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ବିଶିଷ୍ଟ ଐତିହାସିକ ସତ୍ୟବାଦୀ ବଳିୟାରସିଂହଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଏବଂ ଅନୁଷ୍ଠାନର ମୁଖପତ୍ର 'ମୈତ୍ରୀ - ସମ୍ପର୍କର ସେତୁ' ଉନ୍ମୋଚିତ ହୋଇଥିଲା। ସାଧାରଣ ସମ୍ପାଦକ ପର୍ଶୁରାମ ଦ୍ୱିବେଦୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିରଜା ପ୍ରସାଦ ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ କୈଳାଶ ଚନ୍ଦ୍ର ରଥ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଭଜକୃଷ୍ଣ ମହାନ୍ତି, ଆରତି କର, ବଂଶୀଧର ସେଠୀ ଓ ଗୋଲକ ବିହାରୀ ନାୟକଙ୍କ ସଂଯୋଜନାରେ ଏକ କବିତା ପାଠ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାୟ ୩୦ ଜଣ କବି ସେମାନଙ୍କର ସ୍ୱରଚିତ କବିତା ପାଠ କରିଥିଲେ। ସମସ୍ତ କାର୍ଯ୍ୟକ୍ରମରେ ବିଚ୍ଛିନ୍ନାଞ୍ଚଳର ଓଡ଼ିଆମାନଙ୍କ ଭାଷାଗତ ଅଧିକାର ଓ ସାହିତ୍ୟର ପ୍ରସାର ପାଇଁ ସାମୂହିକ ସଂକଳ୍ପ ଗ୍ରହଣ କରାଯାଇଥିଲା।



## ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କ ଖୋର୍ଦ୍ଧା ରୋଡ୍-ପୁରୀ ସେକ୍ସନ୍ ନିରୀକ୍ଷଣ

### ପୁରୀ ଷ୍ଟେସନ୍ ବିକାଶମୂଳକ କାର୍ଯ୍ୟର ସମୀକ୍ଷା

**ଭୁବନେଶ୍ୱର,୧୪।୪/ଏନ୍‌ଏନ୍‌ଏସ୍:** ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଆଜି ଖୋର୍ଦ୍ଧା ରୋଡ୍ - ପୁରୀ ସେକ୍ସନ ନିରୀକ୍ଷଣ କରିବା ସହିତ ଆଗାମୀ ରଥଯାତ୍ରାକୁ ଦୃଷ୍ଟିରେ ରଖି ପୁରୀ ଷ୍ଟେସନରେ ଚାଲିଥିବା ବିଭିନ୍ନ ବିକାଶ ମୂଳକ କାର୍ଯ୍ୟର ବିସ୍ତୃତ ସମୀକ୍ଷା କରିଛନ୍ତି। ନିରୀକ୍ଷଣ ସମୟରେ ଏହି ଗୁରୁତ୍ୱପୂର୍ଣ୍ଣ ରେଳ ସେକ୍ସନରେ ଟ୍ରାକ୍ ସ୍ଥିତି, ସିଗ୍ନାଲିଂ ପ୍ରଣାଳୀ ଓ ସମଗ୍ର ପରିଚାଳନାଗତ ଦକ୍ଷତାର ମୂଲ୍ୟାଙ୍କନ କରିଛନ୍ତି। ବିଶେଷକରି ପ୍ରମୁଖ ପର୍ବପର୍ବାଣୀ ସମୟରେ ଯାତ୍ରୀଙ୍କ ଯାତାୟତରେ ହେଉଥିବା ଉଲ୍ଲେଖନୀୟ ବୃଦ୍ଧିକୁ ଦୃଷ୍ଟିରେ ରଖି ଏହି ସମୀକ୍ଷା କରାଯାଇଥିଲା। ପୁରୀ ଷ୍ଟେସନରେ ମହାପ୍ରବନ୍ଧକ ତୀର୍ଥଯାତ୍ରା କେନ୍ଦ୍ରିକ ଭିତ୍ତିଭୂମି ଉପରେ ଗୁରୁତ୍ୱ ଦେଇ ଚାଲୁଥିବା ପୁନର୍ବିକାଶ ଏବଂ ଯାତ୍ରୀ ସୁବିଧା ବୃଦ୍ଧି କାର୍ଯ୍ୟର ବିସ୍ତୃତ ସମୀକ୍ଷା କରିଥିଲେ। ରଥଯାତ୍ରା ସମୟରେ ଭକ୍ତମାନଙ୍କର ବିପୁଳ ଆଗମନକୁ ଦୃଷ୍ଟିରେ ରଖି ଯାତ୍ରୀମାନଙ୍କର ସୁଗମ ପରିଚାଳନା ଏବଂ ଉନ୍ନତ ସୁବିଧା ସୁନିଶ୍ଚିତ କରିବା ଉପରେ ବିଶେଷ ଜୋର୍ ଦିଆଯାଇଥିଲା। ସମୀକ୍ଷା ସମୟରେ, ଯାତ୍ରୀଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଯାତ୍ରୀ ସୁବିଧାଗୁଡ଼ିକର ବୃଦ୍ଧି ଏବଂ ଉନ୍ନତିକରଣ ଉପରେ ଗୁରୁତ୍ୱ ଦିଆଯାଇଥିଲା, ଯେଉଁଥିରେ ପ୍ଲାଟଫର୍ମ, ସର୍କୁଲେଟିଂ ଏରିଆ, ପ୍ରତୀକ୍ଷାଳୟ ଗୁଡ଼ିକର ବିକାଶ ସହିତ ବିଭିନ୍ନ ସୁବିଧା ଓ ଗତିବିଧିକୁ ସୁଗମ କରିବା ପାଇଁ ଯାତ୍ରୀକେନ୍ଦ୍ରିକ ଭିତ୍ତିଭୂମିରେ ସାମଗ୍ରିକ ଉନ୍ନତି ଅନ୍ତର୍ଭୁକ୍ତ। ରଥଯାତ୍ରା ପୂର୍ବରୁ ପୁରୀ ଷ୍ଟେସନରେ ସମସ୍ତ ପୁନର୍ବିକାଶ କାର୍ଯ୍ୟ ଠିକ୍ ସମୟରେ ସମାପ୍ତ କରିବା ଉପରେ ମହାପ୍ରବନ୍ଧକ ବିଶେଷ ଗୁରୁତ୍ୱାରୋପ କରିଥିଲେ, ଅଧିକାରୀମାନଙ୍କୁ କାର୍ଯ୍ୟର ଅଗ୍ରଗତି ଉପରେ କଡ଼ା ନଜର ରଖିବାକୁ ଏବଂ ରଥ ଯାତ୍ରା ପୂର୍ବରୁ ପ୍ରସ୍ତୁତି ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେ ଗୁରୁତ୍ୱାରୋପ କରିଥିଲେ ଯେ ତୀର୍ଥଯାତ୍ରୀମାନଙ୍କ ନିରାପଦ, ସୁଗମ ଏବଂ ଆରାମଦାୟକ ଯାତାୟାତକୁ ସୁଗମ କରିବା ପାଇଁ ସମସ୍ତ କାର୍ଯ୍ୟକୁ ଯାତ୍ରୀ-କୈନ୍ଦ୍ରିକ ଆଭିମୁଖ୍ୟ ସହିତ କରାଯିବା ଉଚିତ। ମହାପ୍ରବନ୍ଧକ ତୀର୍ଥଯାତ୍ରା ସମୟରେ ଦକ୍ଷ ଟ୍ରେନ ପରିଚାଳନା ସୁନିଶ୍ଚିତ କରିବା, ଯାତ୍ରୀ ସୁରକ୍ଷା, ଷ୍ଟେସନରେ ପରିଷ୍କାର ପରିଚ୍ଛନ୍ନ ଏବଂ ଆନ୍ତଃବିଭାଗୀୟ ସମନ୍ୱୟର ଉଚ୍ଚ ମାନଦଣ୍ଡ ବଜାୟ ରଖିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଭାଗୀୟ ପ୍ରମୁଖ ମୁଖ୍ୟ ଏବଂ ଖୋର୍ଦ୍ଧା ରୋଡ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକଙ୍କ ସମେତ ବରିଷ୍ଠ ଅଧିକାରୀମାନେ ନିରୀକ୍ଷଣ ସମୟରେ ମହାପ୍ରବନ୍ଧକଙ୍କ ସହିତ ଉପସ୍ଥିତ ଥିଲେ। ଏହି ପଦକ୍ଷେପଗୁଡ଼ିକ ଜାତୀୟସ୍ତରର ଗୁରୁତ୍ୱପୂର୍ଣ୍ଣ ଧାର୍ମିକ କାର୍ଯ୍ୟକ୍ରମ ସମୟରେ ନିରବଚ୍ଛିନ୍ନ, ନିରାପଦ ଏବଂ ଯାତ୍ରୀ ଅନୁକୂଳ ସେବା ସୁନିଶ୍ଚିତ କରିବା ପ୍ରତି ପୂର୍ବ ତଟ ରେଳପଥର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।



### ଉତ୍କଳ ବିକାଶ ପରିଷଦର ବାର୍ଷିକ ଅଧିବେଶନ

## ଆର୍ଥିକ ବୈଷମ୍ୟ ଦୂରୀକରଣ ଉପରେ ଗୁରୁତ୍ୱ

**ଭୁବନେଶ୍ୱର,୧୪।୪/ଏନ୍‌ଏନ୍‌ଏସ୍:** ରବୀନ୍ଦ୍ର ମଣ୍ଡପଠାରେ ଉତ୍କଳ ବିକାଶ ପରିଷଦର ବାର୍ଷିକ ଅଧିବେଶନ ଅତ୍ୟନ୍ତ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ଅଧିବେଶନରେ ଓଡ଼ିଶାର ବିଭିନ୍ନ ଜିଲ୍ଲା ସମେତ ବିଚ୍ଛିନ୍ନାଞ୍ଚଳ ଛତିଶଗଡ଼ ଓ ଝାଡ଼ଖଣ୍ଡରୁ ହଜାର ହଜାର ପ୍ରତିନିଧି ଯୋଗ ଦେଇଥିଲେ। ପରିଷଦର ଅଧକ୍ଷ ତଥା ବିଶିଷ୍ଟ ସ୍ତମ୍ଭକାର ନଟବର ଖୁଣ୍ଟିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାର ମୁଖ୍ୟ ଆଲୋଚନା ବିଷୟବସ୍ତୁ ଥିଲା 'ସନ୍ତୁଳିତ ଅର୍ଥନୈତିକ ବିକାଶ'। ଦେଶର ସମୁଦାୟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ହାର ବିଶ୍ୱର ଅନ୍ୟାନ୍ୟ ଦେଶ ତୁଳନାରେ ଆଗରେ ଥିଲେ ମଧ ବିଭିନ୍ନ ବର୍ଗର ଆୟକାରୀଙ୍କ ମଧ୍ୟରେ ଥିବା ଆକାଶ ପାତାଳ ପ୍ରଭେଦକୁ ନେଇ ବକ୍ତାମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ବିକାଶର ସୁଫଳ ମୁଖ୍ୟତଃ ଶିଳ୍ପପତି, ବ୍ୟବସାୟୀ ଓ ବେତନଭୋଗୀ କର୍ମଚାରୀମାନେ ପାଉଥିବା ବେଳେ କୃଷକ, କୃଷି ଶ୍ରମିକ ଓ କ୍ଷୁଦ୍ର ବ୍ୟବସାୟୀଙ୍କ ଆୟ ଯଥେଷ୍ଟ କମ୍ ରହୁଛି। ଏହି ବର୍ଗର ଲୋକମାନେ ଏବେ ମଧ ସର୍ବନିମ୍ନ ଖାଦ୍ୟ, ବସ୍ତ୍ର, ବାସଗୃହ, ଶିକ୍ଷା ଓ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହେଉଛନ୍ତି। ଏଣୁ ଏକ ସନ୍ତୁଳିତ ସମାଜ ଗଠନ ପାଇଁ କୃଷି ଓ କୃଷିଭିତ୍ତିକ ଶିଳ୍ପ ସ୍ଥାପନ ଉପରେ ଗୁରୁତ୍ୱ ଦେବାକୁ ପ୍ରସ୍ତାବ ଦିଆଯାଇଥିଲା।

ଏହି ଆଲୋଚନାରେ ବିଶିଷ୍ଟ ଅତିଥି ଭାବେ କୃଷ୍ଣ ଚନ୍ଦ୍ର ବଳ, ପ୍ରଦୀପ କୁମାର ବିଶ୍ୱାଳ, ଧୀର ମଲ୍ଲିକ, ଋଷି ଗୁମାନ ସିଂହ, ସୁଦର୍ଶନ ନାୟକ, ବିଜୟ କୁମାର ନାୟକ, ସୁଶାନ୍ତ କୁମାର ବେହେରା ଓ ଡକ୍ଟର ଗୋବିନ୍ଦ ଭୂୟାଁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପରିଷଦର ମହାସଚିବ ଅନୀଲ ଦଳାଇ ବାର୍ଷିକ ବିବରଣୀ ପାଠ କରିଥିଲେ। କଳାହାଣ୍ଡିରୁ ରଶ୍ମି ରଞ୍ଜନ ନାୟକ, ସମ୍ବଲପୁରରୁ ଭରତ ଚନ୍ଦ୍ର ରାଉତ, ପୁରୀରୁ ଗୁଣନିଧି ବରାଳ, ଛତିଶଗଡ଼ରୁ କ୍ଷମା ସାଗର ଭୋଇ ଏବଂ କେନ୍ଦ୍ରାପଡ଼ାରୁ ଦେବବ୍ରତ ପରିଡ଼ା ପ୍ରମୁଖ ନିଜ ନିଜ ଅଞ୍ଚଳର ସମସ୍ୟା ଓ ଅନୁଭୂତି ଉପସ୍ଥାପନ କରିଥିଲେ। ଏହି ଅବସରରେ ପରିଷଦର ମୁଖପତ୍ର 'ଦୁନ୍ଦୁଭି'ର ବାର୍ଷିକ ସଂଖ୍ୟା ଉନ୍ମୋଚିତ ହୋଇଥିଲା ଏବଂ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ୨୧ ଜଣ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁବାସ ଚନ୍ଦ୍ର ଜେନା ସଭାର ଆବାହନ କରିଥିବା ବେଳେ 'ଦୁନ୍ଦୁଭି'ର ସମ୍ପାଦକ ଡକ୍ଟର ଶରତ ଚନ୍ଦ୍ର ପରିଡ଼ା ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ବରିଷ୍ଠ ସଦସ୍ୟ ବିଭୁଧେନ୍ଦୁ ଭୋଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



## ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟିରେ ପ୍ରତିଷ୍ଠା ହେଲା ଆମ୍ବେଦକର ଉଦ୍ୟାନ

**ଭୁବନେଶ୍ୱର,୧୪।୪/ଏନ୍‌ଏନ୍‌ଏସ୍:** ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି, ଭୁବନେଶ୍ୱରରେ ଡକ୍ଟର ବି. ଆର୍. ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ପାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାୟ ୪୦୦ ଜଣ ଅଂଶଗ୍ରହଣ କରିଥିଲେ, ଯାହାମଧ୍ୟରେ ଭୁବନେଶ୍ୱରର ବିଭିନ୍ନ ବିଦ୍ୟାଳୟର ପ୍ରାୟ ୧୦୦ ଛାତ୍ରଛାତ୍ରୀ ଥିଲେ। କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ଆମ୍ବେଦକର ଉଦ୍ୟାନ ଉଦ୍‌ଘାଟନ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମରୁ, ଯାହାକି ମୁଖ୍ୟଅତିଥି ଓ ସିଏସ୍‌ଆଇଆର -ଆଇଏମ୍‌ଏମ୍‌ଟି ନିର୍ଦ୍ଦେଶକଙ୍କ ଦ୍ୱାରା ସମ୍ପନ୍ନ ହୋଇଥିଲା। ଏହା ସାମାଜିକ ଦାୟିତ୍ୱ ପ୍ରତି ସାମୁହିକ ପ୍ରତିବଦ୍ଧତାର ପ୍ରତୀକ ଭାବେ ପ୍ରକାଶ ପାଇଥିଲା। ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି ନିର୍ଦ୍ଦେଶକ ଡ଼ା. ରାମାନୁଜ ନାରାୟଣ ନିଜ ଉଦ୍‌ବୋଧନରେ ଡ଼ା. ଆମ୍ବେଦକରଙ୍କ ସମାନତାମୂଳକ ଓ ନ୍ୟାୟଭିତ୍ତିକ ସମାଜ ଗଠନର ଅବଦାନକୁ ଉଲ୍ଲେଖ କରିଥିଲେ। ମୁଖ୍ୟଅତିଥି ସତୀଶ କୁମାର ଗଜଭିଏ, ଇନ୍ସପେକ୍ଟର ଜେନେରାଲ ଅଫ୍ ପୁଲିସ୍ (ସ୍ପେସିଆଲ ଆର୍ମ୍ଡ ପୁଲିସ) ତାଙ୍କ ଉଦ୍‌ବୋଧନରେ ଡ଼ା. ଆମ୍ବେଦକରଙ୍କ ଜୀବନ, ଆଦର୍ଶ ଓ ଭାରତୀୟ ସମାଜ ପ୍ରତି ତାଙ୍କର ଅବଦାନ ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମର କମିଟିର ଆବାହକ ତଥା ବୈଜ୍ଞାନିକ 'ଏଫ୍' ଡକ୍ଟର ସନ୍ତୋଷ କୁମାର ବେହେରାଙ୍କ ଦ୍ୱାରା ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ ସହିତ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା।

## ରାଜଧାନୀ ପ୍ରତିଷ୍ଠା ଦିବସ ଉଦ୍‌ଯାପିତ

**ଭୁବନେଶ୍ୱର,୧୪।୪/ଏନ୍‌ଏନ୍‌ଏସ୍:** ୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ ଆଜି ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଉଦ୍‌ଯାପିତ ହୋଇଯାଇଛି। ଆଜି ଦ୍ୱିତୀୟ ତଥା ଉଦ୍‌ଯାପନୀ ଦିବସକୁ ସନ୍ଧ୍ୟାରେ ଭୁବନେଶ୍ୱର ଉପଜିଲ୍ଲାପାଳ ମନୋରଞ୍ଜନ ସାହୁ ଉଦ୍‌ଘାଟନ କରିଥିଲେ। ରାଜଧାନୀ ଭୁବନେଶ୍ୱରକୁ ସ୍ୱଚ୍ଛ ସହର ଏବଂ ଶାନ୍ତିପୂର୍ଣ୍ଣ ସହବସ୍ଥାନ ପାଇଁ ସେ ସମସ୍ତ ନାଗରିକଙ୍କ ସହଯୋଗ କାମନା କରିଥିଲେ। ଏଥି ସହିତ ରାଜଧାନୀକୁ ଏକ ବିକଶିତ ତଥା ଉନ୍ନତ ସହର ଭାବେ ଗଢ଼ି ତୋଳିବାକୁ ସେ ସମସ୍ତଙ୍କର ସମ୍ମିଳିତ ପ୍ରଚେଷ୍ଟା କାମନା କରିଥିଲେ। ଉଦ୍‌ଯାପନୀ ସଂଧ୍ୟାରେ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି ଯୋଗଦେଇ ଭୁବନେଶ୍ୱର ମହାନଗର ନିଗମ ଆନୁକୂଲ୍ୟରେ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ ଆୟୋଜନ ଓ ସମସ୍ତ ସହଯୋଗକୁ ପ୍ରଶଂସା କରିଥିଲେ। ଏଥି ସହିତ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ସୂଚନା ଓ ଲୋକ ସମ୍ପର୍କ, ପୂର୍ତ୍ତ ବିଭାଗ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଆଦି ସମ୍ପୃକ୍ତ ବିଭିନ୍ନ ବିଭାଗ ଓ ସଂସ୍ଥାମାନଙ୍କର ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ। ମିଡିଆ ଫେଡେରେସନ୍‌ର ଉପଦେଷ୍ଟା ଗୌରଚନ୍ଦ୍ର ମହାପାତ୍ର ଉପସ୍ଥିତ ଥିଲେ। ମଳୟ କୁମାର ବେହେରା, ଶୁଭଙ୍କର କୁମାର ଏବଂ ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ପଠାଣି ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଆଜିର ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଗଞ୍ଜାମର ପଶୁ ମୁଖା ନୃତ୍ୟ, ମୟୁରଭଞ୍ଜ, କରଞ୍ଜିଆର ପଲ୍ଲବୀ ନାଟ୍ୟ ସଂସ୍ଥା ପକ୍ଷରୁ ମାଲଖମ୍ବ, ସୁବାସ ଦାସ ଏବଂ ସାଥିଙ୍କ ଦ୍ୱାରା ଭଜନ, ଲଘୁ ସଂଗୀତ ପରିବେଷଣ କରାଯାଇଥିବା ବେଳେ ବାସୁଦେବ ନାଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



## ଅଙ୍ଗଦାନ ସଚେତନତା ଶିବିର ଆୟୋଜିତ

**ଭୁବନେଶ୍ୱର,୧୪।୪/ଏନ୍‌ଏନ୍‌ଏସ୍:** ଆଜି ଓଡ଼ିଆ ଚଳଚ୍ଚିତ୍ 'ଆଫା'ର ଏକ ବିଶେଷ ଚାରିଟି ପ୍ରଦର୍ଶନ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା କନ୍ୟାଶିଶୁ ସଚେତନତା ଓ ସଶକ୍ତିକରଣକୁ ପ୍ରୋତ୍ସାହନ ଦେବା ସହ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବା। ଏହି ଅବସରରେ କମଳା ନେହରୁ ମହାବିଦ୍ୟାଳୟର ୫୦ ଜଣ ଛାତ୍ରୀଙ୍କୁ ଆମନ୍ତ୍ରିତ କରାଯାଇଥିଲା। ଏହା ସହିତ ଏକ ଅଙ୍ଗଦାନ ସଚେତନତା ଶିବିର ମଧ ଆୟୋଜନ କରାଯାଇଥିଲା, ଯାହା ମାଧ୍ୟମରେ ଲୋକମାନଙ୍କୁ ଅଙ୍ଗଦାନର ଗୁରୁତ୍ୱ ବିଷୟରେ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜେସିଆଇର ବରିଷ୍ଠ ସଦସ୍ୟ ଭି. ଶ୍ରୀନିବାସ, ଦିନେଶ ବିଷ୍ଣାଲ, ପୁନିତ ମିଶ୍ର, ନିଶିଥ ଦାସ ବ୍ୟକ୍ତିବିଶେଷ ଉପସ୍ଥିତ ରହିଥିଲେ। ଶ୍ରୀ ସୁବୁଦ୍ଧି କହିଥିଲେ ଯେ, ଏହି ପ୍ରୟାସ ସାମାଜିକ ଦାୟିତ୍ୱର ପ୍ରତିଫଳନ। ଏହା ମାଧ୍ୟମରେ ଆମେ କନ୍ୟାଶିଶୁ ସଶକ୍ତିକରଣ ଓ ଅଙ୍ଗଦାନର ଗୁରୁତ୍ୱ ବିଷୟରେ ସାମାଜକ ସଚେତନ କରିହେବ। ଅନ୍ୟମାନଙ୍କ ମଧ୍ୟରେ ଜେସି ଗୌରୀ ସୁବୁଦ୍ଧି, ନିର୍ଦ୍ଦେଶକ ପ୍ରୀତିରାଜ ଶତପଥି ଓ ମୁଖ୍ୟ ଅଭିନେତ୍ରୀ ନୈନା ଦାଶ ଯୋଗ ଦେଇଥିଲେ।

## କଳ୍କୀ ସେବା ଆଶ୍ରମ ପକ୍ଷରୁ ପଣା ବଣ୍ଟନ



**ଭୁବନେଶ୍ୱର,୧୪।୪/ଏନ୍‌ଏନ୍‌ଏସ୍:** ପବିତ୍ର ମହାବିଷୁବ ପଣା ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଅବସରରେ ରାଜଧାନୀ ଭୁବନେଶ୍ୱରସ୍ଥିତ ଖଣ୍ଡଗିରି ତପବନ ଉତ୍ତର ଦ୍ୱାର ନିକଟରେ ଥିବା କଳ୍କୀ ସେବା ଆଶ୍ରମ ପକ୍ଷରୁ ଏକ ପଣା ବଣ୍ଟନ କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଯାଇଛି। ଏହି ପବିତ୍ର ଦିବସରେ ଆଶ୍ରମ ପକ୍ଷରୁ ପଥଚାରୀ ଓ ଶ୍ରଦ୍ଧାଳୁମାନଙ୍କୁ ଶୀତଳ ପଣା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗୁରୁଜୀ ସୁବାସ ମାର୍ଥା, ସନାତନ ପ୍ରଧାନ ଏବଂ ଯୁବନେତା ସୁକାନ୍ତ ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୟ କୁମାର ସ୍ୱାଇଁ (ମୁନା ଭାଇ), ଗୋପବନ୍ଧୁ ଦୀକ୍ଷିତି, ରଘୁନାଥ ଗୌଡ଼, ଦୁଃଶାସନ ଚମ୍ପତି, କୈଳାସ ଭୁତିଆ, ଗୋପାଳ ଗୌଡ଼, ଅଜୟ ମହାରଣା, ଦିପୁ ସାହୁ, ଗୁରୁ ହରିହର ସାହୁ ଏବଂ ଦୀପକ ସାହୁଙ୍କ ସମେତ କଳ୍କୀ ସେବା ଆଶ୍ରମର ସମସ୍ତ ଭକ୍ତବୃନ୍ଦ ଉପସ୍ଥିତ ରହି ସେବା କାର୍ଯ୍ୟରେ ସହଯୋଗ କରିଥିଲେ।

## ନାଗରିକ ସୁରକ୍ଷା ମଞ୍ଚ ପକ୍ଷରୁ ରାଜ୍ୟସ୍ତରୀୟ ଓଡ଼ିଆ ନୂଆବର୍ଷ

**ଭୁବନେଶ୍ୱର,୧୪।୪/ଏନ୍‌ଏନ୍‌ଏସ୍:** ଓଡ଼ିଆ ନୂଆବର୍ଷରେ ଓଡ଼ିଆତ୍ୱ ଓ ଓଡ଼ିଆ ପ୍ରୀତିକୁ ବ୍ୟାପକ କରିବାକୁ ଅଭିଯାନ ଆରମ୍ଭ ହୋଇଛି। ଏହିକ୍ରମରେ ଓଡ଼ିଶା ନାଗରିକ ସୁରକ୍ଷା ମଞ୍ଚ ପକ୍ଷରୁ ରାଜ୍ୟସ୍ତରୀୟ ଓଡ଼ିଆ ନୂଆବର୍ଷ ଓ ପଣା ସଂକ୍ରାନ୍ତି ଉତ୍ସବ ପାଳିତ ହୋଇଛି। ନାଗରିକ ସୁରକ୍ଷା ମଞ୍ଚ ସଭାପତି କୃଷ୍ଣଚନ୍ଦ୍ର ପତିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ନିଶିକାନ୍ତ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷା, ସଂସ୍କୃତି, ପରମ୍ପରା ଓ ଓଡ଼ିଆତ୍ୱ ଜାଗ୍ରତ କରିବା ଉପରେ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ମଳୟ ମହାନ୍ତି, କଂଗ୍ରେସ ମୁଖପାତ୍ର ଦେବାଶିଷ ଭୂୟାଁ, ଜୟଶ୍ରୀ ପାତ୍ର, ବରିଷ୍ଠ ସାମ୍ବାଦିକ ସ୍ମରଜିତ ଆର୍ଯ୍ୟ, ସସ୍ମିତା କାମିଲା, ଶିକ୍ଷାବିତ୍ ପ୍ରିୟଶିଷ ମିଶ୍ର, ସୁରେନ୍ଦ୍ର ସାହୁ, ସାମ୍ବାଦିକା ନିରୁପମା ବେହେରା, ରତ୍ନାପଦ୍ମା ସାମଲ, ଶିକ୍ଷାବିତ୍ ଜଲିଲା ଖାଁ ଯୋଗଦେଇ ମତ ରଖିଥିଲେ। ଏହି ଅବସରରେ ଧୀରେନ୍ଦ୍ର ପତି, ଗାଡ଼କଣ ବରିଷ୍ଠ ନାଗରିକ କମିଟି ଉପଦେଷ୍ଟା ସୁର ପାତ୍ର, ସଭାପତି ଲକ୍ଷ୍ମୀଧର ସାହୁ, ଆଦିମାତା କଲୋନି ବରିଷ୍ଠ ନାଗରିକ କମିଟି ସଭାପତି ହରି ସାହୁ, ଯୁବନେତ୍ରୀ ନିରୁପମା ପାତ୍ର, ଭରତ ଲେଙ୍କା, ବୁବୁ ଚୌଧୁରୀ, ଗ୍ରିଡକୋ କଲୋନି ସଭାପତି ଅନନ୍ତ ଓଝା, ସାମ୍ବାଦିକ ବିଜୟ ଦାସ, ରାଜେଶ ମହାନ୍ତି, ବୁବୁନା ସାହୁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ନାଗରିକ ସୁରକ୍ଷା କମିଟିର ମୁଖ୍ୟ ଉପଦେଷ୍ଟା ବିଶ୍ୱଜିତ୍ ପଟ୍ଟନାୟକ, ଉପଦେଷ୍ଟା ଧରିତ୍ରୀ ଜେନା, ଅଶୋକ ନାୟକ, ଅନଦା ମର୍ଥନ, ଦୀପକ ଷେଣ୍ଡେ, ନେତ୍ରମଣି ସାହୁ ଓ ଘନଶ୍ୟାମ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସାରା ଭାରତରେ ୧୦ ଲକ୍ଷ 'ସାଇବର୍ ସଖୀ'ଙ୍କୁ ପ୍ରସ୍ତୁତ କରିବ ରିଲାଏନ୍ସ ଫାଉଣ୍ଡେସନ୍

**ନୂଆଦିଲ୍ଲୀ, ଭୁବନେଶ୍ୱର, ୧୪।୪/ ଏନ୍‌ଏନ୍‌ଏସ୍:** ଗ୍ରାମୀଣ ମହିଳାଙ୍କୁ ଡିଜିଟାଲ୍ ଦୁନିଆରେ ସୁରକ୍ଷିତ ତଥା ସଶକ୍ତ କରିବା ଉଦ୍ଦେଶ୍ୟରେ ରିଲାଏନ୍ସ ଫାଉଣ୍ଡେସନ ଇ-ସେଫହର କାର୍ଯ୍ୟକ୍ରମ ଆରମ୍ଭ କରିଛି। ଏହା ଏକ ସାଇବର ସୁରକ୍ଷା ସଚେତନତା ଏବଂ ପ୍ରଶିକ୍ଷଣ ପଦକ୍ଷେପ ଯାହା ଭାରତ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଥିବା ଏକ ସଂଗଠନ ସି-ଡାକ ସହ ମିଳିତ ଭାବରେ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମ ଆଗାମୀ ତିନି ବର୍ଷ ମଧ୍ୟରେ ଦେଶବ୍ୟାପୀ ୧୦ ଲକ୍ଷ ମହିଳାଙ୍କୁ 'ସାଇବର ସଖୀ' ଭାବରେ ତାଲିମ ଦେବାର ଲକ୍ଷ୍ୟ ରଖିଛି, ଯାହା ସେମାନଙ୍କୁ ନିରାପଦ ଏବଂ ଆତ୍ମବିଶ୍ୱାସର ସହିତ ଡିଜିଟାଲ୍ ସେବା ବ୍ୟବହାର କରିବାକୁ ସକ୍ଷମ କରିବ। ଏହି କାର୍ଯ୍ୟକ୍ରମ ମଧ୍ୟପ୍ରଦେଶ ଏବଂ ଓଡ଼ିଶାରୁ ଆରମ୍ଭ ହେବ, ଯାହା ପରେ ଏହାକୁ ପର୍ଯ୍ୟାୟକ୍ରମେ ସମଗ୍ର ଦେଶରେ ବିସ୍ତାର କରାଯିବ। 'ଇ-ସେଫହର' - ମହିଳାମାନଙ୍କୁ ସାଇବର ସୁରକ୍ଷା ବିଷୟରେ ସଚେତନ ଏବଂ ଦକ୍ଷ କରିବା ପାଇଁ ପ୍ରସ୍ତୁତ ଏକ କାର୍ଯ୍ୟକ୍ରମ ଯେଉଁଥିରେ ଗ୍ରାମାଞ୍ଚଳର ମହିଳାମାନଙ୍କୁ ଅନଲାଇନ୍ ସୁରକ୍ଷା, ଡିଜିଟାଲ୍ କାରବାର ଏବଂ ଇଣ୍ଟରନେଟର ସୁରକ୍ଷିତ ବ୍ୟବହାର ଉପରେ ତାଲିମ ଦିଆଯିବ। ଏହି ପଦକ୍ଷେପ ବିଶେଷ ଭାବରେ ଡିଜିଟାଲ୍ ପ୍ଲାଟଫର୍ମ ସହିତ ଲଗାତାର ଭାବରେ ଯୋଡ଼ି ହେଉଥିବା ମହିଳାମାନଙ୍କ ଉପରେ ଧ୍ୟାନ କେନ୍ଦ୍ରିତ କରିବ। ରିଲାଏନ୍ସ ଫାଉଣ୍ଡେସନ୍ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ଏବଂ ଏହାର ବ୍ୟାପକ ତୃଣମୂଳ ସ୍ତରର ନେଟୱାର୍କ ମାଧ୍ୟମରେ ଏହି କାର୍ଯ୍ୟକ୍ରମକୁ ଦେଶବ୍ୟାପୀ ପରିଚାଳନା କରିବ। ସେହିଭଳି ସି-ଡାକ ଆବଶ୍ୟକୀୟ ତାଲିମ ବିଷୟବସ୍ତୁ ଏବଂ ବୈଷୟିକ ସହାୟତା ପ୍ରଦାନ କରିବ। ଏହି ଅବସରରେ, ରିଲାଏନ୍ସ ଫାଉଣ୍ଡେସନର ନିର୍ଦ୍ଦେଶିକା ଇଶା ଅମ୍ବାନୀ କହିଛନ୍ତି, 'ଭାରତର ଗ୍ରାମାଞ୍ଚଳ ମହିଳାମାନେ ପୂର୍ବ ଅପେକ୍ଷା ଅଧିକ ଦ୍ରୁତ ଗତିରେ ଅନଲାଇନ୍ ହେଉଛନ୍ତି। ରିଲାଏନ୍ସ ଫାଉଣ୍ଡେସନ୍‌ର ଉଦ୍ଦେଶ୍ୟ କେବଳ ଡିଜିଟାଲ୍ ପ୍ରବେଶ ବୃଦ୍ଧି କରିବା ନୁହେଁ, ବରଂ ସେମାନଙ୍କୁ ସୁରକ୍ଷିତ ରହିବା ପାଇଁ ଆବଶ୍ୟକୀୟ ଜ୍ଞାନ ଏବଂ ଦକ୍ଷତା ସହିତ ସଜ୍ଜିତ କରିବା। 'ଇ-ସେଫହର' ମାଧ୍ୟମରେ, ଆମେ ମହିଳାମାନଙ୍କୁ ଆତ୍ମବିଶ୍ୱାସର ସହିତ ଡିଜିଟାଲ୍ ଦୁନିଆରେ କାର୍ଯ୍ୟ କରିବା ପାଇଁ ସଶକ୍ତ କରିବା ଲକ୍ଷ୍ୟ ରଖିଛୁ, ଯାହା ଦ୍ୱାରା ସେମାନଙ୍କର ଜୀବନ ଏବଂ ଜୀବିକା ସୁଦୃଢ଼ ହେବ।' ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରଣାଳୟର ସଚିବ ଏସ୍. କୃଷ୍ଣନ୍ କହିଛନ୍ତି, 'ଦେଶ ଭିତରେ ସାଇବର୍ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ଆମେ ଇ-ସେଫହର ଭଳି ପଦକ୍ଷେପ ମାଧ୍ୟମରେ ଦୂରଦୂରାନ୍ତ ତଥା ଗ୍ରାମାଞ୍ଚଳର ମହିଳାମାନଙ୍କ ସହିତ ଯୋଗାଯୋଗ କରୁଛୁ, ଯାହା ସେମାନଙ୍କୁ ଡିଜିଟାଲ୍ ଦୁନିଆରେ ସୁରକ୍ଷିତ ଏବଂ ସଶକ୍ତ କରିବାରେ ସକ୍ଷମ କରିଥାଏ। ଏହା ଏକ ମଡେଲ୍ ଯାହାକୁ ଭବିଷ୍ୟତରେ ଏକ ବୃହତ ସ୍ତରରେ ଗ୍ରହଣ କରାଯାଇପାରିବ ଏବଂ ସମ୍ପ୍ରସାରଣ କରାଯାଇପାରିବ।' ରିଲାଏନ୍ସ ଫାଉଣ୍ଡେସନ୍ ଅନୁଯାୟୀ ଏହି ପଦକ୍ଷେପ ମହିଳାମାନଙ୍କ ଡିଜିଟାଲ୍ ସଶକ୍ତିକରଣ ଦିଗରେ ଏହାର ବ୍ୟାପକ ପ୍ରୟାସର ଏକ ଅଂଶ, ଯାହା ଅଧୀନରେ ଡିଜିଟାଲ୍ ସାକ୍ଷରତା, ନିଯୁକ୍ତି, ସ୍ୱାସ୍ଥ୍ୟ ଏବଂ ଶିକ୍ଷା ଭଳି କ୍ଷେତ୍ରରେ କାର୍ଯ୍ୟ କରାଯାଉଛି।



## ଭକ୍ତ ଦାସିଆ ପୀଠରେ ମହାବୀର ଜୟନ୍ତୀ

**ଭୁବନେଶ୍ୱର,୧୪।୪/ଏନ୍‌ଏନ୍‌ଏସ୍:** ପୁରୀ ଜିଲ୍ଲା ପିପିଲି ବ୍ଲକ୍ ଅନ୍ତର୍ଗତ ଭକ୍ତ ଶିରୋମଣି ଦାସିଆଙ୍କ ଜନ୍ମ ଓ ସାଧନା ପୀଠ ବାଲିଗାଁଠାରେ ମହାବୀର ଜୟନ୍ତୀ ଉତ୍ସବ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ପାଳିତ ହୋଇଯାଇଛି। ପୀଠସ୍ଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାର୍ଶ୍ୱ ମନ୍ଦିରରେ ଭକ୍ତ ଦାସିଆ କମିଟି ଆନୁକୂଲ୍ୟରେ ଏହି ବିଶେଷ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ରଶ୍ମିରଞ୍ଜନ ଦାଶ ଓ ତାଙ୍କ ଧର୍ମପତ୍ନୀ ମମତା କୁମାରୀ ଦାଶ ହୋମ କର୍ମରେ କର୍ତ୍ତାକର୍ତ୍ତ୍ରୀ ଦାୟିତ୍ୱ ଗ୍ରହଣ କରିଥିଲେ । ଶ୍ରୀଜଗନ୍ନାଥ ମନ୍ଦିରର ମୁଖ୍ୟ ପୂଜକ ଲିଙ୍ଗରାଜ ପଣ୍ଡା ଏବଂ ସହାୟକ ପୂଜକ ପ୍ରସନ୍ନ କୁମାର ପଣ୍ଡା ବୈଦିକ ରୀତିନୀତି ଅନୁସାରେ ସମସ୍ତ ଦେବାନୀତି ଓ ମହାବୀରଙ୍କ ମନ୍ଦିରରେ ହୋମକର୍ମ ସମାପନ କରିଥିଲେ। କବିନ୍ଦ୍ର କୁମାର ବେହେରା, ସଦାଶିବ ସ୍ୱାଇଁ, ଆଇନଜୀବୀ ରଶ୍ମିରଞ୍ଜନ ଦାଶ ଓ ଅନ୍ୟ ସଦସ୍ୟଙ୍କ ଦ୍ୱାରା ୧୦୮ ହନୁମାନ ଚାଳିଶା ପାଠ କରାଯାଇଥିଲା। ଲକ୍ଷ୍ମୀଧର ଲେଙ୍କା, ଗିରିଧାରି ପଲାଇ ଏବଂ ପ୍ରଫୁଲ୍ଲ ବିଶ୍ୱାଳଙ୍କ ନେତୃତ୍ୱରେ ଭକ୍ତ ଦାସିଆ ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ଭକ୍ତିପୂତ ନାମ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ପ୍ରତାପ ଚନ୍ଦ୍ର ସିଂହ, ବରିଷ୍ଠ ସଙ୍ଗୀତଜ୍ଞ ଅଜୟ ଦାସ, ଆନ୍ତର୍ଜାତିକ ବଂଶୀବାଦକ ପର୍ଶୁରାମ ଦାସ, ଡଃ ବାସନ୍ତୀ ଦାସ, କୃଷ୍ଣଚନ୍ଦ୍ର ଲେଙ୍କା, ହରିହର ଦାସ, ଚରଣ ପରିଡ଼ା, ଅର୍ଜୁନ ମାଝୀ, ରମେଶ ଚନ୍ଦ୍ର ପ୍ରଧାନ, ଅକ୍ଷୟ ବେହେରା ଓ ସାଗର ବଳ ପ୍ରମୁଖ ଯୋଗ ଦେଇଥିଲେ। ସାଧାରଣ ସମ୍ପାଦକ ଡକ୍ଟର ଘନଶ୍ୟାମ ସ୍ୱାଇଁ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ନିତିଦିନ NITIDIN

## ସମାଜସେବୀଙ୍କ ବିୟୋଗରେ ଶୋକ

**ନୟାହାଟ,୧୪।୪/ଏନ୍ଏନ୍ଏସ୍:** ନୟାହାଟ ଫାଣ୍ଡି ଅନ୍ତର୍ଗତ ଇସାଣପୁର ପଞ୍ଚାୟତ ଦେଶୁଣ୍ଡି ଗ୍ରାମର ସମାଜସେବୀ ବୁଦ୍ଧି ସାମଲ(୮୬)ଙ୍କ ବିୟୋଗରେ ପୂର୍ବତନ ସରପଞ୍ଚ ହରିଶ୍ଚନ୍ଦ୍ର ମହାନ୍ତି ଶୋକପ୍ରକାଶ କରିଛନ୍ତି। ସେ ଜଣେ ଦୟାଳୁ ଓ ପରୋପକାରୀ ଲୋକ ଥିଲେ। ତାଙ୍କ ମୃତ୍ୟୁରେ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



# ନିଜିଗଡ଼ ବ୍ରାହ୍ମଣସମାଜର ବାର୍ଷିକ ଅଧିବେଶନ



**ଆଠଗଡ଼,୧୪।୪/ଏନ୍ଏନ୍ଏସ୍:** ଆଠଗଡ ସହରସ୍ଥିତ ନିଜିଗଡ ବ୍ରାହ୍ମଣ ସମାଜର ବାର୍ଷିକ ଅଧିବେଶନ ସ୍ଥାନୀୟ ଭାଗିରଥୀ ସାଗର ନିକଟ ଶ୍ରୀନାଥଶ୍ୱର ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ପ୍ରାଣକୃଷ୍ଣ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବ୍ରାହ୍ମଣ ମାନଙ୍କ ପ୍ରତି ବିଭିନ୍ନ କ୍ଷେତ୍ରରେ ହେଉ ଅନ୍ୟାୟ ଉପରେ ଆଲୋଚନା ହୋଇ ତାହାର ମୁକାବିଲା ପାଇଁ ଅଦାଲତର ଆଶ୍ରୟ ନେବାକୁ ପ୍ରସ୍ତାବ ପାରିତ ହୋଇଥିଲା। ଗତବର୍ଷର ଆୟବ୍ୟୟ ଉପସ୍ଥାପନ କରିଥିଲେ ସମ୍ପାଦକ ମନୋରଞ୍ଜନ ମହାପାତ୍ର। ସମସ୍ତ ବ୍ରାହ୍ମଣମାନଙ୍କୁ ଏକତ୍ର ହୋଇ ରହିବାକୁ ଆଇନଜୀବୀ ଶ୍ରୀନାଥ ରଥ ଉପଦେଶ ଦେବା ସହିତ ବିଭିନ୍ନ ପରିସ୍ଥିତିର ସାମନା କରିବାକୁ କହିଥିଲେ। ପରେ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା ଏବଂ ପୂର୍ବରୁ ଥିବା ସଭାପତି ବରିଷ୍ଠ ଆଇନଜୀବୀ ପ୍ରାଣକୃଷ୍ଣ ଦାଶ ପୁଣି ଥରେ ଉକ୍ତ ପଦରେ କାର୍ଯ୍ୟ କରିବାକୁ ନିର୍ବାଚିତ ହୋଇଥିଲେ। ସେହିପରି ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ମହାପାତ୍ର ସମ୍ପାଦକ ପଦ ପାଇଁ ନିର୍ବାଚିତ ହୋଇଥିଲେ। ସମସ୍ତ ସଭ୍ୟ ଅଧିକରୁ ଅଧିକ ଯୁବ ବ୍ରାହ୍ମଣମାନଙ୍କୁ ଯୋଗଦେବାକୁ ପ୍ରସ୍ତାବ ପାରିତ କରିଥିଲେ। ବରିଷ୍ଠ ନାଗରିକ ସଂଘ ସଭାପତି ଶ୍ରୀଧର ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଟଳସେନା ପକ୍ଷରୁ ଓଡ଼ିଆ ନବବର୍ଷ

**ସାଲେପୁର,୧୪।୪/ଏନ୍ଏନ୍ଏସ୍:** ଅଟଳସେନା, ଓଡ଼ିଶା ତରଫରୁ ମହାବିଷୁବ ସଂକ୍ରାନ୍ତି, ହନୁମାନ ଜୟନ୍ତୀ, ଓଡ଼ିଆ ନବବର୍ଷ ଓ ଆମ୍ବେଦକର ଜୟନ୍ତୀ ସାଲେପୁର ନିକଟସ୍ଥ ପିକୋଳ ଗ୍ରାମର ଜଗନ୍ନାଥ ଗୋପୀନାଥ ଟ୍ରଷ୍ଟ ସଭାଗୃହରେ ଅଟଳସେନା ରାଜ୍ୟ ସଭାପତି ଦିବାକର ପ୍ରଧାନଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ବୌଦ୍ଧିକ ଆସରରେ 'ସାମାଜିକ ସମରସତା ଆଜିର ଆବଶ୍ୟକତା' ଶୀର୍ଷକ ଆଲୋଚନା ଚକ୍ରକୁ ମୁଖ୍ୟ ଅତିଥି ରାଷ୍ଟ୍ରୀୟ ସ୍ୱୟଂସେବକ ସଙ୍ଘ କଟକ ବିଭାଗର ସଙ୍ଘ ଚାଳକ ଡ଼. ଗୌତମ ମୁହାରଣା ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରି ଆଜିର ଏହି ମହାନ ଦିବସ ପାଳନ ର ବୈଶିଷ୍ଟ୍ୟତା ସମ୍ପର୍କୀୟ ଏକ ସ୍ୱରଚିତ କବିତା ପାଠ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ସୁକାନ୍ତ କିଶୋର ମହାନ୍ତି ସାମାଜିକ ଏକତା ଆଜିର ସମାଜ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ବିପିନବିହାରୀ କର ହନୁମାନଙ୍କ ଜନ୍ମବୃତ୍ତାନ୍ତ ଓ ଡ଼. ଆମ୍ବେଦକରଙ୍କ ସମ୍ବିଧାନ ପ୍ରଣୟନରେ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ଅଟଳସେନା ଚିନ୍ତନ ପରିଷଦର ଉପାଧ୍ୟକ୍ଷ ଡ଼. ପ୍ରଭାତ କିଶୋର ନାୟକ ସଂଯୋଜନା କରିଥିବା ବେଳେ ଆଲୋଚନାଚକ୍ରରେ ସାଲେପୁର ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ଼. ଉମେଶଚନ୍ଦ୍ର ପତି, ଶିକ୍ଷାବିତ ଅଶୋକ କୁମାର ସ୍ୱାଇଁ, ସଂଗଠକ ନିର୍ମଳେନ୍ଦୁ ଦାସ, ମାନସ କୁମାର ଦାସ ପ୍ରମୁଖ ଭାଗ ନେଇଥିବାବେଳେ ହରେକୃଷ୍ଣ ସାମଲ, ହରିହର ବେହେରା, ବିଜୟିନୀ ନାୟକ, ବିନତି ପ୍ରଧାନ, ସନ୍ତୋଷ ସାମଲ ସମେତ ଅଟଳସେନାର ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। କୃଷିବିତ୍ ସାରଦା ପ୍ରସାଦ ରଥ ଅତିଥି ପରିଚୟ ଦେବା ସହିତ ସ୍ୱାଗତ ଭାଷଣ ଦେଇଥିଲେ। ପରିଶେଷରେ ସେନାର ସାଧାରଣ ସମ୍ପାଦକ ମହେଶ୍ୱ ଚନ୍ଦ୍ର କର ଧନ୍ୟବାଦ ଅର୍ପଣ କରିଥିଲେ।

## ବରିଷ୍ଠ ନାଗରିକ ଜନକଲ୍ୟାଣ ମଞ୍ଚ ପକ୍ଷରୁ ବିଷୁବ ମିଳନ



**ମାହାଙ୍ଗା,୧୪।୪/ଏନ୍ଏନ୍ଏସ୍:** ମାହାଙ୍ଗା ବ୍ଲକ ଅନ୍ତର୍ଗତ ନୁର୍ତାଙ୍ଗସ୍ଥିତ ପ୍ରଭୁ ଗୋବର୍ଦ୍ଧନେଶ୍ୱର ପୀଠ ପରିସରରେ ବରିଷ୍ଠ ବରିଷ୍ଠ ନାଗରିକ ଜନ କଲ୍ୟାଣ ମଞ୍ଚ ନୁର୍ତାଙ୍ଗ ପକ୍ଷରୁ ବିଷୁବ ମିଳନ ଓ ଓଡିଆ ନୂଆ ବର୍ଷ ମହାସମାରୋହରେ ପାଳିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ସୂର୍ଯ୍ୟମଣି ସାମଲ ଉଦ୍ଘାଟକ ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। କାର୍ଯ୍ୟକାରୀ ସଭାପତି ବିଷ୍ଣୁଚରଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥିଭାବେ ଜେ.ଏନ କଲେଜ ପ୍ରାକ୍ତନ ଅଧ୍ୟକ୍ଷ ଡଃ ପ୍ରତାପ କୁମାର ଚୌଧୁରୀ ଯୋଗଦେଇ ଅନୁଷ୍ଠାନର ଏଭଳି କାର୍ଯ୍ୟକୁ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତାଭାବେ ପ୍ରାଧ୍ୟାପକ ଅଜୟ ଚନ୍ଦ୍ର ସାହୁ, ବିଶିଷ୍ଟ ଅତିଥିଭାବେ ଶିକ୍ଷାବିତ୍ ଶିବ ପ୍ରସାଦ ଦାଶ, ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ଶିକ୍ଷକ ରଙ୍ଗାଧର ନାୟକ, ପ୍ରାକ୍ତନ ପ୍ରଧାନଶିକ୍ଷକ ରମାକାନ୍ତ ବରାଳ, ସମାଜସେବୀ ଶ୍ୟାମସୁନ୍ଦର ସ୍ୱାଇଁ ପ୍ରମୁଖ ଯୋଗଦେଇ ପଣା ସଂକ୍ରାନ୍ତି ଓ ଓଡିଆ ନୂଆ ବର୍ଷ ଉପରେ ଆଲୋଚନା କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ସଂପାଦକ ମାଧବ ଚନ୍ଦ୍ର ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ ସହସଂପାଦକ ଜଳଧର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

## ବଡ଼ଝରିଲୋରେ ଝାମୁଯାତ୍ରା ଓ ହନୁମାନ ଜୟନ୍ତୀ ଉତ୍ସବ



**ଫୁଲନଖରା,୧୪।୪/ଏନ୍ଏନ୍ଏସ୍:** ସଦର ଥାନା ଅନ୍ତର୍ଗତ ବଡ଼ଝରିଲୋରେ ହନୁମାନ ଜୟନ୍ତୀ ପାଳିତ ହୋଇଛି। ଏହି ଉପଲକ୍ଷେ ମନ୍ଦିରରେ ହନୁମାନ ଚାଳିଶା ଓ ଶ୍ରୀରାମ ଚରିତ ମାନସ ପାରାୟଣ ହୋଇଥିଲା; ପ୍ରସାଦ ସେବନରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଗଙ୍ଗେଶ୍ୱର, ଦୁଦୁରାବସ୍ତ, ରାୟପୁର ଓ ଶ୍ରୀକୋରୁଆଁ ଆଦି ଅଞ୍ଚଳରେ ଥିବା ହନୁମାନ ମନ୍ଦିରରେ ସ୍ୱତନ୍ତ୍ର ପୂଜାପାଠ ଆୟୋଜନ ହୋଇଥିଲା। ଅନ୍ୟପକ୍ଷରେ ବଡ଼ଝରିଲୋ ଗ୍ରାମରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଥିଲା। କାଳିଶୀ କବିରାମ ଭୋଇଙ୍କ ନେତୃତ୍ୱରେ ବ୍ରତଧାରୀମାନେ ନିଆଁରେ ଚାଲିଥିଲେ। ଖଣ୍ଡାଗର, ସୁଭଦ୍ରାପୁର ଓ ନଛିପୁର ଅଞ୍ଚଳରେ ଥିବା ମଙ୍ଗଳା ମନ୍ଦିର ଓ ଶକ୍ତିପୀଠରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହାକୁ ଦେଖିବାକୁ ସମ୍ପୃକ୍ତ ପୀଠରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

## ହନୁମାନ ଜନ୍ମ ମହୋତ୍ସବ ଓ ଗୀତାପାଠ

**ମାହାଙ୍ଗା,୧୪।୪/ଏନ୍ଏନ୍ଏସ୍:** ପବିତ୍ର ପଣା ସଂକ୍ରାନ୍ତି ଅବସରରେ ମାହାଙ୍ଗା ବ୍ଲକ ନୁର୍ତାଙ୍ଗସ୍ଥିତ ପୁରାଣ ପ୍ରସିଦ୍ଧ ଅଜାଣ ମଠରେ ପ୍ରଭୁ ହନୁମାନଙ୍କ ଜନ୍ମ ମହୋତ୍ସବ ଓ ଗୀତାପାଠ ମହାଆଡମ୍ବରରେ ପାଳିତ ହୋଇଯାଇଛି। ଏଥିରେ କର୍ତ୍ତା ଭାବେ ନିମାଇଁ ଚରଣ ଲେଙ୍କା ପୂଜା କାର୍ଯ୍ୟରେ ବସିଥିବାବେଳେ ବରିଷ୍ଠ ପଣ୍ଡିତ ପ୍ରଦୀପ୍ତ କୁମାର ଦାଶଙ୍କ ଦ୍ୱାରା ପୂଜା କାର୍ଯ୍ୟ ସଂପାଦନ କରାଯାଇଥିଲା। ଭାସ୍କର ଲେଙ୍କାଙ୍କ ତତ୍ତ୍ୱାବଧାନରେ ସନ୍ତୋଷ କୁମାର ମଲିକ,ଅମୂଲ୍ୟ କୁମାର ଦାସ, ବିଜୟ କୁମାର ରାଉତ, ଅଜୟ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇ ଗୀତାପାଠ, ହନୁମାନ ଚାଳିଶା, ସୁନ୍ଦରକାଣ୍ଡ ଆଦି କାର୍ଯ୍ୟକ୍ରମ କରିଥିବା ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମରେ କମିଟି ସଦସ୍ୟଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ ଉପସ୍ଥିତ ରହି ସହଯୋଗ କରିଥିଲେ। ସେହିପରି ବରିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର କୁମାର ସାହୁ, ପ୍ରାକ୍ତନ ଆୟକର ଆୟୁକ୍ତ ଶୋଭନ କରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ପ୍ରଭୁ କୃପା ଲାଭ କରିଥିଲେ।

## ମଙ୍ଗଳା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ଓ କବିତା ପାଠୋତ୍ସବ



**ଅସ୍ତରଙ୍ଗ,୧୪।୪/ଏନ୍ଏନ୍ଏସ୍:** ପବିତ୍ର ମହା ବିଶୁବ ପଣା ସଂକ୍ରାନ୍ତି, ହନୁମାନ ଜୟନ୍ତୀ ଓ ଓଡ଼ିଆ ନବବର୍ଷ ଉପଲକ୍ଷେ କାକଟପୁର ମଙ୍ଗଳା ସାହିତ୍ୟ ସଂସଦ ର ବାର୍ଷିକ ଉତ୍ସବ ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ସହିତ କବିତା ପାଠଚକ୍ର ଓ ସାହିତ୍ୟର ସାରସ୍ୱତ ଆଲୋଚନା କଲେଜ ଛକ ଦୀପ୍ତି କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି।

କବି, କବୟିତ୍ରୀ ଓ ସାହିତ୍ୟ ପ୍ରେମୀମାନେ ଯୋଗଦେଇ ଥିଲେ। ଭାଷ୍ୟକାର ତ୍ରିଲୋଚନ ବିଶ୍ୱାଳଙ୍କ ଅଧ୍ୟକ୍ଷତା ରେ ମୁଖ୍ୟ ଅତିଥି ଭାବେ କାକଟପୁର ବ୍ଲକ ବିଡ଼ିଓ ନାରାୟଣ ଦୀକ୍ଷିତ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ, ପ୍ରଶାସକ ତଥା ସଂସଦ ର ସଭାପତି ପ୍ରଭାତ କୁମାର ତରାଇ, ବ୍ୟଙ୍ଗ କବି ସମ୍ପଦ କୁମାର ରଥ, କବି ଡ଼ଃ ହୃଦାନନ୍ଦ ସାସମଲ, ଧୁଶାସନ ନାୟକ, ପରିବେଶ ବିତ ଶୋଭାକର ବେହେରା, ସାଧୁ ଚରଣ ବିଶ୍ୱାଳ, ମଦର ଧର ମହାନ୍ତି, ବିଚିତ୍ରାନନ୍ଦ ପାତ୍ର, ଗୁରୁପ୍ରସାଦ ମହାନ୍ତି, ସୁରେଶ ସ୍ୱାଇଁ ପ୍ରମୁଖ ଯୋଗଦେଇ ଥିଲେ। ମୁଖ୍ୟବକ୍ତା ମଙ୍ଗଳା ମହାବିଦ୍ୟାଳୟର ଅଧାପକ ଡ଼ଃ ସଂଗ୍ରାମ ଛାଟୋଇ ଯୋଗଦେଇଥିଲେ।

## ଜୟ ଶ୍ରୀରାମ ଧ୍ୱନୀରେ କମ୍ପିଲା ସହର



**ବାଲୁଗାଁ,୧୪।୪/ଏନ୍ଏନ୍ଏସ୍:** ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଓ ହନୁମାନ ଜୟନ୍ତୀ ଉପଲକ୍ଷେ ମଙ୍ଗଳବାର ବଜରଙ୍ଗ ଦଳ ଚିଲିକା ପ୍ରଖଣ୍ଡ ତରଫରୁ ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନରେ ଏହି ଶୋଭାଯାତ୍ରା ଐତିହାସିକ ମାମୁଁ ଭଣଜା ପାହାଡ଼ ସ୍ଥିତ ହନୁମାନ ମନ୍ଦିରରୁ ବାହାରି ବାଲୁଗାଁ ନଗର ପରିକ୍ରମା କରିଥିଲା। ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ଶୋଭାଯାତ୍ରାରେ ସାମିଲ ହୋଇ ବଜରଙ୍ଗଦଳ କର୍ମୀଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଜୟ ଶ୍ରୀରାମ ଓ ଜୟ ବଜରଙ୍ଗବାଲୀଙ୍କ ଧ୍ୱନିରେ ବାଲୁଗାଁ ସହର ପ୍ରକମ୍ପିତ ହୋଇଉଠିଥିଲା। ପ୍ରଭୁ ଶ୍ରୀରାମ ଓ ହନୁମାନଙ୍କ ପ୍ରତିମୂର୍ତ୍ତିକୁ ସୁସଜ୍ଜିତ ରଥରେ ବିରାଜମାନ କରାଯାଇଥିଲା। ଅନୁରୂପ ଭାବେ ଏହି ଶୋଭାଯାତ୍ରା ବାଣପୁର ନଗର ପରିକ୍ରମା କରି ଐତିହାସିକ ପଲଟଣ ପଡିଆରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ ବଜରଙ୍ଗ ଦଳ କର୍ମୀ ସାମିଲ ହୋଇଥିଲେ। ବାଲୁଗାଁ ଆଇଆଇସି ଜୟ ପ୍ରକାଶ ପରିଡା ଏବଂ ବାଣପୁର ଆଇଆଇସି ରମେଶ କୁମାର ଦେବତାଙ୍କ ତତ୍ତ୍ୱାବଧାନରେ ବ୍ୟାପକ ପୋଲିସ ଫୋର୍ସ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

## ପିଏମଶ୍ରୀ ନାରାୟଣ ଉଚ୍ଚବିଦ୍ୟାଳୟରେ ବାର୍ଷିକ ଉତ୍ସବ



**ଶରଣକୁଳ,୧୪।୪/ଏନ୍ଏନ୍ଏସ୍:** ଶରଣକୁଳ ପିଏମଶ୍ରୀ ନାରାୟଣ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ-୨୦୨୫-୨୬ ବିଦ୍ୟାଳୟ ପରିସରରେ ସୋମବାର ମହା ସମାରୋହରେ ପାଳିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମାନସ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ଜିଲ୍ଲାପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉତ୍ସବକୁ ଅନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଶରଣକୁଳ ଜୋନ୍ର ଜିଲ୍ଲାପରିଷଦ ସଭ୍ୟା ଚିନ୍ମୟୀ ଦାଶ, ସମ୍ମାନିତ ଅତିଥି ରୂପେ ପଞ୍ଚସଖା ସେତୁ ସଂଗଠନ ସଭାପତି ବିକ୍ରମ କୁମାର ଦାଶ, ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ଅନିଲ କୁମାର ଦାଶ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରଶ୍ମିରଂଜନ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ କ୍ରୀଡା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଦ୍ୱିତୀୟ ଅଧିବେଶନରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ରଶ୍ମିରଞ୍ଜନ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଓଡ଼ିଶା ବିଧାନସଭା ବାଚସ୍ପତି ତଥା ରଣପୁର ବିଧାୟିକା ସୁରମା ପାଢ଼ୀ ଯୋଗଦେଇ ଥିଲେ। ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ ମୁଖ୍ୟବକ୍ତା, ଓଡଗାଁ ବିଡିଓ ପ୍ରୀତିବାଳା ରଣା, ତହସିଲଦାର ମାନସ କୁମାର ଭୋଇ, ଶରଣକୁଳ ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ, ହରହରପୁର ସରପଞ୍ଚ ବିଳାସିନୀ ଦେଇ, ସ୍କୁଲ ସଭାପତି ମାନସ ନାୟକ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଦୁଇ ଅଧିବେଶନର ମଞ୍ଚକୁ ଶିକ୍ଷକ ପ୍ରଶାନ୍ତ କୁମାର ଦାଶ ଓ ଗୋଦାବରୀ ବସନ୍ତିଆ ସଂଯୋଜନା କରିଥିଲେ। ପରିଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ମହାବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଉତ୍ସବ

**କୋଣାର୍କ,୧୪।୪/ଏନ୍ଏନ୍ଏସ୍:** ମଙ୍ଗଳବାର ଅନ୍ତର୍ଜାତୀୟ ପର୍ଯ୍ୟଟନ କ୍ଷେତ୍ର କୋଣାର୍କ ସମେତ ଆଖପାଖ ଅଞ୍ଚଳରେ ପବିତ୍ର ମହାବିଷୁବ ସଂକ୍ରାନ୍ତି, ଉତ୍କଳୀୟ ଓଡ଼ିଆ ନବବର୍ଷ ଓ ହନୁମାନ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ସମେତ ଆଖପାଖ ଅଞ୍ଚଳରେ ପ୍ରତ୍ୟୁଷରୁ ହନୁମାନ ହନୁମାନ ମନ୍ଦିର ଠାରେ ମହାବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଅବସରରେ ଶ୍ରଦ୍ଧାଳୁମାନେ ନାମ ସଂକୀର୍ତ୍ତନ କରିବା ସହ ହନୁମାନଙ୍କ ପୂଜାର୍ଚ୍ଚନା ସହିତ ଭଜନ କୀର୍ତ୍ତନ କରିଥିଲେ। ଅନୁରୂପ ଭାବେ କୋଣାର୍କ ଥାନା ଛକ ପଛପଟ ମଙ୍ଗୁଳେଶ୍ୱର ମହାଦେବ ମନ୍ଦିର ଓ ନିକଟରେ ଥିବା ଖରାଖୁଆ ମହାବୀର, କମଳବାବା ମଠ ହନୁମାନ



ମନ୍ଦିର ଓ ଶ୍ରୀରାମ ମନ୍ଦିର ଠାରେ ଭକ୍ତମାନଙ୍କ ଦ୍ୱାରା ୧୦୮ ହନୁମାନ ଚାଳିଶା ପାଠ ସହିତ ପୂଜାର୍ଚ୍ଚନା ଓ ପଣା ଭୋଗ ଲାଗି ଉତ୍ସବ ମୁଖର ହୋଇପଡିଛି। ଏହି ଅବସରରେ ଓଡିଆ ନବବର୍ଷକୁ ମଧ୍ୟ କୋଣାର୍କ ତଥା ଆଖପାଖ ଅଞ୍ଚଳରେ ଜନସାଧାରଣ ପାଳନ କରୁଥିବା ଦେଖିବାକୁ ମିଳିଛି। ଓଡ଼ିଆ ନବ ବର୍ଷ ପରିପ୍ରେକ୍ଷୀରେ କୋଣାର୍କ ନିକଟସ୍ଥ ମାଟିଆପଡ଼ା ଠାରେ ଥିବା ମନ୍ଦିର, ଚନ୍ଦ୍ରଭାଗା ସ୍ଥିତ ଦରିଆ ମହାବୀର, ରାଉଳପଟଣା ହନୁମାନ ମନ୍ଦିର, ଖାଲକଟାପାଟଣା ସ୍ଥିତ ପଞ୍ଚମୁଖୀ ହନୁମାନ ମନ୍ଦିର, ବାଲିଦୋକାନ ଗୁହାଳପୁର ଗ୍ରାମର ହନୁମାନ ମନ୍ଦିର ସମେତ କୋଣାର୍କ କରମଙ୍ଗା ଶ୍ରୀରାମ ମନ୍ଦିର ଏବଂ ବିଭିନ୍ନ ଶୈବପୀଠ ମାନଙ୍କରେ ଶ୍ରଦ୍ଧାଳୁମାନେ ନାମ ସଂକୀର୍ତ୍ତନ କରିବା ସହ ହନୁମାନଙ୍କ ପୂଜାର୍ଚ୍ଚନା କରିଥିବା ଜଣାପଡ଼ିଛି।

## ପ୍ରେସ୍ କ୍ଲବ୍ ତରଫରୁ ପଣା ବଣ୍ଟନ



**ଚାରିଛକ,୧୪।୪/ଏନ୍ଏନ୍ଏସ୍:** ଚାରିଛକ ପ୍ରେସ କ୍ଲବ୍ ତରଫରୁ ଓଡ଼ିଆ ନବବର୍ଷ ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ଚାରିଛକ ପ୍ରେସ କ୍ଲବ୍ ନିକଟରେ ପଣା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରେସ କ୍ଲବ୍ ସଭାପତି ପ୍ରଫୁଲ୍ଲ କୁମାର କରଙ୍କ ଦ୍ୱାରା ଆୟୋଜିତ ପଣା ବଣ୍ଟନ ଉତ୍ସବରେ ଉପସଭାପତି ବସନ୍ତ କୁମାର ଦାସ, ସମ୍ପାଦକ ଡକ୍ଟର କେଦାରନାଥ ସାହୁ, ସଂଗଠନ ସମ୍ପାଦକ ବିଜୟ କୁମାର ବେହେରା, ପ୍ରଫୁଲ୍ଲ କୁମାର ସାହୁ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ରାଜେଶ କୁମାର ଲେଙ୍କା, ଦେବାଶିଷ ନାୟକ, ଶଶିକାନ୍ତ ତ୍ରିପାଠୀ, ବସନ୍ତ କୁମାର ମଲ୍ଲ, ପ୍ରଶାନ୍ତ କୁମାର ସାହୁ, ଉପଦେଷ୍ଟା କାହ୍ନୁ ଚରଣ ବେହେରା, ଅଧିନ କୁମାର ପାତ୍ର, କୃଷ୍ଣ ଚନ୍ଦ୍ର ରାଉତ, ସନାତନ ପାତ୍ର, ଚକ୍ରଧର ସା, ମାନସ କୁମାର ସାହୁ, ଶିକ୍ଷାବିତ୍ ନିରୋଦ ବରଣ ଖୁଣ୍ଟିଆ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ। ରାସ୍ତାରେ ଯାଉଥିବା ଯାତ୍ରୀମାନେ ପଣା ପିଇ ତୃଷ୍ଣା ମେଣ୍ଟାଇବା ସହିତ ଚାରିଛକ୍ ପ୍ରେସ କ୍ଲବର ଉତ୍ତୋରତ୍ତର କାମନା କରିଥିଲେ।

## ଆଦିବାସୀ ବହୁଜନ ମଞ୍ଚ ପକ୍ଷରୁ ଆମ୍ବେଦକର ଜୟନ୍ତୀ



**ଆଠଗଡ଼,୧୪।୪/ଏନ୍ଏନ୍ଏସ୍:** ସମାଜରେ ବାବାସାହେବଙ୍କ ପ୍ରଣିତ ସମ୍ବିଧାନ ଯୋଗୁଁ ସାମାଜିକ ନ୍ୟାୟ ସମାନତା ଦେଖାଯାଇ ଭାରତୀୟ ସମାଜ ସମୃଦ୍ଧ ହୋଇଛି ବୋଲି ଆଜି ଆଠଗଡ-ତିଗିରିଆ ଦଳିତ ଆଦିବାସୀ ବହୁଜନ ମଞ୍ଚ ଆନୁକୂଲ୍ୟରେ ସମ୍ବିଧାନ ପ୍ରଣେତା ଭାରତରତ୍ନ ବି.ଆର୍.ଆମ୍ବେଦକରଙ୍କ ୧୩୫ତମ ଜନ୍ମଜୟନ୍ତୀ ପାଳନ ଅବସରରେ ସ୍ଥାନୀୟ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପ୍ରକାଶ କରିଛନ୍ତି। ମଞ୍ଚର ସଭାପତି ତଥା ଏନ୍ଏସି ପୂର୍ବତନ ନଗରପାଳ ରମେଶ ଚନ୍ଦ୍ର ଘଡ଼େଇଙ୍କ ସଭାପତିତ୍ୱରେ ସ୍ଥାନୀୟ ମିନି ଷ୍ଟାଡିୟମ ଠାରେ ଅନୁଷ୍ଠିତ ସଭାରେ ବିଧାୟକ ଶ୍ରୀଯୁକ୍ତ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିବାବେଳେ ବିଶିଷ୍ଟ ଆମ୍ବେଦକରବାଦୀ ଅଭିରାମ ମଲ୍ଲିକ, ଶିକ୍ଷାବିତ ତଥା ବିଶିଷ୍ଟ ସମାଜସେବୀ ସତ୍ୟବ୍ରତ ବାରିକ, ସମାଜସେବୀ ଉତ୍କଳ ଭାରତୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପୂର୍ବାହ୍ନ ୧୧ଘଟିକା ସମୟରେ ଆଠଗଡ ସହର ଉପକଣ୍ଠ ସାପୁଆ ନଦୀ କୂଳରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା ଏବଂ ସଭାରେ ଆମ୍ବେଦରଙ୍କ ଜୀବନୀ ଓ ଦର୍ଶନ ସମ୍ବନ୍ଧରେ ଏକ ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ଏନ୍ଏସି ବିଜେଡି ସଭାପତି ଶିଶିର ପ୍ରସାଦ ମାନସିଂହ ସଭା ପରିଚାଳନା କରିଥିଲେ। ଛାତ୍ରନେତା ଖଲ୍ଲିଦ ମହମ୍ମଦ ସ୍ୱାଗତ ଭାଷଣ ଦେଇଥିଲେ,ମଞ୍ଚର ସଂପାଦକ ରାଜେଶ କୁମାର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ମଞ୍ଚର ଉପ-ସଭାପତି କାଶୀନାଥ ପ୍ରଧାନଙ୍କ ସଂଯୋଜନାରେ ଅନ୍ୟମାନଙ୍କ ମଧ୍ୟରେ ଆଠଗଡ଼ ଏନ୍ଏସି ଅଧକ୍ଷା ସସ୍ମିତା ରାଉତ, ସଂଖ୍ୟା ଲଘୁ ସମ୍ପ୍ରଦାୟର ନେତ୍ରୀ ମିତାଲି ରାଉତ, ସୁନୀଲ ପରିଡ଼ା ଜିଲ୍ଲା ପରିଷଦ ସଭ୍ୟା ମିନତୀ ଗାଗରାଇ, ଶାନ୍ତିଲତା ବେହେରା, ବାସନ୍ତୀ ରାଉଳ ଜାନକୀଲତା ନାଏକ ବଳଭଦ୍ର ବାଘ, ବିଜେଡି ବ୍ଲକ ସଭାପତି ରବିନ୍ଦ୍ରନାଥ ରାଉତ, ଜିଲ୍ଲା ଉପ ସଭାପତି ନୃସିଂହ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

## ଆରିକମା ପଞ୍ଚାୟତରେ 'ପଲ୍ଲୀରେ ପ୍ରଶାସନ'



**ବୋଲଗଡ଼,୧୪।୪/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶ ଓ ଜିଲ୍ଲା ପଂଚାୟତ ଅଧିକାରୀ ଶ୍ୟାମଳେନ୍ଦୁ ନାୟକଙ୍କ ଉପସ୍ଥିତରେ ବୋଲଗଡ଼ ବ୍ଲକ ପ୍ରଶାସନ ପକ୍ଷରୁ ଆରିକମା ପଞ୍ଚାୟତରେ 'ପଲ୍ଲୀରେ ପ୍ରଶାସନ' ଭବାନୀପୁର ପୁରୁଣା ଉପ୍ରା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବୋଲଗଡ଼ ମଣ୍ଡଳ ଉନ୍ନୟନ ଅଧିକାରିଣୀ ସୁମନସୁଧା କୁଣ୍ଡୁ ଉପସ୍ଥିତ ରହି ଲୋକମାନଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ଶୁଣି ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୋଲଗଡ଼ ତହସିଲଦାର ବିଜୟ କୁମାର ସେଠୀ ପ୍ରମୁଖ ଯୋଗଦେଇଥିଲେ ଓ ବ୍ଲକର ସମସ୍ତ ବିଭାଗ ଅଧିକାରୀ, କର୍ମଚାରୀ ମାନେ ମିଳିତ ଭାବେ ଲୋକଙ୍କୁ ବିଭାଗୀୟ କାର୍ଯ୍ୟଧାରା, ଯୋଜନା କାର୍ଯ୍ୟ କାରିତା ସମ୍ପର୍କରେ ଅବଗତ କରାଇଥିଲେ। ସ୍ଥାନୀୟ ସରପଞ୍ଚ ପ୍ରମୋଦ କୁମାର ରାଉତରାୟ, ପଞ୍ଚାୟତ ନିର୍ବାହୀ ଅଧିକାରୀ ସମୀର କୁମାର ସାହୁ ଓ ନିରଞ୍ଜନ ବେହେରା ଏଡିଇଓ ପ୍ରମୁଖ ସହାୟତା କରିଥିଲେ। ଏହି ଅବସରରେ ମୋଟ ୬୩ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା ବେଳେ ତନ୍ମଧ୍ୟରୁ ୫୩ଗୋଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା। ବ୍ଲକ୍ ମୁଖ୍ୟ କିରାଣି ଆଲୋକ ଜେନାଙ୍କ ତତ୍ତ୍ୱାବଧାନରେ ସମସ୍ତ ବିଭାଗ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ନିତି ଭାରତୀ** | ଜଣେ ଉତ୍ତମ ସ୍ୱଭାବସମ୍ପନ୍ନ ବ୍ୟକ୍ତି ସବୁ ଜୀବନ୍ତ ପ୍ରାଣୀଙ୍କର ମିତ୍ର ହୋଇଥାନ୍ତି । - ମହାତ୍ମା ଗାନ୍ଧୀ

NITIDIN
ନିତିଦିନ
ବୁଧବାର, ୧୫ ଏପ୍ରିଲ ୨୦୨୬

# ମୃତ୍ୟୁ ଭୟରୁ ମୁକ୍ତି



ପବିତ୍ର ସୁବୁଦ୍ଧି

ମହାଭାରତରେ ଧର୍ମରାଜ ଯୁଧିଷ୍ଠିରଙ୍କୁ ଯକ୍ଷ ପଚାରିଲେ- ଏ ସଂସାରରେ ସବୁଠୁ ବଡ଼ ବିସ୍ମୟ କ'ଣ ? ଉତ୍ତରରେ ମହାମତି ଯୁଧିଷ୍ଠିର କହିଲେ- ସଂସାରରେ ପ୍ରତି ନିୟତ ପ୍ରାଣୀମାନେ ଯମଗୃହକୁ ଯାତ୍ରା କରୁଛନ୍ତି । ମାତ୍ର ଯେଉଁ ଅବଶିଷ୍ଟ ପ୍ରାଣୀମାନେ ଜୀବିତ ରହୁଛନ୍ତି, ସେମାନେ ସ୍ୱଚକ୍ଷୁରେ ମୃତ୍ୟୁର ଏହି ଅନିବାର୍ଯ୍ୟ ଦୃଶ୍ୟକୁ ଦେଖି ମଧ୍ୟ ଅମର ହେବାର ସ୍ୱପ୍ନ ଦେଖୁଛନ୍ତି । ଏହାଠାରୁ ବଳି ଅଧିକ ଆଶ୍ଚର୍ଯ୍ୟଜନକ ଘଟଣା ଆଉ କ'ଣ ଥାଇପାରେ ? ମହାଭାରତରେ ଯକ୍ଷ ଓ ଯୁଧିଷ୍ଠିରଙ୍କ ମଧ୍ୟରେ ଆଦାନପ୍ରଦାନ ହୋଇଥିବା ବହୁ ଯୁଗ ତଳର ଏହି ପ୍ରଶ୍ନୋତ୍ତରର ଗୁରୁତ୍ୱ ଏବେ ବି ଅମଳିନ । ଏକଥା ଧ୍ରୁବ ସତ୍ୟ ଯେ ମୃତ୍ୟୁ ଏକ ଅନିବାର୍ଯ୍ୟ ଅଭିଜ୍ଞତା । ଏହା ସତ୍ତ୍ୱେ ଏ ମଣିଷ ମୃତ୍ୟୁ ପ୍ରତି ଏତେ ପରାଙ୍ମୁଖ କାହିଁକି ? କାହିଁକି ମରଣ ସହିତ ମଣିଷର ଏ ଲୁଚକାଳି ଖେଳ ? ଏ ସଂସାରରେ ଯାହା କିଛି ସୃଷ୍ଟ, ତାହା ନିଶ୍ଚିତ ଭାବେ ହେବ ବିନଷ୍ଟ- ଏକଥା ଚନ୍ଦ୍ର ସୂର୍ଯ୍ୟ ଭଳି ସତ୍ୟ ଜାଣିଲା ପରେ ବି କାହିଁକି ମଣିଷ ମୃତ୍ୟୁ ଶଯ୍ୟାରେ ଗୁଣୁଗୁଣୁ ହୋଇ ଗାଉଥାଏ ମହାମୃତ୍ୟୁଞ୍ଜୟ ମନ୍ତ୍ର ?

ଏମିତି ଅନେକ ପ୍ରଶ୍ନ ମନରେ ଧରି ଜଣେ ବିଦଗ୍ଧ ପାଠକ ଏକଦା ଆଧୁନିକ ଓଡ଼ିଆ ସାହିତ୍ୟର ବିଷ୍ଣୁଶର୍ମା ଭାବେ ବିଦିତ ପଦ୍ମଶ୍ରୀ ମନୋଜ ଦାସଙ୍କୁ ପ୍ରଶ୍ନ କଲେ- ମହାଶୟ ! ମୃତ୍ୟୁ ଅନିବାର୍ଯ୍ୟ, ମଣିଷ ଏକଥା ମନେ ରଖିଲେ ଦୁଷ୍କର୍ମରୁ ବିରତ ହୁଅନ୍ତା । ସେ କାହିଁକି ତାହା ମନେ ରଖେନା ? ଏ ମୃତ୍ୟୁ ଭୟରୁ ମୁକ୍ତ ରହିବାର ଉପାୟ କ'ଣ ?

ଉତ୍ତରରେ ହସି ହସି ମନସ୍ୱୀ ମନୋଜ କହିଲେ- 'ମୃତ୍ୟୁ ଅନିବାର୍ଯ୍ୟ, ମଣିଷ ଏକଥା ମନେ ରଖିଲେ ଖାଲି ଯଦି ଦୁଷ୍କର୍ମରୁ ବିରତ ରହନ୍ତା, ତେବେ ମନ୍ଦ ହୁଅନ୍ତା ନାହିଁ । କିନ୍ତୁ ସେ କର୍ମରୁ ମଧ୍ୟ ବିରତ ରହିବାକୁ ସ୍ଥିର କରିପାରେ । ଅନିବାର୍ଯ୍ୟ ମୃତ୍ୟୁ ଯେ କୌଣସି ମୁହୂର୍ତ୍ତରେ ତାକୁ ଚିରସ୍ତବ୍ଧ କରି ଦେବ, ଏ ଚିନ୍ତା ତାକୁ ସତ୍‌କର୍ମ ପ୍ରତି ମଧ୍ୟ ଉଦାସୀନ କରି ଦେଇପାରେ ।' କିନ୍ତୁ କର୍ମ ହିଁ ଏ ଜୀବନର ପ୍ରମାଣ; ସୃଷ୍ଟି ବିଧାତାର କର୍ମବିଶେଷ । ସେଇଥିପାଇଁ ସମଗ୍ର ପୃଥିବୀ ଅବିରତ କର୍ମରତ ।

ଯିଏ ଆତ୍ମା-ସଚେତନ, ସିଏ ନିଜକୁ ଅମର ବୋଲି ଜାଣେ । ସେ ମୃତ୍ୟୁ-ସଚେତନ ମଧ୍ୟ । କିନ୍ତୁ ମୃତ୍ୟୁର ସଂଜ୍ଞା ତା' ପାଇଁ ଭିନ୍ନ । ନିୟତ ମୃତ୍ୟୁ ସଚେତନ ରହିଥିଲେ ମଧ୍ୟ ତା'ର କର୍ମ ଧାରାରେ କୌଣସି ବୈଷମ୍ୟ ବା ବ୍ୟତିକ୍ରମ ଦେଖା ଦିଏନା । କିନ୍ତୁ ଅଜ୍ଞାନ କ୍ଷେତ୍ରରେ ମୃତ୍ୟୁ-ସଚେତନତା ସାଧାରଣତଃ ଦୁଇ ବିଡ଼ମ୍ବନା ରୂପେ ଦେଖାଦିଏ; ଭୟ ଏବଂ ଉଦାସୀନତା ବା କର୍ମ ବୀତସ୍ପୃହତା । ଏହା ନିଶ୍ଚୟ କୌଣସି ମଣିଷର ଜୀବନଯାତ୍ରା ପାଇଁ ଶୁଭଙ୍କର ନୁହେଁ ।

ଏଥର ଜିଜ୍ଞାସୁ ପାଠକ ଜଣକ ପଚାରିଲେ- ଏଥିପାଇଁ ଉପାୟ କ'ଣ ? ମନୋଜ ଅଳ୍ପ ହସି କହିଲେ- ଏଥିପାଇଁ ପ୍ରକୃତି ଏମିତି କୌଶଳ କରିଛି, ଜଣେ ଅହରହ ନିଜ ଚତୁର୍ଦ୍ଦିଗରେ ମୃତ୍ୟୁର କରାମତିର ସାକ୍ଷୀ ହେବା ସତ୍ତ୍ୱେ ନିଜ ଅନିବାର୍ଯ୍ୟ ଅନ୍ତ ସଂପର୍କରେ ଚିନ୍ତା କରେ ନାହିଁ । ସେ ଭାବେ, ସତେ ଅବା ଏ ଅନ୍ତ ଏବେ ନୁହେଁ, ସୁଦୂର ଭବିଷ୍ୟତରେ କେବେ ଘଟିଲେ ଘଟିପାରେ । ମହାଭାରତରେ ସେ ଯକ୍ଷ ପ୍ରଶ୍ନର ଉତ୍ତର ଦେଇ ଯୁଧିଷ୍ଠିର ଏହାକୁ 'କିମାଶ୍ଚର୍ଯ୍ୟମତଃ ପର' ବୋଲି କହିବାର ହଜାର ହଜାର ବର୍ଷ ପରେ ମଧ୍ୟ ପୁରୁଷ ପୁରୁଷ ଧରି ଆମେ ଏହା ପଢ଼ିବା ଅଥବା ଶୁଣିବା ସତ୍ତ୍ୱେ ବ୍ୟାପାରଟି ଅଦ୍ୟାବଧି କିମାଶ୍ଚର୍ଯ୍ୟମ୍ ହୋଇ ରହିଛି ।

କିନ୍ତୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଏହା ଯେ ଯିଏ ଭାଗ୍ୟବାନ, ସିଏ ଏହି ଚେତାବନୀ ଦ୍ୱାରା ବେଳେବେଳେ ଉପକୃତ ହୋଇଥାଏ । ଏହା କହି ମନୋଜ ଦାସ ଏକ ଆଖ୍ୟାନ ଆରମ୍ଭ କଲେ । ଥିଲେ ଜଣେ ଉଦ୍ଧତ ରାଜପୁତ୍ର । ପିତାଙ୍କ ଅନ୍ତେ ସେ ସିଂହାସନ ଆରୋହଣ କରି ବିଳାସ ବ୍ୟସନରେ ସମୟ ବିତାଇବା ସଙ୍ଗେ ସଙ୍ଗେ ପ୍ରଜାବର୍ଗଙ୍କ ପ୍ରତି ତାଚ୍ଛଲ୍ୟ ଭାବ ପୋଷଣ କରୁଥାନ୍ତି ଏବଂ ଶୁଭେଚ୍ଛୁମାନଙ୍କ ପ୍ରତି କ୍ରୁର ଆଚରଣ କରୁଥାନ୍ତି । ଏମନ୍ତ ନୂଆ ରାଜାଙ୍କ ପ୍ରାସାଦରେ ଦିନେ ଆସି ଉପନୀତ ହେଲେ ପିତୃଗୁରୁ, ଜଣେ ଋଷିତୁଲ୍ୟ ମହାପୁରୁଷ । ସେ ପରଲୋକଗତ ରାଜାଙ୍କର ଥିଲେ ପୂଜ୍ୟ; ନୂଆ ରାଜା ତାଙ୍କୁ ପିଲାବେଳୁ ଅତ୍ୟନ୍ତ ଭୟ କରୁଥାନ୍ତି- ତାଙ୍କ ଯୋଗ ବିଭୁତିରେ ଥିଲା ନୂଆ ରାଜାଙ୍କର ଅକାଟ୍ୟ ବିଶ୍ୱାସ ।

ପିତୃଗୁରୁ ଯେଉଁ ସପ୍ତାହଟି ପ୍ରାସାଦରେ ରହିଲେ, ନୂଆ ରାଜା ସେ ସପ୍ତାହେ କାଳ ସମ୍ଭ୍ରାନ୍ତ ଓ ସଂଯତ ଆଚରଣ କଲେ । କିନ୍ତୁ ଗୁରୁଙ୍କୁ ଗୋପନରେ ଅମାତ୍ୟମାନେ ରାଜାଙ୍କ ଚରିତ୍ରର ବିବରଣୀ ଦେବାରେ ହେଳା କଲେ ନାହିଁ । ଗୁରୁ ବିଦାୟ ନେବା ବେଳେ ଏକାନ୍ତରେ 'ରାଜା ତାଙ୍କୁ ପ୍ରଣାମ କଲେ ଓ ସୌଜନ୍ୟବଶତଃ କହିଲେ- 'କିଛି ଉପଦେଶ ଦେବେ ଗୁରୁଦେବ !'

'ଉପଦେଶ ଦେଇ ଆଉ କ'ଣ ହେବ ବାବା ! ଉପଦେଶ ପାଳନ କରିବାକୁ ତମର ଆଉ କେତେ ବା ବେଳ ଅଛି !' ଗମ୍ଭୀର ଭାବରେ କହିଲେ ଗୁରୁ ।

'ମାନେ ? ମୋର ଆୟୁ ସରି ଆସିଲାଣି ?'- କାନ୍ଦ କାନ୍ଦ ହୋଇ ପଚାରିଲେ ଯୁବକ ରାଜା ।

'ମଣିଷ ଜୀବନ ତ ପଦ୍ମ ପତ୍ରରେ ଜଳ ବିନ୍ଦୁ ଭଳି !' ଏତିକି କହି ଚାଲିଗଲେ ଗୁରୁ । ଅପ୍ରତ୍ୟାଶିତ ସେ ଦିନଯାକ ସ୍ତବ୍ଧ ରହିଲେ ରାଜା । ପର ଦିନଠାରୁ ତାଙ୍କ ଆଚାର ବିଚାରରେ ଦେଖା ଦେଲା ଅପ୍ରତ୍ୟାଶିତ ପରିବର୍ତ୍ତନ । ସେ ହେଲେ ବିନୟୀ ଏବଂ ଭଦ୍ର । ଦିନଯାକ ରାଜ୍ୟ ଶାସନରେ ଧ୍ୟାନ ଦେଇ ସନ୍ଧ୍ୟା ହେଲେ ହେଉଥାନ୍ତି ଧ୍ୟାନସ୍ଥ । ପାଞ୍ଚ ବର୍ଷ ଅନ୍ତେ ଗୁରୁଙ୍କର ହେଲା ପୁନରାବିର୍ଭାବ । ତାଙ୍କୁ ପାଇ ରାଜାଙ୍କ ଆନନ୍ଦ କହିଲେ ନସରେ । ଗୁରୁ ବିଦାୟ ନେବା ଦିନ ରାଜା ତାଙ୍କୁ ଏକାନ୍ତରେ ଭେଟି କହିଲେ- 'ଭାବିଥିଲି, ମୋର ଆଉ ଅଧିକ ଦିନ ନାହିଁ । ମୃତ୍ୟୁ ଆସନ୍ନ ।'




ଗୁରୁ କରୁଣାର ହସ ହସି କହିଲେ- 'ରାଜା ! ପାଞ୍ଚ ବର୍ଷ ତଳର ଉଦ୍ଧତ ରାଜାର କ'ଣ ମୃତ୍ୟୁ ହୋଇନାହିଁ ? ତମେ କ'ଣ ସେହି ମଣିଷ ? ଦୀର୍ଘଜୀବୀ ହୁଅ ।' ଗୁରୁ ସହାସ୍ୟ ବିଦାୟ ନେଲେ ।

ଟିକିଏ ଉନ୍ନତ ଚେତନାସଂପନ୍ନ ମଣିଷ ଭିତରେ ମୃତ୍ୟୁ-ସଚେତନତା ଏମିତି ଶୁଭଙ୍କର ଭୂମିକା ତୁଲାଇ ପାରେ, ସମସ୍ତଙ୍କ ଭିତରେ ନୁହେଁ । ଶୁଣ ବାବୁ ! ଆତ୍ମାର ଉପଲବ୍ଧି ହିଁ ଅମରତ୍ୱର ଉପଲବ୍ଧି । ତାହା ହିଁ ମୃତ୍ୟୁ ଭୟର ଚୂଡ଼ାନ୍ତ ପ୍ରତିକାର ।

ଏଥର ଜିଜ୍ଞାସୁ ପାଠକ ଜଣକ ମନୋଜ୍ଞ ମନୋଜଙ୍କ ଏ ଉତ୍ତରରେ ତୃପ୍ତ ହୋଇ ବିଦାୟ ନେଲେ । ପାଠକେ ! ଏ ଯାବତ୍ ଆପଣମାନେ ଯାହା ପଢ଼ିଲେ ବା ହୃଦୟଙ୍ଗମ କଲେ, ତାହା ହେଉଛି ପଦ୍ମଶ୍ରୀ ମନୋଜ ଦାସଙ୍କ ଅଗାଧ ଜ୍ଞାନରୁ କଣିକାଏ ମାତ୍ର । ମୃତ୍ୟୁ ସଂପର୍କରେ ତାଙ୍କର ଏ ସିଦ୍ଧାନ୍ତ କେବଳ କାଳଜୟୀ ନୁହେଁ, ଅନତିକ୍ରମ୍ୟ ମଧ୍ୟ । ତାଙ୍କର ଏ ସିଦ୍ଧାନ୍ତରୁ ସାଧାରଣ ଜ୍ଞାନ ପ୍ରୟୋଗ କରି ଆମେ ନିଜକୁ ଅନ୍ତତଃ ଏତିକି ବୁଝାଇ ପାରିବା ଉଚିତ୍ ଯେ ଅଦ୍ୟାବଧି ସମସ୍ତେ ଯେଉଁ ମୃତ୍ୟୁ ଭିତରକୁ ପ୍ରସ୍ଥାନ କରିଛନ୍ତି, କେହି ବାଦ୍ ପଡ଼ିବାର ଜଣା ନାହିଁ, ସେ ଅନିବାର୍ଯ୍ୟ ପରିଣତି ପାଇଁ ଭୟର ଯଥାର୍ଥ୍ୟ କ'ଣ ? ଯେଉଁ ମୃତ୍ୟୁ ପ୍ରତି ମୋର ଭୟ, ସେହି ମୃତ୍ୟୁ ହିଁ ତ ଆଜିର ଏ ଜୀବନ ପାଇଁ ଦାୟୀ । ଅର୍ଥାତ୍ ପୂର୍ବ ଜନ୍ମର ମୃତ୍ୟୁ ହିଁ ଏ ଜନ୍ମ ମୋତେ ଯୋଗାଇ ଦେଇଛି । ଯଦି ମୁଁ ଏ ଚଳିତ ଜୀବନର ପ୍ରେମରେ ପଡ଼ିଯାଇଛି, ଆଗାମୀ ମୃତ୍ୟୁ ଯେଉଁ ଜୀବନ ଆଣିଦେବ, ତା' ପ୍ରେମରେ ପଡ଼ିବି ନାହିଁ କାହିଁକି ?

ସବାଶେଷରେ ମନୋଜ କୁହନ୍ତି- 'ସମସ୍ତ ପ୍ରକାର ଭୟର ଉତ୍ସ ହେଉଛି ଆମର ଅହଂଭାବ । ଜଣେ ସଚେତନ ମଣିଷ ନିଜ ଜୀବନର ପରିଣତି ନିୟତି ଉପରେ ହିଁ ଛାଡ଼ିଦେବା ଉଚିତ । ଜୀବନକୁ ସଂକ୍ଷିପ୍ତ କରିବା ଦିଗରେ ଆଗ୍ରହ ଅନୁଭବ କରିବା ଯେପରି ଭୁଲ୍, ଜୀବନ ଦୀପ ଲିଭିଗଲେ ହେବ କ'ଣ, ସେ ଦିଗରେ ଉତ୍କଣ୍ଠା ମଧ୍ୟ ସେପରି ଭୁଲ୍ ।' ସେଇଥିପାଇଁ ତ ଈଶା ଉପନିଷଦରେ ଉଲ୍ଲେଖ ଅଛି- 'ଏ ପ୍ରାଣବାୟୁ ମହାଅନୀଳରେ ମିଶିଯାଉ । ଏ ଶରୀର ଭସ୍ମରେ ପରିଣତ ହେଉ । ମୋର ସ୍ମୃତି ପୁନର୍ଜାଗ୍ରତ ହେଉ । ମୁଁ ଅମୃତ । ମୁଁ ଅମୃତ । ମୁଁ ଅମୃତ ।'

**ଅବସରପ୍ରାପ୍ତ ପ୍ରାଧ୍ୟାପକ**
**ପଦ୍ମାବତୀ, ନୟାଗଡ଼**
**ମୋ: ୬୩୭୦୬୪୫୬୮୯**

# ଆଖି ନାହିଁ କାନ ନାହିଁ



ସୀତାକାନ୍ତ ତ୍ରିପାଠୀ

ପିଲାବେଳେ ଆମେ ଲୁଚକାଳି ଖେଳ ଖେଳୁଥିବା ବେଳେ ଆଖି ବୁଜି ସାଙ୍ଗସାଥୀମାନଙ୍କୁ ଖୋଜୁଥିଲୁ । ଯିଏ ହାତରେ ପଡ଼ିଗଲା, ସିଏ ପୁଣି ଚୋର ହୋଇଯାଇ ସେହି ଆଖି ନାହିଁ କାନ ନାହିଁ ବୋଲି କହି ଅନ୍ୟମାନଙ୍କୁ ଖୋଜୁଥିଲା । ଆମ ସମସ୍ତଙ୍କର ଆଖି ଥାଏ, କାନ ମଧ୍ୟ ଥାଏ; କିନ୍ତୁ କେବଳ କହିବା ପାଇଁ ଆଉ ଖେଳିବା ପାଇଁ ଏ ପ୍ରକାର କଥା କୁହାଯାଇଥାଏ । ସେଥିରେ ଥାଏ ଆନନ୍ଦ ଆଉ ଅନ୍ୟମାନଙ୍କୁ ଖୋଜି ଜିତି ଯିବାର ପ୍ରୟାସ । ହୁଏତ ଅନ୍ୟମାନେ ହାତପାଆନ୍ତାକୁ ନ ଆସିଲେ କିମ୍ବା ପାଟି ନକଲେ ସେମାନଙ୍କୁ ଖୋଜି ପାଇବା କଷ୍ଟକର ହୋଇ ଥାଆନ୍ତା, ଯାହା ଖେଳର ମଜାକୁ ପାଣିଚିଆ କରିଦେବାର ସମ୍ଭାବନା ସୃଷ୍ଟି କରି ଥାଆନ୍ତା ।

ସେହି ଆଖି ନାହିଁ କାନ ନାହିଁ କଥାକୁ ଯଦି ନିତିଦିନିଆ ଜୀବନରେ ପ୍ରୟୋଗ କରାଯାଏ, ତା'ହେଲେ ଏହା କ୍ଷତିକାରକ ହେବାର ଅନେକ ସମ୍ଭାବନା ସୃଷ୍ଟି କରିଥାଏ । ଆଖିରେ ଦେଖିବା ଓ କାନରେ ଶୁଣିବା ଦ୍ୱାରା ଶୁଣାକଥା ଓ ଆଖିଦେଖା ଦୃଶ୍ୟ ମଧ୍ୟରେ ସମନ୍ୱୟ ଆସିଥାଏ, ଯାହା କୌଣସି ପ୍ରକାର ତ୍ରୁଟି ବିଚ୍ୟୁତି ହେବାରୁ ମଣିଷକୁ ରକ୍ଷା କରିଥାଏ । କିନ୍ତୁ ଦୁଃଖ ଓ ପରିତାପର ବିଷୟ, ମଣିଷର ଉଭୟ ଆଖି ଓ କାନ ଖୋଲା ଥାଇ ସମସ୍ତ ଅନ୍ୟାୟ ଅନୀତି କରିବା ସହିତ ସେସବୁକୁ ସହିନେବା ଅନେକ ସରଳ ଓ ସହଜ, ଯାହା ଜୀବନ ହାନି କରିବା ସହିତ ସାମାଜିକ ଅସନ୍ତୁଳନକୁ ପ୍ରୋତ୍ସାହିତ କରୁଛି । କଥାରେ ଅଛି, ଅନ୍ୟାୟ କରିବା ଯେତିକି ପାପ, ଅନ୍ୟାୟକୁ ଦେଖି ଏବଂ ଅନ୍ୟାୟ କଥାକୁ ଶୁଣି ସେସବୁକୁ ବରଦାସ୍ତ କରିବା ତା'ଠାରୁ ବଡ଼ ଅପରାଧ । କିନ୍ତୁ ତାହା କ'ଣ ବାସ୍ତବ କ୍ଷେତ୍ରରେ କେହି ମାନି ଥାଆନ୍ତି ? ମହାଭାରତର ବର୍ଣ୍ଣନା ଅନୁଯାୟୀ, କୁରୁ ସଭାରେ ଦ୍ରୌପଦୀଙ୍କୁ ଉଭୟ ଶାରୀରିକ ଏବଂ ମାନସିକ ନିର୍ଯାତନା ଦିଆ ଯାଉଥିବା ସମୟରେ ଉପସ୍ଥିତ ରଥୀ ମହାରଥୀମାନେ ନିରବ ଥିଲେ । କେବଳ ଧୃତରାଷ୍ଟ୍ରଙ୍କୁ ଛାଡ଼ିଦେଲେ ସମସ୍ତେ ଚକ୍ଷୁଷ୍ମାନ୍ ଥିଲେ, କିନ୍ତୁ କେହି ବଧିର ନଥିଲେ । ସର୍ବ ସମ୍ମୁଖରେ ସମସ୍ତ ନୀତି, ନିୟମ, ଆଇନ କାନୁନ୍‌କୁ ପଦାଘାତ କରି ଜଣେ ନାରୀର ସମ୍ମାନ ଲୁଣ୍ଠନ କରିବାକୁ ହୁଏତ ସେମାନେ ସହଜରେ ଗ୍ରହଣ କରି ନେଇଥିଲେ । ସବୁଠୁ ବଡ଼ ଆଶ୍ଚର୍ଯ୍ୟର କଥା, ସେମାନେ ସମସ୍ତେ ନିଜ ନିଜକୁ ନିର୍ଦ୍ଦୋଷ ବୋଲି ପ୍ରମାଣିତ କରିବା ପାଇଁ ମଧ୍ୟ ଭୁଲି ନଥିଲେ ! କାରଣ, ସେମାନଙ୍କ ମତରେ- ଯାହାର ଅନ୍ନ ଖାଇବ, ତା'ର ଗୁଣ ଗାଇବ । ଏ କ'ଣ ପ୍ରକୃତରେ ନ୍ୟାୟିକ ଯୁକ୍ତି ନା ଧର୍ମକୁ ଆଖିଠାର ?

ବର୍ତ୍ତମାନ ପରିପ୍ରେକ୍ଷୀରେ ବିଭିନ୍ନ କାରଣରୁ ଇରାନ ଆମେରିକା ଯୁଦ୍ଧ ଚାଲିଛି । ପୃଥିବୀର ପ୍ରତ୍ୟେକ ଦେଶ ଏଥିରେ ସିଧାସଳଖ କ୍ଷତିଗ୍ରସ୍ତ ହୋଇ ଆସୁଥିଲେ ମଧ୍ୟ ପ୍ରାୟ ସମସ୍ତ ଦେଶ ନିରବ, ସତେ ଯେପରି ଯୁଦ୍ଧର ବିଭୀଷିକା କେହି ଦେଖି ପାରୁ ନାହାନ୍ତି କି ସାଧାରଣ ଲୋକଙ୍କ ଆର୍ତ୍ତନାଦ କେହି ଶୁଣି ପାରୁ ନାହାନ୍ତି ! ଜାତିସଂଘ କାହାର ପକ୍ଷ ନେବ, ତାହା ବର୍ତ୍ତମାନ ପର୍ଯ୍ୟନ୍ତ ସନ୍ଦେହ ଘେରରେ । ସମସ୍ତଙ୍କର ଗୋଟିଏ ଭୟ, କାଳେ ଆଖି ଓ କାନରେ ଦେଖୁଥିବା ଏବଂ ଶୁଣୁଥିବା କଥାଗୁଡ଼ିକୁ ପ୍ରକାଶ କରିଦେଲେ କିମ୍ବା ସେ ସଂପର୍କରେ ନିଜର ଆଭିମୁଖ୍ୟ ଜଣାଇ ଦେଲେ, ତାହା ବିବାଦୀୟ ହୋଇ ପଡ଼ିବ ! ବିବାଦର ମୂଳ କାରଣକୁ ଅଣଦେଖା କରାଯାଇ କେବଳ ଆନୁଷଙ୍ଗିକ କଥାକୁ ଆଲୋଚନା କରିବା ନିରର୍ଥକ । କେବଳ ନିଜ ଦେଶର ସ୍ୱାର୍ଥ ପାଇଁ ଅନ୍ୟ ଦେଶରେ ହେଉଥିବା ଅନ୍ୟାୟ ଅନୀତି ପ୍ରତି ଆଖି ବୁଜିଦେବା କ'ଣ ସମୀଚୀନ ? ଯଦି କୌଣସି କାରଣରୁ ଆମ ଦେଶ ପ୍ରତି ସେହି ପ୍ରକାର ପରିସ୍ଥିତି ଆସେ, ତେବେ ସେତେବେଳକୁ ଆମ ପାଖରେ ଆସି କିଏ ଛିଡ଼ା ହେବ ? ପୃଥିବୀରେ ଶାନ୍ତି ପ୍ରତିଷ୍ଠା ପାଇଁ ଯେତେ ପ୍ରକାର ଉଦ୍ୟମ, ଗୋଷ୍ଠୀ, ବୈଠକ, ଆଇନ୍ କାନୁନ୍ ଆଦି କରାଯାଇଛି, ସେ ସବୁଗୁଡ଼ିକ ଆଖି କାନ ନଥିଲା ପରି ବ୍ୟବହାର କରିବା ସାଧାରଣ ଜନତାଙ୍କ ସୁରକ୍ଷା ଏବଂ ଶାନ୍ତି ପ୍ରତି କୁଠାରାଘାତ ବୋଲି ମନେହୁଏ ।



ଆମେ ନିଜେ ନିଜକୁ ଆଖି ନାହିଁ, କାନ ନାହିଁ କହିଦେଇ ନିଜକୁ ବିଜ୍ଞପିତ କିମ୍ବା ବ୍ୟଙ୍ଗାତ୍ମକ କରିଦେବା ଯେତେ ସହଜ, ଆଉ କେହି ଆମକୁ ସେ କଥା କହିଦେଲେ ଆମେ ସେ ସବୁକୁ ସହଜରେ ହଜମ କରି ପାରିବା ତ ? କାରଣ, ଏହା ଆମ ବ୍ୟକ୍ତିତ୍ୱ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିବାର ଆଶଙ୍କା ରହିଛି । ଦଶ ଇନ୍ଦ୍ରିୟଙ୍କ ମଧ୍ୟରୁ ଆଖି-କାନ ଦୁଇଟି ଇନ୍ଦ୍ରିୟଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଯାହାକୁ ଆଧାର କରି ଆମର ନୀତି, ଆଦର୍ଶ ସ୍ଥିରୀକୃତ ହେବା ସହିତ ଲୋକମାନଙ୍କର ଶ୍ରଦ୍ଧା ଏବଂ ସମ୍ମାନ ମଧ୍ୟ ଏହା ଉପରେ ନିର୍ଭରଶୀଳ । ଆମେ ଯଦି ଆଖି ଥାଇ ଚକ୍ଷୁହୀନ ଏବଂ କାନ ଥାଇ ବଧିର ହେବା, ତା'ହେଲେ ଆଖି ଓ କାନ ଥାଇ ନିଜର ସିନା ସ୍ୱାର୍ଥ ପୂରଣ ହୋଇ ପାରିବ, କିନ୍ତୁ ସାମାଜିକ ଶାନ୍ତି ଏବଂ ସଂହତି ନିଶ୍ଚିତ ଭାବେ କ୍ଷୁଣ୍ଣ ହେବ । ପ୍ରଥମେ ଆମକୁ ନ୍ୟାୟ-ଅନ୍ୟାୟ ମଧ୍ୟରେ ଲକ୍ଷ୍ମଣ ରେଖା ଟାଣିବା ପୂର୍ବରୁ ଆପଣା-ପର ଏବଂ ଶତ୍ରୁ-ମିତ୍ର କଥା ଚିନ୍ତା କରିବାକୁ ପଡ଼ିବ । କାରଣ ଆଇନ/ନ୍ୟାୟ ସମସ୍ତଙ୍କ ପାଇଁ ସମାନ ହେବା କଥା ସମସ୍ତଙ୍କୁ ଜଣା ଥିଲେ ମଧ୍ୟ କାର୍ଯ୍ୟକାରୀ ହେବା ସମୟରେ ଏହା କେତେ ମାତ୍ରାରେ ପାଳିତ ହୋଇଥାଏ, ସେକଥା ପ୍ରାୟ ଆମ ସମସ୍ତଙ୍କୁ ଉଣା ଅଧିକେ ଜଣା । ନ୍ୟାୟ ପ୍ରଦାନ ସମୟରେ ଧର୍ମର ତରାଜୁ ଧରି ଆଖିରେ କଳାକନା ବାନ୍ଧିବାର ସାଙ୍କେତିକ ଚିତ୍ର ଆମେ ଦେଖି ଥାଆନ୍ତି, ଯାହା ନ୍ୟାୟ ପ୍ରଦାନ ସମୟରେ ଆପଣା-ପର ଭୁଲିବା କଥା ଦର୍ଶାଇ ଥାଏ । ଏସବୁ କେବଳ ପୋଥିଗତ ବିଦ୍ୟା । କିନ୍ତୁ ବାସ୍ତବରେ ଜଣେ ନ୍ୟାୟ-ଅନ୍ୟାୟ କଥା ପ୍ରତି ଆଖି ବୁଜି ଦେବା ସହିତ ସେ ସମ୍ପର୍କିତ ଆଲୋଚନା ତଥା ଭାବାବେଗ ପ୍ରତି ବଧୀର ହେବା କଥା ଦର୍ଶାଇ ଥାଏ, ଯାହାର ମୂଲ୍ୟାଙ୍କନ ସମୟ କ୍ରମେ ଭିନ୍ନ ଭିନ୍ନ ହୋଇଥିବାର ନଜିର ରହିଛି ।

**ଅର୍ଣ୍ଣପାଳ, ଭଦ୍ରକ**
**ମୋ: ୯୭୭୮୭୬୪୩୯୪**

# ଖରା ଓ ପଶୁପକ୍ଷୀ



ସସ୍ମିତା ଜାମୁଦା

ଓଃ, କି ଖରା ! ସକାଳ ୮ଟା ନ ହେଉଣୁ ଗରମ ଲାଗୁଛି । ଗୋଟିଏ ପଟେ ସହରର କଂକ୍ରିଟ୍ ରାସ୍ତା । ଚାରିଆଡ଼େ କୋଠାବାଡ଼ି । ସହର ସୌନ୍ଦର୍ଯ୍ୟକରଣ ପାଇଁ ବଳି ପଡୁଛି ବଡ଼ ବଡ଼ ଗଛ । ଫଳରେ ଆଉ ଛାଇ ବିଶେଷ ଦେଖିବାକୁ ମିଳୁନି । ଅନ୍ୟ ପଟେ ଟାଇଁ ଟାଇଁ ଖରାରେ ହଇରାଣ ହେଉଛନ୍ତି ଅନେକ ପଶୁପକ୍ଷୀ । ଆଜିକାଲିର ସ୍ୱାର୍ଥପର ଦୁନିଆରେ 'ଆପେ ବଞ୍ଚିଲେ ବାପର ନାଁ' ଉକ୍ତିଟି ବେଶ୍ ଖାପ୍ ଖାଉଛି । କହିବାର ତାତ୍ପର୍ଯ୍ୟ, ମଣିଷ ସିନା କଥା କହି ପାରୁଛି ବୋଲି ଶୋଷ ହେଲେ ପାଟି ଖୋଲି ପାଣି ମାଗି ଦେଉଛି । ଦେହରୁ ଝାଳ ବୋହିଲେ ଫ୍ୟାନ୍ କିମ୍ବା ଏସି ତଳେ ଆରାମ କରି ପାରୁଛି । ଟିକିଏ ଭାବିଲେ, କଥା କହି ପାରୁ ନଥିବା ପଶୁପକ୍ଷୀଙ୍କ ଅବସ୍ଥା କ'ଣ ହେଉଥିବ ?



ଏହି ପରିପ୍ରେକ୍ଷୀରେ ଏକ ଘଟଣା ମନେ ପଡ଼ିଗଲା । ଘରକୁ ଯିବା ପାଇଁ ବସ୍ ଷ୍ଟପ୍‌ରେ ବସ୍‌କୁ ଅପେକ୍ଷା କରିଥାଏ । ସେହି ସମୟରେ ଏକ ସୁନ୍ଦର ଦୃଶ୍ୟ ମୋତେ ମୁଗ୍ଧ କରିଥିଲା । ୱାଟର ଏଟିଏମ୍‌ରୁ ଜଣେ ବ୍ୟକ୍ତି ପାଣି ପିଉଥିବା ସମୟରେ ତାଙ୍କ ପାଖକୁ ଏକ କୁକୁର ଆସିଲା । କୁକୁର ନିଶ୍ଚିତ ତୃଷାର୍ତ୍ତ ଥିବ ଜାଣି ବ୍ୟକ୍ତି ଜଣଙ୍କ ତାକୁ ପାଣି ଦେଇଥିଲେ । ଆନନ୍ଦ ମନରେ ପାଣି ପିଇସାରି କୁକୁର ସେଠାରୁ ଚାଲିଗଲା । ଆଜିକା ଦୁନିଆରେ ବି ଜୀବଙ୍କ ପ୍ରତି ଏମିତି ଉଦାର ଭାବନା ରଖୁଥିବା ବ୍ୟକ୍ତି ଅଛନ୍ତି ବୋଲି ଜାଣି ଭଲ ଲାଗିଥିଲା ।

ଗୃହପାଳିତ ପଶୁପକ୍ଷୀଙ୍କ ଯତ୍ନ ନେବା ପାଇଁ ଲୋକ ଅଛନ୍ତି । କିନ୍ତୁ ବେସାହାରା ବୁଲୁଥିବା ପଶୁପକ୍ଷୀଙ୍କ କଥା ବୁଝିବା ପାଇଁ କେହି ନାହାନ୍ତି । ଖରାଦିନେ ଉପଯୁକ୍ତ ଖାଦ୍ୟ ଓ ଜଳ ଅଭାବରେ ଅକାଳରେ ଅନେକ ପଶୁପକ୍ଷୀଙ୍କ ପ୍ରାଣ ଯାଉଛି । ଅନେକ ସ୍ୱେଚ୍ଛାସେବୀ ସଂଗଠନ ଏବଂ ସମାଜ ସେବକ ଏହି ନିରୀହ ପ୍ରାଣୀଙ୍କ ପାଇଁ ଦେବଦୂତ ସାଜନ୍ତି । ସେମାନଙ୍କ ସେବା କରିବାକୁ ଆଗେଇ ଆସିଥାନ୍ତି । କିନ୍ତୁ ସାଧାରଣ ନାଗରିକ ଭାବେ ଆମର ମଧ୍ୟ କିଛି ଦାୟିତ୍ୱ ରହିଛି- ଯେପରି ନିଜ ନିଜ ଘର ସାମ୍ନାରେ ବଡ଼ ମାଟି ପାତ୍ରରେ ପାଣି ରଖିବା । ନିୟମିତ ଭାବେ ଏହାକୁ ସଫା କରିବା ସହ ପାଣି ବଦଳାଇବା । ଏହା ବାଦ୍ ପକ୍ଷୀମାନଙ୍କ ପାଇଁ ଘରର ଛାତ ଉପରେ ମଧ୍ୟ ଉପଯୁକ୍ତ ପରିମାଣରେ ଖାଦ୍ୟ ଓ ପାନୀୟ ବ୍ୟବସ୍ଥା କରିବା ଜରୁରୀ । କେବଳ ଘର ନୁହେଁ, ବରଂ ଅଫିସ୍, ସ୍କୁଲ, ହଷ୍ଟେଲ, ମନ୍ଦିର ଆଦି ସ୍ଥାନରେ ପଶୁପକ୍ଷୀଙ୍କ ପାଇଁ ଅନ୍ତତଃ ପାନୀୟ ଜଳର ବ୍ୟବସ୍ଥା କରିବା ଉଚିତ । ସାଧାରଣ ଲୋକଙ୍କ ପାଇଁ ଯଦି ଖରାଦିନେ ଜଳଛତ୍ର ଖୋଲା ଯାଉଛି, ତେବେ ପଶୁପକ୍ଷୀମାନଙ୍କ ପାଇଁ କାହିଁକି ନୁହେଁ ! ଯେଉଁ ସ୍ଥାନରେ ବିଶେଷ ଗଛ ନାହିଁ, ସେଠାରେ ସେଡ୍ ବ୍ୟବସ୍ଥା କରି ପାରିଲେ ଭଲ ।

ପରିବେଶ ସୁରକ୍ଷା, ଜୀବନ ରକ୍ଷା ନାରା ତ ସମସ୍ତେ ଦେଇଥାନ୍ତି । କିନ୍ତୁ ବାସ୍ତବରେ ପରିବେଶରେ ରହୁଥିବା ନିରୀହ ପ୍ରାଣୀଙ୍କ ସୁରକ୍ଷା ବି ସେତିକି ଜରୁରୀ । ମଣିଷ ନିଜ କର୍ମ ଦ୍ୱାରା ହିଁ ସମାଜରେ ପରିଚିତ ହୁଏ । କେବଳ ନିଜ ପାଇଁ ନୁହେଁ, ବରଂ ନିରୀହ ଜୀବଙ୍କ ଉପକାର କରିବାରେ ହିଁ ମଣିଷ ଜନ୍ମର ସାର୍ଥକତା ପ୍ରତିପାଦିତ ହୋଇଥାଏ ।

**ପୋଖରୀପୁଟ, ଭୁବନେଶ୍ୱର**
**ମୋ: ୮୨୮୦୩୩୧୬୧୨**

# ମହିଳାଙ୍କ ପାଇଁ ସ୍ଥାନ ସଂରକ୍ଷଣ

ମହିଳାମାନଙ୍କ ସଂଖ୍ୟା ହେଉଛି ଦେଶର ମୋଟ ଜନସଂଖ୍ୟାର ପ୍ରାୟ ଅଧା । ପରନ୍ତୁ ସେମାନେ ସେମାନଙ୍କର ନ୍ୟାୟୋଚିତ ଅଧିକାର ଆଜି ପର୍ଯ୍ୟନ୍ତ ନ ପାଇବା ଏକ ଚିନ୍ତାର ବିଷୟ । ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏପ୍ରିଲ ୧୬ ତାରିଖରୁ ସଂସଦର ଏକ ବିଶେଷ ତିନିଦିନିଆ ଅଧିବେଶନ ଡକାଇଛନ୍ତି, ଯେଉଁଥିରେ ସେ ଦେଶର ସବୁ ରାଜନୀତିକ ଦଳଙ୍କୁ ଯୋଗ ଦେବାକୁ ଆହ୍ୱାନ ଦେଇଛନ୍ତି ମହିଳାମାନଙ୍କ ନିମନ୍ତେ ସ୍ଥାନ ସଂରକ୍ଷଣ ପାଇଁ ପ୍ରସ୍ତୁତ ଆଇନକୁ କାର୍ଯ୍ୟାନ୍ୱୟନ କରିବାରେ ସରକାରଙ୍କ ଉଦ୍ୟମକୁ ସାକାର କରିବା ଉଦ୍ଦେଶ୍ୟରେ, ଯାହା ଅବଶ୍ୟ ସ୍ୱାଗତଯୋଗ୍ୟ । କିନ୍ତୁ ସରକାର ଯେପରି ତରବରିଆ ଭାବରେ ପ୍ରଣୀତ ଏକ ଯୁଗ ପ୍ରବର୍ତ୍ତନକାରୀ ଆଇନ ଏବଂ ନିର୍ବାଚନୀ ସଂସ୍କାରକୁ କାର୍ଯ୍ୟକାରୀ କରିବାକୁ ଆଗେଇ ଆସିଛନ୍ତି, ତାହା କ୍ୱଚିତ୍ ସ୍ୱାଗତଯୋଗ୍ୟ । ଏହି ଆଇନ, ଯାହା ଲୋକସଭା ଏବଂ ରାଜ୍ୟମାନଙ୍କର ବିଧାନସଭାଗୁଡ଼ିକରେ ମହିଳାମାନଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣକୁ ପ୍ରଚଳନ କରିବା ପାଇଁ ଉଦ୍ଦିଷ୍ଟ, ତାହା ଚାଲୁ ରହିଥିବା ଜନଗଣନା କାର୍ଯ୍ୟକ୍ରମ ଶେଷ ହେବା ପରେ କାର୍ଯ୍ୟକାରୀ ହେବାକୁ ଥିବା ନୂତନ ସୀମା ନିର୍ଦ୍ଧାରଣ ବା ଡିଲିମିଟେସନ୍ ପ୍ରକ୍ରିୟା ପରେ କାର୍ଯ୍ୟକାରୀ ହେବ । ରିପୋର୍ଟଗୁଡ଼ିକ ଅନୁସାରେ ସରକାର ଏକ ଡିଲିମିଟେସନ୍ କାର୍ଯ୍ୟ ଆରମ୍ଭ କରିବେ, ଯାହା ଲୋକସଭା ଏବଂ ବିଧାନସଭାଗୁଡ଼ିକରେ ୫୦ ପ୍ରତିଶତ ପାଖାପାଖି ଆସନ ବୃଦ୍ଧିକୁ ପରିଲକ୍ଷିତ କରିବ । ଡିଲିମିଟେସନ୍ କାର୍ଯ୍ୟ ୨୦୧୧ ଜନଗଣନା ରିପୋର୍ଟ ଆଧାରରେ ସମ୍ପନ୍ନ ହେବ, କିନ୍ତୁ ରାଜ୍ୟମାନଙ୍କର ସାଂସଦମାନଙ୍କ ଆସନ ସଂଖ୍ୟା ପ୍ରଦାନ କରିବା ନିମନ୍ତେ ଜନସଂଖ୍ୟା ତଥ୍ୟ ଏକ ମାପଦଣ୍ଡ ହେବନାହିଁ । ଏହିଭଳି ଭାବରେ ସରକାର କେତେକ ରାଜ୍ୟଙ୍କ, ବିଶେଷକରି ଦେଶର ଦକ୍ଷିଣ ଭାଗରେ ଅବସ୍ଥିତ ରାଜ୍ୟମାନଙ୍କର ଆଶଙ୍କାକୁ ଦୂର କରି ପାରିଛନ୍ତି ଯେ ନୂଆ ଜନଗଣନା ରିପୋର୍ଟ ଉପରେ ଆଧାର କରି ଡିଲିମିଟେସନ୍ କରାଗଲେ, ତାହା ବ୍ୟବସ୍ଥାପିକା ସଂସ୍ଥାଗୁଡ଼ିକରେ ସେମାନଙ୍କର ଆସନ ସଂଖ୍ୟାର ଭାଗକୁ କମାଇ ଦେବାର ପରିଣତି ଆଣିଦେବ ।

ପ୍ରଧାନମନ୍ତ୍ରୀ ଯେତେବେଳେ କହୁଛନ୍ତି ଯେ ନିଷ୍ପତ୍ତି-ଗ୍ରହଣକାରୀ ପ୍ରକ୍ରିୟାରେ ମହିଳାମାନେ ସେମାନଙ୍କର ଭୂମିକା ଲାଭ କରିବା ଏକ ସମାଜ ପ୍ରଗତି କରିବାର ଏକ ମାପଦଣ୍ଡ, ସେତେବେଳେ ଏହାକୁ ସମସ୍ତ ଠିକ୍-ଅର୍ଥରେ ଗ୍ରହଣ କରୁଥିବା ଲୋକମାନେ ଏଥି ସହିତ ସହମତ ହେବେ । ଏହି ବିଷୟବସ୍ତୁ ଉପରେ ୨୦୨୩ରେ ନାରୀ ଶକ୍ତି ବନ୍ଦନ ଅଭିଯାନ ବିଲ୍‌କୁ ପାରିତ କରାଯିବା ଦେଶର ଏକତାକୁ ପ୍ରତିଫଳିତ କରୁଥିବା କଥାକୁ ସେ ସ୍ମରଣ କରାଇ ଦେବା ମଧ୍ୟ ଏକ ସମୟୋପଯୋଗୀ ପ୍ରସଙ୍ଗ । ତେବେ ଦୁର୍ଭାଗ୍ୟର କଥା ଯେ ସରକାର ସେହିସବୁ ପଦକ୍ଷେପ ନେବା ପାଇଁ ଆବଶ୍ୟକ ମନେ କରି ନାହାନ୍ତି, ଯେଉଁଗୁଡ଼ିକ ଉପରୋକ୍ତ ଆଇନକୁ କାର୍ଯ୍ୟକାରୀ କରିବା ବେଳେ ଏହି ଏକତାକୁ ଦୃଢ଼ୀଭୂତ କରିବ; ଏହା ସେକଥା ଉପରେ ବିତର୍କ ନ କରି ବିରୋଧୀମାନଙ୍କ ସହଯୋଗ ଆଶା କରୁଛନ୍ତି । ମଲ୍ଲିକାର୍ଜୁନ ଖାଡ଼୍‌ଗେ- ସର୍ବଭାରତୀୟ କଂଗ୍ରେସ କମିଟିର ଅଧ୍ୟକ୍ଷ ତଥା ରାଜ୍ୟସଭାରେ ବିରୋଧୀ ଦଳର ନେତା ନୂତନ ସଂସ୍କାରଗୁଡ଼ିକ ସମ୍ପର୍କରେ ଆଲୋଚନା କରିବା ପାଇଁ ଏକ ବୈଠକ ଆହୂତ କରିବାକୁ ଦାବି କରି ପ୍ରଧାନମନ୍ତ୍ରୀଙ୍କୁ ପତ୍ର ଲେଖି ସାରିଛନ୍ତି । ଶ୍ରୀଯୁକ୍ତ ଖାଡ଼୍‌ଗେ ଦର୍ଶାଇଛନ୍ତି ଯେ ସରକାର ଏହି ବିଶେଷ ଅଧିବେଶନର କାର୍ଯ୍ୟସୂଚୀ ବା ନୂତନ ଆଇନର ଆଇନଗତ ସାଧନଗୁଡ଼ିକ, ଯାହା ମହିଳାମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ ଆଇନକୁ କାର୍ଯ୍ୟକାରୀ କରିବାର ପଥ ପ୍ରଦର୍ଶନ କରିବ, ସେ ବାବଦରେ ବିଶଦ ଭାବରେ କିଛି ଜଣାଇ ନାହାନ୍ତି । ଅନେକ ସଂଖ୍ୟକ ରାଜ୍ୟ ଯେତେବେଳେ ସେମାନଙ୍କର ବିଧାନସଭାଗୁଡ଼ିକ ପାଇଁ ନିର୍ବାଚନ କରିବାକୁ ମତଦାନ କେନ୍ଦ୍ର ଆଡ଼କୁ ମୁହାଁଇଛନ୍ତି, ଠିକ୍ ସେହି ସମୟରେ କେନ୍ଦ୍ର ସରକାର ଏହି ବିଶେଷ ଅଧିବେଶନ ଡକାଇଛନ୍ତି । ପ୍ରସଙ୍ଗକ୍ରମେ ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଏହିସବୁ ରାଜ୍ୟ ଏକାଠି ମିଶି ଲୋକସଭାରେ ମୋଟ ଆସନ ସଂଖ୍ୟାର ଏକ-ପଞ୍ଚମାଂଶ ଗଠନ କରନ୍ତି ।

ନୂତନ ଆଇନର ପ୍ରଣୟନଗୁଡ଼ିକ ବାବଦରେ ସରକାର ଯଦି ସତରେ ଅର୍ଥପୂର୍ଣ୍ଣ ଆଲୋଚନା ଚାହୁଁଥାନ୍ତି, ଏହା ମଧ୍ୟ ବିରୋଧୀମାନଙ୍କୁ ବିଶ୍ୱାସକୁ ନେବା ଉଚିତ ଏବଂ ସେମାନଙ୍କ ସମ୍ମୁଖରେ ବିଶେଷ ଅଧିବେଶନର ବୃହତ୍ତର କାର୍ଯ୍ୟସୂଚୀ ବିଷୟରେ ସଂକ୍ଷିପ୍ତ ଭାବରେ ବର୍ଣ୍ଣନା କରିବା ଉଚିତ, ଯେହେତୁ ସେମାନେ ସମସ୍ତେ ବିସ୍ତୃତ ରାଜିନାମାରେ ରହିଛନ୍ତି । ଏହା ମଧ୍ୟ ରାଜ୍ୟମାନଙ୍କର ନିର୍ବାଚନ ଶେଷ ନହେବାଯାଏଁ ବିଶେଷ ଅଧିବେଶନକୁ ସ୍ଥଗିତ ରଖିବା ସମ୍ପର୍କରେ ବିଚାର କରି ପାରନ୍ତି । ଏହି ଅପେକ୍ଷା କରିବା ସେତେ ବେଶୀ ଦିନ ନେବାର ସମ୍ଭାବନା ନାହିଁ, କାରଣ ଏଥରକ ହେଉଥିବା ରାଜ୍ୟମାନଙ୍କର ବିଧାନସଭା ନିର୍ବାଚନ ଏପ୍ରିଲ ୨୯ ତାରିଖରେ ଶେଷ ହେବାକୁ ଯାଉଛି ଏବଂ ଏହି ନିର୍ବାଚନ ପ୍ରକ୍ରିୟା ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚି ସାରିଲାଣି । ସଂସଦରେ ସମ୍ବିଧାନର ସଂଶୋଧନଠାରୁ ଆରମ୍ଭ କରି ଗୁରୁତ୍ୱପୂର୍ଣ୍ଣ ଆଇନଗୁଡ଼ିକୁ ପାରିତ କରିବା ବେଳେ ବିଜେପି-ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାର ତରବରିଆ ହେବାର ଇତିହାସ ରହିଛି । ଅନେକ ସଂଖ୍ୟକ ଆଇନ ଉପସ୍ଥାପିତ କରାଯିବା ପୂର୍ବରୁ, ସେଗୁଡ଼ିକ ସମ୍ବନ୍ଧରେ ବିସ୍ତୃତ ବିବରଣୀମାନ ପ୍ରଦାନ କରିବାକୁ ଏହା ମନା କରି ଆସିଛି; କେତେକ ଦୃଷ୍ଟାନ୍ତ ମଧ୍ୟ ରହିଛି ଯେ ଏହିଭଳି ଢଙ୍ଗରେ ଆଇନଗୁଡ଼ିକ ମଧ୍ୟ ପାରିତ ହୋଇ ସାରିଛି । ଜାତୀୟ ସ୍ତରରେ ସହମତି ରହିଥିବା ଏକ ବିଷୟବସ୍ତୁ ଉପରେ ଆଇନ ପ୍ରଣୟନ କରାଯିବାର କାର୍ଯ୍ୟକୁ ସର୍ବସମ୍ମତ ଆଇନ ଭାବରେ ପରିଣତ କରିବା ପାଇଁ ସରକାର ଯଦି ପଦକ୍ଷେପ ନିଅନ୍ତି, ତା'ହେଲେ ଏହି ଆଇନ ଏକ ଶୃଙ୍ଖଳିତ ଆଇନ ଭାବରେ ପରିଗଣିତ ହେବାରେ କିଛି ବାଧା ରହିବ ନାହିଁ ।

# ଜଟିଳ କାର୍ଯ୍ୟ

ଆମେ ଅନେକ ଗୁଣ ବା ସ୍ୱଭାବକୁ ଛାଡ଼ିବା ପାଇଁ ଲୋକମାନଙ୍କୁ ଉପଦେଶ, ପରାମର୍ଶ ଦେଇଥାଉ । ହେଲେ ସେସବୁ ଛାଡ଼ିବା ଏତେ ସହଜ ହୋଇ ନଥାଏ । ମଣିଷ ଯଦିଓ ବୁଝିଥାଏ କେତୋଟି ଗୁଣ ତାକୁ ସମସ୍ୟାରେ ପକାଉଛି, ତଥାପି ଅଭ୍ୟାସବଶତଃ ହେଉ କିମ୍ବା ଅନ୍ୟ କୌଣସି କାରଣରୁ ହେଉ, ସେ ଉକ୍ତ ଗୁଣଟିକୁ ଛାଡ଼ିପାରି ନଥାଏ । ସେମିତି ଭଲ ଗୁଣଟିଏ ଆହରଣ କରିବା ପାଇଁ ମଧ୍ୟ ମଣିଷକୁ ବହୁ କଷ୍ଟ ସ୍ୱୀକାର କରିବାକୁ ପଡ଼ିଥାଏ । ଏ ଗୁଣସବୁକୁ ଧରିବା ବା ଛାଡ଼ିବା ଭିତରେ ରହିଛି ଆମମାନଙ୍କର ଅସଲ ପରିଚୟ । ତେବେ ସବୁଠୁ ଜଟିଳ କାର୍ଯ୍ୟଟି ହେଲା, ସରଳ ହେବା । ମଣିଷଟିଏ ସରଳ ହୋଇଗଲେ ଆପଣାଛାଏଁ ସମସ୍ତ ସୁଗୁଣ ତା'ଠାରେ ଆଶ୍ରୟ ନେଇ ଥାଆନ୍ତି । କେହି କହି ପାରନ୍ତି ଯେ ଭଲଗୁଣ ଆହରଣ କଲେ ମଣିଷ ସରଳ ହୋଇପାରେ । ତାହା ତ ଠିକ୍ । ମାତ୍ର ସରଳ ହୋଇଗଲେ ସମସ୍ତ ଗୁଣ ବସା ବାନ୍ଧି ଥାଆନ୍ତି ମଣିଷ ଭିତରେ । ଆଉ ସେହି ସରଳତା ହିଁ ସବୁଠୁ ଜଟିଳ କାର୍ଯ୍ୟ ।

ପବାରବିନ୍ଦ

ଆଶ୍ରମ ଶିକ୍ଷା ଶେଷ ପରେ ଗୁରୁ ଶିଷ୍ୟମାନଙ୍କ ପଠାଇ ଥାଆନ୍ତି ଜନ ବସତିକୁ । ଗଲାବେଳେ ଶିଷ୍ୟମାନଙ୍କୁ କହି ଥାଆନ୍ତି- 'ସରଳତା ହିଁ ତୁମର ସମ୍ପତ୍ତି ।' ଶିଷ୍ୟମାନେ ଜନ ବସତିକୁ ଯାଇ କିଛି ଦିନ ରହି ଫେରି ଆସନ୍ତି । ଖୁବ୍ କମ୍ ପିଲାଙ୍କୁ ଗୁରୁ ଉପଯୁକ୍ତ ଶିଷ୍ୟ ଭାବରେ ଗ୍ରହଣ କରି ଥାଆନ୍ତି । ସେଥର ମଧ୍ୟ କିଛି ଶିଷ୍ୟ ଯାଇଥିଲେ ଜନ ବସତିକୁ । ସରଳତାର ଅର୍ଥ ଆମେ ଯେମିତି ସାଧାରଣତଃ ବୁଝିଥାଉ, ପିଲାମାନେ ମଧ୍ୟ ସେହିପରି ବୁଝିଥିଲେ । ପୋଷାକ ଥିଲା କମ୍ ଦାମ୍‌ର । ସେତେ ସଫା ଦିଶୁ ନଥିଲା । ପାଦରେ ଭଲ ଚପଲ ନଥିଲା । ବେଶରେ ମଧ୍ୟ ମଳିନତା ଥିଲା । ଭଲ ବାସନରେ ଖାଦ୍ୟପେୟ ପରଷା ଯାଉଥିଲେ ମଧ୍ୟ ଅତି ସାଧାରଣ ବାସନରେ ଭୋଜନ କରୁଥିଲେ । ଆଶ୍ରମରୁ ଆସିଥିବା ପିଲାଙ୍କୁ ଲୋକମାନେ ଖୁବ୍ ଆଦର କରୁଥିଲେ । ଖାଦ୍ୟ, ବସ୍ତ୍ର, ଦକ୍ଷିଣା ମଧ୍ୟ ଦେଉଥିଲେ । ସେବା କରିବାକୁ ଲୋକେ ଆଗେଇ ଆସୁଥିଲେ । ମାତ୍ର ସରଳତାର ପରିଚୟ ଦେବାକୁ ଯାଇ କେହି କେହି ଖାଦ୍ୟ, ବସ୍ତ୍ର ଓ ସେବାକୁ ପ୍ରତ୍ୟାଖ୍ୟାନ କରୁଥିଲେ । ଯାହା ଦକ୍ଷିଣା ମିଳିଥିଲା, ଗୁରୁଜୀଙ୍କୁ ନ ଦେଇ ନିଜେ ରଖିଲେ । ଜଣେ ଶିଷ୍ୟ ଗୁରୁଙ୍କ ନିକଟରେ ସବୁକିଛି ମାନିଗଲା । ଖାଦ୍ୟ ଓ ଅର୍ଥ ପ୍ରତି ଥିବା ଲୋଭ, ବସ୍ତ୍ର ପ୍ରତି ଥିବା ଆକର୍ଷଣ ବିଷୟରେ କହିଲା । ଗୁରୁ ଜାଣିଲେ, ଏ ହେଉଛି ସରଳ ପିଲା । ସରଳ ମଣିଷର ପଥ ହିଁ ସତ୍ୟ । ଯିଏ ଲଜ୍ଜା, ସଂକୋଚ ନରଖି ନିଜର ଚରିତ୍ର ତଥା ଜୀବନକୁ ଉପଯୁକ୍ତ ମଣିଷ ନିକଟରେ ଖୋଲି ଦେଇଥାଏ, ସେ ହିଁ ସରଳ । ବାସ୍ତବରେ ସରଳ ଭଳି ଆଚରଣ କରିବା ତ ସହଜ । ମାତ୍ର ବାସ୍ତବ ଜୀବନରେ ସରଳ ହେବା ଅତ୍ୟନ୍ତ ଜଟିଳ ବ୍ୟାପାର ।

# ସରକାରୀ ନିୟମକୁ ଫୁଁ': ମଧ୍ୟାହ୍ନ ଖରାରେ ଚାଲିଛି ଢ଼ଳେଇ କାର୍ଯ୍ୟ




**କୁଆଁପାଳ,୧୪।୪/ଏନ୍ଏନ୍ଏସ୍:** ମାହାଙ୍ଗା ବ୍ଲକରେ ବିଭିନ୍ନ ପଞ୍ଚାୟତରେ ବିକଶିତ ଗାଁ ବିକଶିତ ଓଡ଼ିଶାରେ ଢ଼ଳେଇ ରାସ୍ତା କାର୍ଯ୍ୟ ଦିନ ୧୨ଟା ପରେ ଖରାରେ ହେଉଥିବା ଦେଖିବାକୁ ମିଳିଛି । ସରକାର ଦିନ ସାଢ଼େ ୧୦ଟା ପରେ କୌଣସି କାର୍ଯ୍ୟ ଖରାରେ ଶ୍ରମିକମାନେ ନ କରିବା ପାଇଁ ଘୋଷଣା କରିଥିଲା ବେଳେ ମାହାଙ୍ଗାରେ କିନ୍ତୁ ଓଲଟା । ସରକାରୀ ନିୟମକୁ ଫୁଁ କରୁଛନ୍ତି ପ୍ରଶାସନିକ ଅଧିକାରୀମାନେ । ଏଠାରେ ସୂଚନା ଯୋଗ୍ୟ ଆଜି ୧୧ତାରିଖ ମାହାଙ୍ଗା ବ୍ଲକର ବରାହିପୁର ପଞ୍ଚାୟତର ମଣିଯୋରୀ ଠାରେ ଆର୍ ଆଣ୍ଡ୍ ବି ରାସ୍ତା ଠାରୁ ମଣିଯୋରୀ ହରିଜନସାହି ରାସ୍ତା କାର୍ଯ୍ୟ ଦିନ ୧୨ଟା ପରେ ଖରାରେ ହେଉଥିବା ଦେଖିବାକୁ ମିଳିଥିଲା । ଛୁଟି ଦିନରେ ବିଭାଗୀୟ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ କାର୍ଯ୍ୟ ଚାଲିଥିଲା । ଏପରିକି ରାସ୍ତାରେ ଢ଼ଳେଇ ପଡିବା ପୂର୍ବରୁ ଠିକ୍ ଭାବରେ ବାଲି ପକାଇଯାଇ ନଥିଲା । ଢ଼ଳେଇ କାର୍ଯ୍ୟ ବାଲି ଓ ସିମେଣ୍ଟର ପରିମାଣକୁ ନେଇ ମଧ୍ୟ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା । କାର୍ଯ୍ୟନିର୍ବାହୀ ସଂସ୍ଥା ବିଭାଗୀୟ ବୋଲି ଫଳକରେ ଉଲ୍ଲେଖ କରାଯାଇଛି । ହେଲେ ଛୁଟି ଦିନ ବିଭାଗୀୟ କନିଷ୍ଠଯନ୍ତ୍ରୀଙ୍କ ଅନୁପସ୍ଥିତିରେ କେଉଁମାନେ ରାସ୍ତା ନିର୍ମାଣ କାର୍ଯ୍ୟ କରୁଥିଲେ ଏ ସଂପର୍କରେ ମାହାଙ୍ଗା ବିଡିଓଙ୍କୁ ଫୋନ୍‌ରେ ଯୋଗାଯୋଗ କରିଥିଲେ ମଧ୍ୟ ସେ ଏ ସଂପର୍କରେ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରୁଛି ବୋଲି କହି ଫୋନ୍ କାଟିଦେଇଥିଲେ । ପରେ ଯେତେଥର ଫୋନ୍ କଲେ ମଧ୍ୟ ସେ ଉଠାଇ ନଥିଲେ । ଏଠାରେ ସୂଚନା ଯୋଗ୍ୟ ଯେ ମାହାଙ୍ଗା ବ୍ଲକର ବିଭିନ୍ନ ପଞ୍ଚାୟତରେ ବିକଶିତ ଗାଁ ଓ ବିକଶିତ ଓଡ଼ିଶା କାର୍ଯ୍ୟରେ ନିର୍ମିତ ଢ଼ଳେଇ ରାସ୍ତା ଅତିନିମ୍ନମାନର କରାଯାଉଛି । ସ୍ୱାଧୀନ ବିଧାୟକଙ୍କ ସମର୍ଥକମାନେ କାର୍ଯ୍ୟ କରୁଥିବାରୁ ବ୍ଲକ ଅଧିକାରୀମାନେ ଘଟଣାସ୍ଥଳରେ ଅନୁପସ୍ଥିତ ରହୁଛନ୍ତି ବୋଲି ଅଭିଯୋଗ ହେଉଛି । ଏଣୁ ରାଜ୍ୟ ମାନ୍ୟବର ମୁଖ୍ୟମନ୍ତ୍ରୀ ଏହି ଘଟଣାର ନିରପେକ୍ଷ ତଦନ୍ତ କରିବା ସହ ଏଥିରେ ସଂପୃକ୍ତି ଥିବା କନିଷ୍ଠ ଯନ୍ତ୍ରୀଙ୍କ ବିରୁଦ୍ଧରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ସର୍ବସାଧାରଣରେ ଦାବି ହେଉଛି ।

# ବାଣପୁରରେ ବିଶ୍ୱ ହୋମିଓପାଥିକ୍ ଦିବସ

**ବାଣପୁର,୧୪।୪/ଏନ୍ଏନ୍ଏସ୍:** 'ସ୍ଥାୟୀ ସ୍ୱାସ୍ଥ୍ୟ ପାଇଁ ହୋମିଓ ପାଥିକ୍' ଏହି ଉକ୍ତି କୁ ଚରିତାର୍ଥ କରିବା ଉଦ୍ଦେଶ୍ୟରେ ହୋମିଓପାଥିକ୍‌ର ଜନକ ମହାତ୍ମା ଡ଼ ସେମୁଏଲ୍ ହେନିମନଙ୍କର ପବିତ୍ର ଜନ୍ମ ଜୟନ୍ତୀରେ ପାଳନ କରାଯାଏ ବିଶ୍ୱ ହୋମିଓ ପାଥିକ୍ ଦିବସ । ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲ୍ଲା ବାଣପୁର ନିକଟସ୍ଥ ଭେଟେଶ୍ୱର୍ ସରକାରି ହୋମିଓ ପାଥିକ୍ ଚିକିତ୍ସାଳୟରେ ପାଳନ କରାଯାଇଛି 'ବିଶ୍ୱ ହୋମିଓପାଥିକ୍ ଦିବସ' । ଏହି ଅବସରରେ ଏକ ନିରାଡ଼ମ୍ବର ଉତ୍ସବରେ ଜନ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇ ଚିକିତ୍ସାଳୟର ଡାକ୍ତର ଡ଼ ସ୍ନିଗ୍ଧାରାଣୀ ନାୟକ ଏହାର ଉପକାରିତା ସମ୍ପର୍କରେ ଅବଗତ କରାଇଥିଲେ । ହୋମିଓ ପାଥିକ୍ ଚିକିତ୍ସା ଦ୍ୱାରା ସୁସ୍ଥ ଜୀବନର ଉନ୍ନତି ଦିଗରେ ଗୋଟାଏ ଗୋଟାଏ ପାଦ ଆଗକୁ ବଢ଼ିବାରେ ସହଯୋଗ କରିଥାଏ ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ଚିକିତ୍ସାଳୟର ଡାକ୍ତରଙ୍କ ସମେତ ସମସ୍ତ କର୍ମଚାରୀ ଓ ଆଶାକର୍ମୀ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ ।

# ଉଚ୍ଚବିଦ୍ୟାଳୟରେ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

**ଚାରିଛକ,୧୪।୪/ଏନ୍ଏନ୍ଏସ୍:** ନିମାପଡ଼ା ବ୍ଲକ ଅନ୍ତର୍ଗତ ସଲ୍ଲଙ୍ଗ ପଞ୍ଚାୟତ ଭଣ୍ଡିଗ୍ରାମ ଶ୍ରୀ ରାମଚନ୍ଦ୍ର ସଂଯୁକ୍ତ ଉଚ୍ଚ ବିଦ୍ୟାଳୟ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ଗଙ୍ଗାଧର ରଥଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ମଣ୍ଡଳଶିକ୍ଷାଧିକାରୀ ସୁଦର୍ଶନ ଭୋଇ, ମୁଖ୍ୟବକ୍ତାଭାବେ ଏବିଇଓ ପୁଷ୍ପମିତ୍ରା ମିଶ୍ର, ସମ୍ମାନିତ ଅତିଥିଭାବେ ବରିଷ୍ଠ ସାମ୍ବାଦିକ ମାନସ କୁମାର ଦାସ, ସିଆର୍‌ସିସି ବିଷ୍ଣୁମୋହନ ପରିଡା, ପରିଚାଳନା କମିଟି ଉପ-ସଭାପତି ନୃସିଂହ ଚରଣ ସ୍ୱାଇଁ, ପରିଚାଳନା କମିଟି ପୂର୍ବତନ ସଭାପତି କାଳୁ ପରିଡା, କମିଟିସଭ୍ୟା ସବିତା ମଲ୍ଲିକ, ସଭ୍ୟ ବିଭୂତି ଭୂଷଣ ବେହେରା, ସନ୍ତୋଷ ମହାକୁଡ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ବିଦ୍ୟାଳୟର କୃତି ପ୍ରତିଭାମାନଙ୍କୁ ସମ୍ମାନିତ କରାଯାଇଥିଲା । ସହକାରୀ ଶିକ୍ଷୟିତ୍ରୀ ରିଟାମଞ୍ଜରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ମହାବିଦ୍ୟାଳୟରେ 'ବନ୍ଦନୀୟ ବରପୁତ୍ର'

**ଫୁଲନଖରା,୧୪।୪/ଏନ୍ଏନ୍ଏସ୍:** ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ ଆନୁକୂଲ୍ୟରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଓଡ଼ିଶାର 'ବନ୍ଦନୀୟ ବରପୁତ୍ର'ଙ୍କ ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ମହାବିଦ୍ୟାଳୟର ଅଧକ୍ଷ ଡ. ବଂଶୀଧର ଦାଶଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ଓଡ଼ିଆ ବିଭାଗ ମୁଖ୍ୟ ଡ. ବିନୋଦିନୀ ଦାସ, ପଦାର୍ଥବିଜ୍ଞାନ ବିଭାଗ ମୁଖ୍ୟ ମନୋରଞ୍ଜନ ମହାନ୍ତି, ଇତିହାସ ବିଭାଗ ମୁଖ୍ୟ ଡ. ସ୍ମିତା ମିତ୍ର ଓ ଅଧ୍ୟାପକ ରଞ୍ଜନ ପରିଡା ପ୍ରମୁଖ ଯୋଗଦେଇ ଓଡ଼ିଶାର ବରପୁତ୍ରମାନଙ୍କ ତ୍ୟାଗ ଓ ଅବଦାନ ଆଲୋଚନା କରିଥିଲେ । ଅଧ୍ୟାପକ ଡ. ଗିରିଧାରୀ ସାହୁ ଓ ଅଧ୍ୟାପିକା ଲେଫ୍ଟନାଣ୍ଟ ପ୍ରଜ୍ଞା ବେହେରା ସହଯୋଗ କରିଥିବାବେଳେ ଅଧ୍ୟାପିକା ସବିତା ବେହେରା ପରିଚାଳନା କରିଥିଲେ । ଏହି ଆଲୋଚନା ଚକ୍ରରେ ମହାବିଦ୍ୟାଳୟ ର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ଯୋଗଦେଇ ଆଲୋଚନାରେ ଭାଗନେବା ସହ ବରପୁତ୍ରଙ୍କ ଲିଖିତ କବିତା ଓ ସଙ୍ଗୀତ ଗାନ କରିଥିଲେ ।

# ଝାମୁଯାତ୍ରା: ନିଆଁରେ ଚାଲିଲେ ମାନସିକଧାରୀ

**କଣ୍ଟିଲୋ,୧୪।୪/ଏନ୍ଏନ୍ଏସ୍:** ଆଜି ମଙ୍ଗଳବାର୍ ପବିତ୍ର ମହାବିଷୁବ ସଂକ୍ରାନ୍ତି ଅବସର ରେ ସ୍ଥାନୀୟ ପାଣ୍ଡୁ ସାହୁ ପାଟଣା ତିଅର ସମାଜ ପକ୍ଷରୁ ମା' ମଙ୍ଗଳାଙ୍କ ପୀଠରେ ଝାମୁ ଯାତ୍ରା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପିଠିରେ କଣ୍ଟାରେ ପାଟ ଫୋଡା କରାଯାଇ ନଗର ଭ୍ରମଣ କରାଯାଇଥିଲା । ଅପରାହ୍ନରେ କୃଷ୍ଣଚନ୍ଦ୍ରପୁର ପାଟଣାଠାରେ ପ୍ରତିଷ୍ଠିତ ମା' ମଙ୍ଗଳା ଙ୍କ ପୀଠରେ ଉତ୍ତପ୍ତ ଅଗ୍ନି ମଧ୍ୟରେ ମାନସିକ ଧାରୀ ପିଲାମାନେ ଚାଲିଥିଲେ । କାର୍ଯ୍ୟକ୍ରମରେ ବିପିନ ଭୋଇ, ଯୁଧିଷ୍ଠିର ବେହେରା ଓ ସୁଦର୍ଶନ ବେହେରାଙ୍କ ସମେତ ତିଅର ସମାଜର ସମସ୍ତ ଅଧିବାସୀ ସହଯୋଗ କରିଥିଲେ । ପ୍ରାୟ ୨୫ଜଣ ମାନସିକଧାରୀ ବାଳକ ପିଠିରେ ଅଙ୍କୁଶ କଣ୍ଟାମାରି ରତ୍ନନିଆଁ ଗାଡରେ ଚାଲୁଥିବାର ଦୃଶ୍ୟ ହଜାର ହଜାର ଦର୍ଶକ ଉପଭୋଗ କରିଥିଲେ ।

# ମୂର୍ଚ୍ଛିକା କ୍ଲବ୍ ପକ୍ଷରୁ ଓଡ଼ିଆ ନବବର୍ଷ ମହାସମାରୋହ



**ଖୋର୍ଦ୍ଧା,୧୪।୪/ଏନ୍ଏନ୍ଏସ୍:** ସୋମବାର ଓଡ଼ିଆ ନବବର୍ଷ ୨୦୨୬ ପାଳନ ଖୋର୍ଦ୍ଧା ନିକଟସ୍ଥ ଆରିସଲ ଗ୍ରାମ ମୂର୍ଚ୍ଛିକା କ୍ଲବ୍ ପକ୍ଷରୁ ମହା ଆଡମ୍ବର ସହକାରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ମୁଖ୍ୟ ଆୟୋଜକ ଅନୁଷ୍ଠାନର ସଭାପତି ସରୋଜ ନାୟକଙ୍କ ନିର୍ଦ୍ଦେଶନାରେ ହୋଇଛି । ମୁଖ୍ୟ ଅତିଥି ଭାବେ ଜଟଣୀର ପୂର୍ବତନ ବିଧାୟକ ତଥା ପୂର୍ବତନ ଅବକାରୀ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ମୁଖ୍ୟବକ୍ତା ଭାବେ ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ, ଅତିଥି ଭାବେ ଆରିସଲ୍ ସରପଞ୍ଚ, ଇନ୍‌ଫୋଭାଲି ଥାନା ଅଧିକାରୀ, ଜଟଣୀ ଥାନା ଅଧିକାରୀ ଓ ପ୍ରଭାବଶାଳୀ ବ୍ୟକ୍ତି ପ୍ରମୁଖ ଯୋଗ ଦେଇଥିଲେ । ଏଥିସହ ସନ୍ଧ୍ୟାରେ ଷ୍ଟାର୍ ନାଇଟ୍ ମେଲୋଡି ପ୍ରୋଗ୍ରାମରେ ଓଡ଼ିଶା ଏବଂ ମୁମ୍ବାଇରୁ ସଙ୍ଗୀତ କଳାକାର ସହ ମୁଖ୍ୟ ଆକର୍ଷଣ ଭାରତ ଫିଲ୍ମ ଜଗତର ଚର୍ଚ୍ଚିତ ଅଭିନେତା ଗୋବିନ୍ଦା ଯୋଗଦେଇ ଦର୍ଶକଙ୍କ ମନ ମୁଗ୍ଧ କରିଥିଲେ । କାର୍ଯ୍ୟକ୍ରମରେ ଆରିସଲ ମୂର୍ଚ୍ଛିକା କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିବା ବେଳେ ପୁଲିସ ପକ୍ଷରୁ ଆଇନ ଶୃଙ୍ଖଳା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା ।

# ପଲ୍ଲୀରେ ପ୍ରଶାସନର ଜନଶୁଣାଣି




**ଖୋର୍ଦ୍ଧା,୧୪।୪/ଏନ୍ଏନ୍ଏସ୍:** ଟାଙ୍ଗୀ ବ୍ଲକ ଅନ୍ତର୍ଗତ ରାମେଶ୍ୱର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ପଲ୍ଲୀରେ ପ୍ରଶାସନିକ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କ ଅଧକ୍ଷତାରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଖୋର୍ଦ୍ଧା ଜ୍ୟୋତିଶଙ୍କର ସାହୁ, ଉପଖଣ୍ଡ ପୁଲିସ ଅଧିକାରୀ, ବାଲୁଗାଁ, ଆସିଷ୍ଟାଣ୍ଟ କଲେକ୍ଟର, ଅଭିଯୋଗ, ଭୁବନେଶ୍ୱରୀ କଅଁର, ବିଡିଓ, ଟାଙ୍ଗୀ ରୁମାନା ଜାଫ୍ରି, ତହସିଲଦାର, ଟାଙ୍ଗୀ ଯୋଗଦେଇ ଜନସାଧାରଣମାନଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ଗୁଡ଼ିକର ଶୁଣାଣିରେ ସହଯୋଗ ପ୍ରଦାନ କରିଥିଲେ । ଶିବିରକୁ ମୋଟ ୧୦୯ ଗୋଟି ଅଭିଯୋଗ ଆସିଥିଲା ବେଳେ ତନ୍ମଧ୍ୟରୁ ୧୦୦ ଗୋଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୯ ଗୋଟି ଗ୍ରାମୀଣ ସମସ୍ୟା ଜନିତ ଅଭିଯୋଗ ରହିଥିଲା । ଅତିରିକ୍ତ ଜିଲ୍ଲାପାଳ ଅଭିଯୋଗ ଶିବିରରେ ୫ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରିଥିଲେ । ଅନ୍ୟ ସମସ୍ତ ଅଭିଯୋଗ ଗୁଡ଼ିକୁ ବିଭାଗୀୟ ଅଧିକାରୀମାନେ ଯତ୍ନବାନ ହୋଇ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ଶିବିରରେ ବିଭିନ୍ନ ବିଭାଗର ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ ।

# ବିଭିନ୍ନ ସ୍ଥାନରେ ମହାବୀର ଜୟନ୍ତୀ



**କଣ୍ଟିଲୋ,୧୪।୪/ଏନ୍ଏନ୍ଏସ୍:** ପବିତ୍ର ମହାବିଷୁବ ସଂକ୍ରାନ୍ତିରେ କଣ୍ଟିଲୋ ପଞ୍ଚାୟତ ସମେତ ଆଖ ପାଖ ବିଭିନ୍ନ ଗ୍ରାମରେ ବଜରଙ୍ଗବାଲି ହନୁମାନ ଜୀଉଙ୍କ ମହାବୀର ଜୟନ୍ତୀ ଉତ୍ସବ ମହା ଆନନ୍ଦ ଉଲ୍ଲାସରେ ପାଳନ ହୋଇଥିବା ଦେଖିବାକୁ ମିଳିଛି । ମଙ୍ଗଳବାର ପ୍ରଭୁ ଶ୍ରୀନୀଳମାଧବଙ୍କ ମନ୍ଦିର ଉପରେ ପୂଜିତ ମହାବୀର ହନୁମାନଙ୍କ ମନ୍ଦିରରେ ଶତାଧିକ ଭକ୍ତଙ୍କ ଉପସ୍ଥିତିରେ ମହାବୀର ଜୟନ୍ତୀ ଉତ୍ସବ ପାଳିତ ହୋଇଥିଲା । ଏହି ପବିତ୍ର ତିଥିରେ ସକାଳ ସମୟରେ ପ୍ରଭୁ ଶ୍ରୀ ଶ୍ରୀ ନୀଳମାଧବ ଜିଉଙ୍କ ସର୍ବାଙ୍ଗ ଚନ୍ଦନ ଲାଗି ବେଶ ଅନୁଷ୍ଠିତ ହୋଇଥିଲା । କଣ୍ଟିଲୋ ଗ୍ରାମରେ ପ୍ରତିଷ୍ଠିତ ପଞ୍ଚମୁଖୀ ହନୁମାନ ପୀଠ, କଂସାରୀ ସାହି ପାଟଣା ହନୁମାନ ଜୀଉଙ୍କ ମନ୍ଦିର, ମାଧବ ଚୌଧୁରୀ ଶ୍ରୀ ରଘୁନାଥ ଜିଉଙ୍କ ମନ୍ଦିର, ବାପୁଜୀ ନଗର ସ୍ଥିତ ହନୁମାନ ମନ୍ଦିର, ବରୁଣେଇଙ୍କ ନିକଟସ୍ଥ ହନୁମାନ ମନ୍ଦିର, ପାଟଣାକୁଞ୍ଜ ବିହାରୀପୁର ସ୍ଥିତ ହନୁମାନ ମନ୍ଦିର, ନିକଟସ୍ଥ ବଡ଼ବାଣପୁର ହନୁମାନ ମନ୍ଦିର, ପଥର ଚକଡ଼ା, ମାଧପୁର, କେନ୍ଦୁପଲ୍ଲୀ, ଧାନ ଚାଙ୍ଗଡ଼ା ଗ୍ରାମରେ ପୂଜିତ ହନୁମାନ ମନ୍ଦିର ପ୍ରାଙ୍ଗଣରେ ପାରମ୍ପରିକ ପ୍ରଥା ଅନୁସାରେ ସମସ୍ତ ପୂଜାବିଧି ନୀତିକାନ୍ତି ଅନୁସାରେ ମହାବୀର ଜୟନ୍ତୀ ସମ୍ପନ୍ନ ହୋଇଥିବା ସୂଚନା ହସ୍ତଗତ ହୋଇଛି ।

# ଝିଙ୍କିରିଆରେ ବିଧାୟକଙ୍କୁ ସମ୍ବର୍ଦ୍ଧନା

**ବୟାଳିଶମୌଜା,୧୪।୪/ଏନ୍ଏନ୍ଏସ୍:** କଟକ ସଦର ଅନ୍ତର୍ଗତ ୪୨ ମୌଜାର ଝିଙ୍କିରିଆ ଗ୍ରାମର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀ ରଣେଷଣ୍ଡ ମନ୍ଦିର ପ୍ରାଙ୍ଗଣରେ ଝିଙ୍କିରିଆ ଗ୍ରାମବାସୀଙ୍କ ପକ୍ଷରୁ ସଦର ଯୁବ ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଏହି ଅବସରରେ ଝିଙ୍କିରିଆ ଗ୍ରାମର ଅଧିକାରି ଚିନ୍ମୟ ଦେବତା, ମହନ୍ତ ଦୁଷ୍ମନ୍ତ କୁମାର ନନ୍ଦ ଓ ଯୁବ ସମାଜସେବୀ ଜୀମୁତ ସାହୁଙ୍କ ମିଳିତ ତତ୍ତ୍ୱାବଧାନରେ ସମ୍ବର୍ଦ୍ଧିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ, ଶ୍ରୀରାମ ଫାଉଣ୍ଡେସନର ସମସ୍ତ ସଦସ୍ୟ, କଟକ ସଦର ଅଞ୍ଚଳର ବୁଦ୍ଧିଜୀବୀ, ମୁରବୀ ଓ ଝିଙ୍କିରିଆ ମାତୃଶକ୍ତିର ସମସ୍ତ ମା' ଭଉଣୀମାନେ ଯୋଗଦେଇ ବିଧାୟକଙ୍କ ଉନ୍ନତି ହେବା ସହ ଦୀର୍ଘ ଜୀବନ କାମନା କରିଥିଲେ ।

# ଅଗ୍ନିଶମ ବିଭାଗ ପକ୍ଷରୁ ସେବା ସପ୍ତାହ




**ଓଡ଼ଗାଁ,୧୪।୪/ଏନ୍ଏନ୍ଏସ୍:** ଓଡ଼ଗାଁ ଅଗ୍ନିଶମ ବିଭାଗ ପକ୍ଷରୁ ଜାତୀୟ ଅଗ୍ନିଶମ ସେବା ସପ୍ତାହ ମଙ୍ଗଳବାର ପାଳିତ ହୋଇଛି । ଏ ଅବସରରେ ଅଗ୍ନିସମ ବିଭାଗ କର୍ମଚାରୀ ମାନେ ମଙ୍ଗଳବାର ଓଡ଼ଗାଁ ରଘୁନାଥ ଜୀଉଙ୍କ ମନ୍ଦିର ଠାରୁ ଆରମ୍ଭ କରି ଏନଏସି ପରିଭ୍ରମଣ କରି ପ୍ରାକୃତିକ ବିପର୍ଯ୍ୟୟ ଦୈବୀ ଦୁର୍ବିପାକ ଓ ଆକସ୍ମିକ ଦୁର୍ଘଟଣାକୁ ଏଡାଇବା ନିମନ୍ତେ କିପରି ସାବଧାନ ଅବଲମ୍ବନ କରିବାକୁ ପଡ଼ିବ ସେ ସମ୍ପର୍କରେ ଡ଼ାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର କରି ସଚେତନ କରାଇଥିଲେ । ଓଡ଼ଗାଁ ଅଗ୍ନିଶମ ସେବାକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ପଦ୍ମନାଭ ବେହେରାଙ୍କ ନେତୃତ୍ୱରେ ସଚେତନତା ଶୋଭାଯାତ୍ରାରେ ହାବିଲଦାର ହେମନ୍ତ ପରିଡ଼ା, ଦୁର୍ଯୋଧନ ବେହେରା,ସୁମନ୍ତ ଶ୍ରୀଚନ୍ଦନ, ମାନସ ବେହେରା, ତାପସ ସେଠୀ, ବିଭୂତି ଦଳାଇ ଅମିୟ ଦଳେଇ ଓ ଭାସ୍କର ମାଣିଆଙ୍କ ସହିତ ଅନ୍ୟ ସହକର୍ମୀ ମାନେ ସହଯୋଗ କରିଥିଲେ ।

# ମହାବିଦ୍ୟାଳୟରେ ରକ୍ତଦାନ ଶିବିର



**ସାକ୍ଷୀଗୋପାଳ,୧୪।୪/ଏନ୍ଏନ୍ଏସ୍:** ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ସଭାଗୃହରେ ଯୁବ ରେଡକ୍ରସ୍, ଜାତୀୟ ସେବା ଯୋଜନା ଏବଂ ରେଞ୍ଜ୍ ରୋଭର ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀମାନେ ଏଥିରେ ରକ୍ତଦାନ କରିଥିଲେ ଏବଂ ସର୍ବମୋଟ ୧୨ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ମହାବିଦ୍ୟାଳୟର ଅଧକ୍ଷ ଅଜୟ କୁମାର ପାଣି ଶିବିରର ଉଦଘାଟନ କରିଥିଲେ । ଶିବିରଟି ଆରସି ଆରବିସି ଶାଖାର ମୁଖ୍ୟ ଡକ୍ଟର ପ୍ରସନ୍ନ କୁମାର ଦାସ ଓ ତାଙ୍କ ଟିମ୍‌ର ତତ୍ତ୍ୱାବଧାନରେ ଶିବିର ଆୟୋଜିତ ହୋଇଥିଲା । ଯୁବ ରେଡକ୍ରସ୍ ଉପଦେଷ୍ଟା ସ୍ୱର୍ଣ୍ଣଲତା ମାହାରି, ଜିତେନ୍ କୁମାର ଦାସ, ଜାତୀୟ ସେବା ଯୋଜନା ଉପଦେଷ୍ଟା ଦିଲ୍ଲୀପ କୁମାର ବେହେରା, ପ୍ରକାଶ କୁମାର ସାହୁ ଏବଂ ରେଞ୍ଜ୍ ରୋଭରର ଉପଦେଷ୍ଟା ରଘୁନାଥ ପରିଡା ପରିଚାଳନା କରିଥିଲେ ।

# ସମ୍ବିଧାନ ପ୍ରଣେତାଙ୍କ ୧୩୫ତମ ଜୟନ୍ତୀ



**ପିପିଲି,୧୪।୪/ଏନ୍ଏନ୍ଏସ୍:** ଆଜି ଭାରତ ରତ୍ନ ତଥା ସମ୍ବିଧାନ ପ୍ରଣେତା ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ୧୩୫ତମ ଜନ୍ମ ଜୟନ୍ତୀ ପିପିଲି ବାଇପାସ୍ ସ୍ଥିତ ଆମ୍ବେଦକର ଙ୍କ ପ୍ରତିମୂର୍ତ୍ତି ନିକଟରେ ମହାଆଡମ୍ବରରେ ପାଳିତ ହୋଇଯାଇଛି । ଅଲ ଇଣ୍ଡିଆ ମୂଳ ନିବାସୀ ସଂଘ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସାଂସଦ ଅନନ୍ତ ସେଠୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ରୁଦ୍ର ପ୍ରତାପ ମହାରଥୀ, ଜିଲ୍ଲା ପରିଷଦ ସଭ୍ୟ ଧରଣୀଧର ସାହୁ, ଯୁବ ନେତା ପ୍ରକାଶ ଧଳ, ଆର୍ତ୍ତବନ୍ଧୁ ସାମନ୍ତରାୟଙ୍କ ସହ ଖ୍ରୀଷ୍ଟୀୟାନ ମୋର୍ଚ୍ଚା ସଭାପତି ଆଶିଷ ଦାସ, ସ୍ଥାନୀୟ ମୁସଲିମ ସମ୍ପ୍ରଦାୟର ସଭାପତି, ସମ୍ପାଦକ ପ୍ରମୁଖ ଯୋଗଦେଇ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରିଥିଲେ । ଶେଷରେ ଏକ ବାଇକ୍ ରାଲିରେ ଆମ୍ବେଦକରଙ୍କ ଉଦ୍ଦେଶ୍ୟରେ ସ୍ଲୋଗାନ ସହ ପିପିଲି ଓ ଦାଣ୍ଡ ମୁକୁନ୍ଦପୁର ବଜାର ପରିକ୍ରମା କରିଥିଲା । କାର୍ଯ୍ୟକ୍ରମକୁ ସଂଗଠନର ରାଜ୍ୟ ସମ୍ପାଦିକା ସୋନିଲତା ସେଠୀଙ୍କ ସହ ସଦସ୍ୟା ମମତା ବେହେରା, ଗୀତ ବେହେରା, ଝରଣା ମଲିକ, ଯୁବନେତା କାହ୍ନୁ ଚରଣ ବେହେରା, ସର୍ବେଶ୍ୱର ଭାରତୀଙ୍କ ସହ ନେତୃବୃନ୍ଦ ପରିଚାଳନା କରିଥିଲେ ।

HDFC BANK
We understand your world

Registered Office: HDFC Bank House, Senapati Bapat Marg, Lower Parel (West), Mumbai - 400 013 and having one of its office as Retail Portfolio Management at HDFC Bank Ltd, 1st Floor, I-Think Techno Campus, Kanjurmarg (East),Mumbai – 400042.

**ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍ ନିକଟରେ ବନ୍ଧକ ଥିବା ସମ୍ପତ୍ତି (ପ୍ରତିବନ୍ଧ ସିକ୍ୟୁରିଟିଜ୍) ବିକ୍ରୟ ପାଇଁ ବିକ୍ରୟ ସୂଚନା ଏବଂ ସାର୍ବଜନୀନ ନୋଟିସ୍**

ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍ ('ବ୍ୟାଙ୍କ')ର ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କରୁ ପ୍ରତିବନ୍ଧ ସିକ୍ୟୁରିଟି ବିକ୍ରୟ ବିଷୟରେ ସୂଚିତ କରାଯାଉଅଛି, ଯାହାଦ୍ୱାରା ସିକ୍ୟୁରିଟିଜ୍ ବିରୁଦ୍ଧରେ ଋଣ/ଓଭରଡ୍ରାଫ୍ଟ ପ୍ରକାରର କ୍ରେଡିଟ୍ ସୁବିଧା ଉପଲବ୍ଧ ହେବ ।

ସହମତ ଋଣ ସର୍ତ୍ତାବଳୀ ଅନୁଯାୟୀ ଋଣଗ୍ରହୀତାଙ୍କ ଦ୍ୱାରା ବାକିଥିବା ବକେୟା ଦେୟ ପରିଶୋଧ କରିବାରେ ଖିଲାପ ହେଉଥିବା ସ୍ଥଳେ, ନିମ୍ନଲିଖିତ ଋଣ ଆକାଉଣ୍ଟଗୁଡ଼ିକ ଅଚଳ ଅବସ୍ଥାରେ ଅଛି । ବ୍ୟାଙ୍କ ଏହି ଋଣଗ୍ରହୀତାମାନଙ୍କୁ ଏହାପୂର୍ବରୁ ଏକାଧିକ ଥର ନୋଟିସ୍ ଜାରି କରିଅଛି, ସେଗୁଡ଼ିକରେ ନିମ୍ନଲିଖିତ ତାରିଖରେ ପ୍ରସ୍ତାବିତ ବିକ୍ରୟ ନୋଟିସ୍ ଅନ୍ତର୍ଭୁକ୍ତ କରାଯାଇଥିଲା । ଏଥିରେ ବ୍ୟାଙ୍କ ପ୍ରତିବନ୍ଧତା ଆବେଦନ ମଧ୍ୟ କରିଥିଲା ଏବଂ ନିମ୍ନଲିଖିତ ଆକାଉଣ୍ଟଗୁଡ଼ିକରେ ସମ୍ପୂର୍ଣ୍ଣ ବକେୟା ଦେୟ ପରିଶୋଧ କରିବା ପାଇଁ ଋଣଗ୍ରହୀତାଙ୍କୁ ୭ ଦିନର ସମୟ ପ୍ରଦାନ କରିଥିଲା ଏବଂ ସ୍ପଷ୍ଟ କରିଥିଲା ଯେ, ଋଣ ପରିଶୋଧରେ ପରବର୍ତ୍ତୀ ବିଫଳତା କ୍ଷେତ୍ରରେ ବ୍ୟାଙ୍କ ଏହି ସମ୍ପର୍କରେ ଆଉ କୌଣସି ନୋଟିସ୍ ଜାରି ନକରି ପ୍ରତିବନ୍ଧ ସିକ୍ୟୁରିଟି ବିକ୍ରୟ କରିବାକୁ ସମ୍ପୂର୍ଣ୍ଣ ସ୍ୱାଧୀନ ଅଧିକାର ହାସଲ କରିବ ।

ଋଣଗ୍ରହୀତାମାନେ ଅବହେଳା କରିଛନ୍ତି ଏବଂ ପରିଶୋଧ କରିବାରେ ବିଫଳ ହୋଇଛନ୍ତି, ତେଣୁ, ଋଣ ଚୁକ୍ତିନାମା ଅନୁଯାୟୀ ବ୍ୟାଙ୍କ ଏକ ପ୍ରତିବନ୍ଧକ ଭାବରେ ନିଜର ଅଧିକାର ବ୍ୟବହାର କରି ଋଣଗ୍ରହୀତାମାନଙ୍କ ଦ୍ୱାରା ବ୍ୟାଙ୍କକୁ ଦିଆଯାଇଥିବା ପ୍ରାପ୍ୟ ଆଦାୟ ପାଇଁ ୨୨ ଏପ୍ରିଲ୍୨୦୨୬ରେ କିମ୍ବା ତା'ପରେ ସିକ୍ୟୁରିଟିଗୁଡ଼ିକ ବିକ୍ରୟ/ବିନିଯୋଗ କରିବାକୁ ନିଷ୍ପତ୍ତି ନେଇଛି । ଋଣଗ୍ରହୀତାମାନଙ୍କୁ ଏହା ମଧ୍ୟ ସୂଚିତ କରାଯାଉଛି ଯେ, ଯଦି ଯେକୌଣସି ସମୟରେ, ଷ୍ଟକ୍ ବଜାରରେ ଅସ୍ଥିରତା ଯୋଗୁଁ ପ୍ରତିବନ୍ଧ ସିକ୍ୟୁରିଟିର ମୂଲ୍ୟ ଆହୁରି ହ୍ରାସ ପାଏ ଯାହା ମାର୍ଜିନ୍ ଆବଶ୍ୟକତାରେ ଆହୁରି ଅଭାବ ସୃଷ୍ଟି କରେ, ତେବେ ବ୍ୟାଙ୍କ ନିଜ ବିବେଚନା ଅନୁଯାୟୀ ଏହି ସମ୍ପର୍କରେ କୌଣସି ସୂଚନା ବିନା ଗୋଟିଏ (୧) କ୍ୟାଲେଣ୍ଡର ଦିନ ମଧ୍ୟରେ ପ୍ରତିବନ୍ଧ ସିକ୍ୟୁରିଟି ବିକ୍ରୟ କରିବ । ଋଣଗ୍ରହୀତା(ମାନେ) ପ୍ରତିବନ୍ଧ ସିକ୍ୟୁରିଟି ବିକ୍ରୟରୁ ପ୍ରାପ୍ତ ଆୟର ସମାୟୋଜନ ପରେ, ଯେକୌଣସି ବାକି ଥିବା ବକେୟା ପରିମାଣର ପରିଶୋଧ ପାଇଁ ବ୍ୟାଙ୍କ ନିକଟରେ ଦାୟୀ ରହିବେ ।

| କ୍ର. ନଂ | ଋଣ ଆକାଉଣ୍ଟ ନଂ | ଋଣଗ୍ରହୀତାଙ୍କ ନାମ | ୧୨ ଏପ୍ରିଲ୍ ୨୦୨୬ ସୁଦ୍ଧା ମୋଟ ବକେୟା ରାଶି | ବିକ୍ରୟ ନୋଟିସ୍ ତାରିଖ |
|---|---|---|---|---|
| 1 | XXXXXXXXXX2028 | MURARI PRASAD BEHERA | 2,11,065.00 | 13-04-2026 |
| 2 | XXXXXXXXXX5091 | ARKESH NARAYAN SINGH DEO | 4,73,540.67 | 13-04-2026 |
| 3 | XXXXXXXXXX2257 | SIDHARTH SHANKAR MISHRA | 76,065.67 | 13-04-2026 |
| 4 | XXXXXXXXXX6569 | DURGA DUTTA DAS | 2,28,861.56 | 13-04-2026 |
| 5 | XXXXXXXXXX0118 | RAKESH KUMAR PANDA | 9,97,505.74 | 13-04-2026 |
| 6 | XXXXXXXXXX7148 | MADHULITA SENAPATI | 2,84,312.60 | 13-04-2026 |
| 7 | XXXXXXXXXX4093 | SABITRI SHATAPATHI | 2,28,354.00 | 13-04-2026 |
| 8 | XXXXXXXXXX6267 | SUBASH CHANDRA PATRA | 5,98,696.87 | 13-04-2026 |
| 9 | XXXXXXXXXX7791 | SANGRAM AJITAV DAS | 2,60,797.82 | 13-04-2026 |
| 10 | XXXXXXXXXX7699 | AFIPA PERMIN | 9,01,268.00 | 13-04-2026 |
| 11 | XXXXXXXXXX0236 | LIPSA MOHANTY | 8,96,446.07 | 13-04-2026 |
| 12 | XXXXXXXXXX3893 | SISIR KUMAR MOHAPATRA | 9,67,844.72 | 13-04-2026 |
| 13 | XXXXXXXXXX1370 | RUPAK KUMAR RAY | 6,87,461.17 | 13-04-2026 |
| 14 | XXXXXXXXXX3122 | NIRANJAN MOHAPATRA | 84,680.00 | 13-04-2026 |
| 15 | XXXXXXXXXX0197 | SASHIDHAR NAYAK | 8,64,272.00 | 13-04-2026 |
| 16 | XXXXXXXXXX2830 | RANJIT PATRA | 3,93,155.02 | 13-04-2026 |
| 17 | XXXXXXXXXX0401 | BISWAMITA INFRA-SIGN PVT LTD | 61,94,222.00 | 13-04-2026 |
| 18 | XXXXXXXXXX4564 | HEMANTA KUMAR SARANGI | 4,750.81 | 13-04-2026 |
| 19 | XXXXXXXXXX3951 | UPENDRA KUMAR SWAIN | 9,01,973.92 | 13-04-2026 |
| 20 | XXXXXXXXXX4071 | PRAMOD BHAGAT | 2,57,05,942.58 | 13-04-2026 |
| 21 | XXXXXXXXXX8020 | SRIKUMAR KHANDAI | 96,796.79 | 13-04-2026 |
| 22 | XXXXXXXXXX3291 | SANJIB SAHU | 4,02,584.10 | 13-04-2026 |
| 23 | XXXXXXXXXX6010 | MAHAMMAD GUFRAN KHAN | 9,98,228.82 | 13-04-2026 |
| 24 | XXXXXXXXXX9607 | BAIBASUTA SAHU | 9,59,563.81 | 13-04-2026 |
| 25 | XXXXXXXXXX5422 | LINGARAJ DHARUA | 1,55,259.49 | 13-04-2026 |
| 26 | XXXXXXXXXX6603 | RAJ KUMAR CHAWLA | 19,97,883.82 | 13-04-2026 |
| 27 | XXXXXXXXXX5762 | SATYAJIT CHOUDHURY | 1,966.00 | 13-04-2026 |

ତାରିଖ: ୧୫.୦୪.୨୦୨୬
ସ୍ଥାନ: ଓଡ଼ିଶା

ସ୍ୱାକ୍ଷର/-
ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍

## ଜିଲ୍ଲାସ୍ତରୀୟ ଆମ୍ବେଦକର ଜୟନ୍ତୀ

**କଟକ,୧୪।୪/ଏନ୍‌ଏନ୍‌ଏସ୍:** ଭାରତୀୟ ସମ୍ବିଧାନ ପ୍ରଣେତା ଭାରତରତ୍ନ ବାବା ସାହେବ ଡକ୍ଟର ଭୀମରାଓ ରାମଜୀ ଆମ୍ବେଦକରଙ୍କ ୧୩୬ତମ ଜୟନ୍ତୀ ଅବସରରେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା ଉଚ୍ଚ ନ୍ୟାୟାଳୟ ସନ୍ନିକଟ ଆମ୍ବେଦକରଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅର୍ପଣ ପୂର୍ବକ ଜିଲ୍ଲାସ୍ତରୀୟ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ମେୟର ସୁବାସ ସିଂହ, ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ, ସିଏମ୍‌ସି କମିଶନର କିରଣଦୀପ କୌର ସହୋତା, ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବାବା ସାହେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ସ୍ଥାନୀୟ କର୍ପୋରେଟର ଆରତୀ ସାହୁଙ୍କ ସମେତ ବହୁ ସାମାଜିକ କର୍ମୀ, ରାଜନେତା, ଆଇନଜୀବୀ ପ୍ରମୁଖ ଉପସ୍ଥିତ ରହି ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସୂଚନା ଓ ଲୋକସମ୍ପର୍କ କେନ୍ଦ୍ରାଞ୍ଚଳ ଉପନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ଉତ୍କଳ ସନ୍ତାନ ପକ୍ଷରୁ ଓଡ଼ିଆ ନବବର୍ଷ ପାଳନ

**କଟକ,୧୪।୪/ଏନ୍‌ଏନ୍‌ଏସ୍:** ଓଡ଼ିଆ ଭାଷା -ସାହିତ୍ୟ-ସଂସ୍କୃତି ସୁରକ୍ଷା ସଂସ୍ଥା ଉତ୍କଳ ସନ୍ତାନ ପକ୍ଷରୁ ଓଡ଼ିଆ ନବବର୍ଷ ଲୋକନାୟକ ଜୟପ୍ରକାଶ ନାରାୟଣ ପାର୍କରେ ପାଳନ କରାଯାଇଛି । କେନ୍ଦ୍ରୀୟ ସଭାପତି ଆଡ୍‌ଭୋକେଟ ପ୍ରଫେସର ଡକ୍ଟର ଜ୍ଞାନଗୁରୁ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବକ୍ତାମାନେ ଓଡ଼ିଶାର ସ୍ୱର୍ଣ୍ଣିଭ ଇତିହାସ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ନୃତ୍ୟ-ଗୀତ ଆସରରେ ଉପସ୍ଥିତ ଶ୍ରୋତା ଏହାର ମଜା ଉଠାଇଥିଲେ। ଉଦ୍ୟାନର ମୁଖ୍ୟ ଫାଟକ ସମ୍ମୁଖରେ ସାଧାରଣ ଜନତାଙ୍କୁ ଦହି ସରବତ ବିତରଣ କରାଯାଇଥିଲା । କାର୍ଯ୍ୟକ୍ରମକୁ ଲକ୍ଷ୍ମୀଧର ଦାସ, ବିଜୟ କୁମାର ସାମଲ, ପୂର୍ବତନ କର୍ପୋରେଟର ପ୍ରମୋଦ କୁମାର ବେହେରା, ନିଗମ ପ୍ରସାଦ ଲେଙ୍କା, ସଂଗ୍ରାମ କେଶରୀ ମହାନ୍ତି, ଆଡ୍‌ଭୋକେଟ ବିଶ୍ୱଜିତା ଜେନା, ମହାଶ୍ୱେତା ଦେବରାୟ ଓ ଉର୍ମିଳା ଦାସ ପ୍ରମୁଖ ପରିଚାଳନା କରିଥିଲେ। ସଂଗଠନ ସମ୍ପାଦକ ପ୍ରଭାତ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

## ପଥଚାରୀଙ୍କୁ ଜଳଦାନ, ଏସ୍‌ସିବିରେ ଅନ୍ନଯଜ୍ଞ



**କଟକ,୧୪।୪/ଏନ୍‌ଏନ୍‌ଏସ୍:** ପବିତ୍ର ପଣା ସଂକ୍ରାନ୍ତି ଅବସରରେ କଟକସ୍ଥିତ ସରସ୍ୱତୀ ବିଦ୍ୟା ମନ୍ଦିର କେଶବଧାମ ତରଫରୁ ସ୍ଥାନୀୟ ଗଡିରାଉତ ପାଟଣା ଗ୍ରାମର ରାଜପଥ ମାର୍ଗରେ ଏକ ଜଳଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଜଳଦାନ କେନ୍ଦ୍ର ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପଥିକମାନଙ୍କ ପାଇଁ ଜଳ ବ୍ୟବସ୍ଥା କରାଯାଇଛି । ମୁଖ୍ୟ ଅତିଥିଭାବେ ଶିକ୍ଷା ବିକାଶ ସମିତିର ସଭାପତି ଡ .କିଶୋର ଚନ୍ଦ୍ର ମହାନ୍ତି, ଶୈକ୍ଷିକ ସଂଯୋଜକ କୈଳାସ ଚନ୍ଦ୍ର ମିଶ୍ର, ସ୍ଥାନୀୟ ଗ୍ରାମର ବିଶିଷ୍ଟ ସମାଜସେବୀ କୁଞ୍ଜ ବିହାରୀ ଜେନା ଏବଂ ସନ୍ତୋଷ ଜେନା ଅତିଥିଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ କୁମାର ପଣ୍ଡା, ସହ ପ୍ରଧାନ ଆଚାର୍ଯ୍ୟ ଜିତେନ୍ଦ୍ର କୁମାର ସାହୁ, ଆଚାର୍ଯ୍ୟ ହିମାଂଶୁ ଶେଖର ମିଶ୍ର ଏବଂ ସତ୍ୟବ୍ରତ ନାୟକ ମଧ୍ୟ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଏନ୍‌ସିସି ବାହିନୀ ଓ ସ୍କାଉଟ୍ସ ବାହିନୀର କିଛି ସଦସ୍ୟ ରହି ପଥିକମାନଙ୍କୁ ଜଳଦାନ କରିବାରେ ସାହାଯ୍ୟ କରିଥିଲେ। ଜଳଦାନ ସହିତ ଏସ୍‌ସିବିରେ ବିଦ୍ୟାଳୟ ତରଫରୁ ଅନ୍ନଯଜ୍ଞ କାର୍ଯ୍ୟକ୍ରମ କରାଯାଇ ଅନ୍ନଦାନ କରାଯାଇଥିଲା । ଏଥିରେ ବିଦ୍ୟାଳୟର କୋଷାଧ୍ୟକ୍ଷା ସୁଶ୍ରୀ ଇନ୍ଦୁମତୀ ଦାଶ ଏବଂ ପ୍ରଧାନ ଆଚାର୍ଯ୍ୟଙ୍କ ସମେତ ସେବକ ଭାଇମାନେ ଉପସ୍ଥିତ ରହି ସମସ୍ତଙ୍କୁ ଅନ୍ନଦାନ କରିଥିଲେ।

## 'ମାଟିଘର ସାହିତ୍ୟ ଆସର'ର ଅଷ୍ଟମ ବାର୍ଷିକ ଉତ୍ସବ




**ଭୁବନେଶ୍ୱର,୧୪।୪/ଏନ୍‌ଏନ୍‌ଏସ୍:** ୟୁନିଟ୍-୯ ଫ୍ଲାଟସ୍ଥିତ ବିଏସ୍‌ଏନ୍‌ଏଲ୍ ସମ୍ମିଳନୀ କକ୍ଷଠାରେ 'ମାଟିଘର ସାହିତ୍ୟ ଆସର'ର ଅଷ୍ଟମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଦୁଇଟି ପର୍ଯ୍ୟାୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ବହୁ ସଂଖ୍ୟକ କବି ଓ ସାହିତ୍ୟିକ ଯୋଗ ଦେଇଥିଲେ। ଉତ୍ସବର ପ୍ରଥମ ଅଧିବେଶନରେ କବିତା ପାଠ ଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ କବି ମାନିନୀ ମିଶ୍ର ଅଧକ୍ଷତା କରିଥିବା ବେଳେ ବରେଣ୍ୟ ଅତିଥି ଭାବେ ଡଃ ତ୍ରିପୁରା ମିଶ୍ର ଏବଂ ସମ୍ମାନିତ ଅତିଥି ଭାବେ ଡଃ କବିତା ମହାନ୍ତି ଯୋଗ ଦେଇଥିଲେ। ଏହି ଅବସରରେ ସିନେ ଜଗତ, ଓଡ଼ିଶାର ଭାସ୍କର୍ଯ୍ୟ ଶିଳ୍ପ ଓ ସାହିତ୍ୟ ଉପରେ ଗଠନମୂଳକ ଆଲୋଚନା କରାଯାଇଥିଲା । ପ୍ରାୟ ୭୦ରୁ ଅଧିକ କବି ଓ କବୟିତ୍ରୀ ନିଜ ନିଜର ସ୍ୱରଚିତ କବିତା ପାଠ କରିଥିଲେ। ଦ୍ୱିତୀୟ ଅଧିବେଶନର ଉଦ୍‌ଘାଟନୀ ସମାରୋହରେ ବିଶିଷ୍ଟ କବି ମମତା ଦାଶ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଶିଷ୍ଟ କବି ସୂର୍ଯ୍ୟ ମିଶ୍ର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଅନୁଷ୍ଠାନର ଉପଦେଷ୍ଟା ଶଶୀଭୂଷଣ ମହାନ୍ତି ଏବଂ ପ୍ରତିଷ୍ଠାତା ସମ୍ପାଦିକା ଶର୍ମିଷ୍ଠା ମହାନ୍ତି ମଧ୍ୟ ମଞ୍ଚାସୀନ ରହି ଆଧୁନିକ ଓଡ଼ିଆ କବିତାର ଗତି ଓ ପ୍ରକୃତି ସମ୍ପର୍କରେ ନିଜ ନିଜର ମତ ଉପସ୍ଥାପନ କରିଥିଲେ। ଏହି ପରିପ୍ରେକ୍ଷୀରେ ମାଟିଘର ବାର୍ଷିକ ପତ୍ରିକା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ସାହିତ୍ୟ ଓ କଳାର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସାତ ଜଣ ବରିଷ୍ଠ ବ୍ୟକ୍ତିଙ୍କୁ 'ମାଟିଘର ସମ୍ମାନ'ରେ ବିଭୂଷିତ କରାଯାଇଥିଲା । ସେମାନେ ହେଲେ କବି ମମତା ଦାଶ, କବି ଡଃ ମନୋରମା ବିଶ୍ୱାଳ ମହାପାତ୍ର, କବି ସୂର୍ଯ୍ୟ ମିଶ୍ର, ଗୀତି କବିତା ପାଇଁ ଡଃ ପ୍ରୀତିପଦ୍ମା ପଣ୍ଡା, ସମ୍ପାଦନା ପାଇଁ ମାନିନୀ ମିଶ୍ର, ଓଡ଼ିଶାର ପ୍ରଥମ ମହିଳା ଭାସ୍କର୍ଯ୍ୟ ଶିଳ୍ପୀ ଭାବେ ଡଃ କବିତା ମହାନ୍ତି ଏବଂ ସଙ୍ଗୀତ କ୍ଷେତ୍ରରେ ସୌମ୍ୟ ବିଶ୍ୱଜିତ । ସମଗ୍ର କାର୍ଯ୍ୟକ୍ରମକୁ ଆଶୁତୋଷ ଦାଶ ଓ କ୍ଷଣପ୍ରଭା ମହାନ୍ତି ଅତ୍ୟନ୍ତ ଶୃଙ୍ଖଳିତ ଭାବେ ସଂଯୋଜନା କରିଥିଲେ।

### ବ୍ୟବସାୟୀଙ୍କୁ ହତ୍ୟା ଉଦ୍ୟମ

# ସୁପାରୀ କିଲର୍ ସମେତ ୪ ଗିରଫ

### ଦେଢ଼ ଲକ୍ଷ ଟଙ୍କାରେ ହୋଇଥିଲା ଡିଲ୍

### କାର୍, ବାଇକ୍, ମାରଣାସ୍ତ୍ର, ୫ ମୋବାଇଲ ଜବତ



**କଟକ,୧୪।୪/ଏନ୍‌ଏନ୍‌ଏସ୍:** ଦୁର୍ଘଟଣାର ରୂପ ଦେଇ ଜଣେ ବ୍ୟବସାୟୀଙ୍କୁ ହତ୍ୟା ଉଦ୍ୟମ କରିବା ଅଭିଯୋଗରେ ମର୍କତନଗର ପୁଲିସ ସୁପାରୀ କିଲର ସମେତ ୪ ଜଣଙ୍କୁ ଗିରଫ କରିଛି। ମୁଖ୍ୟ ଅଭିଯୁକ୍ତ ଜଗତସିଂହପୁର ଜିଲ୍ଲା ଏରସମା ଥାନା ଏସିଆ ଗାଁର ଚନ୍ଦନ ଭୋଳ(୩୪), ସୁପାରି କିଲର ଭୁବନେଶ୍ୱର ଓଲ୍ଡ ଟାଉନର ରାକା ଓରଫ ଟିକୁ ଓରଫ ରାକେଶ କୁମାର ବେହେରା(୨୨), ଏୟାର ଫିଲ୍ଡ କଂଟିଲୋ ଗାଁର ଶିଶିର ଜେନା(୩୩) ଓ କ୍ୟାପିଟାଲ ଥାନା ଶିଶୁ ଭବନ ଛକ ନିକଟ ଦିନୁ ଓରଫ ରାଜେଶ ନାୟକ(୨୫)କୁ ପୁଲିସ ଗିରଫ କରିଛି। ଏମାନଙ୍କ ପାଖରୁ ଗୋଟିଏ କାର, ଗୋଟିଏ ପଲସର ବାଇକ, ଧାରୁଆ ମାରଣାସ୍ତ୍ର, ୫ଟି ମୋବାଇଲ, ୧୧ ହଜାର ଟଙ୍କା ଜବତ ହୋଇଛି।

ପୁଲିସ ସୂଚନା ଅନୁସାରେ, ଏରସମାର ଚନ୍ଦନ ଭୋଳ ବାଦାମବାଡି ଅଞ୍ଚଳରେ ଏକ ବହି ଦୋକାନ କରିଛନ୍ତି। କିଛି ବର୍ଷ ହେବ ଚନ୍ଦନଙ୍କ ବ୍ୟବସାୟ କ୍ଷତିରେ ଚାଲିଥିଲା। ଯେବେଠୁ ମର୍କତନଗର ଅଞ୍ଚଳର ବ୍ୟକ୍ତି ଜଣ ହୋଲସେଲ ସହିତ ରିଟେଲ ବ୍ୟବସାୟ କଲେ ସେବେଠୁ ଚନ୍ଦନର ଗ୍ରାହକଙ୍କ ସଂଖ୍ୟା କମିଗଲା। ଏହାକୁ ନେଇ ଚନ୍ଦନ ପ୍ରତିଶୋଧ ପରାୟଣ ହୋଇପଡିଥିଲା । ଦୀର୍ଘ ଦିନ ଧରି ଆର୍ଥିକ କ୍ଷତି ସହିବା ପରେ ଶେଷରେ ସଂପୃକ୍ତ ବ୍ୟକ୍ତିଙ୍କୁ ମାରପିଟ କରିବାକୁ ଷଡ଼ଯନ୍ତ୍ର କରିଥିଲା ଚନ୍ଦନ। ଯେଉଁଭଳି ବ୍ୟକ୍ତି ଜଣକ ଆହତ ହୋଇ ପଡିବା ପରେ ତାଙ୍କର ବ୍ୟବସାୟ ବାଧାପ୍ରାପ୍ତ ହେବ। ଏହାପରେ ସେ ଭୁବନେଶ୍ୱରର ଦିନୁ ସହିତ ଯୋଗାଯୋଗ କଲା। ପରେ ଦିନୁ ଓ ସହଯୋଗୀଙ୍କ ସହିତ ମିଳିମିଶି ଆକ୍ରମଣ କରି କିଭଳି ଦୁର୍ଘଟଣାର ରୂପ ଦିଆଯିବ ସେନେଇ ଯୋଜନା କଲେ। ଏଥିପାଇଁ ଦେଢ଼ ଲକ୍ଷ ଟଙ୍କାରେ ଡିଲ ହୋଇଥିଲା। ଯୋଜନା ମୁତାବକ ଏପ୍ରିଲ ୫ ତାରିଖକୁ ଏହା କରିବା ପାଇଁ ଧାର୍ଯ୍ୟ ହୋଇଥିଲା। ତେବେ ଦୁର୍ଭାଗ୍ୟବଶତଃ ସେମାନେ ଟାର୍ଗେଟ କରିଥିବା ବ୍ୟକ୍ତିଙ୍କ ବଦଳରେ ତାଙ୍କ ଘର ମାଲିକଙ୍କୁ ଆକ୍ରମଣ କରିଥିଲେ। ଘର ମାଲିକ ସକାଳେ ପ୍ରାତଃଭ୍ରମଣ କରୁଥିଲେ। ଏତିକିବେଳେ ଜୟପ୍ରକାଶ ନାରାୟଣ ପାର୍କ ସମ୍ମୁଖରେ ରାକା, ଶିଶିର ଓ ଦିନୁ ଏକ ବାଇକରେ ଆସି ତାଙ୍କୁ ଜାଣିଶୁଣି ଧକ୍କା ଦେଇଥିଲେ। ଏହାକୁ ନେଇ ବଚସା ହେବା ଭିତରେ ଦୁର୍ବୃତମାନେ ଧାରୁଆ ମାରଣାସ୍ତ୍ରରେ ତାଙ୍କୁ ଆକ୍ରମଣ କରିଥିଲେ। ବ୍ୟକ୍ତିଙ୍କୁ ହତ୍ୟା ଉଦ୍ଦେଶ୍ୟରେ ଦୁର୍ବୃତମାନେ ତାଙ୍କ ମୁଣ୍ଡ ଓ ଶରୀରର ବିଭିନ୍ନ ସ୍ଥାନକୁ ଜୋରଦାର ଆଘାତ ଦେଇଥିଲେ। ବ୍ୟକ୍ତି ଜଣକ ରକ୍ତାକ୍ତ ହୋଇ ଅଚେତ ହୋଇଯିବା ପରେ ଦୁର୍ବୃତମାନେ ସେଠାରୁ ଚମ୍ପଟ ମାରିଥିଲେ। ସ୍ଥାନୀୟ ଲୋକେ ଆହତ ବ୍ୟକ୍ତିଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ମେଡିକାଲ ପଠାଇଥିଲେ। ଏନେଇ ଆହତଙ୍କ ପରିବାର ସଦସ୍ୟଙ୍କ ଏତଲା ଆଧାରରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ପ୍ରାରମ୍ଭିକ ତଦନ୍ତରୁ ପୁଲିସ ଏହାକୁ ଦୁର୍ଘଟଣା ଜନିତ ଗଣ୍ଡଗୋଳ ବୋଲି ଆଶଙ୍କା କରୁଥିଲା। ମାତ୍ର ସିସିଟିଭି ଫୁଟେଜରେ ଦୁର୍ବୃତଙ୍କ ଗତିବିଧିରୁ ପୁଲିସର ସନ୍ଦେହ ବଢ଼ିଥିଲା। ଏହାପରେ ଏକ ସ୍ୱତନ୍ତ୍ର ଟିମ ବିଭିନ୍ନ ସ୍ଥାନରେ ଚଢଉ କରି ଗଲା ୭ ତାରିଖରେ ପ୍ରଥମେ ରାକାକୁ ଗିରଫ କରିଥିଲା। ତା'ର ସୂଚନା ଆଧାରରେ ଏସିପି ଅରୁଣ ସ୍ୱାଇଁ ଓ ଇନ୍ସପେକ୍ଟର ଜଗନ୍ନାଥ ସାହୁଙ୍କ ନେତୃତ୍ୱରେ ପୁଲିସ ଟିମ ବ୍ରହ୍ମପୁର, ଗଞ୍ଜାମ, ଅନୁଗୁଳ, କେନ୍ଦୁଝର, କନ୍ଧମାଳ ଆଦି ଜିଲ୍ଲାରେ ଲଗାତାର ୫ ଦିନ ଧରି ଚଢଉ କରିଥିଲା। ଏହାପରେ ଦୁଇ ସୁପାରି କିଲର ଶିଶିର ଓ ଦିନୁ ଧରାପଡିଥିଲେ। ସେମାନଙ୍କୁ ଜେରା ବେଳେ ଘଟଣା ପଛର ମାଷ୍ଟରମାଇଣ୍ଡ ଚନ୍ଦନ ଭୋଳ ଓ ତା'ର ଟାର୍ଗେଟ ସମ୍ପର୍କରେ ଜଣାପଡ଼ିଥିଲା। ଏହାପରେ ପୁଲିସ ଚନ୍ଦନକୁ ଗିରଫ କରିଥିଲା। ଅଭିଯୁକ୍ତ ଦିନୁ ନାଁରେ ପୂର୍ବରୁ ବଡ଼ଗଡ଼ ଥାନା, ଚନ୍ଦ୍ରଶେଖରପୁର ଥାନା ଓ ଏୟାରପୋର୍ଟ ଥାନାରେ ଏକାଧିକ ଅପରାଧୀକ ମାମଲା ରହିଛି। ସମସ୍ତ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି।

## ଓଡ଼ିଆ ନବବର୍ଷ ଓ ପବିତ୍ର ପଣା ସଂକ୍ରାନ୍ତି ପାଳିତ

**କଟକ,୧୪।୪/ଏନ୍‌ଏନ୍‌ଏସ୍:** ଓଡ଼ିଆ ନବବର୍ଷ ଓ ପବିତ୍ର ପଣା ସଂକ୍ରାନ୍ତି ଅବସରରେ ଆଜି କଟକ ସହରର ସମସ୍ତ ମନ୍ଦିରଗୁଡ଼ିକରେ ଭକ୍ତମାନଙ୍କର ବିଶେଷ ଭିଡ଼ ଦେଖିବାକୁ ମିଳିଥିଲା। ପ୍ରଭାତରୁ ଆରମ୍ଭ କରି ଦିନଭରି ଶିବ, ହନୁମାନ ଓ ଶକ୍ତିପୀଠମାନଙ୍କରେ ଭକ୍ତମାନେ ପୂଜାର୍ଚ୍ଚନା, ଦୀପ ପ୍ରଜ୍ୱଳନ ଓ ବିଶେଷ ଯଜ୍ଞରେ ଯୋଗ ଦେଇଥିଲେ। ବିଶେଷକରି ଏହି ଦିନଟିକୁ ଓଡ଼ିଆ ପାଞ୍ଜି ଅନୁଯାୟୀ ନବବର୍ଷ ଆରମ୍ଭ ଭାବେ ପାଳନ କରାଯାଏ । ଯାହା ଶାନ୍ତି, ସମୃଦ୍ଧି ଓ ନବ ଆଶାର ପ୍ରତୀକ ବୋଲି ମନେ କରାଯାଏ। ରାଜ୍ୟର ବିଭିନ୍ନ ସ୍ଥାନରେ ପରମ୍ପରାଗତ ପଣା ପାନ କରାଯାଇ ତୁଳସୀ ଚଉରାରେ ଅର୍ପଣ କରିଲାଭଳି ରୀତିନୀତି

### ମନ୍ଦିରରେ ଭକ୍ତଙ୍କ ଭିଡ଼

ମଧ୍ୟ ଅନୁଷ୍ଠିତ ହୋଇଛି । ମା'କଟକ ଚଣ୍ଡୀମନ୍ଦିର, ଧବଳେଶ୍ୱରପୀଠ, ପଞ୍ଚମୁଖୀ ମନ୍ଦିର ସହ ଅନ୍ୟାନ୍ୟ ଦେବାଳୟରେ ଭକ୍ତମାନଙ୍କର ଧାଡ଼ି ଦେଖିବାକୁ ମିଳିଥିଲା। ଏହା ସହିତ ହନୁମାନଜୟନ୍ତୀ ମଧ୍ୟ ଏହି ଦିନରେ ପଡ଼ିଥିବାରୁ ହନୁମାନ ମନ୍ଦିରଗୁଡ଼ିକରେ ବିଶେଷ ପୂଜା ଓ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଅନେକ ସ୍ଥାନରେ ଝାମୁଯାତ୍ରା ଓ ପାରମ୍ପରିକ ଆଚାର ବିଚାର ଅନୁଷ୍ଠିତ ହୋଇ ଭକ୍ତି ଓ ଆସ୍ଥାର ଅଦ୍ଭୁତ ଦୃଶ୍ୟ ପ୍ରକାଶ ପାଇଥିଲା। ସହରର ବିଭିନ୍ନ ଅଞ୍ଚଳରେ ଶୋଭାଯାତ୍ରା ଓ ଧାର୍ମିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସହରର ବିଭିନ୍ନ ଛକମାନଙ୍କରେ ଜଳଦାନ କେନ୍ଦ୍ର ଖୋଲାଯାଇ ପଣା ଓ ଥଣ୍ଡା ଜଳ ବଣ୍ଟନ କରାଯାଇଥିଲା।

## ସିଜିମାଳିରେ ଏସ୍‌ୟୁସିଆଇ ପ୍ରତିନିଧି ଦଳ

**କଟକ,୧୪।୪/ଏନ୍‌ଏନ୍‌ଏସ୍:** ସମ୍ପ୍ରତି ରାୟଗଡ଼ା ଜିଲ୍ଲାର ସିଜିମାଳି ପାର୍ବତ୍ୟାଞ୍ଚଳରେ ଜନସାଧାରଣଙ୍କ ଉପରେ ପୁଲିସର ଅତ୍ୟାଚାର ପରିପ୍ରେକ୍ଷୀରେ ଏସ୍‌ୟୁସିଆଇ ( କମ୍ୟୁନିଷ୍ଟ) ଦଳ ପକ୍ଷରୁ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଅଶୋକ ମିଶ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସମ୍ପୃକ୍ତ ଅଞ୍ଚଳ ଗସ୍ତ କରିଛନ୍ତି। ପ୍ରତିନିଧି ମଣ୍ଡଳୀର ଗସ୍ତ ପରେ ପାର୍ଟି ପକ୍ଷରୁ ଜାରୀ ଏକ ପ୍ରେସ୍ ବିବୃତ୍ତିରେ କୁହାଯାଇଛି ଯେ, ୨୦୨୩ ମସିହାରୁ ସ୍ଥାନୀୟ ଅଞ୍ଚଳର ଅଧିବାସୀ , ବିଶେଷକରି ଆଦିବାସୀମାନେ ସିଜିମାଳିରେ ପୁଲିସ ପ୍ରଶାସନର ଦମନଲୀଳା ସତ୍ତ୍ୱେ କମ୍ପାନୀକୁ ଖଣି ଲିଜ ଦେବାପାଇଁ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରିଆସୁଛନ୍ତି। ତେବେ ଚଳିତ ମାସ ୪ ତାରିଖରୁ ସମଗ୍ର ଅଞ୍ଚଳରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଛି। କମ୍ପାନୀ ଦ୍ୱାରା ଖଣି ଖନନ କାମକୁ ତ୍ୱରାନ୍ୱିତ କରିବାପାଇଁ ସେଠାରେ ଏକ ରାସ୍ତା ନିର୍ମାଣ କାମ ଆରମ୍ଭ କରାଯାଇଛି। ସ୍ଥାନୀୟ ଆଦିବାସୀମାନେ ରାସ୍ତା ନିର୍ମାଣକୁ ବିରୋଧ କରିବାରୁ ସମଗ୍ର ଅଂଚଳକୁ ପୁଲିସ ଛାଉଣୀରେ ପରିଣତ କରାଯାଇଛି। ଅନ୍ୟ ପଟରେ ରାସ୍ତା ନିର୍ମାଣ ଉଦ୍ୟମକୁ ବିରୋଧ କରି ହଜାର ହଜାର ଲୋକ ରାସ୍ତା ନିର୍ମାଣ ଜାଗାରେ ବସି ଦିନରାତି ଧାରଣା ଚଳାଇ ରଖିଛନ୍ତି। ଏହିଭଳି ପରିସ୍ଥିତିରେ ଏପ୍ରିଲ ୬ ତାରିଖ ଭୋର୍ ୩ ଟାରେ ପୁଲିସ ଓ କୋବ୍ରା ବାହିନୀ ସବୁଠାରୁ ଲଡୁଆ ଗାଁ କଂଟାମାଳରେ ଶୋଇଥିବା ଅବସ୍ଥାରେ ଲୋକଙ୍କ ଉପରେ ଲାଠିମାଡ଼ କରିଛି। ବହୁ ଲୋକଙ୍କୁ ପୁଲିସ ବେଆଇନ ଭାବରେ ଗିରଫ କରି ଜେଲ୍‌ରେ ଭର୍ତ୍ତି କରିଛି। ପ୍ରତିନିଧି ଦଳ ଏହିଭଳି ବହୁ ଗ୍ରାମ ଗସ୍ତ କରିଥିଲେ ଏବଂ ଆନ୍ଦୋଳନକୁ ବ୍ୟାପକ କରିବା ପାଇଁ ସ୍ଥାନୀୟ ଜନ ସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ଆଗାମୀ ଦିନରେ ସିଜିମାଳି ର ସଂଗ୍ରାମୀ ଜନସାଧାରଣଙ୍କ ସମସ୍ତ ଆନ୍ଦୋଳନ ସହିତ ପାର୍ଟି ସକ୍ରିୟ ଭାବରେ ସାମିଲ ରହିବ ବୋଲି ରାଜ୍ୟ ସମ୍ପାଦକ ଶଙ୍କର ଦାସଗୁପ୍ତା ପ୍ରକାଶ କରିଛନ୍ତି।

## ବିଜେପି ଜିଲ୍ଲା ସଭାପତିଙ୍କ ଜନ୍ମଦିବସ ପାଳିତ

**କଟକ,୧୪।୪/ଏନ୍‌ଏନ୍‌ଏସ୍:**କଟକ ଜିଲ୍ଲା ବିଜେପି ସଭାପତି ସୁକାନ୍ତ ବିଶ୍ୱାଳଙ୍କ ୫୦ତମ ଜନ୍ମଦିବସ କଟକରେ ପାଳିତ ହୋଇଛି। ଏହି



ଅବସରରେ ଜିଲ୍ଲା ବିଜେପି ପକ୍ଷରୁ ଜିଲ୍ଲାର ସମସ୍ତ ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମହିଳା ମୋର୍ଚ୍ଚା ପକ୍ଷରୁ ଚଣ୍ଡୀ ମନ୍ଦିର ନିକଟରେ ଫଳ ବଣ୍ଟନ ଓ ଦୀପଦାନ କାର୍ଯ୍ୟକ୍ରମ, ଯୁବ ମୋର୍ଚ୍ଚା ପକ୍ଷରୁ ବୃଦ୍ଧା ଆଶ୍ରମରେ ଫଳ ବଣ୍ଟନ ସହିତ ଅନେକ ସ୍ଥାନରେ ଜଳଛତ୍ର ଆୟୋଜନ କରାଯାଇଥିଲା। ଅପରାହ୍ଣରେ ଅଲିମ୍ପିକ୍ ଆସୋସିଏସନ୍ ସଭାଗୃହରେ ହଜାରରୁ ଅଧିକ କାର୍ଯ୍ୟକର୍ତ୍ତା ବାଣ ଫୁଟାଇ ଓ ବାଜା ବଜାଇ ଜିଲ୍ଲା ସଭାପତିଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। ଏହି ଅବସରରେ ସ୍ମୃତି ରଞ୍ଜନ ମିଶ୍ର, ଅଶୋକ ସାହୁ, ବିଶ୍ୱ ରଞ୍ଜନ ମିଶ୍ର, ଭାଗିରଥି ଦଳାଇ, ସୁନୀଲ ଦିବେଦୀ, ସୁଜାତା ନନ୍ଦ, ସ୍ୱାଧୀନ ମହାନ୍ତି, କୀର୍ତ୍ତି ପଟ୍ଟନାୟକ, ଲଲାଟେନ୍ଦୁ ଦାସ, ମଧୁସ୍ମିତା ପ୍ରଧାନ, ସୁରେଖା ସ୍ୱାଇଁ, କଳ୍ପନା ବେହେରା, ଦୀପ୍ତି ସ୍ୱାଇଁ, ପ୍ରତିମା ସ୍ୱାଇଁ, ମାମିନା ମହାନ୍ତି, ହରିଚନ୍ଦନ ନାୟକ, ଆଶୁତୋଷ ଦାସ, ଉପେନ୍ଦ୍ର ମହାରଣା, ସୁଶାନ୍ତ ପାତ୍ର, ରତନ ମହାନ୍ତି, ଶିବ ନାୟକ, ଏସ.କେ.ସବୀର, ମନଞ୍ଜିତ ଦାସ, ଆଶିଷ ମହାନ୍ତି, ସୁରଜ ଦାସ, ନିତାଇଗୌର ମହାନ୍ତି, ମମତା ନନ୍ଦୀ, କଳ୍ପନା ଦାସ, ରିତା ମହାପାତ୍ର ଓ ଅନ୍ୟାନ୍ୟ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ତୃଷାର୍ତ୍ତ ପଶୁପକ୍ଷୀଙ୍କ ପାଇଁ ଜଳସେବା



**କଟକ,୧୪।୪/ଏନ୍‌ଏନ୍‌ଏସ୍: କଟକ,୧୩।୪/ଏନ୍‌ଏନ୍‌ଏସ୍:** ସ୍ୱେଚ୍ଛାସେବୀ ସଂଗଠନ ସମ୍ଭାବନା ଚାରିଟେବଲ୍ ଟ୍ରଷ୍ଟ ପକ୍ଷରୁ ତୃଷାର୍ତ୍ତ ପକ୍ଷୀ ଓ ପଶୁମାନଙ୍କ ପାଇଁ ଜଳସେବାର କାର୍ଯ୍ୟକ୍ରମ ସିଡିଏ ସେକ୍ଟର୍ ୧୧ ସ୍ଥିତ ବିଜୁପଟ୍ଟନାୟକ ପାର୍କ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଜଳସେବା ଅଭିଯାନକୁ ମେୟର୍ ସୁଭାସ ଚନ୍ଦ୍ର ସିଂହ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ସ୍ଥାନୀୟ ୩ ନମ୍ବର ୱାର୍ଡର କର୍ପୋରେଟର୍ ପ୍ରଦୀପ କୁମାର ରାଉତ, କର୍ପୋରେଟର୍ ଶୁଭାଶିଷ କୁମାର ପଟ୍ଟନାୟକ, ପୂର୍ବତନ ବାୟୁସେନା ଅଧିକାରୀ ବିମଳ ପ୍ରସାଦ ଜେନା ଯୋଗ ଦେଇ ପଶୁପକ୍ଷୀମାନଙ୍କ ତୃଷ୍ଣା ନିବାରଣ ନିମନ୍ତେ ଅନୁଷ୍ଠାନ ତରଫରୁ ଆୟୋଜିତ ଏହି ଜଳ ସେବା କାର୍ଯ୍ୟକ୍ରମକୁ ସାଧୁବାଦ ଜଣାଇଥିଲେ। ଏଭଳି ଜଳସେବାର ମନୋଭାବ ନେଇ ଗ୍ରୀଷ୍ମ ପ୍ରବାହରେ ତୃଷାର୍ତ୍ତ ପଶୁପକ୍ଷୀଙ୍କ ଶୋଷ ମେଣ୍ଟାଇବା ଉଦ୍ଦେଶ୍ୟରେ ସଭିଏଁ ବ୍ୟକ୍ତିଗତ ଭାବରେ ନିଜ ନିଜ ଘର ପାଖରେ କିମ୍ବା ଛାତ ଉପରେ କୁଣ୍ଡରେ ପାଣି ରଖି ଅନ୍ତତଃ ସେମାନଙ୍କ ଜଳକଷ୍ଟକୁ ଦୂର କରିପାରିବା ବୋଲି କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୧୫ଟି ପାରାକୁଣ୍ଡ ପାର୍କର ବିଭିନ୍ନ ସ୍ଥାନରେ ରଖାଯିବା ସହିତ ଶିକାଯୁକ୍ତ ସରା ଗଛ ଡାଳରେ ବନ୍ଧା ଯାଇ ସେଥିରେ ପାଣି ରଖାଯାଇଥିଲା। କର୍ଯ୍ୟକ୍ରମରେ ସଭାପତି ପ୍ରିୟରଞ୍ଜନ ମହାପାତ୍ର, ରାମେଶ୍ୱରୀ ସାହୁ, ତନୁଶ୍ରୀ ବାରିକ, ସିପନ ସ୍ୱାଇଁ, ରାକେଶ ଶତପଥୀ, ଡ଼ଃ. ଓଁକାର ରାଉତ, ବିପାଶା ମହାନ୍ତି, ଆଲୋକ କୁମାର ସାହୁ, ପ୍ରଶାନ୍ତ କାନୁନ୍‌ଗୋ, ଶୈଳେନ୍ଦ୍ର ସାହୁ, ଅନିଲ ଦାସ, ଇକ୍‌ବାଲ ହୁସେନ୍, ପିନାକୀ ସିଂହ, ପ୍ରୀତ ବବ୍ଲୁନା, ରୀନା ଜେନା, ଶୁଭଲକ୍ଷ୍ମୀ ମହାନ୍ତି ଓ ଚିନ୍ତାମଣି ମହାଲିକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ବିଜେଡି ପକ୍ଷରୁ ଓଡ଼ିଆ ନବବର୍ଷ ଓ ଆମ୍ବେଦକରଙ୍କ ଜୟନ୍ତୀ



**କଟକ,୧୪।୪/ଏନ୍‌ଏନ୍‌ଏସ୍:** ଜିଲ୍ଲା ବିଜେଡି ପକ୍ଷରୁ ଓଡ଼ିଆ ନବ ବର୍ଷ ଓ ସମ୍ବିଧାନ ପ୍ରଣେତା ବାବା ସାହେବ ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଛି। ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ୍ଲ କୁମାର ସିଂହ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସିଏମ୍‌ସି ମେୟର ସୁବାସ ସିଂହ, ବରିଷ୍ଠ ନେତା ମଧୁ ସୂଦନ ସାହୁ, ମହମ୍ମଦ ସକିଲ, ପ୍ରଦୀପ୍ତ ଖୁଣ୍ଟିଆ, ପ୍ରଫୁଲ୍ଲ ବେହେରା, ପ୍ରକାଶ ସିଂହ, ଶିଶିର ପରିଜା, ନିଶିଥ୍ କରଣ, ସୌମିତ ମିତ୍ର, ତାପସ ମହାନ୍ତି, ଅନିତା ବେହେରା, କର୍ପୋରେଟର ଏ. ଶ୍ରୀଦେବୀ, ନମିତା ବାରିକ, ଦୀପ୍ତିମୟୀ ମୁଳିଆ, ବନଲତା ପ୍ରଧାନ, କ୍ରିମିନାଲ ବାର୍ ଆସୋସିଏସନ୍ ସମ୍ପାଦକ ଗଦାଧର ସାହୁ, ଦେବେନ୍ଦ୍ର ପାଣିଗ୍ରାହୀ, ରାଜେନ୍ଦ୍ର ରଣା, ମିତାଲି ଭଞ୍ଜ, ଆକାଶୀ ସୁନିତା ଶେଖର, ମନୋରଞ୍ଜନ ଦାଶ, ପ୍ରଦୀପ ସିଂହ, ଦେବେନ୍ଦ୍ର କାହାଳି, ଜନସନ ମହାପାତ୍ର, ସ୍ମୃତି ରଞ୍ଜନ ନାୟକ, ନୀଳମାଧ୍ୱ ଖୁଣ୍ଟିଆ, ସ୍ୱଦେଶ ଦାସ, ବାସନ୍ତୀ ଦଳବେହେରା, ସମ୍ପଦ ମଲ୍ଲିକ, ନିମାଇଁ ବିଶ୍ୱାଳ, ଯୁଧିଷ୍ଠିର ବିଶ୍ୱାଳ, ପ୍ରଭାତ ଦାସ, ଅମିତାଭ ପଟ୍ଟନାୟକ, ସେକ ରିୟାଜୁଲ୍ଲା, ପ୍ରତାପ ନାୟକ, କାଳନ୍ଦୀ ଚରଣ ମଲ୍ଲିକ, ମନୋଜ ମହାନ୍ତି, ଅବଦୁଲ କରିମ, ସଜଜାଦ ହୁସେନ ପ୍ରମୁଖ ଯୋଗଦେଇଥିଲେ।

# 'ସମାଜରୁ ବୈଷମ୍ୟ ଦୂର କରିବାରେ ଆମ୍ବେଦକରଙ୍କ ଭୂମିକା ସ୍ମରଣୀୟ'

**କଟକ,୧୪।୪/ଏନ୍‌ଏନ୍‌ଏସ୍:** ଭାରତୀୟ ସମ୍ବିଧାନର ପ୍ରଣେତା ତଥା ଭାରତ ରତ୍ନ ଡ଼. ଭୀମରାଓ ରାମଜୀ ଆମ୍ବେଦକରଙ୍କ ଜୟନ୍ତୀ ଅବସରରେ ଆଜି ଓଡ଼ିଶା ଉଚ୍ଚ ନ୍ୟାୟାଳୟ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସଏସ) କଟକ ନଗର ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂଘର ଅଖିଳ ଭାରତୀୟ ସହ ସରକାର୍ଯ୍ୟବାହ ରାମଦତ୍ତ ଚକ୍ରଧର ଏବଂ କଟକ ବିଭାଗର ସହ ବିଭାଗ ସଂଘଚାଳକ କିଶୋର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ



ବାବାସାହେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରଛନ୍ତି। ଏହି ଅବସରରେ ଶ୍ରୀ ଚକ୍ରଧର ବାବାସାହେବଙ୍କ ରାଷ୍ଟ୍ର ନିର୍ମାଣ ଓ ସାମାଜିକ ସମରସତ୍ତା କ୍ଷେତ୍ରରେ ଥିବା ଅତୁଳନୀୟ ଅବଦାନକୁ ସ୍ମରଣ କରିଥିଲେ। ସେ କହିଥିଲେ ଯେ ବାବାସାହେବ କେବଳ ଜଣେ ସମ୍ବିଧାନ ପ୍ରଣେତା ନଥିଲେ, ବରଂ ଜଣେ ମାନବବାଦୀ ଚିନ୍ତକଭାବେ ଭାରତୀୟ ସମାଜରୁ ବୈଷମ୍ୟ ଦୂର କରିବାରେ ତାଙ୍କର ଭୂମିକା ଚିରସ୍ମରଣୀୟ। କ୍ଷେତ୍ର ପ୍ରଚାରକ ପ୍ରମୁଖ ଜଗଦୀଶ ଖାଡ଼ଙ୍ଗା, ପୂର୍ବ ପ୍ରାନ୍ତ ପ୍ରଚାରକ ବିପିନ ନନ୍ଦ, ସମ୍ପର୍କ ପ୍ରମୁଖ ସର୍ବେଶ୍ୱର ବେହେରା, ବୌଦ୍ଧିକ ପ୍ରମୁଖ ତନ୍ମୟ ମହାପାତ୍ର, ବିଭାଗ ବ୍ୟବସ୍ଥା ପ୍ରମୁଖ କୁଳମଣି ପ୍ରଧାନ ଏବଂ ବିଭାଗ ପ୍ରଚାରକ ଲକ୍ଷ୍ମୀଧର ପରିଡ଼ା ପ୍ରମୁଖ ସାମିଲ ହୋଇ ବାବାସାହେବଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଟକ ଜିଲ୍ଲା ବ୍ୟବସ୍ଥା ପ୍ରମୁଖ ଅନନ୍ତ କୁମାର ସାହୁ, ସହ ଜିଲ୍ଲା ପ୍ରଚାର ପ୍ରମୁଖ ଚିତ୍ତରଞ୍ଜନ ମହାନ୍ତି, ସମ୍ପର୍କ ପ୍ରମୁଖ ବିଶ୍ୱରଞ୍ଜନ ସ୍ୱାଇଁ, କଟକ ନଗର କାର୍ଯ୍ୟବାହ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ସମେତ ଗୁରୁପ୍ରସାଦ ପାତ୍ର, ତୁଷାର ସିଂହ, ଅଜୟ ବେହେରା, ଶ୍ରୀନିବାସ ମହାନ୍ତି ଓ ସନତ ମାହରଙ୍କ ଭଳି ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।



ନିତିଦିନ NITIDIN

## ଛାତ୍ରୀ ମୃତ୍ୟୁ ଘଟଣା

# ୩ ଲକ୍ଷ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

**ରାଇରଙ୍ଗପୁର,୧୪।୪/ଏନ୍ଏନ୍ଏସ୍:** ଆଶ୍ରମ ସ୍କୁଲରେ ବିଷାକ୍ତ ଖାଦ୍ୟ ଖାଇ ଶତାଧିକ ଅନ୍ତେବାସୀ ଡାଇରିଆରେ ଅସୁସ୍ଥ ହେବା ଘଟଣାରେ ଆଜି ଚିକିତ୍ସାଧୀନ ଅବସ୍ଥାରେ ଜଣେ ୫ମ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ ଘଟିଛି । ବାରିପଦା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ଅବସ୍ଥାରେ ନଳଗଜା ଅଞ୍ଚଳର ୫ମ ଶ୍ରେଣୀ ଛାତ୍ରୀ ରୂପାଲି ବେଶ୍ରାଙ୍କ ମୃତ୍ୟୁ ହୋଇଛି । ଏହି ଘଟଣା ପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବିତ କରାଯାଇଛି । ତେବେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମୃତକଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇବା ସହିତ ଅନୁକମ୍ପା ରାଶି ଘୋଷଣା କରିଛନ୍ତି । ଏକ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି । ଏଥିସହ ମୃତକଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩ ଲକ୍ଷର ସହାୟତା ଘୋଷଣା କରିଛନ୍ତି ।

## ପ୍ରଥମ ପୃଷ୍ଠାରୁ

### ୮୫୦କୁ ବୃଦ୍ଧି ପାଇବ ...

ସରକାର ଲକ୍ଷ୍ୟ ରଖିଛନ୍ତି । ଏହାଦ୍ୱାରା ସଂସଦକୁ ଏହି ଅଧିକାର ମିଳିବ ଯେ ଆସନ ସଂଖ୍ୟା ବଢ଼ାଇବା ପାଇଁ କେଉଁ ତଥ୍ୟକୁ (ଡାଟା) ଆଧାର କରାଯିବ । ଏଥିପାଇଁ ୨୦୧୧ ଜନଗଣନାକୁ ଆଧାର କରିବା ପାଇଁ କୁହାଯାଇଛି । ସରକାର ମଙ୍ଗଳବାର ଦିନ ସମ୍ବିଧାନ (୧୩୧ତମ ସଂଶୋଧନ) ବିଲ୍, ପରିସୀମା ନିର୍ଦ୍ଧାରଣ (ସଂଶୋଧନ) ବିଲ୍ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଆଇନ (ସଂଶୋଧନ) ବିଲ୍-୨୦୨୬ର ଡିଠା (ଡ୍ରାଫ୍ଟ) ସମସ୍ତ ସାଂସଦଙ୍କୁ ପଠାଇଛନ୍ତି । ଏସବୁ ବିଲ୍‌ଗୁଡ଼ିକରେ ଆବଶ୍ୟକ ସଂଶୋଧନ କରାଯିବା ନେଇ ସରକାରଙ୍କ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି । ତେବେ କେନ୍ଦ୍ର ସରକାରଙ୍କ ମହିଳାଙ୍କ ପାଇଁ ୩୩% ସଂରକ୍ଷଣ ବ୍ୟବସ୍ଥା ପ୍ରସ୍ତାବରେ ସବୁ ରାଜନୈତିକ ଦଳଗୁଡ଼ିକ ସହମତି ପ୍ରକାଶ କରିଥିଲେ ମଧ୍ୟ ଆସନ ବଢ଼ାଇବା ପ୍ରସ୍ତାବକୁ ନେଇ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକ ବିରୋଧାଭାସ ବ୍ୟକ୍ତ କରିଛନ୍ତି । ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଚିଠି ଲେଖି ଜଣାଇଛନ୍ତି ଯେ, ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକ ଏହି ଆସନ ବୃଦ୍ଧି ପ୍ରସ୍ତାବକୁ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ନୁହନ୍ତି । ସେହିପରି ମଙ୍ଗଳବାର ଦିଲ୍ଲୀରେ ଅନେକ ସାମାଜିକ କର୍ମୀ ମହିଳା ସଂରକ୍ଷଣକୁ ପରିସୀମା ନିର୍ଦ୍ଧାରଣ (ଲୋକସଭା ସୀମା ନିର୍ଦ୍ଧାରଣ) ପ୍ରକ୍ରିୟାରୁ ପୃଥକ୍ ରଖିବାକୁ ଦାବି କରିଛନ୍ତି । ଏମାନଙ୍କ କହିବାନୁସାରେ ଏହାକୁ ଲୋକସଭା ଏବଂ ବିଧାନସଭାର ବର୍ତ୍ତମାନର ଆସନ ଆଧାରରେ ହିଁ ଲାଗୁ କରାଯାଉ । ମିଡିଆ ରିପୋର୍ଟ ଅନୁଯାୟୀ, ମହିଳା ସଂରକ୍ଷଣ ପରେ ଉତ୍ତରପ୍ରଦେଶରେ ସବୁଠାରୁ ଅଧିକ ୪୦ଟି ଲୋକସଭା ଆସନ ବଢ଼ିପାରେ । ଏଠାରେ ଆସନ ସଂଖ୍ୟା ୮୦ରୁ ବଢ଼ି ୧୨୦ ହୋଇଯିବ । ମହାରାଷ୍ଟ୍ରରେ ମହିଳାମାନଙ୍କ ପାଇଁ ୨୪ଟି ଆସନ ସଂରକ୍ଷିତ ହେବ । ଏଠାରେ ଲୋକସଭା ଆସନ ୪୮ରୁ ବଢ଼ି ୭୨ ହୋଇଯିବ । ବିହାରରେ ମହିଳା ଆସନ ସଂଖ୍ୟା ୨୦ ହୋଇପାରେ । ଏଠାରେ ମୋଟ୍ ଆସନ ୪୦ରୁ ୬୦ ପର୍ଯ୍ୟନ୍ତ ପହଞ୍ଚିପାରେ । ମଧ୍ୟପ୍ରଦେଶରେ ୧୫ଟି ମହିଳା ସଂରକ୍ଷିତ ଆସନ ବଢ଼ିପାରେ । ତାମିଲନାଡୁରେ ୨୦ ଏବଂ ଦିଲ୍ଲୀରେ ୪ଟି ମହିଳା ଆସନ ହେବ । ଝାଡ଼ଖଣ୍ଡରେ ୭ଟି ମହିଳା ସଂରକ୍ଷିତ ଆସନ ବଢ଼ିବାର ଅନୁମାନ କରାଯାଉଛି ।

### ପାୱାର ପ୍ଲାଣ୍ଟ୍‌ରେ ବିସ୍ଫୋରଣ ...

ଜଣାପଡ଼ିଛି ଯେ ଗରମ ପାଣି ପ୍ରବାହିତ ହେଉଥିବା ଗୋଟିଏ ପାଇପ ଲାଇନରେ ବିସ୍ଫୋରଣ ହେବାରୁ ଅଧିକାଂଶ ଶ୍ରମିକ ପୋଡ଼ି ଯାଇଛନ୍ତି । ଘଟଣା ସ୍ଥଳରେ ଜିଲ୍ଲାପାଳଙ୍କ ଠାରୁ ବରିଷ୍ଠ ପୁଲିସ୍ ଅଧିକାରୀ ଉପସ୍ଥିତ ରହି ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଛନ୍ତି । ସେହିପରି କେଉଁ କାରଣ ପାଇଁ ଏତେ ବଡ଼ ଘଟଣା ଘଟିଲା, ତା'ର ମଧ୍ୟ ତଦନ୍ତ ଆରମ୍ଭ ହୋଇଛି । ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଇ ଘଟଣାରେ ଶୋକ ପ୍ରକାଶ କରିବା ସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି । ସେହିପରି ସେ ଆହତଙ୍କୁ ସମସ୍ତ ପ୍ରକାରର ଅତ୍ୟାଧୁନିକ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ଲାଣ୍ଟ ମ୍ୟାନେଜମେଣ୍ଟ ପକ୍ଷରୁ କୁହାଯାଇଛି ଯେ ପ୍ଲାଣ୍ଟର ଗୋଟିଏ ବୟଲର ୟୁନିଟରେ ଦୁର୍ଭାଗ୍ୟଜନକ ଘଟଣା ଘଟିଛି । ଏଥିରେ ପ୍ରଭାବିତ ଲୋକଙ୍କୁ ମେଡିକାଲ ସହାୟତା ଓ ଚିକିତ୍ସା ସୁବିଧା ଯୋଗାଇ ଦେବା ଆମର ପ୍ରାଥମିକତା । ଆମେ ମେଡିକାଲ ଟିମ ଓ ସ୍ଥାନୀୟ ଅଧିକାରୀଙ୍କ ସହ ଯୋଗାଯୋଗରେ ରହିଛୁ । ଘଟଣାର ଯାଞ୍ଚ କରାଯାଉଥିବା ମଧ୍ୟ ମ୍ୟାନେଜମେଣ୍ଟ ପକ୍ଷରୁ କୁହାଯାଇଛି ।

### ମାଆ-ବାପା-ପୁଅ ମୃତ ...

କରାଯାଇଥିଲା । ହେଲେ ସେଠାରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିବା ଜଣାଯାଇଛି । ଏହି ଘଟଣାକୁ ନେଇ ଉତ୍ତ୍ୟକ୍ତ ଲୋକେ କ୍ଷତିପୂରଣ ଦାବିରେ ଟୋଲଗେଟ ନିକଟରେ ଟାୟାର ଜାଳି ରାସ୍ତାରୋକ କରିଛନ୍ତି । ଅନ୍ୟପଟେ ପୁଇଁତଲା ପୁଲିସ ପିକଅପ ଗାଡ଼ିକୁ ଜବତ କରିବା ସହିତ ଡ୍ରାଇଭର ଓ ମାଲିକଙ୍କୁ ଅଟକ ରଖି ପଚରା ଉଚରା ଜାରି ରଖିଛି ।

### ରାଜଧାନୀରେ ଆମ୍ବେଦକର ...

ନାଗରିକଙ୍କୁ ସମାନ ଅଧିକାର ଓ ନ୍ୟାୟ ଦେଇଛି । ରାଜ୍ୟ ସରକାରଙ୍କ ପକ୍ଷରୁ ଦଳିତ, ଆଦିବାସୀ ଓ ପଛୁଆ ବର୍ଗଙ୍କ ଉନ୍ନତି ଆଜି ଡଃ ଆମ୍ବେଦକରଙ୍କ ପାଇଁ ସମ୍ଭବ ହୋଇଛି । ସମାଜର ସବୁଠାରୁ ପଛୁଆ ଲୋକଙ୍କ ଉନ୍ନତି ବିନା ସମୃଦ୍ଧ ଓଡ଼ିଶା ସମ୍ଭବ ନୁହେଁ । ଓଡ଼ିଶାରେ ବିଜେପି ସରକାର ଆସିବା ପରେ ଅଧିକାଂଶ କେନ୍ଦ୍ରୀୟ ଯୋଜନାକୁ କାର୍ଯ୍ୟକାରୀ କରାଯାଇ ଦଳିତ ଓ ନିଷ୍ପେଷିତଙ୍କ ଅଧିକାରକୁ ସୁନିଶ୍ଚିତ କରାଯାଉଛି । ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତିଙ୍କ ଉନ୍ନୟନ ପାଇଁ ଚଳିତ ୨୦୨୬-୨୭ ବଜେଟରେ ୬ ହଜାର ୬୪୯ କୋଟିରୁ ଅଧିକ ଟଙ୍କା ପ୍ରାବଧାନ କରାଯାଇଛି । ଏଥି ସହିତ ଦଳୀତ ବର୍ଗଙ୍କ ବିକାଶକୁ ମଧ୍ୟ ଆମେ ସ୍ୱତନ୍ତ୍ର ଧ୍ୟାନ ଦେଉଛୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ, ୨୦୨୬-୨୭ ବଜେଟରେ ଏସ୍‌ସି ଓ ଏସ୍‌ଟି ବର୍ଗ ପାଇଁ ବଡ଼ ଆର୍ଥିକ ପ୍ରାବଧାନ ରହିଛି ଏବଂ ଶିକ୍ଷା, ସ୍ୱାସ୍ଥ୍ୟ ଓ ଜୀବିକାକୁ ଗୁରୁତ୍ୱ ଦିଆଯାଉଛି । ଇଞ୍ଜିନିୟରିଂ ଓ ମେଡିକାଲ୍ କ୍ଷେତ୍ରରେ ନୂତନ ସଂରକ୍ଷଣ ବ୍ୟବସ୍ଥା କରାଯାଇଛି ।ପ୍ରତିଭା କୌଣସି ଜାତି ବା ଧର୍ମରେ ସୀମିତ ନୁହେଁ, ସୁଯୋଗ ମିଳିଲେ ସବୁଠୁ ଆଗକୁ ବଢ଼ିପାରିବେ । ଖାଦ୍ୟ ସୁରକ୍ଷାକୁ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଖାଦ୍ୟ ସୁରକ୍ଷା ସାମାଜିକ ନ୍ୟାୟର ମୂଳ ଆଧାର ଏବଂ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା' ଯୋଜନା ମାଧ୍ୟମରେ କୋଟିକୋଟି ଲୋକ ଲାଭାନ୍ୱିତ ହେଉଛନ୍ତି । ସମତା ଭିତ୍ତିକ ସମାଜ ଗଠନ ପାଇଁ ସମସ୍ତେ ଏକତ୍ରିତ ହେବା ଆବଶ୍ୟକ । ୧୯୯୦ରେ ଡକ୍ଟର ଆମ୍ବେଦକରଙ୍କୁ ଭାରତର ସର୍ବୋଚ୍ଚ ସମ୍ମାନ ମରଣୋତ୍ତର ଭାରତରତ୍ନ ପ୍ରଦାନ କରାଯାଇଥିଲା, ଯେତେବେଳେ ସେ ସମୟର ସରକାରକୁ ଭାରତୀୟ ଜନତା ପାର୍ଟି ସମର୍ଥନ ଦେଇଥିଲା । ସମ୍ବିଧାନର ନିର୍ମାତା ଏବଂ ଦେଶର ଅଖଣ୍ଡତାର ନାୟକଙ୍କୁ ସେମାନେ ଭୁଲି ନ ଥିଲେ, ଜାଣିଶୁଣି ତାଙ୍କୁ ଅବହେଳିତ ଏବଂ ଅନାଦାର କରାଯାଇଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦାୟିତ୍ୱ ନେବା ପରେ ଆମ୍ବେଦକରଙ୍କ କୀର୍ତ୍ତି ଓ ସମ୍ମାନକୁ ପୁନଃପ୍ରତିଷ୍ଠା କରାଯାଇଛି । ମୋଦୀଜୀ ଡ. ବାବା ସହେବଙ୍କ ଜୀବନୀ ସହିତ ଜଡିତ ୫ଟି ସ୍ଥାନକୁ ବିକଶିତ କରି ପଞ୍ଚତୀର୍ଥ ଭାବେ ନାମକରଣ କରିଛନ୍ତି । ମୋଦୀ ସରକାରଙ୍କ ଅନେକ ଯୋଜନା ଆମ୍ବେଦକରଙ୍କ ସ୍ୱପ୍ନର ଭାରତର ପରିକଳ୍ପନାକୁ ସାର୍ଥକ କରିଛି ବୋଲି ଶ୍ରୀ ମାଝୀ ପ୍ରକାଶ କରିଛନ୍ତି । ଏହି ଅବସରରେ ସୂଚନା ଓ ଲୋକ ସଂପର୍କ ବିଭାଗ ପକ୍ଷରୁ ଆୟୋଜିତ ବିଭିନ୍ନ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ବିଜୟୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ, ନିଆଳି ବିଧାୟକ ଛବି ମଲ୍ଲିକ, ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ସୂଚନା ଓ ଲୋକ ସଂପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ ଓଡ଼ିଆ ନବବର୍ଷ ଓ ଆମ୍ବେଦକର ଜୟନ୍ତୀ

**ଖୋର୍ଦ୍ଧା,୧୪।୪/ଏନ୍ଏନ୍ଏସ୍:** ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଓଡ଼ିଆ ନବବର୍ଷ ଏବଂ ଜିଲ୍ଲା ସ୍ତରୀୟ ଡ଼ଃ ବି.ଆର୍. ଆମ୍ବେଦକର ଜୟନ୍ତୀ ମିଳିତ ଭାବେ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ପ୍ରତାପ ଚନ୍ଦ୍ର ବେଉରା ଯୋଗଦେଇ ଉଭୟ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିବା ସହ ଡ. ବି.ଆର୍. ଆମ୍ବେଦକରଙ୍କ ଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଆମ୍ବେଦକର ଜଣେ ଗଣତନ୍ତ୍ର ରାଷ୍ଟ୍ରରେ ଯୁଗସ୍ରଷ୍ଟା ଏବଂ ଭାରତ ଭଳି ସର୍ବବୃହତ ଗଣତନ୍ତ୍ର ରାଷ୍ଟ୍ରରେ ତାଙ୍କର ଯେଉଁ କାଳଜୟୀ ସାମ୍ବିଧାନିକ ବ୍ୟବସ୍ଥା ପ୍ରଣୟନ ତାହା ତାଙ୍କୁ ଚିର ସ୍ମରଣୀୟ କରି ରଖିବ ବୋଲି ସେ କହିଥିଲେ । ସମ୍ମାନିତ ଅତିଥି ଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଜ୍ୟୋତିଶଙ୍କର ସାହୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ, ମୁଖ୍ୟବକ୍ତା ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ଡ଼ଃ ଗୀତାଂଶୁ ମୋହନ ଦାଶ ଯୋଗଦେଇ ଓଡ଼ିଆ ନବବର୍ଷ ପାଳନ ଏବଂ ଡ଼ଃ ଆମ୍ବେଦକରଙ୍କ ଜୀବନୀ ଉପରେ ବକ୍ତବ୍ୟ ପ୍ରଦାନ କରିବା ସହ ସମସ୍ତେ ଆମ୍ବେଦକର ତ୍ୟାଗ ଆଦର୍ଶରେ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ । ସେହିପରି ବରିଷ୍ଠ ସ୍ତମ୍ଭକାର ଉମାଶଙ୍କର ପ୍ରସାଦ, ବରିଷ୍ଠ ସାମ୍ବାଦିକ ପ୍ରଭାତ କୁମାର ପାଣିଗ୍ରାହୀ ଉଚ୍ଚକୋଟୀର ବକ୍ତବ୍ୟ ପ୍ରଦାନ କରିଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ସଭା ପରିଚାଳନା କରିଥିବା ବେଳେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ସ୍ୱାଗତ ଭାଷଣ ଏବଂ ଧନ୍ୟବାଦ ପ୍ରଦାନ କରିଥିଲେ ।




## ସାଲେପୁର ଅଞ୍ଚଳରେ ଚୋରା ନିଶାକାରବାର ବୃଦ୍ଧି

# ସନ୍ଧ୍ୟା ହେଲେ ଜମୁଛି ବେପାର, ଟାର୍ଗେଟ୍‌ରେ ଯୁବପିଢ଼ି

**ସାଲେପୁର,୧୪।୪/ଏନ୍ଏନ୍ଏସ୍:** ସାଲେପୁର ଅଞ୍ଚଳରେ ଏବେ ଚୋରା ନିଶା ବେପାରୀଙ୍କ ପେଣ୍ଠସ୍ଥଳୀ ପାଲଟି ଥିବା ଅଭିଯୋଗ ହେଉଛି ।ଏଠାରେ ସନ୍ଧ୍ୟା ହେଲେ ବିଭିନ୍ନ ସ୍ଥାନରେ ଚୋରା ନିଶା ବେପାରୀ ଓ ନିଶାଡୀ ଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି । ବାହାର ଜିଲ୍ଲାରୁ ଚୋରା ନିଶା ଦ୍ରବ୍ୟ ଯଥା ଚରସ, ବ୍ରାଉନ ସୁଗାର ଆଣି ସାଲେପୁର ର ବିଭିନ୍ନ ସ୍ଥାନରେ ବିକ୍ରିକରୁଥିବା ଜଣାପଡିଛି । ଏମାନଙ୍କ ଟାର୍ଗେଟରେ କଲେଜ ପଢୁଆ ପିଲା ଓ ଯୁବପିଢ଼ି । ଏମାନଙ୍କୁ ନିଶାର କବଳିତ କରି ଚୋରା ବେପାରୀ ମାନେ ମାଲାମାଲ ହେଉଛନ୍ତି । ସାଲେପୁର କଲେଜ ପୋଲ ପାଖ କେନାଲ ବନ୍ଧ ଠାରୁ ହରିଚନ୍ଦନପୁର ବ୍ୟାରେଜ ପାଖ ଦେଇ ଆତୋଡ଼ା, ବାରଗୋଡ଼ିଆ ଦେଇ ଖଇରା ପର୍ଯ୍ୟନ୍ତ କେନ୍ଦ୍ରାପଡା କେନାଲ ବନ୍ଧ ପାର୍ଶ୍ୱରେ ଚୋରା ଧଳା ଝହର ବେପାର ହେଉଥିବା ଅଭିଯୋଗ ହେଉଛି । ସନ୍ଧ୍ୟା ହେଲେ ଏହି କେନାଲ ବନ୍ଧ ନିଛାଟିଆ ହେଇଯାଉ ଥିବାରୁ ଚୋରା ବେପାରୀ ମାନେ ଏହି ସ୍ଥାନକୁ ସୁରକ୍ଷିତ ମଣୁଛନ୍ତି । ଏହା ସାଲେପୁର ପୋଲିସ ଓ ଅବକାରୀ ବିଭାଗର ନିଷ୍କ୍ରିୟତା ରୁ ଏଭଳି ହେଉଥିବା ଅଭିଯୋଗ ହେଉଛି । ସେହିପରି ସାଲେପୁର ଅଞ୍ଚଳରେ ଚୋରା ଦେଶୀ ଓ ବିଦେଶୀ ମଦ ଏବେ ପାନ ଦୋକାନ ରେ ବିକ୍ରି ହେଉଥିବା ଅଭିଯୋଗ ହେଉଛି । ଛୋଟ ଛୋଟ ନାମକୁ ମାତ୍ର ଦୋକାନ କରି ଏଥିରେ ଚୋରା ମଦ ବ୍ରିକ୍ରି ହେଉଥିବା ସାଧାରଣରେ ଆଲୋଚନା ହେଉଛି । ଏଠାରୁ ମଦ ପିଇ ନିଶାଡ଼ିମାନେ ରାସ୍ତାରେ ଯାଉଥିବା ଲୋକମାନଙ୍କୁ ଖରାପ ବ୍ୟବହାର କରୁଥିବା ଅଭିଯୋଗ ହେଉଛି । ସାଲେପୁର ଅଞ୍ଚଳର ବୋଦାମୁଣ୍ଡାଇ, ମନୋହରପୁର, ରାଇସୁଙ୍ଗୁଡା, ମଡଙ୍ଗା, ମିର୍ଜାପୁର, ପଟୁଆ ହାଟ, ଜପକୃଦ, ତିଳଦା, ମାଳ, ରାମେଶ୍ୱର, ସୌରୀ ଆଦି ବିଭିନ୍ନ ସ୍ଥାନରେ ଛୋଟ ଛୋଟ ଦୋକାନ ମାନଙ୍କରେ ଚୋରା ଦେଶୀ, ବିଦେଶୀ ମଦ ବିକ୍ରି ହେଉଥିବା ଅଭିଯୋଗ ହେଉଛି । ଅବକାରୀ ବିଭାଗ ଓ ପୁଲିସ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପାଟ୍ରୋଲିଂ ଏବଂ ବିଭିନ୍ନ ସ୍ଥାନରେ ଚଢ଼ଉକଲେ ଏହି ଚୋରା ନିଶାଦ୍ରବ୍ୟ କାରବାର ବନ୍ଦ ହୋଇଯିବ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏହାକୁ ଗୁରୁତ୍ୱଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି ।

# ପୁଲିସ ପ୍ରଶାସନ ପକ୍ଷରୁ ଜଳଛତ୍ର ଆରମ୍ଭ

**ପୁରୀ,୧୪।୪/ଏନ୍ଏନ୍ଏସ୍:** ଆଜି ପୁରୀ ଜିଲ୍ଲାରେ ଏସ୍ପି ପୁରୀ ପ୍ରତୀକ ସିଂଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ ଥାନା ଅଞ୍ଚଳରେ ଜଳଛତ୍ର ଖୋଲାଯାଇଛି । ଏହି ଉଦ୍ୟମର ମୂଳ ଉଦ୍ଦେଶ୍ୟ ହେଉଛି ଥାନାକୁ ଆସୁଥିବା ସାଧାରଣ ଲୋକମାନେ ଏବଂ ରାସ୍ତାରେ ଯାତାୟାତ କରୁଥିବା ଜନସାଧାରଣଙ୍କୁ ତୀବ୍ର ଗ୍ରୀଷ୍ମ ତାପରୁ କିଛି ସହଜତା ଓ ଶିତଳତା ପ୍ରଦାନ କରିବା । ଅଧିକ ତାପମାତ୍ରାକୁ ଦୃଷ୍ଟିରେ ରଖି ପୁରୀ ପୋଲିସ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି, ଯାହା ଲୋକମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଓ ସୁବିଧାକୁ ସୁନିଶ୍ଚିତ କରିବ । କାର୍ଯ୍ୟକ୍ରମର ଉଦ୍ଘାଟନ ପୁରୀ ସହରର ଟାଉନ, ସମୁଦ୍ରକୂଳ ଓ ତାଳବଣିଆ ଥାନାରେ ଏସ୍ପି ପୁରୀ ପ୍ରତୀକ ସିଂ ନେତୃତ୍ୱରେ ଶୁଭାରମ୍ଭ ହୋଇଥିଲା । ଏହି ଅବସରରେ ବିଭିନ୍ନ ପୋଲିସ ଅଧିକାରୀ, ସ୍ଥାନୀୟ ପ୍ରଶାସନର ପ୍ରତିନିଧିମାନେ ଏବଂ ସ୍ଥାନୀୟ ଲୋକମାନେ ଉପସ୍ଥିତ ଥିଲେ ।



ସେହିପରି, ଜିଲ୍ଲାର ସମସ୍ତ ଥାନାରେ ସ୍ଥାନୀୟ ଥାନା ଅଧିକାରୀମାନେ ନିଜେ ଉପସ୍ଥିତ ରହି ଜଳଛତ୍ର ଉଦ୍ଘାଟନ କରିଛନ୍ତି ଏବଂ ଏହି ଜନସେବାମୂଳକ ପଦକ୍ଷେପକୁ ସୁଚାରୁ ଭାବେ ଆରମ୍ଭ କରିଛନ୍ତି । ଜଳଛତ୍ରରେ ଟଙ୍କ ତୋରାଣି, ଦହି ସର୍ବତ, ଥଣ୍ଡା ପାଣି, ପଣା ଓ ଅନ୍ୟାନ୍ୟ ଶିତଳ ପାନୀୟର ବ୍ୟବସ୍ଥା ରହିଛି, ଯାହା ଦ୍ୱାରା ରାସ୍ତାରେ ଯାତ୍ରା କରୁଥିବା ଲୋକମାନେ, ଦୂରଦୂରାନ୍ତରୁ ଆସୁଥିବା ଭକ୍ତମାନେ ଏବଂ ପର୍ଯ୍ୟଟକମାନେ ତାପରୁ ଅଳ୍ପ ବିରତି ଓ ସୁବିଧା ଅନୁଭବ କରିପାରୁଛନ୍ତି । ବିଶେଷ କରି ପୁରୀ ଭଳି ଧାର୍ମିକ ଏବଂ ପର୍ଯ୍ୟଟନ ସ୍ଥଳରେ ଏହି ପଦକ୍ଷେପ ଲୋକମାନଙ୍କ ପାଇଁ ବହୁତ ଉପକାରୀ ହେଉଛି । ଏପରି ଜନସେବାମୂଳକ କାର୍ଯ୍ୟ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ଏସ୍ପି ପୁରୀ ପ୍ରତୀକ ସିଂ ଜଣାଇଥିଲେ ।

# ଅଣ୍ଡର-୨୦ କ୍ରିକେଟ୍: ରଙ୍ଗଣିପାଟଣା ବିଜୟୀ

**ଓଡ଼ଗାଁ,୧୪।୪/ଏନ୍ଏନ୍ଏସ୍:** ଓଡ଼ଗାଁ ମିନିଷ୍ଟାଡ଼ିୟମ୍ ଠାରେ ରଘୁନାଥ ଆଥଲେଟିକ ଆସୋସିଏସନ ଦ୍ୱାରା ଚାଲିଥିବା ଅଣ୍ଡର୍-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୫ମ ଦିବସ ଖେଳରେ ଓଡ଼ଗାଁ (ସି) ସହିତ ରଙ୍ଗଣିପାଟଣା ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା । ରଙ୍ଗଣିପାଟଣା ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୮ ଉଇକେଟ ବିନିମୟରେ ୧୧୫ ରନ୍ ସଂଗ୍ରହ କରିଥିଲା । ଦ୍ୱିତୀୟାର୍ଦ୍ଧରେ ଓଡ଼ଗାଁ (ସି) ଦଳ ସମସ୍ତ ଉଇକେଟ ହରାଇ ୮୧ ରନ କରି ପରାସ୍ତ ହୋଇଥିଲା । ରଙ୍ଗଣିପାଟଣା ଦଳ ପକ୍ଷରୁ ୨ ଓଭରରେ ୩ ଉଇକେଟ ଅକ୍ତିଆର କରିଥିବା କାହ୍ନାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା । ଆଜିର ଖେଳରେ ରଘୁନାଥ ଆଥଲେଟିକ ଆସୋସିଏସନ୍‌ର ସଦସ୍ୟ ପ୍ରମୋଦ ପାତ୍ର ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଆସନ୍ତାକାଲି ଦେଓଗାଁ ସହିତ ରଙ୍ଗଣିପାଟଣା ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ ବୋଲି ଆସୋସିଏସନ୍ ପକ୍ଷରୁ ସୂଚନା ଦିଆଯାଇଛି ।

# ମହାବିଷୁବ ସଂକ୍ରାନ୍ତିରେ ପଣା ବଣ୍ଟନ

**ନୟାଗଡ଼,୧୪।୪/ଏନ୍ଏନ୍ଏସ୍:** ମହାବିଷୁବ ପଣା ସଂକ୍ରାନ୍ତିରେ ନୟାଗଡ଼ର ପ୍ରସିଦ୍ଧ ଠାକୁରାଣୀ ମା' ଦକ୍ଷିଣକାଳୀଙ୍କ ପୀଠରେ ହଜାର ହଜାର ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଛି । ଭକ୍ତମାନେ ମା'ଙ୍କ ଦର୍ଶନ କରି କୃପା ଲାଭ କରିଥିବା ବେଳେ ଆନନ୍ଦ ଉଲ୍ଲାସ ସହକାରେ ପଣା ସେବନ କରିଛନ୍ତି । ସେହିପରି ଭାବରେ ଖଣ୍ଡପଡ଼ା ରୋଡ଼ ଗାନ୍ଧୀନଗର ସ୍ଥିତ ବାବା ଆଖଣ୍ଡଳମଣି ବିଜେଙ୍କ ବାବା ଆଖଣ୍ଡଳମଣି ବଜାର ସଙ୍ଘ ପକ୍ଷରୁ ପଣା ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯକ୍ରମକୁ ମନ୍ଦିର କମିଟିର କାର୍ଯକାରୀ ସଭାପତି ନେତ୍ରାନନ୍ଦ ସାହୁ ଓ ବଜାର କମିଟି ସଭାପତି ଫକୀର ଚରଣ ବୈରିଗଞ୍ଜନ, ସମ୍ପାଦକ ଅଜୟ କୁମାର ଗୁମାନସିଂ ଓ ବରିଷ୍ଠ ସଦସ୍ୟ ରଜେଶ୍ୱର୍ ରାଓ ଆଚରି, ନାରାୟଣ ମହାପାତ୍ର ଓ କୃଷ୍ଣ କୁମାର ସାହୁ ସହଯୋଗ କରିଥିଲେ । କ୍ରିଦାଶପୁର ପଞ୍ଚାୟତ ଅନ୍ତର୍ଗତ କଞ୍ଚନବିଲି ବାଲୁଙ୍କେଶ୍ୱର ମନ୍ଦିର ଠାରେ ସମୂହ ପଣା ବଣ୍ଟନ ସହ ସାଇସେବା ସମିତି ପକ୍ଷରୁ ପଣା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରୁବି ନାୟକ, ଜଟାଧାରୀ ନାୟକ, ସଞ୍ଜୟ କୁମାର ପଳତା, ଗୋବର୍ଦ୍ଧନ ମୁଦୁଲି ପ୍ରମୁଖ ଏହାକୁ ପରିଚାଳନା କରିଥିଲେ ।

### ବିହାରର ନୂଆ ମୁଖ୍ୟମନ୍ତ୍ରୀ ...

ବିଧାୟକମାନେ ତାଙ୍କୁ କରତାଳି ଦେଇ ସ୍ୱାଗତ କରାଇଥିଲେ । ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ୍ ନବୀନ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ । ତେବେ ସମସ୍ତଙ୍କ ସମ୍ମୁଖରେ ସମ୍ରାଟ ମଧ୍ୟ ନୀତିଶଙ୍କ ପାଦ ଛୁଇଁ ଆଶୀର୍ବାଦ ନେଇଥିଲେ । ବିଧାୟକ ଦଳର ନେତା ନିର୍ବାଚିତ ହେବା ପରେ ସମ୍ରାଟ୍ କହିଛନ୍ତି, 'ମୁଁ ନୀତିଶ ଜୀଙ୍କଠାରୁ ରାଜନୀତି ଶିଖିଛି ଏବଂ ତାଙ୍କ ସହ କାମ କରିଛି । ତାଙ୍କର ସମୃଦ୍ଧ ବିହାର ସ୍ୱପ୍ନକୁ ଆମକୁ ଆହୁରି ଆଗକୁ ନେବାକୁ ହେବ ।'

ମଙ୍ଗଳବାର ନୀତୀଶ କୁମାର ବିହାରର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି । ସେ ସମ୍ରାଟ ଚୌଧୁରୀ ଏବଂ ବିଜୟ ଚୌଧୁରୀଙ୍କ ସହ ଏକାଠି ଗୋଟିଏ ଗାଡ଼ିରେ ରାଜଭବନ ପହଞ୍ଚି ରାଜ୍ୟପାଳଙ୍କୁ ନିଜର ଇସ୍ତଫା ପତ୍ର ପ୍ରଦାନ କରିଥିଲେ । ନୀତୀଶ ରାଜ୍ୟସଭା ସାଂସଦ ଭାବେ ନିର୍ବାଚିତ ହେବା ପରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ତାଙ୍କ ପକ୍ଷେ ଜରୁରି ହୋଇପଡିଥିଲା । ତେବେ ଇସ୍ତଫା ଦେବା ପରେ ନୀତୀଶ ଏକ୍ସ'ରେ ଲେଖିଛନ୍ତି– 'ଏବେ ନୂଆ ସରକାର ଏଠାକାର କାମ ବୁଝିବେ । ନୂଆ ସରକାରଙ୍କୁ ମୋର ସମ୍ପୂର୍ଣ୍ଣ ସହଯୋଗ ରହିବ । ଆଗକୁ ମଧ୍ୟ ବହୁତ ଭଲ କାମ ହେବ ଏବଂ ବିହାର ବହୁତ ଆଗକୁ ବଢ଼ିବ ।' ପ୍ରକାଶ, ଏକ ଜନମତ ସର୍ଭେରେ ମଧ୍ୟ ଜନତାଙ୍କ ପ୍ରଥମ ପସନ୍ଦ ଭାବେ ସମ୍ରାଟ ଚୌଧୁରୀ ଉଭା ହୋଇଥିଲେ । ରାଜ୍ୟର ପ୍ରାୟ ୩୪% ଲୋକ ତାଙ୍କୁ ବିହାରର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ଭାବେ ବାଛିଥିଲେ । ଅନ୍ୟପକ୍ଷେ ନୀତୀଶ କୁମାରଙ୍କ ପୁଅ ନିଶାନ୍ତ କୁମାରଙ୍କୁ ୩୧%, ଚିରାଗ ପାଶୱାନ୍‌ଙ୍କୁ ମାତ୍ର ୧.୯% ଜନସମର୍ଥନ ମିଳିଥିଲା ।

ସମ୍ରାଟ୍ ଚୌଧୁରୀଙ୍କ ଶିକ୍ଷାଗତ ଯୋଗ୍ୟତା ଡି-ଲିଟ୍ (ୟୁଏସ୍ଏ) ରହିଛି । ତାଙ୍କ ବାପା ଶକୁନି ଚୌଧୁରୀ (୭ଥର ବିଧାୟକ/ସାଂସଦ) ମଧ୍ୟ ଜଣେ ପୁରୁଖା ରାଜନେତା । ମା ପାର୍ବତୀ ଦେବୀ ମଧ୍ୟ ତାରାପୁର ଆସନରୁ ଜଣେ ବିଧାୟିକା ଭାବେ ଦାୟିତ୍ୱ ତୁଲାଇସାରିଛନ୍ତି । ତେବେ ସମ୍ରାଟ୍‌ଙ୍କ ରାଜନୈତିକ କ୍ୟାରିଅର ୧୯୯୦ରୁ ଆରମ୍ଭ ହୋଇଥିଲା । ସେ ପ୍ରଥମେ ଲାଲୁ ଯାଦବଙ୍କ ଦଳ ଆରଜେଡି ଏବଂ ପରେ ପରେ ଜେଡିୟୁରେ ସାମିଲ ହୋଇ ରାଜନୀତି କରିଥିଲେ । ଏହି ଦୁଇ ଦଳରେ ରହିବା ସମୟରେ ସେ କ୍ୟାବିନେଟ୍ ମନ୍ତ୍ରୀ ହେବାର ମଧ୍ୟ ସୌଭାଗ୍ୟ ଲାଭ କରିଥିଲେ । ତେବେ ୨୦୧୭ରେ ସେ ଜେଡିୟୁ ଛାଡି ବିଜେପିରେ ସାମିଲ ହୋଇଥିଲେ । ୨୦୧୮ରେ ବିଜେପି ତାଙ୍କୁ ପ୍ରଦେଶର ଉପାଧ୍ୟକ୍ଷ ପଦ ଦେଇଥିଲା । ୨୦୨୧ରେ ସେ ପଞ୍ଚାୟତି ରାଜ ମନ୍ତ୍ରୀ ଭାବେ ଦାୟିତ୍ୱ ନେଇଥିଲେ । ମାର୍ଚ୍ଚ ୨୦୨୩ବେଳକୁ ବିଜେପି ତାଙ୍କୁ ପ୍ରଦେଶର ଅଧ୍ୟକ୍ଷ ଭାବେ ନିଯୁକ୍ତ କରିଥିଲା । ଜାନୁଆରୀ ୨୦୨୪ରେ ସେ ଉପମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ୨୦ ନଭେମ୍ବର ୨୦୨୫ ବେଳକୁ ସେ ପୁଣିଥରେ ରାଜ୍ୟର ଉପମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ ଏବଂ ରାଜ୍ୟ ଗୃହମନ୍ତ୍ରୀ ଭାବେ ମଧ୍ୟ କାର୍ଯ୍ୟ କରିଥିଲେ । ବିଜେପିରେ ସାମିଲ ହେବା ପରେ ପରେ ସମ୍ରାଟ୍ ଚୌଧୁରୀ, ନୀତୀଶଙ୍କର କଟ୍ଟର ବିରୋଧୀ ହୋଇପଡିଥିଲେ । ବିହାରରେ ବିଜେପି ସହ ଜେଡିୟୁର ମେଣ୍ଟ ହେବା ପୂର୍ବରୁ ସେ ନିୟମିତ ଭାବେ ନୀତୀଶ କୁମାରଙ୍କୁ ସମାଲୋଚନା କରିଆସୁଥିଲେ । ସମ୍ରାଟ୍‌ଙ୍କ ମୋଟ୍ ଆର୍ଥିକ ସମ୍ପତ୍ତି ପରିମାଣ ୮ କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି କୁହାଯାଉଛି । ସମ୍ରାଟ୍‌ଙ୍କ ପରିବାରରେ ତାଙ୍କ ବାପା, ମା, ପତ୍ନୀ ଓ ଦୁଇ ପୁଅ ଝିଅ ଅଛନ୍ତି ।

# ସମାଜସେବୀଙ୍କ ଦେହାନ୍ତରେ ଶୋକ

**କଣ୍ଟିଲୋ,୧୪।୪/ଏନ୍ଏନ୍ଏସ୍:** ଦୀର୍ଘ ଦୁଇ ମାସହେବ ବୋନ୍ କ୍ୟାନ୍ସରରେ ପୀଡ଼ିତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଅବସ୍ଥାରେ କଣ୍ଟିଲୋ ଖୁଦ୍ ବେହେରା ପାଟଣାର ସମାଜସେବୀ ପ୍ରମୋଦ କୁମାର ବେହେରା(୬୬)ଙ୍କ ଗତକାଲି ଦେହାନ୍ତ ହୋଇଯାଇଛି । ସେ ଏକାଧାରାରେ ସମାଜସେବୀ, ମେଳାପି, ସ୍ନେହୀ, ପରୋପକାରୀ, ବନ୍ଧୁବତ୍ସଳ ଓ ଧର୍ମପରାୟଣ ବ୍ୟକ୍ତି ଥିଲେ । ତାଙ୍କ ଦେହାନ୍ତ ଖବର ଶୁଣି ଏଠାରେ ଏକପ୍ରକାର ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

# ବଂଶୀଧର ସ୍ମୃତି ପରିଷଦ ପକ୍ଷରୁ ରାଜ୍ୟସ୍ତରୀୟ ବିଷୁବ ମିଳନ ଉତ୍ସବ



**ନୟାଗଡ଼,୧୪।୪/ଏନ୍ଏନ୍ଏସ୍:** ଓଡ଼ିଆ ନବବର୍ଷ ତଥା ମହାବିଷୁବ ସଂକ୍ରାନ୍ତି ଅବସରରେ ବଂଶୀଧର ସ୍ମୃତି ପରିଷଦ ତରଫରୁ ତଥା ବଂଶୀଧର ଇଣ୍ଟର ନ୍ୟାସନାଲ ଫାଉଣ୍ଡେସନ ଫର ପିସ୍ ଆଣ୍ଡ ଡେଭଲପମେଣ୍ଟ ଆନୁକୂଲ୍ୟରେ ତାଙ୍କ ଜ୍ୟେଷ୍ଠ ପୁତ୍ର ମନୋଜ କୁମାର ସାହୁଙ୍କ ପରିଚାଳନାରେ ୩୩ତମ ରାଜ୍ୟସ୍ତରୀୟ ବିଷୁବ ମିଳନ ଓ କବିତା ପାଠୋତ୍ସବ, ବଂଶୀଧର ମହାବିଦ୍ୟାଳୟ ଠାରେ ସଭାପତି ବିଦ୍ୟୁଲତା ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ସଭାପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ଜ୍ୱଳନ କରାଯାଇ ବଂଶୀଧର ସାହୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ହନୁମାନ ଚାଳିଶା ସୁଜାତା ସାହୁ ପାଠ କରିଥିଲେ । ଉମେଶ ଚନ୍ଦ୍ର ପଟ୍ଟନାୟକ ସଭା ପରିଚାଳନା କରିଥିବା ବେଳେ,ସଭା ସଂଯୋଜନା ଡ଼. ସୁକାନ୍ତି ମହାନ୍ତି କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରମୋଦ ପଟ୍ଟନାୟକ, ମୁଖ୍ୟବକ୍ତା ନିରାକାର ସ୍ୱାଇଁ, ସମ୍ମାନିତ ଅତିଥି ରୀନବାଲା ସାହୁ ଓ ବିଦେଶୀ ନାୟକ ଯୋଗ ଦେଇ ବଂଶୀଧର ସାହୁଙ୍କ ଉପରେ ଓଜୋସ୍ୱିନୀ ଭାଷଣ ଦେବା ସହ କବି କାବ୍ୟ ଓ କବିତା ବିଷୟରେ ଆଲୋଚନା କରିଥିଲେ । ବିଦେଶୀ ନାୟକଙ୍କୁ ବଂଶୀଧର ସ୍ମୃତି ସାରସ୍ୱତ ସମ୍ମାନ-୨୦୨୬ରେ ସମ୍ମାନିତ କରାଯାଇଥିଲା ବେଳେ ନୀଳିମା ନନ୍ଦଙ୍କୁ ବଂଶୀଧର ସ୍ମୃତି ସାହିତ୍ୟ ସମ୍ମାନ, ଗୋପୀନାଥ ପରିଡ଼ାଙ୍କୁ ବଂଶୀଧର ସ୍ମୃତି ଯୁବ ସାହିତ୍ୟ ସମ୍ମାନ, ଅରୁଣ କୁମାର ସାହୁଙ୍କୁ ବଂଶୀଧର ସ୍ମୃତି ପତ୍ରକାର ସମ୍ମାନ, ରବୀନ୍ଦ୍ର ରାଉତଙ୍କୁ ବଂଶୀଧର ସ୍ମୃତି ଗୌରବ ସମ୍ମାନ ପ୍ରଦାନ କରାଯାଇଥିଲା । ରଙ୍ଗନାଥ ବେହେରା, କିଶୋର ସାହୁ, ସୁଜାତା ସାହୁ, ଶେଖ୍ ଅବଦୁଲ ଖାଲିକ୍, ନିର୍ମଳଚନ୍ଦ୍ର ଶୂରଦେଓ , ଗୋଲକ ବିହାରୀ ନାଏକ, ଦେବେନ୍ଦ୍ର ନାଥ ପରମ ଗୁରୁ, ଅନିତା ସ୍ୱାଇଁ, ମମତା ମଞ୍ଜରୀ ଦେବୀ, ମାଗୁଣି ଖଣ୍ଡା, ଡ଼ ସୁକାନ୍ତି ମହାନ୍ତି ପ୍ରମୁଖ ୬୦ କବି ନିଜ ନିଜର କବିତା ପାଠ କରିଥିଲେ । ହରପ୍ରିୟା ଦ୍ୱିବେଦୀ ଓ କ୍ଷଣପ୍ରଭା କର କବିତାଗୁଡ଼ିକ ସଂଯୋଜନା କରିଥିଲାବେଳେ ଡ. ସୁକାନ୍ତି ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ଭଗବାନପୁରରେ ମହାବିଷୁବ ମିଳନ



**ମୁଣ୍ଡମୁହାଣ,୧୪।୪/ଏନ୍ଏନ୍ଏସ୍:** ରାଜଧାନୀ ଉପକଣ୍ଠ ୱାର୍ଡ଼ ୬୫ ଅନ୍ତର୍ଗତ ଭଗବାନପୁର ତ୍ରିନାଥ ମନ୍ଦିର ପରିସରରେ ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଭଗବାନପୁର ଗ୍ରାମବାସୀମାନଙ୍କ ସହିତ କଳିଙ୍ଗ ନଗର (କେ-୯ବି) ଆସୋସିଏସନ୍ ଓ ସିଟିକନ ସ୍ଥିତ ମହାଦେବ ନଗର ଅଞ୍ଚଳର ବରିଷ୍ଠ ବ୍ୟକ୍ତିମାନେ ଉପସ୍ଥିତ ରହି ଓଡ଼ିଆ ନବବର୍ଷ ପାଳନ ଅବସରରେ ନିଜ ନିଜ ମଧ୍ୟରେ କର ମର୍ଦ୍ଦନ କରିବା ସହିତ ମିତ୍ରତା ସ୍ଥାପନ କରିଥିଲେ । କାର୍ଯ୍ୟକ୍ରମରେ ସ୍ଥାନୀୟ କର୍ପୋରେଟର ରଶ୍ମିରଂଜନ ପାଟ ଶାଣି ଓ ପୂର୍ବତନ ଭୁବନେଶ୍ୱର ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁଶାସନ ସ୍ୱାଇଁ ଅତିଥି ଭାବେ ଯୋଗଦେଇଥିଲେ । ଆଗମୀ ଦିନରେ ସମସ୍ତଙ୍କ ସହଯୋଗରେ ୱାର୍ଡର ସମସ୍ୟା ଗୁଡ଼ିକର ସମାଧାନ କରାଯିବ ବୋଲି କର୍ପୋରେଟର କହିଥିଲେ । କାର୍ଯ୍ୟକ୍ରମରେ ରବିନ୍ଦ୍ରନାଥ ସାହୁ, ଅଭିମନ୍ୟୁ ଚମ୍ପତି, ହେମନ୍ତ ମହାରଣା, ଅଶୋକ ମହାରଣା, କିଶୋର ସାହୁ, ଅପନି ବେହେରା ଓ ବିନୋଦିନୀ ପ୍ରଧାନ, ଦୀପିକା ନାୟକ, ସସ୍ମିତା ରାୟ ପ୍ରମୁଖ ଉପସ୍ଥିତ ଥିଲେ ।

# ଅଞ୍ଜନା ସାହିତ୍ୟ ସଂସଦ ପକ୍ଷରୁ କବିତା ପାଠୋତ୍ସବ



**ବେଗୁନିଆ,୧୪।୪/ଏନ୍ଏନ୍ଏସ୍:** ବେଗୁନିଆ ସଦରମହକୁମାସ୍ଥିତ ମା' ଅଞ୍ଜନା ସାହିତ୍ୟ ସଂସଦ ଆନୁକୂଲ୍ୟରେ ମଙ୍ଗଳବାର ଓଡ଼ିଆ ନବବର୍ଷ ଓ ମହାବିଷୁବ ସଂକ୍ରାନ୍ତି ପାଳନ ଅବସରରେ ଏକ କବିତା ପାଠ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଆଦର୍ଶ କ୍ଲବ ପରିସରରେ ଆୟୋଜିତ କବିତା ପାଠରେ ସବିତା ରାୟ ପୌରୋହିତ୍ୟ କରିଥିଲେ । କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ । କବୟିତ୍ରୀ ମାନସୀ ଦାସ ସ୍ୱରଚିତ ଆବାହନୀ ସଙ୍ଗୀତ 'ଆସିଲାରେ ଓଡ଼ିଆ ନବବରଷ' ଗାନ କରିଥିଲେ । ଗାୟକ ବସନ୍ତ କୁମାର ଦାସ ମଙ୍ଗଳା ଚରଣ ଓ କବି ରାମଚନ୍ଦ୍ର ବେହେରା ହନୁମାନ ଚାଳିଶା ପାଠ କରିଥିଲେ । ପଣ୍ଡିତ ଦୀନବନ୍ଧୁ ଦାଶ ମନ୍ତ୍ରୋଚ୍ଚାରଣ ସହ ପଣାକୁ ନୈବେଦ୍ୟ ରୂପେ ପ୍ରଭୁଙ୍କୁ ସମର୍ପଣ କରିଥିଲେ । ଏଥିରେ ନାଟ୍ୟକାର ଡ. ବନବିହାରୀ ମହାପାତ୍ର ମୁଖ୍ୟ ଅତିଥି, ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ ମୁଖ୍ୟବକ୍ତା, କବିକେତନ ଗୌରଚରଣ ସାମନ୍ତସିଂହାର ଓ ଇଂ ରାମମାନସ ପଣ୍ଡା ସମ୍ମାନିତ ଅତିଥି ରୂପେ ଯୋଗଦେଇ ଓଡ଼ିଆ ନବବର୍ଷ ସମଗ୍ର ବିଶ୍ୱବାସୀଙ୍କ ପାଇଁ ଶାନ୍ତି ଓ ସୌହାର୍ଦ୍ଦ୍ୟ ଆଣିବାରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ । ଶେଷରେ ଗୀତିକାର ରାମଚନ୍ଦ୍ର ସାହୁ ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିବା ବେଳେ ବରିଷ୍ଠ ଶିକ୍ଷକ ବିଜୟ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଜିର ଇତିହାସ

- ୧୮୯୫-ବାଲ୍ ଗଙ୍ଗାଧର ତିଲକ, ଶିବାଜୀ ଉତ୍ସବର ଉଦ୍‌ଘାଟନ କରିଥିଲେ।
- ୧୯୪୮-ହିମାଚଳ ପ୍ରଦେଶର ସ୍ଥାପନା ହୋଇଥିଲା।
- ୧୯୯୪-ଭାରତ ସମେତ ୧୦୯ଟି ଦେଶ ଗ୍ୟାଟ୍ ବୁଝାମଣାରେ ସ୍ୱୀକୃତି ପ୍ରଦାନ କରିଥିଲେ।
- ୧୯୭୨-ବଲିଉଡ୍ ଅଭିନେତ୍ରୀ, କ୍ରିକେଟ୍ ଗ୍ଲାମର୍ ଓ ମଡେଲ୍ ମନ୍ଦିରା ବେଦୀ ଜନ୍ମଗ୍ରହଣ କରିଥିଲେ।
- ୨୦୦୪- ରାଜୀବ ଗାନ୍ଧୀଙ୍କ ହତ୍ୟାକାଣ୍ଡ ସହିତ ଜଡ଼ିତ ଉଗ୍ରବାଦୀ ଭି.ମୁରଲୀଧରନ୍‌ର ହତ୍ୟା କରାଯାଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା,ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦

**ମେଷ:** ଦିନଟି ଖୁବ୍ ଭଲରେ ବିତିବ। କାର୍ଯ୍ୟସ୍ଥଳରେ ଛବି ଖୁବ୍ ଭଲ ରହିବ। ଅନ୍ୟର କାମ ବିଷୟରେ ଚିନ୍ତା କରିବେ। ଧାର୍ମିକ ଗତିବିଧିରେ ସାମିଲ ହେବାର ଅବସର ପାଇବେ। ଆଧ୍ୟାତ୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିବ।

**ବୃଷ:** ଦିନଟି ଶୁଭ ଫଳ ଦେବ। ସ୍ୱାସ୍ଥ୍ୟ ନରମ ଓ ଗରମ ରହିବ। ଅପ୍ରତ୍ୟାଶିତ ଲାଭ ପାଇବେ। ମନ ପ୍ରସନ୍ନ ରହିବ। ଖୁବ୍ ଭଲ ନାମ କମେଇବେ। ସାବଧାନ ହୋଇ ବାହନ ଚଳାନ୍ତୁ। ଶୁଭ ସମାଚାର ପାଇପାରନ୍ତି।

**ମିଥୁନ:** ଦିନଟି ମଧ୍ୟମ ଫଳଦାୟୀ ରହିବ। ସାହସ ଓ ପରାକ୍ରମ ବୃଦ୍ଧି ହେବ। ଅସମ୍ପୂର୍ଣ୍ଣ କାମ ପୂରା କରିବେ। ବଡ଼ ଉପଲବ୍ଧି ପ୍ରସନ୍ନତା ଦେବ। ତର୍କ କଲେ ମାନସିକ ଅଶାନ୍ତି ହେବ। ସନ୍ଧ୍ୟା କାଳ ସାଙ୍ଗସାଥିଙ୍କ ସହିତ ବିତିବ।

**କର୍କଟ:** ଦିନଟି ସାମାନ୍ୟ ରହିବ। ଚାକିରି କ୍ଷେତ୍ରରେ ଖୁବ୍ ପ୍ରଦର୍ଶନ କରିବେ। ନେଣ-ଦେଣରେ ସାବଧାନ ରହିବା ଜରୁରୀ। ଧୋକା ମିଳିପାରେ। ଲାଭ ଆଶାରେ ନିବେଶ କରନ୍ତୁ ନାହିଁ।

**ସିଂହ:** ଦିନଟି ମିଶ୍ରିତ ଫଳ ଦେବ। ଚାକିରି କ୍ଷେତ୍ରରେ ସତର୍କତା ଜରୁରୀ। ଜୁନିଅର୍‌ଙ୍କ ଉପରେ କାମ ଛାଡ଼ନ୍ତୁ ନାହିଁ। ନିବେଶରୁ କ୍ଷତି ସହିବେ। ଦାୟିତ୍ୱଗୁଡ଼ିକୁ ସମୟାନୁସାରେ ପୂରା କରିବେ।

**କନ୍ୟା:** ବୁଦ୍ଧି ଓ ବିବେକ ସହିତ ନିର୍ଣ୍ଣୟ ନେବେ। ଶୁଣାକଥା ଉପରେ ଭରସା ନକଲେ ଭଲ। କାର୍ଯ୍ୟକ୍ଷେତ୍ରର ଅନୁଭବରୁ ଲାଭ ମିଳିବ। ପୁରୁଣା ଭୁଲ୍ ସମ୍ମୁଖକୁ ଆସିପାରେ। ଧନ ଲାଭ ଯୋଗ ଅଛି।

**ତୁଳା:** ଦିନଟି ଅନୁକୂଳ ରହିବ। କାର୍ଯ୍ୟକ୍ଷେତ୍ରରେ ସଫଳତା ମିଳିବ। ଆର୍ଥିକ ଲାଭ ଯୋଗ ଅଛି। ବ୍ୟାଙ୍କ ବାଲାନ୍ସ ବୃଦ୍ଧି ହେବ। ସମ୍ପତ୍ତି ବିବାଦରେ ବିଜୟ ସମ୍ଭବ। ପ୍ରତିଭା ଦ୍ୱାରା ଲୋକମାନେ ପ୍ରଭାବିତ ହେବେ।

**ବିଛା:** ଦିନଟି ସାମାନ୍ୟ ରହିବ। ପରିଜନଙ୍କ ପରାମର୍ଶ ଦ୍ୱାରା କାମ ପୂରା ହେବ। ସାମାଜିକ ସମ୍ମାନ ବୃଦ୍ଧି ହେବ। ମନ ଦୁଃଖ ହୋଇପାରେ। ଜୀବନସାଥିଙ୍କ ସହିତ ଖୁବ୍ ଭଲ ସମୟ ଅତିବାହିତ କରିବେ।

**ଧନୁ:** ଖୁସିଭରା ଦିନଟିଏ। ନୂଆ ସମ୍ପର୍କରୁ ଲାଭ ମିଳିବ। ସରକାରୀ ଚାକିରିରୁ ଖୁସି ଖବର ପାଇବେ। ରଚନାତ୍ମକ କାର୍ଯ୍ୟରେ ଭାଗ ନେବେ। ପ୍ରଭାବଶାଳୀଙ୍କ ସହିତ ସାକ୍ଷାତ ହେବ। ନୂଆ ଯୋଜନାରୁ ସଫଳତା ପାଇବେ।

**ମକର:** ଧର୍ମ-କର୍ମରେ ରୁଚି ବଢ଼ିବ। ଦିନଟି ସାମାନ୍ୟ ରହିବ। ଶତ୍ରୁଙ୍କ ଠାରୁ ସାବଧାନ ହୋଇ ରୁହନ୍ତୁ। ନିବେଶ ଯୋଜନା ଅଟକି ଯାଇପାରେ। ବିଦ୍ୟାର୍ଥୀଙ୍କୁ ମାନସିକ ସ୍ତରରେ ଶାନ୍ତି ମିଳିବ।

**କୁମ୍ଭ:** ଦିନଟି ଖୁବ୍ ଭଲରେ ବିତିବ। ବଡ଼ ଉପଲବ୍ଧି ଖୁସି ପ୍ରଦାନ କରିବ। ଅଟକିଥିବା ଅର୍ଥ ଫେରିପାଇବେ। ପରିବାରର ସହଯୋଗରେ କାମ ପୂରା ହେବ। ବ୍ୟବସାୟିକ ଗତିବିଧି ଖୁବ୍ ଭଲ ରହିବ।

**ମୀନ:** ଦିନଟି ସକାରାତ୍ମକ ପରିଣାମ ଦେବ। କାରବାରରୁ ଖୁବ୍ ଭଲ ଲାଭ ପାଇବେ। ପୈତୃକ ସମ୍ପତ୍ତିରେ ବିଜୟ ସମ୍ଭବ। କାର୍ଯ୍ୟକ୍ଷେତ୍ରରୁ ଲାଭ ପାଇବେ। ଧର୍ମ-କର୍ମରେ ରୁଚି ବଢ଼ିବ।



**ଯେ ଶାସ୍ତ୍ରବିଧିମୁତ୍‌ସୃଜ୍ୟ ଯଜନ୍ତେ ଶ୍ରଦ୍ଧୟାନ୍ୱିତାଃ।**
**ତେଷାଂ ନିଷ୍ଠା ତୁ କା କୃଷ୍ଣ ସତ୍ତ୍ୱମାହୋ ରଜସ୍ତମଃ। (୧୭/୧)**

ଅର୍ଜୁନ ପଚାରିଲେ - ହେ କୃଷ୍ଣ ! ଯେଉଁମାନେ ଶାସ୍ତ୍ରବିଧି ଅନୁପାଳନ କରନ୍ତି ନାହିଁ କି ପଢ଼ନ୍ତି ନାହିଁ କିନ୍ତୁ ଶ୍ରଦ୍ଧାପୂର୍ବକ ଭକ୍ତିରେ ଗଦ୍‌ଗଦ୍ ହେଇ ପୂଜା ଉପାସନା କରନ୍ତି, ସେମାନଙ୍କର ନିଷ୍ଠା କିପରି ? ସେମାନେ ସାତ୍ତ୍ୱିକୀ ନା ରାଜସି ନା ତାମସୀ ?

# ଦୁର୍ଲଭ ବିକର୍ଷଣ ଦୁନିଆ



କୌଣସି ଗତିବିଧିରେ ସମ୍ପୂର୍ଣ୍ଣ ଭାବରେ ବୁଡ଼ି ରହିବା ହେଉଛି ଏକ ଦୁର୍ଲଭ ଘଟଣା। କଳ୍ପନା କରନ୍ତୁ ଯେତେବେଳେ ଏକ ଆକର୍ଷଣୀୟ ଫିଲ୍ମ ଦେଖୁଛନ୍ତି ଫୋନ୍‌କୁ ଧରୁନାହାନ୍ତି। ଏହି ଅନୁଭବକୁ ଫ୍ଲୋ ବୋଲି କୁହାଯାଏ। ଫ୍ଲୋ ଏପରି ଏକ ସ୍ଥିତି ଯେଉଁଥିରେ ଲୋକମାନେ କୌଣସି ଗତିବିଧିରେ ଏତେ ଲିପ୍ତ ହୋଇଯାଆନ୍ତି ଯେ ଆଉ କିଛି କାର୍ଯ୍ୟ ତାଙ୍କୁ ମହତ୍ତ୍ୱପୂର୍ଣ୍ଣ ବୋଲି ମନେହୁଏ ନାହିଁ। ଏହାର ଅନୁଭବ ଏତେ ଆନନ୍ଦଦାୟକ ହୋଇଥାଏ ଯେ ଲୋକମାନେ ଏଥିପାଇଁ ବଡ଼ ଖର୍ଚ୍ଚ ମଧ କରିବାକୁ ପଛାନ୍ତି ନାହିଁ। ଏକ ସଉକ ପ୍ରତି ପ୍ରତିବଦ୍ଧତା ଓ ନିଜର ଫ୍ଲୋକୁ ଅନ୍ୱେଷଣ କରିବା ଦ୍ୱାରା ବାହ୍ୟ କାର୍ଯ୍ୟ (ସୋସିଆଲ୍ ମିଡିଆ ବିକର୍ଷଣ)କୁ କମ୍ କରିବାରେ ସାହାଯ୍ୟ ମିଳିପାରେ କିନ୍ତୁ ନିଜର ଆଭ୍ୟନ୍ତରୀଣ ସ୍ୱର ମନକୁ ଅନ୍ୟ କେଉଁ ଦିଗକୁ ଯିବା ବା ପୁନରାବୃତ୍ତିକୁ କମ୍ କରିବାକୁ ଚାହେଁ। ତେବେ ବିକର୍ଷଣ ଦୁନିଆରେ ସମ୍ପୂର୍ଣ୍ଣ ଭାବରେ ବୁଡ଼ିଯିବା ଏକ ଦୁର୍ଲଭ ଘଟଣା କିନ୍ତୁ ଏହା ଆମ ମସ୍ତିଷ୍କ ପାଇଁ ଲାଭକାରୀ ହୋଇପାରେ। ତନ୍ତ୍ରିକା ବିଜ୍ଞାନ ଅନୁସାରେ ଫ୍ଲୋର ସ୍ଥିତିରେ ରହିବାର ଅର୍ଥ ମସ୍ତିଷ୍କର ଗତିବିଧିକୁ ଦବାଇ ଚାରିଆଡ଼େ ଘୁରି ବୁଲୁଥିବା ମନକୁ ଏକ ସ୍ଥାନରେ ଲଗାଇବା ବା ଏହି ସ୍ଥିତିକୁ କମ୍ କରିବା। ମସ୍ତିଷ୍କ କ୍ଷେତ୍ରର ଏହା ଏପରି ଏକ ସ୍ଥିତି ଯାହା ଆତ୍ମ-ସନ୍ଦର୍ଭିତ ପ୍ରୋସେସିଂକୁ କଭର୍ କରିଥାଏ। ମସ୍ତିଷ୍କର ସକ୍ରିୟତାର ଅଭାବର ଅର୍ଥ ଫୋକସ୍ ନେଟ୍‌ୱର୍କର ଅଧିକ ପ୍ରଭାବୀ ସକ୍ରିୟତା ହୋଇପାରେ। ଫ୍ଲୋ ପରି ସ୍ଥିତିରେ ଉଦ୍ଦେଶ୍ୟପୂର୍ଣ୍ଣ ମାନସିକ ପ୍ରୟାସ ଓ ଦୃଷ୍ଟିର ଧ୍ୟାନ ସବୁଠାରୁ ଅଧିକ ଥାଏ। ଫ୍ଲୋର ଅର୍ଥ ଧ୍ୟାନକୁ ଏତେ ପ୍ରଭାବୀ ଢ଼ଙ୍ଗରେ ବଣ୍ଟାଯାଏ ଯେ ଆତ୍ମ-ଦୃଷ୍ଟି ଓ ବିକର୍ଷଣ ଅଦୃଶ୍ୟ ହୋଇଯାଏ। ତେବେ ଫ୍ଲୋ, ହାଇପରଫୋକସ୍ ସହିତ ସମାନ ନୁହେଁ। ଏମାନେ ନକାରାତ୍ମକ ଭାବରେ ପରସ୍ପର ସହିତ ସମ୍ବନ୍ଧିତ ହୋଇପାରନ୍ତି।

# ବିଶ୍ୱ କଳା ଦିବସ



୧୫ ଏପ୍ରିଲ୍, ୧୪୫୨ରେ ଇଟାଲୀର ମହାନ ଚିତ୍ରକାର ଲିଓନାର୍ଦୋ ଦା ଭିଞ୍ଚି ଜନ୍ମଗ୍ରହଣ କରିଥିଲେ। ସେ ଥିଲେ ଜଣେ ଚିତ୍ରକାର, ମୂର୍ତ୍ତିକାର, ବାସ୍ତୁଶିଳ୍ପୀ, ସଙ୍ଗୀତଜ୍ଞ, କୁଶଳ ଯାନ୍ତ୍ରିକ, ଇଞ୍ଜିନିୟର ଓ ବୈଜ୍ଞାନିକ। କଳା କ୍ଷେତ୍ରରେ ତାଙ୍କର ପାରଙ୍ଗମତା କାରଣରୁ ତାଙ୍କୁ ପୂରା ବିଶ୍ୱରେ ସମ୍ମାନ ମିଳିଥିଲା ଓ ତାଙ୍କର ଜନ୍ମଦିନକୁ ସ୍ମରଣୀୟ କରିବା ପାଇଁ ଆଜି ପୂରା ବିଶ୍ୱ ପାଳନ କରୁଛି କଳା ଦିବସ। ଅଭିବ୍ୟକ୍ତି ଓ ଭାବନାଗୁଡ଼ିକର ସନ୍ଧାନ ନେବା ପାଇଁ ଏକ ଶକ୍ତିଶାଳୀ ମାଧ୍ୟମ ହେଉଛି କଳା। ଏହା ଏପରି ଏକ କ୍ରିୟା ଯେଉଁଥିରେ ଜଣେ କଳାକାର ତା'ର ବିଚାର, ଅଭିବ୍ୟକ୍ତି, ଭାବନା, ଅନ୍ତର୍ଜ୍ଞାନ ଓ ଇଚ୍ଛାଗୁଡ଼ିକୁ ବ୍ୟକ୍ତ କରିଥାଏ। ୨୦୧୨ରେ ପ୍ରଥମ ଥର କଳା ଦିବସ ପାଳନ କରାଯାଇଥିଲା। କିନ୍ତୁ ଆଧିକାରିକ ଭାବରେ ଲସ୍ ଆଞ୍ଜେଲସ୍ ଠାରେ ଏହି ଦିବସକୁ ପାଳନ କରାଯାଇଥିଲା ୨୦୧୫ରେ। ସମାଜର ବିକାଶରେ କଳାର ମହତ୍ତ୍ୱ ଓ ଅଲଗା ଅଲଗା କଳାର ବିଦ୍ୟାଗୁଡିକ ପ୍ରତି ଲୋକମାନଙ୍କୁ ସଚେତନ କରେଇବା ପାଇଁ ୟୁନେସ୍କୋ ୨୦୧୯ରେ ଏକ ସାମାନ୍ୟ ସମ୍ମିଳନୀର ୪୦ତମ ସତ୍ରରେ ଏହି ଦିନଟିକୁ କଳା ଦିବସ ଭାବରେ ପାଳନ କରିବା ପାଇଁ ଘୋଷଣା କରିଥିଲା। ଏହାପରେ ଦୁନିଆରେ କଳାର ରଚନାତ୍ମକ ଗତିବିଧିଗୁଡ଼ିକ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରେଇବା ଓ କଳା ପ୍ରତି ଲୋକମାନଙ୍କର ରୁଚିକୁ ବୃଦ୍ଧି କରେଇବା ଏହି ଦିବସର ଉଦ୍ଦେଶ୍ୟ। ଅନ୍ତଃରାଷ୍ଟ୍ରୀୟ କଳା ସଂଘ ଓ ୟୁନେସ୍କୋର ମିଳିତ ସହଯୋଗରେ ଏହିଦିନ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦିର ଆୟୋଜନ କରାଯାଏ। ସମାଜରେ କଳାତ୍ମକ ଅଭିବ୍ୟକ୍ତିଗୁଡ଼ିକୁ ଦୃଢ଼ତାର ସହିତ ଏକୀକୃତ କରିବା, ସମାଜର ବିକାଶରେ କଳାର ମହତ୍ତ୍ୱ ଓ ଯୋଗଦାନକୁ ମହତ୍ତ୍ୱ ଦେବା ବିଶ୍ୱ କଳା ଦିବସର ଉଦ୍ଦେଶ୍ୟ।



# ସୌଭାଗ୍ୟର ପ୍ରତୀକ: ବିଷୁ

କେରଳରେ ଆଜିର ଦିନରେ ଖୁବ୍ ଧୂମ୍‌ଧାମରେ ପାଳନ କରାଯାଏ ବିଷୁ ପର୍ବ। ମାଲାୟାଲମ୍ କ୍ୟାଲେଣ୍ଡର୍ ଅନୁସାରେ ଏହି ପର୍ବକୁ ନୂଆବର୍ଷ ଭାବରେ ପାଳନ କରାଯାଏ। ଭଗବାନ ବିଷ୍ଣୁଙ୍କୁ ସମର୍ପିତ ଏହି ଦିନରେ ବିଧି ବିଧାନ ଅନୁସାରେ ତାଙ୍କର ପୂଜା କରାଯାଏ। ଲୋକମାନେ ଭଲ ଫସଲର କାମନା କରନ୍ତି। ନୂଆ ପଞ୍ଜାଙ୍ଗ ପଢ଼ାଯାଏ। ଲୋକମାନେ ପୂଜା ବର୍ଷର ଭବିଷ୍ୟତର ଫଳାଫଳ ବିଷୟରେ ଜାଣନ୍ତି। ପଞ୍ଜାଙ୍ଗ ଅନୁସାରେ ବିଷୁ ପର୍ବ ଦିନ ସୂର୍ଯ୍ୟଦେବ ନିଜର ରାଶି ପରିବର୍ତ୍ତନ କରି ମେଡମ୍ ଅର୍ଥାତ ମେଷ ରାଶିରେ ପ୍ରବେଶ କରନ୍ତି। କର୍ଣ୍ଣାଟକରେ ମଧ ବିଷୁ ପର୍ବ ହର୍ଷୋଲ୍ଲାସରେ ପାଳନ କରାଯାଏ। ଏହି ପର୍ବକୁ ନେଇ ରହିଛି ଅନେକ ମାନ୍ୟତା ଯେଉଁଥିରୁ ଏହି ପର୍ବର ମହତ୍ତ୍ୱ ବିଷୟରେ ଜଣାପଡ଼େ।



ପୌରାଣିକ କଥା ଓ ପୂଜା ବିଧି- କଥା ଅନୁସାରେ ଭଗବାନ ଶ୍ରୀକୃଷ୍ଣ, ରାକ୍ଷସ ନରକାସୁରର ବଧ କରି ଦୁଷ୍ଟ ଶକ୍ତିର ଅନ୍ତ କରିଥିଲେ। ଏଥିପାଇଁ ଏହି ଦିନ ଭଗବାନ ବିଷ୍ଣୁଙ୍କର ପୂଜା କରାଯାଏ। ଏହା ସହିତ କେରଳରେ ନୂଆ ଫସଲ ବୁଣିବା ଆରମ୍ଭ ହୁଏ। ଏଥିପାଇଁ କୃଷକମାନଙ୍କ ପାଇଁ ଏହି ପର୍ବର ରହିଛି ଯଥେଷ୍ଟ ଗୁରୁତ୍ୱ। ବିଷୁ ପର୍ବ ଦିନ ଲୋକମାନେ ସକାଳୁ ଉଠି ସ୍ନାନକର୍ମ ସମାପନ କରି ନୂଆ ବସ୍ତ୍ର ପିନ୍ଧନ୍ତି। ମନ୍ଦିର ଯାଇ ଭଗବାନଙ୍କ ଦର୍ଶନ କରନ୍ତି। ଏହି ଦିନର ବିଶେଷତା ହେଉଛି ବିଷୁକ୍କଣୀ। ଝାଙ୍କିର ଦର୍ଶନ କରିବାକୁ ବିଷୁକ୍କଣୀ କୁହାଯାଏ। ସକାଳ ସମୟରେ ଶ୍ରଦ୍ଧାଳୁମାନେ ଏହି ଝାଙ୍କିର ଦର୍ଶନ କରନ୍ତି। ମାଲାୟାଲମ୍ ଭାଷାରେ ବିଷୁର ଅର୍ଥ ବିଷ୍ଣୁ, କଣୀର ଅର୍ଥ ଦର୍ଶନ କରିବା। ବିଷୁର ଏକ ଦିନ ପୂର୍ବରୁ କଣୀ ଦର୍ଶନର ସାମଗ୍ରୀ ଏକତ୍ରିତ କରି ସଜାଯାଏ। ଏକ କଂସା ବାସନରେ ଚାଉଳ, କଞ୍ଚା ଆମ୍ବ, ନୂଆ ବସ୍ତ୍ର, ଆଇନା, ଗୁଆ ଓ ପାନପତ୍ର ଆଦି ରଖି ଦିଆଯାଏ। ଏହି ବାସନ ପାଖରେ ଦୀପ ଜଳାଯାଏ। ଘରର ବୟସ୍କ ଲୋକମାନଙ୍କୁ ଆଖି ବନ୍ଦ କରି ବିଷୁକ୍କଣୀ ପର୍ଯ୍ୟନ୍ତ ନିଆଯାଏ। ସେମାନେ କଣୀ ଦର୍ଶନ କରି ଅର୍ଥ ଭେଟ କରିଥାନ୍ତି। ଏହି ଅବସରରେ ସଦ୍ୟ ନାମକ ଏକ ବିଶେଷ ଭୋଜନ ପ୍ରସ୍ତୁତ କରାଯାଏ ଯେଉଁଥିରେ ୨୬ ପ୍ରକାରର ବିଭିନ୍ନ ଶାକାହାରୀ ବ୍ୟଞ୍ଜନ ଥାଏ।

# ବିଶ୍ୱର ବ୍ୟସ୍ତ ସମୁଦ୍ରମାର୍ଗ



ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଏକ ମୁଖ୍ୟ ଓ ଗୁରୁତ୍ୱପୂର୍ଣ୍ଣ ସମୁଦ୍ରମାର୍ଗ। ଏହି ମାର୍ଗଟି ପର୍ସିଆନ୍ ଗଲ୍ଫକୁ ଗଲ୍ଫ ଅଫ୍ ଓମାନ ସହିତ ସଂଯୋଗ କରିଥାଏ। ଦୁନିଆର ସବୁଠାରୁ ବ୍ୟସ୍ତ ସମୁଦ୍ର ମାର୍ଗଗୁଡ଼ିକ ମଧ୍ୟରୁ ଅନ୍ୟତମ ହେଉଛି ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍। ଏହି ରାସ୍ତାକୁ କୌଣସି ମଣିଷ ତିଆରି କରିନାହିଁ ଏହା ପ୍ରାକୃତିକ ଭାବରେ ଲକ୍ଷାଧିକ ବର୍ଷ ପୂର୍ବରୁ ଜିଓଲୋଜିକାଲ୍ ପରିବର୍ତ୍ତନ କାରଣରୁ ତିଆରି ହୋଇଛି। ବୈଜ୍ଞାନିକମାନଙ୍କ ଅନୁସାରେ ପାଖାପାଖି ୨-୩ କୋଟି ବର୍ଷ ପୂର୍ବରୁ ଟେକ୍ଟୋନିକ୍ ପ୍ଲେଟ୍ସ ଖସିଯିବାରୁ ଏହା ଅସ୍ତିତ୍ୱକୁ ଆସିଥିଲା। ଇରାନ, ଷ୍ଟ୍ରେଟ୍ ଅଫ୍ ହର୍ମୁଜର ଉତ୍ତର କୂଳରେ ରହିଥିବାରୁ ଏହା ଉପରେ ତା'ର ବଡ଼ ପ୍ରଭାବ ରହିଛି। କିନ୍ତୁ ଅନ୍ତର୍ଜାତୀୟ କାନୁନ ଓ ନିୟମ ଅନୁସାରେ ଏହା ସମ୍ପୂର୍ଣ୍ଣ ଭାବରେ କୌଣସି ଏକ ଦେଶର ନିୟନ୍ତ୍ରଣରେ ନାହିଁ। ଏହା ଏକ ଅନ୍ତର୍ଜାତୀୟ ସମୁଦ୍ରମାର୍ଗ ଯେଉଁଠାରେ ସବୁ ଦେଶର ଜାହାଜଗୁଡ଼ିକ ଯାତାୟାତ କରିପାରିବାର ଅଧିକାର ରହିଛି। ଏହାର କମ୍ ଓସାର ହେଉଛି ୩୩ କି.ମି ଯେଉଁଠାରେ ଜାହାଜଗୁଡ଼ିକର ପରସ୍ପର ସହିତ ଟକ୍କର ନହେବା ପାଇଁ ଅଲଗା ଅଲଗା ଲେନ୍ ତିଆରି କରାଯାଇଛି। ଦୁନିଆର ପାଖାପାଖି ୨୦ ପ୍ରତିଶତ କଞ୍ଚା ତେଲ ଏହି ରାସ୍ତା ଦେଇ ଅତିକ୍ରମ କରେ। ସାଉଦି ଆରବ, କୁଓ୍ୱେତ ଓ ଇରାକ ପରି ଦେଶଗୁଡ଼ିକର ତେଲ ଏହି ରାସ୍ତା ଦେଇ ବିଶ୍ୱର ବିଭିନ୍ନ ସ୍ଥାନକୁ ପହଞ୍ଚିଥାନ୍ତି। ତେବେ ଇରାନର ଭୌଗୋଳିକ ସ୍ଥିତି ଏପରି ଯେ ଏହା ଷ୍ଟ୍ରେଟ୍ ଅଫ୍ ହର୍ମୁଜ ଉପରେ ନଜର ରଖିପାରିବ। ଏହି କାରଣରୁ ଯୁଦ୍ଧ ସମୟରେ ଏହି ମାର୍ଗକୁ ଇରାନ ବନ୍ଦ କରିବା ପାଇଁ ଧମକ ଦେଉଛି।



# ବିବେକଙ୍କ ଫିଲ୍ମରେ ବରୁଣଙ୍କ ଏଣ୍ଟ୍ରି



୨୦୨୨ରେ ରିଲିଜ ହୋଇଥିଲା ଫିଲ୍ମ 'ଦ କାଶ୍ମୀର ଫାଇଲ୍ସ' ଓ ୨୦୨୫ରେ ରିଲିଜ ହୋଇଥିଲା 'ଦ ବଙ୍ଗାଲ୍ ଫାଇଲ୍ସ'। ଏହି ଦୁଇଟି ଫିଲ୍ମ ପାଇଁ ଖୁବ୍ ଚର୍ଚ୍ଚା ସାଉଁଟିଥିଲେ ପ୍ରସିଦ୍ଧ ଫିଲ୍ମ ନିର୍ମାତା ବିବେକ ଅଗ୍ନିହୋତ୍ରୀ। ଏବେ ସେ 'ଅପରେସନ୍ ସିନ୍ଦୂର' ନାମକ ଏକ ନୂଆ ଫିଲ୍ମ ନେଇ ଆସୁଛନ୍ତି ଯାହା ପହଲଗାମ୍ ଆତଙ୍କବାଦୀ ଆକ୍ରମଣର କାହାଣୀ ଉପରେ ଆଧାରିତ। ବିବେକ ଅଗ୍ନିହୋତ୍ରୀ, ଭୂଷଣ କୁମାରଙ୍କ ସହିତ ମିଶି ଏହି ଫିଲ୍ମଟିର ନିର୍ମାଣ କରୁଛନ୍ତି। ତେବେ ଏଥିରେ ବରୁଣ ଧୱନଙ୍କୁ କାଷ୍ଟ କରିବାକୁ ଚାହୁଁଛନ୍ତି ବିବେକ। 'ବର୍ଡର-୨'ରେ ନିଜର ଦମ୍‌ଦାର ଅଭିନୟ ସହିତ ଅନ୍ୟ ଦେଶଭକ୍ତି ଫିଲ୍ମଗୁଡ଼ିକରେ ନିଜର ଏକ ଅଲଗା ଛାପ ଛାଡ଼ିଛନ୍ତି ବରୁଣ। କିନ୍ତୁ ପରବର୍ତ୍ତୀ ଫିଲ୍ମ ସାଇନ୍ କରିବାକୁ ନେଇ ସେ ଶୀଘ୍ର ଚିନ୍ତା କରିବେ ନାହିଁ। ସବୁଆଡୁ ଅଫର୍ ଆସିଲେ ମଧ ବରୁଣ 'ଅପରେସନ୍ ସିନ୍ଦୂର' ପାଇଁ ଆଗ୍ରହ ପ୍ରକାଶ କରିପାରନ୍ତି ଯେଉଁଥି ପାଇଁ ତାଙ୍କ ସହିତ ନିର୍ମାତାମାନେ କଥାବାର୍ତ୍ତା କରୁଛନ୍ତି। ଭାରତୀୟ ଆର୍ମି ତରଫରୁ ହୋଇଥିବା ଅଭିଯାନର କୋଡ୍‌ନେମ୍ 'ଅପରେସନ୍ ସିନ୍ଦୂର' ଦ୍ୱାରା ଫିଲ୍ମଟିର କାହାଣୀ ପ୍ରେରିତ। ଆଧିକାରିକ ଭାବରେ ଫିଲ୍ମର ଘୋଷଣା କରାଯିବା ପରେ ଏହାର ଷ୍ଟାର୍‌କାଷ୍ଟକୁ ନେଇ ଚର୍ଚ୍ଚା ଚାଲୁଛି। ତେବେ ରିପୋର୍ଟ ଅନୁସାରେ ବରୁଣ ଫିଲ୍ମରେ ମୁଖ୍ୟ ଭୂମିକାରେ ନଜର ଆସିପାରନ୍ତି। ଅନ୍ୟ ଏକ ଖବର ଅନୁସାରେ ବରୁଣ ତାଙ୍କ ଝିଅ ଲାରା ସହିତ ସମୟ ବିତେଇବା ପାଇଁ କିଛି ସମୟର ବ୍ରେକ୍ ନେଇ ପୁଣି ଥରେ କାମକୁ ଫେରିବେ। ଏ ସମୟରେ ବରୁଣ ଫିଲ୍ମ 'ହେ ଯୱାନୀ ତୋ ଇସ୍କ ହୋନା ହେ'ର ପ୍ରସ୍ତୁତିରେ ଜୁଟିଛନ୍ତି। ଫିଲ୍ମଟି ମେ' ୨୨ରେ ରିଲିଜ ହେବ। ଏହା ସହିତ ଜୁଲାଇ ମାସ ମଧ୍ୟରେ ଆଉ ଏକ ନୂଆ ଫିଲ୍ମ ବିଷୟରେ ବରୁଣ ଚିନ୍ତା କରିପାରନ୍ତି। ତେବେ ଭୂଷଣ କୁମାର ଓ ବରୁଣ ଧୱନ ଏକା ସହିତ କେତେଗୁଡ଼ିଏ ପ୍ରୋଜେକ୍ଟ ଉପରେ କାମ କରିବା ପାଇଁ ଚିନ୍ତା କରୁଛନ୍ତି।





# ବ୍ଲାକ୍‌ବଡି ରେଡିଏସନ୍‌ର ରହସ୍ୟ

ହାତୁଡ଼ି, ଗାଡ଼ିର ପାର୍ଟ ହେଉ ଅବା ବାସନକୁସନ ଭାବରେ ପ୍ରତିଦିନ ଆମେମାନେ ଲୁହାରେ ତିଆରି ଜିନିଷଗୁଡ଼ିକର ବ୍ୟବହାର କରୁଛନ୍ତି। କମାର ଯେତେବେଳେ ଲୁହାକୁ ନିଆଁରେ ଗରମ କରେ ଏହା ଲାଲ୍, ପରେ ନାରଙ୍ଗି ଓ ଶେଷରେ ତାହା ଧଳା ହୋଇଯାଏ କିନ୍ତୁ ସବୁଜ, ନୀଳ ବା ବାଇଗଣି କାହିଁକି ହୁଏ ନାହିଁ। ଏହା ପଛରେ ଥିବା ବୈଜ୍ଞାନିକ କାରଣ ବିଷୟରେ ଜାଣିବା। ଏହି ପୂରା ରହସ୍ୟକୁ ବ୍ଲାକ୍‌ବଡି ରେଡିଏସନ୍ ବୋଲି କୁହାଯାଏ। କୌଣସି ବସ୍ତୁ ଯେତେବେଳେ ଗରମ ହୁଏ ତାହା ଊର୍ଜାକୁ ବିଦ୍ୟୁତ୍ ଚୁମ୍ବକୀୟ ତରଙ୍ଗଗୁଡ଼ିକ ଭାବରେ ଛାଡ଼ିଦିଏ। କମ୍ ତାପମାତ୍ରାରେ ଏହି ତରଙ୍ଗ ଇନ୍‌ଫ୍ରାରେଡ୍ (ଇନ୍‌ଭିଜିବଲ୍ ହିଟ୍) ଭାବରେ ଥାଏ ଯାହା ଆମକୁ ଗରମର ଅନୁଭବ କରାଇଥାଏ କିନ୍ତୁ ଏହାକୁ ଦେଖିହୁଏ ନାହିଁ। ଯେପରି ଯେପରି ତାମମାତ୍ରା ବୃଦ୍ଧି ହୁଏ ତରଙ୍ଗଗୁଡ଼ିକର ତରଙ୍ଗଦୈର୍ଘ୍ୟ ଛୋଟ ହୋଇଯାଏ ଓ କିଛି ତରଙ୍ଗ ଦୃଶ୍ୟ ପ୍ରକାଶର ପରିସରରେ ଆସିଯାଆନ୍ତି। ଦୃଶ୍ୟ ପ୍ରକାଶର ସ୍ପେକ୍ଟ୍ରମ୍‌କୁ ଆମେ ଜାଣିଛନ୍ତି। ଲାଲ୍ ରଙ୍ଗର ତରଙ୍ଗଦୈର୍ଘ୍ୟ ସବୁଠାରୁ ଲମ୍ବା ହୋଇଥାଏ ଓ ପରେ ନାରଙ୍ଗି, ହଳଦିଆ, ସବୁଜ, ନୀଳ ଓ ବାଇଗଣିର ସବୁଠାରୁ ଛୋଟ ତରଙ୍ଗଦୈର୍ଘ୍ୟ ଥାଏ। ଲୁହା ଯେତେବେଳେ ୫୦୦-୬୦୦ ଡିଗ୍ରୀ ସେଲ୍‌ସିୟସ୍ ପର୍ଯ୍ୟନ୍ତ ଗରମ ହୋଇଯାଏ ସେତେବେଳେ ଲାଲ୍ ଆଲୋକ ବାହାରିବା ଆରମ୍ଭ କରେ କାରଣ ଲମ୍ବା ତରଙ୍ଗଦୈର୍ଘ୍ୟର ତରଙ୍ଗଗୁଡ଼ିକ ପ୍ରଥମେ ଦୃଶ୍ୟ ସୀମାରେ ପ୍ରବେଶ କରିଥାନ୍ତି। ଏହି କାରଣରୁ ଲୁହାକୁ 'ରେଡ୍ ହଟ୍' ବୋଲି କୁହାଯାଏ। ବୈଜ୍ଞାନିକମାନେ ମାନନ୍ତି ଯେ ବିସ୍ଥାପନ ନିୟମ ଅନୁସାରେ ତାପମାନ ବୃଦ୍ଧି ହେଲେ ପିକ୍ ୱେଲ୍‌ଲେନ୍‌ଥ ଛୋଟ ହୋଇଯାଏ କିନ୍ତୁ ବ୍ଲାକ୍‌ବଡି ସ୍ପେକ୍ଟ୍ରମ୍ ଏକ ସିଙ୍ଗଲ୍ କଲର୍ ନୁହେଁ ପୂରା ସ୍ପେକ୍ଟ୍ରମ୍‌ର ମିଶ୍ରଣ ହୋଇଥାଏ।





**ଆଜିର ମ୍ୟାଚ୍**

ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବନାମ ଲକ୍ଷ୍ନୌ ସୁପର୍ ଜାଏଣ୍ଟସ

ସମୟ: ସନ୍ଧ୍ୟା ୭.୩୦, ସ୍ଥାନ: ବେଙ୍ଗାଲୁରୁ

ନିତିଦିନ NITIDIN

# ଏସ୍‌ଆର୍‌ଏଚ୍‌ରେ ଦିଲ୍‌ସାନ୍ ମଦୁଶଙ୍କା ବଦଳ ଖେଳାଳି



**ନୂଆଦିଲ୍ଲୀ,୧୪।୪/ଏଜେନ୍ସି:** ସନ୍‌ରାଇଜର୍ସ ହାଇଦ୍ରାବାଦ (ଏସ୍‌ଆର୍‌ଏଚ୍) ଚଳିତ ଆଇପିଏଲ୍ ସିଜନ୍‌ର ବାକି ମ୍ୟାଚ୍ ପାଇଁ ବ୍ରାଇଡନ୍ କାର୍ସଙ୍କ ବଦଳ ଖେଳାଳି ଭାବେ ଶ୍ରୀଲଙ୍କା ପେସର୍ ଦିଲ୍‌ସାନ୍ ମଦୁଶଙ୍କାଙ୍କୁ ଟିମ୍‌ରେ ସାମିଲ କରିଛି। ରୟାଲ୍ ଚ୍ୟାଲେଞ୍ଜର୍ସ ବିପକ୍ଷ ଉଦ୍‌ଘାଟନୀ ମ୍ୟାଚ୍ ପୂର୍ବରୁ ନେଟ୍ସରେ ବ୍ୟାଟିଂ ବେଳେ କାର୍ସଙ୍କ ହାତରେ ଆଘାତ ଲାଗିଥିଲା। ବାମହାତୀ ମିଡିୟମ୍ ପେସର୍ ମଦୁଶଙ୍କାଙ୍କୁ ଏସ୍‌ଆର୍‌ଏଚ୍ ୭୫ ଲକ୍ଷ ଟଙ୍କାରେ ନିଜ ସହ ସାମିଲ କରିଛି। ମଦୁଶଙ୍କା ପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ସ ସ୍କ୍ୱାଡ୍‌ର ସଦସ୍ୟ ଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଆଇପିଏଲ୍ ମ୍ୟାଚ୍ ଖେଳିନାହାନ୍ତି।

# ମୁଜରବାନୀ ପିଏସ୍‌ଏଲ୍‌ରୁ ଦୁଇବର୍ଷ ବ୍ୟାନ୍



**ଲାହୋର,୧୪।୪/ଏଜେନ୍ସି:** ଜିମ୍ବାୱେ ଫାଷ୍ଟ ବୋଲର୍ ବ୍ଲେସିଂ ମୁଜରବାନୀଙ୍କୁ ପାକିସ୍ତାନ ସୁପର୍ ଲିଗ୍ (ପିଏସ୍‌ଏଲ୍) ଦୁଇବର୍ଷ ପାଇଁ ବ୍ୟାନ୍ କରିଛି। ପିଏସ୍‌ଏଲ୍ ଫ୍ରାଞ୍ଚାଇଜି ସହ ଚୁକ୍ତି ସତ୍ତ୍ୱେ ସେ ଆଇପିଏଲ୍ ଖେଳିବାର ନିଷ୍ପତ୍ତି ନେଇଥିଲେ। ମୁଜରବାନୀଙ୍କୁ ପିଏସ୍‌ଏଲ୍ ଟିମ୍ ଇସ୍ଲାମାବାଦ ୟୁନାଇଟେଡ୍ ବଦଳ ଖେଳାଳି ଭାବେ ଚୁକ୍ତି କରିଥିଲା। ତେବେ ପରେ କୋଲ୍‌କାତା ନାଇଟ୍ ରାଇଡର୍ସ (କେକେଆର୍)ରୁ ଅଫର୍ ପାଇବା ପରେ ସେ ପିଏସ୍‌ଏଲ୍‌ରୁ ନାମ ପ୍ରତ୍ୟାହାର କରିନେଇଥିଲେ। ପିଏସ୍‌ଏଲ୍ କହିଛି, ଫ୍ରାଞ୍ଚାଇଜି କ୍ରିକେଟ୍‌ରେ ପାରଦର୍ଶିତା ଏବଂ ପେସାଦାରୀ ଜରୁରୀ। ଚୁକ୍ତିବଦ୍ଧ ଥାଇ ଅନ୍ୟ ଲିଗ୍‌ରେ ସାମିଲ ହେବା ନିୟମ ବିରୋଧୀ। ଲିଗ୍ ଅନୁସାରେ ଏପରି ମାମଲାକୁ ଅଣଦେଖା କଲେ ଫ୍ରାଞ୍ଚାଇଜି ଏବଂ ହିତାଧିକାରୀଙ୍କ ଭରସା ହ୍ରାସ ପାଇଥାଏ। ଏଥିପାଇଁ ତାଙ୍କ ଉପରେ ଦୁଇବର୍ଷର ପ୍ରତିବନ୍ଧକ ଲାଗୁ କରାଯାଇଛି। ମୁଜରବାନୀ ବର୍ତ୍ତମାନ ସୁଦ୍ଧା ଆଇପିଏଲ୍‌ରେ ଦୁଇଟି ମ୍ୟାଚ୍ ଖେଳିଛନ୍ତି। ସେ ଇଡେନ୍ ଗାର୍ଡେନ୍ସରେ ହାଇଦ୍ରାବାଦ ବିପକ୍ଷରେ ୪ଟି ୱିକେଟ୍ ନେଇଥିଲେ। ଏହା ପୂର୍ବରୁ ଟି-୨୦ ବିଶ୍ୱକପ୍‌ରେ ନିଜ ପ୍ରଦର୍ଶନ ଦ୍ୱାରା ପ୍ରଭାବିତ କରିଥିଲେ।

# ସଞ୍ଜୁ ସାମ୍‌ସନ୍ ଆଇସିସି ପ୍ଲେୟର୍ ଅଫ୍ ଦ ମନ୍ଥ



**ଦୁବାଇ,୧୪।୪/ଏଜେନ୍ସି:** ଭାରତୀୟ ଓପ୍ନର୍ ସଞ୍ଜୁ ସାମ୍‌ସନ୍‌ଙ୍କୁ ମାର୍ଚ୍ଚ ମାସ ପାଇଁ ଆଇସିସିର ଶ୍ରେଷ୍ଠ ଖେଳାଳି ପୁରସ୍କାର ଜିତିଛନ୍ତି। ସଞ୍ଜୁ ପ୍ରଥମ ଥର ପାଇଁ ଏହି ପୁରସ୍କାର ଜିତିଥିବା ବେଳେ ମହିଳା ବର୍ଗରେ ନ୍ୟୁଜିଲାଣ୍ଡ କ୍ୟାପ୍‌ଟେନ୍ ଆମେଲିଆ କେର୍‌ଙ୍କୁ ତୃତୀୟ ଥର ପାଇଁ ଏହି ପୁରସ୍କାର ମିଳିଛି। ମଙ୍ଗଳବାର ଆଇସିସି ପକ୍ଷରୁ ଏହି ଘୋଷଣା କରାଯାଇଛି। ସଞ୍ଜୁ ଟି-୨୦ ବିଶ୍ୱକପ୍‌ରେ ଭାରତ ପାଇଁ ସର୍ବାଧିକ ୩୨୧ ରନ୍ କରିଥିଲେ। ପ୍ରାରମ୍ଭିକ ମ୍ୟାଚ୍‌ର ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇନଥିବା ସଞ୍ଜୁ ସୁପର୍-୮ରେ ନିଜକୁ ସାବ୍ୟସ୍ତ କରିଥିଲେ। ଜିମ୍ବାୱେ ବିପକ୍ଷରେ ୨୪ ରନ୍‌ରୁ ଆରମ୍ଭ କରି ଲଗାତାର ଉନ୍ନତ ପ୍ରଦର୍ଶନ ଜାରି ରଖିଥିଲେ। ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ସେ ଅପରାଜିତ ୯୭ ରନ୍ କରି ଭାରତକୁ ସେମିଫାଇନାଲ୍‌ରେ ପହଞ୍ଚାଇଥିଲେ। ଏହାପରେ ୱାଙ୍ଖେଡେରେ ୮୯ ରନ୍ କରି ଟିମ୍‌ର ସ୍କୋର୍ ୨୫୩/୭ରେ ପହଞ୍ଚାଇଥିଲେ। ଇଂଲଣ୍ଡ ଏହି ଲକ୍ଷ୍ୟ ହାସଲ କରିନପାରି ୭ ରନ୍‌ରେ ପରାଜିତ ହୋଇଥିଲା। ଅହମଦାବାଦରେ ଖେଳାଯାଇଥିବା ଫାଇନାଲ୍‌ରେ ମଧ୍ୟ ସେ ୮୯ ରନ୍‌ର ଇନିଂସ୍ ଖେଳି ଭାରତକୁ ୯୬ ରନ୍‌ରେ ବିଜୟୀ କରାଇବାରେ ପ୍ରମୁଖ ଭୂମିକା ତୁଲାଇଥିଲେ। ମାର୍ଚ୍ଚରେ ଖେଳାଯାଇଥିବା ୩ଟି ଟି-୨୦ ମ୍ୟାଚ୍‌ରେ ସେ ୧୩୭.୫୦ ହାରାହାରି ଏବଂ ୧୯୯.୨୭ ଷ୍ଟ୍ରାଇକ୍ ରେଟ୍‌ରେ ୨୭୫ ରନ୍ କରିଥିଲେ।

# କୋଲ୍‌କାତାର ସିଜନ୍‌ରେ ଚତୁର୍ଥ ପରାଜୟ

**ଚେନ୍ନାଇ,୧୪।୪/ଏଜେନ୍ସି:** ଚଳିତ ଆଇପିଏଲ୍ ସିଜନ୍‌ରେ ପୂର୍ବତନ ଚାମ୍ପିଅନ୍ କୋଲ୍‌କାତା ନାଇଟ୍ ରାଇଡର୍ସ (କେକେଆର୍) ଏକମାତ୍ର ଟିମ୍ ଭାବେ ଏ ପର୍ଯ୍ୟନ୍ତ ଗୋଟିଏ ବି ମ୍ୟାଚ୍ ଜିତିବାରେ ସଫଳ ହୋଇନାହିଁ। ମଙ୍ଗଳବାର ମ୍ୟାଚ୍‌ରେ ଚେନ୍ନାଇ ସୁପର୍ କିଙ୍ଗ୍‌ସ (ସିଏସ୍‌କେ) ଟିମ୍‌କୁ ୩୨ ରନ୍‌ରେ ହରାଇ ଦେଇଛି। ସ୍ଥାନୀୟ ଏମ୍ ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ଚେନ୍ନାଇ ପ୍ରଥମେ ୬ ୱିକେଟ୍‌ରେ ୧୯୨ ରନ୍ କରିଥିବା ବେଳେ କୋଲ୍‌କାତା ୭ ୱିକେଟ୍ ବିନିମୟରେ ୧୬୦ ରନ୍ ହିଁ କରିପାରିଥିଲା। ଏହା ୫ ମ୍ୟାଚ୍‌ରେ ଟିମ୍‌ର ଚତୁର୍ଥ ପରାଜୟ। ଏହା ପୂର୍ବରୁ ଟିମ୍‌ର ପଞ୍ଜାବ ବିପକ୍ଷ ମ୍ୟାଚ୍ ବର୍ଷା କାରଣରୁ ରଦ୍ଦ ହୋଇଥିଲା।

୧୯୩ ରନ୍‌ର ଲକ୍ଷ୍ୟକୁ ପିଛା କରୁଥିବା କେକେଆର୍ ଦ୍ୱିତୀୟ ଓଭର୍‌ରେ ହିଁ ଫିନ୍ ଏଲନ୍ (୧)ଙ୍କ ୱିକେଟ୍ ହରାଇଥିଲା। ଏହାପରେ ସୁନିଲ୍ ନାରାୟଣ ୨୪ ରନ୍ କରି ବିଦାୟ ନେଇଥିଲେ। କ୍ୟାପ୍‌ଟେନ୍ ଆଜିଙ୍କ୍ୟ ରାହାଣେ ୨୮ ଏବଂ ଅଙ୍ଗକୃଷ ରଘୁବଂଶୀ ୨୭ ରନ୍‌ରେ ଆଉଟ୍ ହୋଇଥିଲେ। ସବୁଠୁ ବେଶୀ ନିରାଶ କରିଥିଲେ ୨୫ କୋଟିର କାମେରନ୍ ଗ୍ରୀନ୍। ସେ ପ୍ରଥମ ବଲ୍‌ରେ ହିଁ ଗୋଲ୍‌ଡେନ୍ ଡକ୍ ହୋଇଥିଲେ। ଏହାପରେ ରିଙ୍କୁ ସିଂହ ମଧ୍ୟ ୧୨ ବଲ୍‌ରେ କେବଳ ୬ ରନ୍ କରି ଫେରିଥିଲେ। ୯୦ ରନ୍‌ରେ ୬ ୱିକେଟ୍‌ର ପତନ ପରେ ରୋଭ୍‌ମାନ୍ ପଓ୍ୱେଲ୍ (୩୧) ଓ ରମନଦୀପ୍ ସିଂହ (୩୫) ଅର୍ଦ୍ଧଶତକୀୟ (୬୩ ରନ୍) ପାର୍ଟନରଶିପ୍ କରିଥିଲେ ମଧ୍ୟ ଟିମ୍‌କୁ ବିଜୟ ଦେଇପାରି ନଥିଲେ। ଚେନ୍ନାଇ ପକ୍ଷରୁ ନୁର୍ ଅହମଦ ୩ଟି ଓ ଅଂଶୁଳ କମ୍ବୋଜ୍ ୨ଟି ୱିକେଟ୍ ନେଇଥିଲେ।

**ସିଏସ୍‌କେ ୩୨ ରନ୍‌ରେ ହରାଇଲା**

**ସାମ୍‌ସନ୍‌ଙ୍କ ୪୮ ରନ୍, ନୁର୍ ଅହମଦଙ୍କୁ ୩ ୱିକେଟ୍**



ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଚେନ୍ନାଇ ସୁପର୍ କିଙ୍ଗ୍‌ସ ପାଇଁ କ୍ୟାପ୍‌ଟେନ୍ ଋତୁରାଜ ଗାଏକ୍‌ୱାଡ୍ ପୁଣିଥରେ ବିଫଳ ସାବ୍ୟସ୍ତ ହୋଇଥିଲେ। ସଞ୍ଜୁ ସାମ୍‌ସନ୍‌ଙ୍କ ସହ ଇନିଂସ୍ ଓପନ୍ କରିଥିବା ଗାଏକ୍‌ୱାଡ୍ ମାତ୍ର ୭ ରନ୍ କରିଥିବା ତୃତୀୟ ଓଭର୍‌ରେ ଅନୁକୂଳ ରାୟଙ୍କ ବଲ୍‌ରେ କ୍ୟାଚ୍ ଆଉଟ୍ ହୋଇଥିଲେ। ଏହାପରେ ସଞ୍ଜୁ ଏବଂ ଆୟୁଷ ମହାତ୍ରେଙ୍କ ମଧ୍ୟରେ ଦ୍ୱିତୀୟ ୱିକେଟ୍ ପାଇଁ ୪୭ ରନ୍‌ର ପାର୍ଟନରଶିପ୍ ହୋଇଥିଲା। ଆୟୁଷ ମହାତ୍ରେ ୧୭ ବଲ୍‌ରେ ୩୮ ରନ୍ କରି ବୈଭବ ଆରୋରାଙ୍କ ଶିକାର ହୋଇଥିଲେ। ସଞ୍ଜୁ ୩୨ ବଲ୍‌ରେ ୪ ଚୌକା ଓ ୩ ଛକା ସହାୟତାରେ ୪୮ ରନ୍ କରି କାର୍ତ୍ତିକ ତ୍ୟାଗୀଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ଏହାପରେ ଡେୱାଲ୍ଡ ବ୍ରେଭିସ୍ ଓ ସର୍ଫରାଜ ଖାନ୍‌ଙ୍କ ମଧ୍ୟରେ ୫୧ ରନ୍‌ର ଅର୍ଦ୍ଧଶତକୀୟ ପାର୍ଟନରଶିପ୍ ହୋଇଥିଲା। ସର୍ଫରାଜ୍‌ଙ୍କୁ କ୍ଲିନ୍ ବୋଲ୍ଡ କରି ସୁନିଲ୍ ନାରାୟଣ ଏଥିରେ ବ୍ରେକ୍ ଲଗାଇଥିଲେ। ସର୍ଫରାଜ୍ ୧୮ ବଲ୍‌ରେ ୨୩ ରନ୍ କରିଥିଲେ। ପରେ ବ୍ରେଭିସ୍‌ଙ୍କୁ କାର୍ତ୍ତିକ ତ୍ୟାଗୀ ନିଜର ଦ୍ୱିତୀୟ ଶିକାର କରିଥିଲେ। ବ୍ରେଭିସ୍ ୨୯ ବଲ୍‌ରେ ୪ ଚୌକା ଓ ୨ ଛକା ସହାୟତାରେ ୪୧ ରନ୍‌ର ଇନିଂସ୍ ଖେଳିଥିଲେ। ଏହାପରେ ଶିଭମ୍ ଦୁବେ ୧୩ ଓ ଜେମି ଓଭର୍‌ଟନ୍ ଯଥାକ୍ରମେ ୧୩ ଓ ୭ ରନ୍ କରି ଅପରାଜିତ ରହିଥିଲେ, ଯାହାର ଦମ୍‌ରେ ଚେନ୍ନାଇ ନିର୍ଦ୍ଧାରିତ ୨୦ ଓଭର୍‌ରେ ୫ ୱିକେଟ୍ ହରାଇ ୧୯୨ ରନ୍ କରିଥିଲା।

# ଦୀପ୍ତି ଶର୍ମା ୱିଜ୍‌ଡନ୍‌ର ଶ୍ରେଷ୍ଠ ମହିଳା ଖେଳାଳି



**ଅଷ୍ଟ୍ରେଲିଆର ମିଚେଲ୍ ଷ୍ଟାର୍କ ଶ୍ରେଷ୍ଠ ପୁରୁଷ ଖେଳାଳି**

**'ଫାଇଭ୍ କ୍ରିକେଟର୍ସ ଅଫ୍ ଦ ଇୟର୍'ରେ ଗିଲ୍-ଜାଡ଼େଜାଙ୍କ ସମେତ ୪ ଭାରତୀୟ**

**ଲଣ୍ଡନ,୧୪।୪/ଏଜେନ୍ସି:** କ୍ରିକେଟ୍‌ର ବାଇବେଲ୍ କୁହାଯାଉଥିବା ମାଗାଜିନ୍ ୱିଜ୍‌ଡନ୍ କ୍ରିକେଟର୍ସ ଅଲ୍‌ମାନାକ୍ ଚଳିତ ବର୍ଷ ଭାରତର ଦୀପ୍ତି ଶର୍ମାଙ୍କୁ ଶ୍ରେଷ୍ଠ ମହିଳା କ୍ରିକେଟର୍ ଏବଂ ଅଷ୍ଟ୍ରେଲିଆର ମିଚେଲ୍ ଷ୍ଟାର୍କଙ୍କୁ ଶ୍ରେଷ୍ଠ ପୁରୁଷ କ୍ରିକେଟର୍ ଚୟନ କରିଛି। ମାଗାଜିନ୍‌ର ୧୬୩ତମ ସଂସ୍କରଣ ଏପ୍ରିଲ୍ ୧୫ ତାରିଖରେ ପ୍ରକାଶିତ ହେବ। ଚଳିତ ବର୍ଷ ୱିଜ୍‌ଡନ୍ 'ଫାଇଭ୍ କ୍ରିକେଟର୍ସ ଅଫ୍ ଦ ଇୟର୍'ରେ ୪ ଭାରତୀୟଙ୍କୁ ସ୍ଥାନ ଦେଇଛି। ଏହା ମଧ୍ୟରେ ଟିମ୍ ଇଣ୍ଡିଆ କ୍ୟାପ୍‌ଟେନ୍ ଶୁଭମନ ଗିଲ୍, ରବୀନ୍ଦ୍ର ଜାଡ଼େଜା, ଋଷଭ ପନ୍ତ ଏବଂ ମହମ୍ମଦ ସିରାଜ୍ ସାମିଲ। ଏହି ଖେଳାଳିମାନେ ଗତବର୍ଷ ଇଂଲଣ୍ଡ ବିପକ୍ଷରେ ୨-୨ରେ ଡ୍ର' ହୋଇଥିବା ଟେଷ୍ଟ ସିରିଜ୍‌ରେ ଉନ୍ନତ ପ୍ରଦର୍ଶନ କରିଥିଲେ। ଏହି ଚାରିଜଣଙ୍କ ବ୍ୟତୀତ ଇଂଲଣ୍ଡର ହସିବ୍ ହମିଦ୍ ମଧ୍ୟ ଏହି ସୂଚୀରେ ସାମିଲ ଅଛନ୍ତି।

ଗିଲ୍‌ଙ୍କୁ ଚମତ୍କାର ପ୍ରଦର୍ଶନ ପାଇଁ ୱିଜ୍‌ଡନ୍ ଟ୍ରଫି ପ୍ରଦାନ କରାଯାଇଛି। ସେ ଏଜ୍‌ବାଷ୍ଟନ୍ ଟେଷ୍ଟରେ ୪୩୦ ରନ୍ ସଂଗ୍ରହ କରି ମ୍ୟାଚ୍ ଜିତାଇଥିଲେ। ଅଭିଷେକ ଶର୍ମାଙ୍କୁ ବର୍ଷର ଶ୍ରେଷ୍ଠ ଟି-୨୦ ଖେଳାଳି ମନୋନୀତ କରାଯାଇଛି। ସେ କ୍ୟାଲେଣ୍ଡର୍ ବର୍ଷରେ ପ୍ରତି ବଲ୍‌ରେ ଦୁଇ ରନ୍‌ରୁ ଅଧିକ ଷ୍ଟ୍ରାଇକ୍ ରେଟ୍‌ରେ ୧୦୦୦ ରନ୍ ସଂଗ୍ରହ କରିଥିଲେ।

ଦୀପ୍ତି ଶର୍ମା ଭାରତର ବିଶ୍ୱକପ୍ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ ପୂରା ଟୁର୍ଣ୍ଣାମେଣ୍ଟରେ ୨୧୫ ରନ୍ କରିବା ସହିତ ୨୨ ୱିକେଟ୍ ନେଇଥିଲେ। ସାଉଥ୍ ଆଫ୍ରିକା ବିପକ୍ଷ ଫାଇନାଲ୍‌ରେ ୫୮ ରନ୍ ଏବଂ ୫/୩୯ ୱିକେଟ୍ ନେଇ ମ୍ୟାଚ୍ ଜିତାଇଥିଲେ। ସେହିପରି ଷ୍ଟାର୍କ ୨୦୨୫ରେ ଚମତ୍କାର ପ୍ରଦର୍ଶନ କରି ୧୧ ଟେଷ୍ଟରେ ୫୫ ୱିକେଟ୍ ନେଇଥିଲେ। ଏହା ବ୍ୟତୀତ ୱେଷ୍ଟଇଣ୍ଡିଜ୍‌କ ବିପକ୍ଷରେ ୬/୯ର କ୍ୟାରିୟର୍ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ଆଶେସ୍ ୨୦୨୫-୨୬ର ପ୍ରଥମ ଦୁଇଟି ଟେଷ୍ଟରେ ୧୮ ୱିକେଟ୍ ସହ ସିରିଜ୍‌ରେ ମୋଟ ୩୧ ୱିକେଟ୍ ଅକ୍ତିଆର କରିଥିଲେ।

# ଗ୍ରାଉଣ୍ଡ୍ ଷ୍ଟାଫ୍‌ଙ୍କ ପାଇଁ ଏସିଏର ୨୫ ଲକ୍ଷ ପୁରସ୍କାର ଘୋଷଣା




**ଗୁଆହାଟୀ,୧୪।୪/ଏଜେନ୍ସି:** ପ୍ରତିକୂଳ ପାଗ ସତ୍ତ୍ୱେ ଚଳିତ ସିଜନ୍‌ରେ ଆଇପିଏଲ୍‌ର ତିନିଟି ମ୍ୟାଚ୍ ସଫଳତା ସହିତ ଆୟୋଜନ କରିଥିବା ନିଜ ଗ୍ରାଉଣ୍ଡ୍ ଷ୍ଟାଫ୍‌ଙ୍କ ପାଇଁ ଆସାମ କ୍ରିକେଟ୍ ସଂଘ (ଏସିଏ) ୨୫ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଛି। ସଂଘର ପ୍ରେସ୍ ବିଜ୍ଞପ୍ତିରେ ସମ୍ପାଦକ ସନାତନ ଦାସ ଏହି ଘୋଷଣା କରିଛନ୍ତି। ବର୍ଷା ସତ୍ତ୍ୱେ କ୍ୟୁରେଟର୍ ଏବଂ ଗ୍ରାଉଣ୍ଡ୍‌ସମ୍ୟାନ୍‌ମାନେ ମ୍ୟାଚ୍ ପାଇଁ ପିଚ୍‌କୁ ପ୍ରସ୍ତୁତ ରଖିବା ସହିତ ସର୍ବୋଚ୍ଚ ମାନଦଣ୍ଡ ସୁନିଶ୍ଚିତ କରିଥିଲେ। ଏସିଏ ସଭାପତି ତରଙ୍ଗା ଗୋଗୋଇ ଏବଂ ସମ୍ପାଦକ ଶ୍ରୀ ଦାସ ଷ୍ଟାଫ୍‌ଙ୍କ ବୃତ୍ତିଗତ ଏବଂ ପ୍ରତିଶ୍ରୁତିବଦ୍ଧତାକୁ ପ୍ରଶଂସା କରିବା ସହିତ ସେମାନଙ୍କ ଉତ୍ସର୍ଗ ମ୍ୟାଚ୍‌ର ସୁଗମ ପରିଚାଳନାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗହଣ କରିଥିଲା ବୋଲି କହିଛନ୍ତି। ଗୁଆହାଟୀର ବରସାପାରା କ୍ରିକେଟ୍ ଷ୍ଟାଡିୟମ୍‌ରେ ପ୍ରବଳ ବର୍ଷା ଏବଂ ଝଡ଼ ଆଇପିଏଲ୍ ମ୍ୟାଚ୍‌ଗୁଡ଼ିକୁ ଗୁରୁତର ଭାବେ ପ୍ରଭାବିତ କରିଥିଲା। ଏପ୍ରିଲ୍ ୭ରେ ରାଜସ୍ଥାନ ରୟାଲ୍ସ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମ୍ୟାଚ୍‌କୁ ୧୧ ଓଭର୍ ବିଶିଷ୍ଟ କରାଯାଇଥିଲା। ପରେ ଏପ୍ରିଲ୍ ୧୦ ତାରିଖରେ ରାଜସ୍ଥାନ ଏବଂ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ମଧ୍ୟ ବର୍ଷା କାରଣରୁ ବିଳମ୍ବିତ ହୋଇଥିଲା। ବର୍ଷା କାରଣରୁ ଗ୍ରାଉଣ୍ଡ୍‌କୁ ଘୋଡ଼ାଇ ରହିବାକୁ ଷ୍ଟାଫ୍ ବାଧ୍ୟ ହୋଇଥିଲେ। ଏତେ ସମସ୍ୟା ସତ୍ତ୍ୱେ ଏସିଏ ଷ୍ଟାଡିୟମ୍‌ର ଗ୍ରାଉଣ୍ଡ୍‌ମ୍ୟାନ୍‌ମାନେ ମ୍ୟାଚ୍ ଆୟୋଜନରେ ସଫଳ ହୋଇଥିଲେ।



# ମେ' ପହିଲାରୁ ବଢ଼ିବ ପେଟ୍ରୋଲ୍-ଡିଜେଲ୍ ଦର !

## ଲିଟର ପିଛା ୧୮ରୁ ୩୫ ଟଙ୍କା ପର୍ଯ୍ୟନ୍ତ ବଢ଼ିବା ଆଶଙ୍କା




**ନୂଆଦିଲ୍ଲୀ, ୧୪।୪/ଏଜେନ୍ସି:** ବିଶ୍ୱ ବଜାରରେ ଅଶୋଧିତ ତୈଳର କ୍ରମାଗତ ବଢ଼ୁଥିବା ମୂଲ୍ୟ ଯୋଗୁଁ ଅଧିକାଂଶ ଦେଶରେ ପେଟ୍ରୋଲ, ଡିଜେଲ୍ ମୂଲ୍ୟ ଅନୁମାନ ତୁଳନାରେ ମଧ୍ୟ ଯଥେଷ୍ଟ ବୃଦ୍ଧି ପାଇଛି। ଯାହାକୁ ନେଇ ସମଗ୍ର ବିଶ୍ୱବାସୀ ଗୁରୁତର ଭାବେ ପ୍ରଭାବିତ ହୋଇଛନ୍ତି। ତେବେ ବର୍ତ୍ତମାନ ସୁଦ୍ଧା ଭାରତ ବୋଧହୁଏ ଏକମାତ୍ର ଦେଶ, ଯାହାକି ତୈଳ ଦର ବୃଦ୍ଧି କରିନାହିଁ। କିନ୍ତୁ ଏବେ ସରକାରୀ ସମର୍ଥିତ ସୂତ୍ରରୁ ମିଳିଥିବା ଏକ ଆଭ୍ୟନ୍ତରୀଣ ସୂଚନାନୁସାରେ ଆଗାମୀ ଦିନରେ ଦେଶରେ ତୈଳ ମୂଲ୍ୟ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇପାରେ। ରିପୋର୍ଟ ଅନୁସାରେ ପେଟ୍ରୋଲ ୧୮ ଏବଂ ଡିଜେଲ ଲିଟର ପିଛା ୩୫ ପର୍ଯ୍ୟନ୍ତ ମହଙ୍ଗା ହୋଇପାରେ।

ବିଦେଶୀ ବ୍ରୋକରେଜ୍ ଫର୍ମ 'ମ୍ୟାକ୍ୱାରୀ' ରିପୋର୍ଟ ଅନୁଯାୟୀ, ଅଶୋଧିତ ତୈଳ ମହଙ୍ଗା ହେବା ସତ୍ତ୍ୱେ ଦେଶରେ ପେଟ୍ରୋଲ-ଡିଜେଲ ଦର ସ୍ଥିର ରହିଛି। ଏହାଦ୍ୱାରା କମ୍ପାନୀଗୁଡ଼ିକ କ୍ଷତି ସହୁଛନ୍ତି। ଏଭଳି ପରିସ୍ଥିତିରେ ପଶ୍ଚିମବଙ୍ଗ ସମେତ ୫ଟି ରାଜ୍ୟରେ ନିର୍ବାଚନ ଶେଷ ହେବା ପରେ ପରେ ହିଁ କମ୍ପାନୀଗୁଡ଼ିକ ଦର ବଢ଼ାଇପାରନ୍ତି। ସେତେବେଳେ ସରକାର ମଧ୍ୟ ଦର ବୃଦ୍ଧି ପାଇଁ ଅନୁମତି ଦେବାକୁ ବାଧ୍ୟ ହେବେ। ମ୍ୟାକ୍ୱାରୀ ଦର୍ଶାଇଛି ଯେ, ଭାରତୀୟ ରିଫାଇନାରୀ କମ୍ପାନୀଗୁଡ଼ିକ ପ୍ରତିଦିନ ୧,୬୦୦ କୋଟିର କ୍ଷତି ସହୁଛନ୍ତି। ବିଶେଷକରି ପେଟ୍ରୋଲରେ ଲିଟର ପିଛା ୧୮ ଟଙ୍କା ଏବଂ ଡିଜେଲରେ ୩୫ ଟଙ୍କାର କ୍ଷତି ସହିବାକୁ ପଡୁଛି କମ୍ପାନୀ କର୍ତ୍ତୃପକ୍ଷଙ୍କୁ। ଗତ ମାସର ଶିଖର ସମୟରେ ଦେଶର ୩ ସର୍ବବୃହତ୍ ରିଫାଇନାରୀ କମ୍ପାନୀ ପ୍ରତିଦିନ ପ୍ରାୟ ୨,୪୦୦ କୋଟିର କ୍ଷତି ସହୁଥିଲେ। ତେବେ ସରକାରଙ୍କ ପକ୍ଷରୁ ଏକ୍ସାଇଜ୍ ଡ୍ୟୁଟିରେ ୧୦% ହ୍ରାସ କରାଯିବା ପରେ ଏହି କ୍ଷତି କମି ୧,୬୦୦ କୋଟି ରହିଛି।

**ଦୈନିକ ୧୬୦୦ କୋଟିର କ୍ଷତି ସହୁଛନ୍ତି ତୈଳ କମ୍ପାନୀ**

**୫ ରାଜ୍ୟ ବିଧାନସଭା ନିର୍ବାଚନ ଶେଷ ପର୍ଯ୍ୟନ୍ତ ଆଶ୍ୱସ୍ତି**

ଭାରତ ନିଜ ଆବଶ୍ୟକତାର ପ୍ରାୟ ୮୮% କଞ୍ଚାତେଲ ଆମଦାନୀ କରିଥାଏ। ଏଥିମଧ୍ୟରୁ ୪୫% ମିଡିଲ୍ ଇଷ୍ଟ (ମଧ୍ୟ ପ୍ରାଚ୍ୟ) ଏବଂ ୩୫% ରୁଷରୁ ଆସିଥାଏ। କଞ୍ଚାତେଲର ବଢ଼ୁଥିବା ଦର କେବଳ ତୈଳ କମ୍ପାନୀ ନୁହେଁ, ବରଂ ଦେଶର ଚାଲୁ ଖାତା ନିଅଣ୍ଟ (ଉଇଡ) ପାଇଁ ମଧ୍ୟ ବିପଦ ସୃଷ୍ଟି କରିଛି। ଅନୁମାନ କରାଯାଉଛି ଯେ ୨୦୨୬ର ପ୍ରଥମ ତ୍ରୈମାସିକରେ ଏହି ନିଅଣ୍ଟ ବୃଦ୍ଧି ପାଇ ୨୦ ବିଲିୟନ (୨୦୦୦ କୋଟି) ଡଲାରରେ ପହଞ୍ଚିପାରେ। ପ୍ରକାଶ, ଜୁନ୍ ୨୦୧୦ ପର୍ଯ୍ୟନ୍ତ ସରକାର ପେଟ୍ରୋଲ ଦର ନିର୍ଦ୍ଧାରଣ କରୁଥିଲେ ଏବଂ ପ୍ରତି ୧୫ ଦିନରେ ଏହା ପରିବର୍ତ୍ତନ କରାଯାଉଥିଲା। ୨୬ ଜୁନ୍ ୨୦୧୦ ପରେ ସରକାର ପେଟ୍ରୋଲ ଦର ନିର୍ଦ୍ଧାରଣ ଦାୟିତ୍ୱ ତୈଳ କମ୍ପାନୀଗୁଡ଼ିକ ଉପରେ ଛାଡ଼ିଦେଲେ। ସେହିପରି ଅକ୍ଟୋବର ୨୦୧୪ ପର୍ଯ୍ୟନ୍ତ ଡିଜେଲ ଦର ମଧ୍ୟ ସରକାର ନିର୍ଦ୍ଧାରଣ କରୁଥିଲେ। ୧୯ ଅକ୍ଟୋବର ୨୦୧୪ରୁ ସରକାର ଏହି ଦାୟିତ୍ୱ ମଧ୍ୟ ତୈଳ କମ୍ପାନୀଗୁଡ଼ିକୁ ହସ୍ତାନ୍ତର କଲେ। ବର୍ତ୍ତମାନ ତୈଳ କମ୍ପାନୀଗୁଡ଼ିକ ଆନ୍ତର୍ଜାତୀୟ ବଜାରରେ କଞ୍ଚାତେଲ ଦର, ଏକ୍ସଚେଞ୍ଜ ରେଟ୍ (ବିନିମୟ ମୂଲ୍ୟ), ଟିକସ, ପେଟ୍ରୋଲ-ଡିଜେଲର ପରିବହନ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦିଗକୁ ଧ୍ୟାନରେ ରଖି ପ୍ରତିଦିନ ପେଟ୍ରୋଲ-ଡିଜେଲର ମୂଲ୍ୟ ସ୍ଥିର କରୁଛନ୍ତି।

# ଦେଶରେ ଖାଇବା ତେଲ ୭% ମହଙ୍ଗା



**ମୁମ୍ବାଇ, ୧୪।୪/ଏଜେନ୍ସି:** ଇରାନ ସମେତ ସମଗ୍ର ପଶ୍ଚିମ ଏସିଆରେ ଦେଖାଦେଇଥିବା ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ଯୋଗୁଁ ସାଧାରଣ ଭାରତୀୟଙ୍କ ଘରୋଇ ଖର୍ଚ୍ଚ ବୃଦ୍ଧି ପାଉଛି। ରୋଷେଇ ଘରଠାରୁ ଆରମ୍ଭ କରି ପୋଷାକ ଏବଂ ଘରୋଇ ଉପକରଣ ପର୍ଯ୍ୟନ୍ତ, ପ୍ରତ୍ୟେକ ଜିନିଷ ହୁଏତ ମହଙ୍ଗା ହୋଇସାରିଛି କିମ୍ବା ସେଗୁଡ଼ିକର ଦର ବଢ଼ିବାର ଆଶଙ୍କା ଘନେଇବାରେ ଲାଗିଛି। ଅଶୋଧିତ ତୈଳ ମୂଲ୍ୟ କ୍ରମାଗତ ଭାବେ ବୃଦ୍ଧି ପାଇବା ଯୋଗୁ ଏହା ଅନେକ କ୍ଷେତ୍ରରେ ଚାପ ସୃଷ୍ଟି କରିଛି। ଏକ ବିଶ୍ଳେଷଣ ଅନୁଯାୟୀ, ଏହି ପ୍ରଭାବ ଆସନ୍ତା ଦୁଇ ବର୍ଷ ପର୍ଯ୍ୟନ୍ତ ବଜାୟ ରହିପାରେ। ଏହାରି ମଧ୍ୟରେ ଖାଇବା ତେଲର ଦର ୭%ରୁ ଅଧିକ ବଢ଼ିଯାଇଛି। ଭାରତ ନିଜ ଆବଶ୍ୟକତାର ପ୍ରାୟ ୫୭% ଖାଦ୍ୟ ତେଲ ଆମଦାନୀ କରିଥାଏ। ଏଥିମଧ୍ୟରେ ପାମ୍ ଅଏଲ୍, ସୋୟାବିନ୍ ଏବଂ ସୂର୍ଯ୍ୟମୁଖୀ ତେଲ ସାମିଲ ରହିଛି। ପ୍ୟାକେଜିଂ, ପରିବହନ ଏବଂ କଞ୍ଚାମାଲର ଖର୍ଚ୍ଚ ବଢ଼ିବା ଯୋଗୁଁ ସାବୁନ, ପେଷ୍ଟ, ବିସ୍କୁଟ ଭଳି ସାମଗ୍ରୀ (ଦୈନନ୍ଦିନ ବ୍ୟବହୃତ ସାମଗ୍ରୀ) ପ୍ରସ୍ତୁତ କରୁଥିବା କମ୍ପାନୀଗୁଡ଼ିକ ହୁଏତ ଦର ବଢ଼ାଇବେ କିମ୍ବା ପ୍ୟାକେଟର ଆକାର ଛୋଟ କରିବେ। ଏହାକୁ 'ଶ୍ରିଙ୍କଫ୍ଲେସନ୍' କୁହାଯାଏ। ସେହିପରି ଘରୋଇ ଉପକରଣ ସାମଗ୍ରୀ (ୱାଶିଂ ମେସିନ, ଫ୍ରିଜ୍ ଏବଂ ଏଲ୍‌ଇଡି) ମୂଲ୍ୟ ମଧ୍ୟ ବର୍ତ୍ତମାନ ସୁଦ୍ଧା ୧୦-୧୫% ପର୍ଯ୍ୟନ୍ତ ବୃଦ୍ଧି ହୋଇସାରିଛି। ଟେକ୍ସଟାଇଲ୍ କ୍ଷେତ୍ରରେ ମଧ୍ୟ ୨୦-୨୫% ବୃଦ୍ଧି ହେବାର ସମ୍ଭାବନା ରହିଛି। ପେଣ୍ଟ, ଟେକ୍ସଟାଇଲ୍ ଏବଂ ପର୍ସନାଲ କେୟାର କମ୍ପାନୀଗୁଡ଼ିକ ମଧ୍ୟ ଖର୍ଚ୍ଚ ବୃଦ୍ଧି ଦର୍ଶାଇ ସେମାନଙ୍କ ଉତ୍ପାଦ ମୂଲ୍ୟ ମଧ୍ୟ ବଢ଼ାଇବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ତେବେ ସ୍ଥିତି ସାମାନ୍ୟ ହେବା ପାଇଁ ୨ ସପ୍ତାହରୁ ଅଧିକ ସମୟ ଲାଗିପାରେ ବୋଲି ଅନୁମାନ କରାଯାଉଛି।

# ମଧ୍ୟପ୍ରାଚ୍ୟ ଉତ୍ତେଜନା ମଧ୍ୟରେ ମୋଦୀଙ୍କୁ ଫୋନ୍ କଲେ ଟ୍ରମ୍ପ



**ହର୍ମୁଜ ଷ୍ଟ୍ରେଟ୍ ଖୋଲା ରଖିବା ଉପରେ ଉଭୟଙ୍କ ଗୁରୁତ୍ୱାରୋପ**

**ନୂଆଦିଲ୍ଲୀ, ୱାଶିଂଟନ୍, ୧୪।୪/ଏଜେନ୍ସି:** ମଧ୍ୟପ୍ରାଚ୍ୟ ଉତ୍ତେଜନା ବଳବତ୍ତର ରହିଥିବା ବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ମଙ୍ଗଳବାର ବିଳମ୍ବିତ ସନ୍ଧ୍ୟାରେ ଫୋନ୍ କରିଥିବା ଏବଂ ଉଭୟ ନେତା ପ୍ରାୟ ୪୦ ମିନିଟ୍ ଧରି ଆଲୋଚନା କରିଥିବା ସୂଚନା ମିଳିଛି। ଉଭୟ ନେତା ଇରାନ ଯୁଦ୍ଧ ଉପରେ ଚର୍ଚ୍ଚା କରିଛନ୍ତି ଏବଂ 'ହର୍ମୁଜ୍ ଷ୍ଟ୍ରେଟ୍' ଖୋଲା ରହିବା ଉପରେ ଗୁରୁତ୍ୱ ଦେଇଛନ୍ତି। ଟ୍ରମ୍ପଙ୍କ ସହ ଟେଲିଫୋନିକ୍ ଆଲୋଚନା ସମ୍ପର୍କରେ ମୋଦୀ ନିଜେ ନିଜ ଏକ୍ସ' ଆକାଉଣ୍ଟରେ ସୂଚନା ଦେଇଛନ୍ତି। ମୋଦୀ ଲେଖିଛନ୍ତି, 'ମୋର ବନ୍ଧୁ ରାଷ୍ଟ୍ରପତି ଟ୍ରମ୍ପଙ୍କ ଠାରୁ ମୋତେ ଫୋନ୍ ଆସିଥିଲା। ଆମେ ଦୁଇ ଦେଶ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ହୋଇଥିବା କାର୍ଯ୍ୟ ଏବଂ ପ୍ରଗତି ବିଷୟରେ ଆଲୋଚନା କଲୁ। ଆମେ ଏହା ମଧ୍ୟ ଦୋହରାଇଛୁ ଯେ ଆଗକୁ ଭାରତ ଏବଂ ଆମେରିକାର ସମ୍ପର୍କକୁ ଆହୁରି ମଜବୁତ କରାଯିବ।' ଆମେରିକା-ଇରାନ ମଧ୍ୟରେ ଅସ୍ତ୍ରବିରତି ପରେ ଦୁଇ ନେତାଙ୍କ ମଧ୍ୟରେ ଏହା ପ୍ରଥମ ବାର୍ତ୍ତାଳାପ ଥିଲା। ଏହାପୂର୍ବରୁ ମାର୍ଚ୍ଚ ୨୪ରେ ମଧ୍ୟ ଦୁଇ ନେତାଙ୍କ ମଧ୍ୟରେ ଫୋନ୍‌ରେ କଥାବାର୍ତ୍ତା ହୋଇଥିଲା।

ଇରାନ୍ ଓ ଆମେରିକା ମଧ୍ୟରେ ଶାନ୍ତି ପ୍ରତିଷ୍ଠା ଦିଗରେ ମଧ୍ୟସ୍ଥି ସାଜିଥିବା ପାକିସ୍ତାନ ନିଜ ପ୍ରୟାସ ଜାରି ରଖିଛି। ଏହାରି ମଧ୍ୟରେ ଆସନ୍ତା ୨ ଦିନ ମଧ୍ୟରେ ପୁଣିଥରେ ଇରାନ୍ ଓ ଆମେରିକାର ପ୍ରତିନିଧିମାନେ ଆମ୍ନାସାମ୍ନାରେ ବସି ବୈଠକ କରିବାର ସମ୍ଭାବନା ଦେଖାଦେଇଛି। ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ମଧ୍ୟ ଏସମ୍ପର୍କରେ ନିଜେ ସୂଚନା ଦେଇଛନ୍ତି। ଇରାନ୍ ସହ ଆଗାମୀ ଦୁଇ ଦିନ ମଧ୍ୟରେ ପୁଣିଥରେ ଆଲୋଚନା ହୋଇପାରେ ବୋଲି ସେ କହିଛନ୍ତି। ତେବେ ସେ ଏହା ମଧ୍ୟ ଦର୍ଶାଇଛନ୍ତି ଯେ, ପୂର୍ବଥର ଭଳି ଯଦି ଏଥର ମଧ୍ୟ ବୈଠକ ବିଫଳ ହୁଏ ତେବେ ଏଥିପାଇଁ କେବଳ ଇରାନ୍ ନିଜେ ଦାୟୀ ରହିବ। ସୁତରାଂ ଏଥରର ବୈଠକ ସଫଳ କିମ୍ବା ବିଫଳ ହେବା ସମ୍ପୂର୍ଣ୍ଣ ରୂପେ ଇରାନ୍‌ର ଆଭିମୁଖ୍ୟ ଉପରେ ନିର୍ଭର କରେ ବୋଲି ସେ କହିଛନ୍ତି। କେବଳ ସେତିକି ନୁହେଁ ସେ ଏହା ମଧ୍ୟ ଚେତାବନୀ ଦେଇଛନ୍ତି ଯେ, ହର୍ମୁଜ୍ ଷ୍ଟ୍ରେଟ୍‌ରେ ଆମେରିକା ପକ୍ଷରୁ ଲାଗୁ କରାଯାଇଥିବା ନାକାବନ୍ଦୀ ପ୍ରକ୍ରିୟାକୁ ଜାରି ରଖିବା ପାଇଁ ୧୫ରୁ ଅଧିକ ବିଧ୍ୱଂସୀ ଯୁଦ୍ଧଜାହାଜ ସହ ୧୦,୦୦୦ ସୈନିକଙ୍କୁ ମୁତୟନ କରାଯାଇଛି।

# ଦିଲ୍ଲୀ-ଡେରାଡୁନ୍ ଏକ୍ସପ୍ରେସ୍‌ୱେ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ




**ଯାତ୍ରା ସମୟ ୬ ଘଣ୍ଟାରୁ ଅଢ଼େଇ ଘଣ୍ଟାକୁ ହ୍ରାସପାଇବ**

**୨୧୩ କିମି ଲମ୍ବ ଏହି କରିଡର ୧୨,୦୦୦ କୋଟି ଟଙ୍କାରେ ନିର୍ମିତ**

**ଡେରାଡୁନ୍, ୧୪।୪/ଏଜେନ୍ସି:** ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦିଲ୍ଲୀ-ଡେରାଡୁନ୍ ଏକ୍ସପ୍ରେସ୍‌ୱେକୁ ଉଦ୍‌ଘାଟନ କରିଛନ୍ତି। ୨୧୩ କିଲୋମିଟର ଲମ୍ବ ଏହି ୬-ଲେନ୍ ବିଶିଷ୍ଟ ଦିଲ୍ଲୀ-ଡେରାଡୁନ କରିଡର ୧୨,୦୦୦ କୋଟି ଟଙ୍କାରେ ନିର୍ମିତ ହୋଇଛି। ଏହି କରିଡର ଦିଲ୍ଲୀ, ଉତ୍ତର ପ୍ରଦେଶ ଏବଂ ଉତ୍ତରାଖଣ୍ଡ ଦେଇଯାଇଛି। ଏହି କରିଡର ଦିଲ୍ଲୀ ଏବଂ ଡେରାଡୁନ ମଧ୍ୟରେ ଯାତ୍ରା ସମୟକୁ ବର୍ତ୍ତମାନର ୬ ଘଣ୍ଟାରୁ ପ୍ରାୟ ଅଢ଼େଇ ଘଣ୍ଟାକୁ ହ୍ରାସ କରିବ। ଏହି ଆର୍ଥିକ କରିଡର ପ୍ରମୁଖ ପର୍ଯ୍ୟଟନ ଏବଂ ଆର୍ଥିକ କେନ୍ଦ୍ରଗୁଡ଼ିକ ମଧ୍ୟରେ ସଂଯୋଗୀକରଣ ବଢ଼ାଇବା ସହ ସମଗ୍ର ଅଞ୍ଚଳରେ ବାଣିଜ୍ୟ ଏବଂ ବିକାଶର ନୂତନ ମାର୍ଗ ପ୍ରଶସ୍ତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ଉଦ୍‌ଘାଟନ ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦୀ ଏକ୍ସପ୍ରେସୱେରେ ଯାତ୍ରା କରିଥିଲେ, ଏବଂ ଉତ୍ତରପ୍ରଦେଶର ସହାରନପୁରରେ,ନବନିର୍ମିତ ଦିଲ୍ଲୀ-ଡେରାଡୁନ ଅର୍ଥନୈତିକ କରିଡରର ଉଚ୍ଚ ଅଂଶରେ ନିର୍ମିତ ବନ୍ୟପ୍ରାଣୀ କରିଡର ପରିଦର୍ଶନ କରିଥିଲେ। ଅଞ୍ଚଳର ପାରିସ୍ଥିତିକ ସମ୍ବେଦନଶୀଳତା ଏବଂ ଜୈବ ବିବିଧତାକୁ ଦୃଷ୍ଟିରେ ରଖି, ମଣିଷ ଏବଂ ବନ୍ୟପ୍ରାଣୀଙ୍କ ମଧ୍ୟରେ ସଂଘର୍ଷକୁ ରୋକିବା ପାଇଁ ଏହି କରିଡରରେ ଅନେକ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ବନ୍ୟଜନ୍ତୁଙ୍କ ଅବାଧ ଚଳପ୍ରଚଳ ପାଇଁ ଏଥିରେ ୧୨ କିଲୋମିଟର ଲମ୍ବ ଏକ 'ୱାଇଲ୍ଡଲାଇଫ୍ ଏଲିଭେଟେଡ୍ କରିଡର' ନିର୍ମାଣ କରାଯାଇଛି, ଯାହା ଏସିଆର ଅନ୍ୟତମ ଦୀର୍ଘତମ କରିଡର। ଏଥିସହ ୮ଟି ଆନିମଲ୍ ପାସ୍, ୨୦୦ ମିଟର ଲମ୍ବର ଦୁଇଟି ହାତୀ ଅଣ୍ଡରପାସ୍ ଏବଂ ମାଆ ଦାଟ୍ କାଳୀ ମନ୍ଦିର ନିକଟରେ ୩୭୦ ମିଟର ଲମ୍ବର ଏକ ସୁଡ଼ଙ୍ଗ ମଧ୍ୟ ରହିଛି। ଏହି ଏକ୍ସପ୍ରେସୱେ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ ଦ୍ୱାରା ନିର୍ମିତ ହୋଇଛି। ଦିଲ୍ଲୀ-ଡେରାଡୁନ୍ ଏକ୍ସପ୍ରେସୱେ ପଶ୍ଚିମ ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ, ଦିଲ୍ଲୀ, ହରିୟାଣା ଏବଂ ଅନ୍ୟାନ୍ୟ ଅଞ୍ଚଳର ଲୋକଙ୍କ ପାଇଁ ଏହା ଅଧିକ ଲାଭଦାୟକ ହେବ। ଏହା ଉତ୍ତରାଖଣ୍ଡର ଚାରିଧାମ ଯାତ୍ରା କରୁଥିବା ଲୋକଙ୍କୁ ସୁବିଧା ଯୋଗାଇବା ସହ ପର୍ଯ୍ୟଟନ ଏବଂ ବାଣିଜ୍ୟ ଉଭୟକୁ ସୁଦୃଢ଼ କରିବ। ଏହି ଏକ୍ସପ୍ରେସୱେ ଦିଲ୍ଲୀର ଅକ୍ଷୟଧାମ ମନ୍ଦିର ନିକଟରୁ ଆରମ୍ଭ ହୋଇ ଉତ୍ତରାଖଣ୍ଡର ଡେରାଡୁନ୍ ନିକଟରେ ଶେଷ ହେବ। ପ୍ରଧାନମନ୍ତ୍ରୀ ମୋଦୀ ଏଠାରେ ଏକ ରୋଡ୍ ସୋ' କରିବା ସହ ସ୍ଥାନୀୟ ଲୋକଙ୍କୁ ସମ୍ବୋଧିତ କରିଛନ୍ତି। ମୋଦୀ ଏଠାରେ ପହଞ୍ଚିବା ପରେ ପରେ ବାବା ସାହେବ ବି.ଆର. ଆମ୍ବେଦକରଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ପରେ ସେ ଡେରାଡୁନ ନିକଟସ୍ଥ ମାଆ ଦାଟ୍ କାଳୀ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra